# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୨୪/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, September 24/2019 | ★★★★★★

୪୫ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମାଳବିକାଙ୍କୁ ପ୍ରଥମ ଟାଇଟଲ**

ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ମାଳବିକା ବନସୋଦ ମାଳଦ୍ୱୀପ ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ ଜିତି କ୍ୟାରିୟର ପ୍ରଥମ ଟାଇଟଲ ହାସଲ କରିଛନ୍ତି।

୧୮

୧୨

**କୁମାରୀ ମା' ଏମୀ**

ବିବାହ ପୂର୍ବରୁ ମାତୃତ୍ୱ ଲାଭ କରିଛନ୍ତି ଲୋକପ୍ରିୟ ଅଭିନେତ୍ରୀ ଏମୀ ଜ୍ୟାକ୍ସନ୍। ସେ ଭାବୀ ସ୍ୱାମୀ ଜର୍ଜ ଓ ନବଜାତ ଶିଶୁପୁତ୍ରଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି।



**ଆଜିର ସମ୍ପାଦକୀୟ**

ପିଆଜ ଲୁହ

**ଆଜିର ମନ୍ତବ୍ୟ**

" ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବା ଆବଶ୍ୟକ।

–ରାମନାଥ କୋବିନ୍ଦ, ରାଷ୍ଟ୍ରପତି






NATIONAL EGG CO-ORDINATION COMMITTEE | 23.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 69 | 118 | 128 |
| BHM | 64 | 111 | 121 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

# ବୁଡ଼ିଗଲା ବ୍ରିଟେନର ୧୭୮ ବର୍ଷର ଥମାସ କୁକ୍

- ନିଜକୁ ଦେବାଳିଆ ଘୋଷଣା କଲା କମ୍ପାନୀ
- ୨୨ ହଜାର କର୍ମଚାରୀ ନିଯୁକ୍ତି ହରାଇବେ
- ପର୍ଯ୍ୟଟନରେ ଯାଇ ଫସିଛନ୍ତି ୧.୫ ଲକ୍ଷ ବ୍ରିଟିଶ୍ ପର୍ଯ୍ୟଟକ




ଲଣ୍ଡନ,୨୩।୯

ପର୍ଯ୍ୟଟକଙ୍କୁ ୧୭୮ ବର୍ଷ ଧରି ବିଭିନ୍ନ ସେବା ଯୋଗାଇ ଆସୁଥିବା ବ୍ରିଟେନର ପ୍ରସିଦ୍ଧ କମ୍ପାନୀ ଥମାସ କୁକ୍ ଶେଷରେ ବୁଡ଼ିଗଲା। ଜରୁରିକାଳୀନ ପାଣ୍ଠି ଯୋଗାଡ କରିବାରେ ବିଫଳ ହେବାରୁ ରବିବାର ରାତିରୁ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିଛି। ଫଳରେ କମ୍ପାନୀର ୨୨ ହଜାର କର୍ମଚାରୀ ଏବେ ନିଯୁକ୍ତି ହରାଇବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୯ ହଜାର କେବଳ ବ୍ରିଟିଶ୍ କର୍ମଚାରୀ ବୋଲି ଜଣାପଡିଛି।

ବ୍ରିଟେନ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଦେବାଳିଆ ଘୋଷଣା ପରେ ଥମାସ କୁକ୍‌ର ପ୍ରାୟ ୧.୫ ଲକ୍ଷ ବ୍ରିଟିଶ ଗ୍ରାହକ ସାରା ବିଶ୍ୱରେ ଛୁଟି ବିତାଇବାକୁ ଯାଇ ଫସି ଯାଇଛନ୍ତି। ସେମାନଙ୍କୁ ଫେରାଇ ଆଣିବା ଲାଗି ସରକାରଙ୍କ ପକ୍ଷରୁ ଅଭିଯାନ ଆରମ୍ଭ କରାଯିବ। ଥମାସ କୁକ୍ ବ୍ୟବସାୟିକ କ୍ଷତିରୁ ବାହାରି ଆସିବା ଲାଗି ଯଥାସାଧ୍ୟ ପ୍ରୟାସ କରି ବିଫଳ ହୋଇଛି। କମ୍ପାନୀ ଦେବାଳିଆ ହେବାରୁ ନିଜକୁ ରକ୍ଷା କରିବା ଲାଗି ଘରୋଇ ନିବେଶକଙ୍କ ଠାରୁ ୨୫ କୋଟି ଡଲାର ଅର୍ଥ ଯୋଗାଡ କରିବାକୁ ପ୍ରୟାସ ଚଳାଇଥିଲା। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସମସ୍ତ ପ୍ରକାର ଉଦ୍ୟମ ସତ୍ତ୍ୱେ ଋଣ ପ୍ରଦାନକୁ ନେଇ କମ୍ପାନୀର ଶେୟାରଧାରୀ ଓ ଋଣ ପ୍ରଦାନକାରୀଙ୍କ ମଧ୍ୟରେ ସହମତି ପ୍ରକାଶ ପାଇପାରିଲା ନାହିଁ। ଏହାପରେ କମ୍ପାନୀକୁ ତତ୍କାଳ ଦେବାଳିଆ ଘୋଷଣା କରିବା ଲାଗି ବୋର୍ଡ ନିଷ୍ପତ୍ତି ନେଇଛି। କାରଣ କମ୍ପାନୀ ନିକଟରେ ଦ୍ୱିତୀୟ ବିକଳ୍ପ ନ ଥିଲା ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ସୂଚନାଥାଉ କି,

☞ପୃଷ୍ଠା–୪

- ପ୍ରଦୂଷଣ ସାର୍ଟିଫିକେଟ ନ ଦେଖାଇଲେ ଜରିମାନା

## ୧ରୁ ଆଉ ଛାଡ଼ ନାହିଁ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଆଉ ଛାଡ ନାହିଁ। ପ୍ରଦୂଷଣ ନିୟନ୍ତ୍ରଣାଧୀନ (ପିୟୁସି) ସାର୍ଟିଫିକେଟ ନ ଥିଲେ ଗଣିବାକୁ ପଡିବ ଜରିମାନା। ଆସନ୍ତା ଅକ୍ଟୋବର ପହିଲାରୁ ଏହାକୁ କଡାକଡି ଲାଗୁ କରାଯିବ। ଏ ନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯାଇଛି। ଏଥିସହିତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ଦେଉଥିବା ମାନୁଆଲ ପିୟୁସି ସାର୍ଟିଫିକେଟକୁ ଅବୈଧ ଘୋଷଣା କରାଯାଇଛି। କେନ୍ଦ୍ର ସରକାରଙ୍କ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ ୨୦୧୯ରୁ 'ବାହନ' ଅନଲାଇନ ବ୍ୟବସ୍ଥା ଜରିଆରେ ପିୟୁସି ସାର୍ଟିଫିକେଟ ଦେବା ବାଧ୍ୟତାମୂଳକ କରାଯାଇଥିଲା। ତେବେ ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏହାକୁ ଅକ୍ଟୋବର ପହିଲା ଯାଏ ବୃଦ୍ଧି କରାଯାଇଥିଲା। ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ଇଲେକ୍ଟ୍ରୋନିକ ଫର୍ମାଟରେ ସାର୍ଟିଫିକେଟ ଇସ୍ୟୁ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସେହି ସାର୍ଟିଫିକେଟକୁ ଏମ୍.ପରିବହନ ଆପ୍ ମାଧ୍ୟମରେ ରଖି ଗାଡି ଯାଞ୍ଚ ବେଳେ ଚାଳକମାନଙ୍କୁ ଦେଖାଇବାକୁ ପଡିବ। ରାଜ୍ୟରେ ୧୬୩ଟି ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ସେଥିରୁ ୧୦୬ଟିକୁ ବାହନ

☞ପୃଷ୍ଠା–୪

- ବଢ଼ିଚାଲିଛି ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା

# ଗୋଟିଏ ଦିନରେ ଗଲା ୭ ଜୀବନ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

- ୫ ବର୍ଷରେ ୨,୯୫୪ଜଣଙ୍କ ମୃତ୍ୟୁ
- ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୭୧



ରାଜ୍ୟରେ ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଲୋକେ ସର୍ପାଘାତର ଶିକାର ହେଉଛନ୍ତି। ବିଷଧର ସାପ କାମୁଡ଼ାରେ ଅନେକ ଘଟଣାସ୍ଥଳରେ ପ୍ରାଣ ହାରୁଥିବାବେଳେ ଅନେକ ଡାକ୍ତରଖାନାରେ ଆଖି ବୁଜୁଛନ୍ତି। ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସାପ କାମୁଡ଼ାରେ ୭ ଜଣଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲାରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନୁଗୋଳ ଜିଲାରେ ୨ଜଣ, ଭଦ୍ରକରେ ଜଣେ ଓ କେନ୍ଦୁଝର ଜିଲାରେ ଜଣଙ୍କ ମୃତ୍ୟୁଘଟିଛି। ଏଥିସହିତ ଗଞ୍ଜାମ ଜିଲାର ଜଣେ ମହିଳା ସାପ କାମୁଡ଼ାରେ ଗୁରୁତର ହୋଇ ବ୍ରହ୍ମପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଅନୁଗୋଳ ଉପକଣ୍ଠ ବେନ୍ତପୁର ଗ୍ରାମରେ ସାପ କାମୁଡ଼ାରେ ସୋମବାର ଦୁଇଭଉଣୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ସୁମନ୍ତ ସାହୁଙ୍କ ଝିଅ ରୋଜାଲିନ ସାହୁ(୧୩) ଓ ସୁଜାତା ସାହୁ (୧୧)। ରବିବାର ରାତିରେ ଦୁହେଁ ଶୋଇଥିବା ବେଳେ ଏକ ସାପ କାମୁଡ଼ି ଦେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ଦୁଜଣଙ୍କୁ କଟକ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ସେହିପରି ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ବି.ନୂଆପଲ୍ଲୀ ପରିଡ଼ାସାହିର କାଳିଆ ପରିଡ଼ାଙ୍କ ସ୍ତ୍ରୀ ମନାସ (୩୨) ଓ ତାଙ୍କ ପୁଅ ଆଶିଷ (୫)ଙ୍କର ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ଶୋଇଥିବା ବେଳେ ଏମାନଙ୍କୁ ସର୍ପ ଦଂଶନ କରିଥିଲା। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ପରିଡ଼ାସାହିର ଅନ୍ୟଜଣେ ମହିଳା ମାମାଲି ପରିଡ଼ା (୩୨) ଗୁରୁତର ହୋଇଛନ୍ତି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଏ.ବରିଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ସାହୁ (୩୧)ଙ୍କର ମଧ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଅନ୍ୟ ୨ ମୃତକ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ତାଳପଦା ପଞ୍ଚାୟତ ଗୁରୁମ ଗ୍ରାମର ମହିଳା ଧରିତ୍ରୀ ପାତ୍ର ଏବଂ ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ସଖିପାଟଣା ଗ୍ରାମର ଘନଶ୍ୟାମ ବେହେରାଙ୍କ ୬ ବର୍ଷର ପୁଅ ଆଦିତ୍ୟ।

ସୂଚନାଯୋଗ୍ୟ, ସାପ କାମୁଡ଼ାରେ ବିଶ୍ୱରେ ପ୍ରତି ୪ମିନିଟ୍‌ରେ ଜଣଙ୍କ ଜୀବନ ଯାଉଛି। ଏଭଳି ମୃତ୍ୟୁସଂଖ୍ୟା ଓଡ଼ିଶାରେ ଉଦ୍‌ବେଗଜନକ ରହିଛି। ରାଜ୍ୟରେ ଗତ ୫ବର୍ଷ ମଧ୍ୟରେ ୨୯୫୪ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୫–୧୬ରେ ୪୭୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୬–୧୭ରେ ୬୦୫, ୨୦୧୭–୧୮ରେ ୮୨୩, ୨୦୧୮–୧୯ରେ ୮୧୧ ଜଣଙ୍କର ମୃତ୍ୟୁ ଘଟିଛି। ୨୦୧୯–୨୦ରେ ୪ ମାସରେ ୨୩୭ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ଗ ୫ ବର୍ଷ ମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୨୭୧ଲୋକଙ୍କ

☞ପୃଷ୍ଠା–୪






“ଜମ୍ମୁ-କଶ୍ମୀରର ଏଭଳି ସ୍ଥିତି ଲାଗି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ଭୁଲ ନୀତି ହିଁ ଦାୟୀ।
- ରାଜନାଥ ସିଂ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ

■ ବାଲାକୋଟରେ ଜେଇଏମ୍ ଶିବିର ପୁଣି ସକ୍ରିୟ: ସେନାଧକ୍ଷ

# ଅନୁପ୍ରବେଶ ଅପେକ୍ଷାରେ ୫୦୦ ଆତଙ୍କବାଦୀ

■ ହାଇ ଆଲର୍ଟରେ ସୁରକ୍ଷା ବଳ
■ କାର୍ଯ୍ୟାନୁଷ୍ଠାନ ଲାଗି ପୂର୍ଣ୍ଣ ସ୍ୱାଧୀନତା

ଚେନ୍ନାଇ,୨୩।୯

ଜମ୍ମୁ-କଶ୍ମୀରରେ ଅଶାନ୍ତିର ବାତାବରଣ ସୃଷ୍ଟି କରିବା ଲାଗି ପାକିସ୍ତାନ ଜୋରଦାର ଉଦ୍ୟମ ଚଳାଇଛି। ସୀମା ଅତିକ୍ରମ କରି ଉପତ୍ୟକାରେ ଅନୁପ୍ରବେଶ କରିବା ଲାଗି ପ୍ରଶିକ୍ଷଣପ୍ରାପ୍ତ ୪୫୦ରୁ ୫୦୦ ଆତଙ୍କବାଦୀ ଏଲ୍ଓସି ଆରପଟେ ଲଞ୍ଚ୍ପ୍ୟାଡଗୁଡ଼ିକରେ ଅପେକ୍ଷା କରି ରହିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ ଆତଙ୍କବାଦୀ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ବାଲାକୋଟ ଶିବିରରେ ତାଲିମ ପାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଏହି ସୂଚନା ମିଳିବା ପରେ ସୀମାନ୍ତରେ ସୁରକ୍ଷା ବଳକୁ ହାଇ ଆଲର୍ଟରେ ରଖାଯାଇଛି। ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଯବାନମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି।

ଗୋଇନ୍ଦା ସୂଚନା ଅନୁଯାୟୀ ପାକିସ୍ତାନ ପାର୍ଶ୍ୱ ଲିପା ଉପତ୍ୟକାରେ ଆତଙ୍କବାଦୀମାନେ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ବିଭିନ୍ନ ପ୍ରମୁଖ ସହରର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବା ଲାଗି ସେମାନେ ଲକ୍ଷ୍ୟ ରଖିଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ କଶ୍ମୀରକୁ ଅନ୍ତର୍ଜାତୀୟ ପ୍ରସଙ୍ଗ କରିବା ଲାଗି ପାକିସ୍ତାନ ଉଦ୍ୟମ ଚଳାଇଥିବାରୁ ସେଠାରେ ଅଶାନ୍ତିର ବାତାବରଣ ସୃଷ୍ଟି ଲାଗି ଯୋଜନା କରିଛି।

ପାକିସ୍ତାନ ସୀମା ବାଲାକୋଟରେ ଭାରତୀୟ ସେନା ଏୟାର ଷ୍ଟ୍ରାଇକ୍ କରି ଧ୍ୱଂସ କରିଥିବା ଆତଙ୍କବାଦୀ ଶିବିର ଏବେ ପୁଣି ସକ୍ରିୟ ହୋଇଉଠିଥିବା ସେନାଧକ୍ଷ ଜେନେରାଲ ବିପିନ ରାୱତ କହିଛନ୍ତି। ସୋମବାର ଚେନ୍ନାଇରେ ଅଫିସର୍ସ ଟ୍ରେନିଂ ଏକାଡେମୀକୁ ଉଦ୍‌ଘାଟନ କରିବା ପରେ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଛନ୍ତି। ଯେ କୌଣସି ଆତଙ୍କବାଦୀ କାର୍ଯ୍ୟ କିମ୍ବା ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିବା ଲାଗି ସେନା ସର୍ବଦା ସତର୍କ ରହିଛି। ଯଦି ଆତଙ୍କବାଦୀ ଆକ୍ରମଣ ହୁଏ, ତେବେ କଡ଼ା ଜବାବ୍ ଦିଆଯିବ ବୋଲି ସେନାଧକ୍ଷ ପ୍ରକାଶ କରିଛନ୍ତି।

ଦୋକାନୀ ଓ ବ୍ୟବସାୟୀମାନଙ୍କୁ ଆତଙ୍କବାଦୀ ଧମକଚମକ ଦେଉଛନ୍ତି। ଲୋକଙ୍କୁ ଭୟ ଦେଖାଇ ସ୍ଥିତି ବିଗାଡ଼ିବାକୁ ଚାହୁଁଛନ୍ତି। ଏହା କେବେହେଲେ ସଫଳ ହେବାକୁ ଦିଆଯିବନି। ସେଠାରେ ଲାଗିଥିବା କଟକଣାକୁ ଧୀରେଧୀରେ ହଟାଯିବ ଓ ପରିସ୍ଥିତି ସ୍ୱାଭାବିକ କରାଯିବ।



## ପାର୍ବଣ ଋତୁରେ ଆକ୍ରମଣ ଆଶଙ୍କା

**ନୂଆଦିଲ୍ଲୀ,୨୩।୯(ପି.ଟି.)**-ଗତ ୨ ମାସ ମଧ୍ୟରେ ଭାରତ ଭିତରକୁ ପ୍ରାୟ ୬୦ ଆତଙ୍କବାଦୀ ପଶିଛନ୍ତି। ସେମାନେ ସୁଯୋଗ ଅପେକ୍ଷାରେ ଅଛନ୍ତି। ପାର୍ବଣ ଋତୁର ଫାଇଦା ନେଇ ଆତଙ୍କବାଦୀ ଯେକୌଣସି ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏବେବି ୪ରୁ ୫ ଲଞ୍ଚପ୍ୟାଡ୍ ସୀମାରେ ସକ୍ରିୟ ରହିଛି। ୩୭୦ ଧାରା ଉଚ୍ଛେଦ ପରେ ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀଙ୍କୁ ଉସୁକାଇବାରେ ଲାଗିଛି। ତେଣୁ ପାର୍ବଣ ସମୟରେ ସତର୍କ ରହିବା ଲାଗି ଗୋଇନ୍ଦା ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ହେଲିକପ୍ଟର ଦୁର୍ଘଟଣାରେ ୬ ଆହତ

**ଡେରାଡୁନ୍,୨୩।୯(ପି.ଟି.):** କେଦାରନାଥରୁ ଫଟା ଅଭିମୁଖେ ଆସୁଥିବା ଏକ ଘରୋଇ ହେଲିକପ୍ଟର ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଏଥିରେ ଥିବା ୬ ଯାତ୍ରୀ (ପାଇଲଟ୍‌ଙ୍କୁ ବାଦ୍‌ଦେଇ) ଆହତ ହୋଇଥିବା ଜଣାପଡ଼ିଛି। ହେଲିକପ୍ଟରଟି ଉଡ଼ାଣ ଆରମ୍ଭ କରିବାର କିଛି କ୍ଷଣ ପରେ ପାଇଲଟ୍ ଜଣକ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିପାରିଥିଲେ। କେଦାରନାଥ ହେଲିପ୍ୟାଡ୍‌ରେ ଜରୁରିକାଳୀନ ଅବତରଣ ବେଳେ ହେଲିକପ୍ଟରର ପଛ ପଟ ଭୂମିରେ ମାଡ଼ ହୋଇଥିଲା। ହେଲିକପ୍ଟରଟି ଅଳ୍ପକେ ବର୍ତ୍ତି ଯାଇଥିବା କୁହାଯାଉଛି।

### ୩ ହିଜ୍‌ବୁଲ ଆତଙ୍କବାଦୀ ଗିରଫ

**ଜମ୍ମୁ,୨୩।୯(ପି.ଟି.):** ଜମ୍ମୁ-କଶ୍ମୀରର କିସ୍ତୱାଡ଼ା ଜିଲାରେ ଭାଜପା ନେତା ଓ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୩ ହିଜ୍‌ବୁଲ ଆତଙ୍କବାଦୀଙ୍କୁ ସୋମବାର ଗିରଫ କରାଯାଇଛି। ସେମାନେ ହେଲେ ନିସାର ଅହମ୍ମଦ ଶେଖ୍, ନିଶାଦ୍ ଅହମ୍ମଦ ଓ ଅଜାଦ୍ ହୁସେନ୍। ଏମାନେ ସମସ୍ତେ କିସ୍ତୱାଡ଼ା ବାସିନ୍ଦା। ସେମାନଙ୍କଠାରୁ କେତେକ ପିସ୍ତଲ, ରାଇଫଲ ଓ ଅନେକ ମାରଣାସ୍ତ୍ର ଜବତ କରାଯାଇଛି। ଏମାନଙ୍କ ବିରୋଧରେ ୪ ମାମଲା ରହିଥିଲା ବୋଲି ଜମ୍ମୁ ଜୋନ୍ ଆଇଜିପି ମୁକେଶ ସିଂ ପ୍ରକାଶ କରିଛନ୍ତି। ଏମାନଙ୍କ ସହ ସମ୍ପର୍କରେ ଥିବା ଅନ୍ୟ ଆତଙ୍କବାଦୀଙ୍କୁ ଧରିବା ଲାଗି ଅଭିଯାନକୁ ଜୋର୍‌ଦାର କରାଯାଇଥିବା ସେ କହିଛନ୍ତି।

### ବିକ୍ଷୋଭରତ ୪୭ କୃଷକ ଗିରଫ

**ନୋଇଡ଼ା,୨୩।୯(ପି.ଟି.):**ଉତ୍ତରପ୍ରଦେଶର ଗ୍ରେଟର ନୋଏଡ଼ାରେ ବିକ୍ଷୋଭରତ ୪୭ କୃଷକଙ୍କୁ ସୋମବାର ପୋଲିସ ଗିରଫ କରିଛି। ବିମାନବନ୍ଦର ଲାଗି ଅଧିଗୃହୀତ ଜମି ନିମନ୍ତେ ଅଧିକ କ୍ଷତିପୂରଣ ଦାବିକରି ବିକ୍ଷୋଭ କରୁଥିବାବେଳେ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। ଜେୱାର ଟୋଲ୍ ପ୍ଲାଜା ବନ୍ଦ କରିବା ସହ ଏହା ନିକଟରେ ଏମାନେ ବିକ୍ଷୋଭ କରିବାରୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଗୌତମ ବୁଦ୍ଧ ନଗରରେ ଗ୍ରାନଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ଲାଗି ଜମି ଅଧିଗ୍ରହଣ ବେଳେ କୃଷକମାନେ ଏଭଳି ବିକ୍ଷୋଭ କରିଥିଲେ। ପ୍ରକଳ୍ପ ଲାଗି ୫ ହଜାର ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୨୦୨୩ ସୁଦ୍ଧା ବିମାନବନ୍ଦର କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## ଭିଡ଼ହିଂସାରେ ୨ ମୃତ

ଖୁଣ୍ଟି/ଜାମନଗର,୨୩।୯(ପି.ଟି.)

ଦୁଇଟି ପୃଥକ୍ ଭିଡ଼ ହିଂସାରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ଗୋହତ୍ୟା ସନ୍ଦେହରେ ଜଣେ ଦିବ୍ୟାଙ୍ଗଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ପିଟି ମାରିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ଅନ୍ୟ ଦୁଇଜଣ ଆହତ ହୋଇଥିବା ପୋଲିସ କହିଛି। ସେହିପରି ଗୁଜରାଟର ଜାମନଗର ଜିଲାରେ ଚୋରି ସନ୍ଦେହରେ ଜଣେ ଅଜଣା ବ୍ୟକ୍ତିଙ୍କୁ ୭ ଜଣ ପିଟି ମାରିଦେଇଛନ୍ତି।

ଖୁଣ୍ଟି ଜିଲାର ଜଲଡଙ୍ଗ ଗାଁ ନିକଟରେ ଥିବା ନଈପଠାରୁ ଗାଈର ମୃତଦେହ ମିଳିଥିଲା। ତାହା ନିକଟରେ କଲାନ୍ତୁସ ବାର୍ଲା, ଫଗୁ କଚ୍ଛପ ଏବଂ ଫିଲିପ୍ ହୋରୋ ଉପସ୍ଥିତ ଥିବାରୁ ସେମାନେ ଗାଈକୁ ମାରିଥିବା ଗାଁ ଲୋକେ ସନ୍ଦେହ କରିଥିଲେ। ଗାଁ ଲୋକଙ୍କ ମାଡ଼ରେ ଗୁରୁତର ୩ ଜଣଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ବାଟରେ ବାର୍ଲାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ସେମାନଙ୍କୁ ଛାଡିଦେବା ଦାବିରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ସେମାନେ ନିର୍ଦ୍ଦୋଷ ହୋଇଥିଲେ ଛାଡ଼ିଦିଆଯିବ ବୋଲି ଏସ୍‌ଡିପିଓ ସୁଭାଷ ଝା ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଘେରାଉରୁ ହଟିଥିଲେ।

ସେହିପରି ଗୁଜରାଟ ଜାମନଗରରେ ୩୫ ବର୍ଷୀୟ ମାନସିକ ବିକୃତ ବ୍ୟକ୍ତି ଜଣକ ଝରକା ଭାଙ୍ଗି ଜଣକ ଘରେ ପଶିଥିବାରୁ ତାଙ୍କୁ ଚୋର ଭାବି ଲୋକେ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ମୋଟିଖାଭଡି ଗ୍ରାମରେ ଏହି ଘଟଣା ଘଟିଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି।

■ ଜାତିସଂଘ ଜଳବାୟୁ ସମିଟ୍‌ରେ ମୋଦିଙ୍କ ଉଦ୍‌ବୋଧନ

## ଏବେ କାମ କରିବା ସମୟ

**୪୦୦ ଗିଗାୱାଟ ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ କରିବ ଭାରତ**

ଜାତିସଂଘ,୨୩।୯

ନ୍ୟୁୟର୍କରେ ସୋମବାର ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଉଦ୍‌ବୋଧନ ଦେଇଛନ୍ତି। ଜଳବାୟୁକୁ ନେଇ କଥା କହିବା ସମୟ ଅତିବାହିତ ହୋଇଯାଇଛି। ଏବେ କାମ କରିବା ସମୟ ଆସିଛି। ବିଶ୍ୱ ନେତାମାନେ ସେମାନଙ୍କ ମନୋଭାବରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ ଏହାର ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ ୪୦୦ ଗିଗାୱାଟରେ



ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ଅନୁଯାୟୀ ଭାରତ ଏବେ ୧୭୫ ଗିଗାୱାଟ ଅଣଜୀବାଶ୍ମ ଇନ୍ଧନ ଉତ୍ପାଦନ ଲକ୍ଷ୍ୟ ରଖିଥିବାବେଳେ ୨୦୨୨ ବେଳକୁ ଏହାକୁ ୪୦୦ ଗିଗାୱାଟରେ ପହଞ୍ଚାଇବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି ବିଶ୍ୱ ନେତାମାନଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ପ୍ୟାରିସ୍ ଚୁକ୍ତିନାମାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୧୭ରେ ଓହରିଯାଇ ସେତେବେଳର ନିଷ୍ପତ୍ତି ପାଇଁ ଭାରତ ଓ ଚାଇନାକୁ ଦାୟୀ କରିଥିଲେ। ଉକ୍ତ ଚୁକ୍ତିନାମାରୁ ଫାଇଦା ଉଠାଉଥିବା ଦେଶଗୁଡିକ ପାଇଁ ଆମେରିକାକୁ ପୈଠ କରିବା ପାଇଁ ବ୍ୟବସ୍ଥା କରାଯାଇଥିବା ଟ୍ରମ୍ପ ସେତେବେଳେ ଅଭିଯୋଗ କରିଥିଲେ।

ଜଳବାୟୁ ପରିବର୍ତ୍ତନ ଜନିତ ଗୁରୁତର ଚ୍ୟାଲେଞ୍ଜକୁ ଅତିକ୍ରମ କରିବାକୁ ହେଲେ ଆମକୁ କଠିନ ନିଷ୍ପତ୍ତି ନେବାକୁ ହେବ। ଏପର୍ଯ୍ୟନ୍ତ ଆମେ ଯାହା କରିଛେ ତାହା ଯଥେଷ୍ଟ ନୁହେଁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ପକ୍ଷରୁ ଆୟୋଜିତ ଜଳବାୟୁ ସମିଟ୍‌ରେ ଉଦ୍‌ବୋଧନ ଦେଇ ମୋଦି କହିଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ବଢ଼ିଚାଲିଛି। ତେବେ ଜରୁରୀ ଏବଂ ଯୁଗାନ୍ତକାରୀ ପଦକ୍ଷେପ ନେଲେ ଏହାର ବିପଜ୍ଜନକ ପରିଣାମକୁ ପ୍ରତିହତ କରାଯାଇପାରିବ। ସେଥିପାଇଁ ଏବେ ବି ସମୟ ଅଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

### ମୋଦିଙ୍କ ଭାଷଣ ଶୁଣିବାକୁ ପହଞ୍ଚିଲେ ଟ୍ରମ୍ପ୍

ଜାତିସଂଘରେ ସୋମବାର ଜଳବାୟୁ ସମିଟ୍ ଚାଲିଥିବାବେଳେ କୌଣସି କାର୍ଯ୍ୟସୂଚୀ ନ ଥାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହଠାତ ସେଠାରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଶୁଣିଥିଲେ। ୧୦ ମିନିଟ ମୋଦିଙ୍କ ଭାଷଣ ଶୁଣିବା ପରେ ଟ୍ରମ୍ପ୍ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ଯିବା ପୂର୍ବରୁ ସେ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ଭାଷଣ ମଧ୍ୟ କିଛି ସମୟ ଶୁଣିଥିଲେ।

■ ବାବୁଲ ସୁପ୍ରିୟୋଙ୍କୁ ଆକ୍ରମଣର ପ୍ରତିବାଦ

## ଏବିଭିପି ଶୋଭାଯାତ୍ରାକୁ ଅଟକାଇଲା ପୋଲିସ

କୋଲକାତା,୨୩।୯(ପି.ଟି.)

କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ସୋମବାର ପ୍ରତିବାଦ ଶୋଭାଯାତ୍ରା ବାହାର କରାଯାଇଥିବାବେଳେ ଅଧାବାଟରେ ପୋଲିସ ଏହାକୁ ଅଟକାଇଥିଲା। ଫଳରେ ଏବିଭିପି କର୍ମୀମାନେ ପୋଲିସ ଉପରକୁ ଢେଲାମାଡ଼ କରିବା ସହ ବାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନରେ କେତେଜଣ ଏବିଭିପି କର୍ମୀ ଆହତ ହୋଇଥିବା ଜଣାପଡ଼ିଛି।



୧୯ ତାରିଖରେ ସୁପ୍ରିୟୋ ଯାଦବପୁର ବିଶ୍ୱବିଦ୍ୟାଳୟକୁ ଆସିଥିବାବେଳେ ବାମପନ୍ଥୀ ଛାତ୍ର ସଂଗଠନ ତାଙ୍କୁ ଦୀର୍ଘ ୫ ଘଣ୍ଟା ଅଟକାଇବା ସହ ଆକ୍ରମଣ କରିଥିଲା। ଏହାର ପ୍ରତିବାଦରେ ଏବିଭିପି କର୍ମୀ ଦକ୍ଷିଣ କୋଲକାତାର ଗରିଆହାଟ ଅଞ୍ଚଳରୁ ଶୋଭାଯାତ୍ରା ବାହାର କରିଥିଲେ। ଯୋଧପୁର ପାର୍କ ନିକଟରେ ପହଞ୍ଚିବା ପରେ ପୋଲିସ ବାରିକେଡ୍ ରଖି ଅଟକାଇଥିଲା। ଉତ୍ତ୍ୟକ୍ତ କର୍ମୀ ତୃଣମୂଳ କଂଗ୍ରେସ ସରକାର ବିରୋଧରେ ସ୍ଲୋଗାନ ଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୨୩.୧ |
| ଚାନ୍ଦବାଲି | ୩୧.୪ | ୨୫.୦ |
| କଟକ | ୩୧.୪ | ୨୩.୬ |
| ପାରାଦ୍ୱୀପ | ୩୧.୯ | ୨୭.୦ |
| ଭୁବନେଶ୍ୱର | ୩୧.୭ | ୨୫.୦ |
| ଗୋପାଳପୁର | ୨୯.୦ | ୨୫.୮ |
| ପୁରୀ | ୩୦.୪ | ୨୬.୦ |
| ଅନୁଗୋଳ | ୩୧.୧ | ୨୧.୬ |
| ବାରିପଦା | ୩୦.୦ | ୨୫.୬ |
| ଝାରସୁଗୁଡ଼ା | ୩୩.୨ | ୨୪.୦ |
| କେନ୍ଦୁଝର | ୩୦.୮ | ୨୩.୮ |
| ସମ୍ବଲପୁର | ୩୨.୭ | ୨୪.୬ |
| ସୁନ୍ଦରଗଡ଼ | ୩୨.୫ | ୨୩.୦ |
| ହୀରାକୁଦ | ୩୨.୦ | ୨୫.୬ |
| ତାଳଚେର | -- | ୨୫.୧ |
| ଭବାନୀପାଟଣା | ୩୨.୦ | ୨୪.୦ |
| ବଲାଙ୍ଗୀର | ୩୪.୦ | ୨୫.୦ |
| କୋରାପୁଟ | ୨୮.୬ | ୧୯.୬ |
| ଫୁଲବାଣୀ | ୩୦.୬ | -- |
| ଟିଟିଲାଗଡ଼ | ୩୫.୫ | ୨୧.୫ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ୧୩ ଅଭିଯୁକ୍ତଙ୍କୁ ଅର୍ଦ୍ଧଉଲଗ୍ନ କରି ପରେଡ କରାଇଲା ପୋଲିସ

କୋଲକାତା,୨୩।୯(ପି.ଟି.)

ବେହରୋର ଥାନା ଉପରେ ଗତ ୬ ତାରିଖରେ ଗୁଳି ଚଳାଇ ହରିୟାଣାର ଗ୍ୟାଙ୍ଗଷ୍ଟର ବିକ୍ରମ ଓରଫ ପାପଲା ଗୁଜ୍ଜାରଙ୍କୁ ଖସାଇନେବା ଅଭିଯୋଗରେ ଗିରଫ ହୋଇଥିବା ୧୩ ଜଣଙ୍କୁ ରାଜସ୍ଥାନ ପୋଲିସ ଅର୍ଦ୍ଧଉଲଗ୍ନ କରି ଅଲୱରର ଜନଗହଳିପୂର୍ଣ୍ଣ ମାର୍କେଟ ଅଞ୍ଚଳରେ ୧ କିଲୋମିଟର ଚଲାଇବା ଘଟଣାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏହି ପରେଡ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ୬ ତାରିଖ ଦିନ କ'ଣ ସବୁ ଘଟିଥିଲା ତାହା ଦେଖାଇବା ପାଇଁ ପୋଲିସ ଅଭିଯୁକ୍ତମାନଙ୍କୁ ହ୍ୟାଣ୍ଡକପ୍ ସହ ବିଭିନ୍ନ ସ୍ଥାନକୁ ନେଇଥିଲା। ପାପଲାଙ୍କୁ ପୋଲିସ ହାଜତରୁ ଖସାଇନେବାରେ ଅଭିଯୁକ୍ତମାନେ ସମ୍ପୃକ୍ତ ବୋଲି ପୋଲିସ କହିଛି। ୬ ତାରିଖରେ ୧୫ରୁ ୨୦ ଜଣ ତିନୋଟି ଗାଡ଼ିରେ ଆସି ଅଚାନକ ବେହରୋର ଥାନା ଉପରକୁ ପାଖାପାଖି ୪୦ ରାଉଣ୍ଡ ଗୁଳି ଚଳାଇଥିଲେ। ପୋଲିସ ପ୍ରତିରୋଧ କରିବା ପୂର୍ବରୁ ସେମାନେ ଥାନାରେ ପଶି ପାପଲାଙ୍କୁ ନେଇଯାଇଥିଲେ।

### ତାଲିବାନ ବିରୋଧୀ କାର୍ଯ୍ୟାନୁଷ୍ଠାନ ବେଳେ ୨୪ ନିହତ

କାବୁଲ,୨୩।୯

ଆଫଗାନିସ୍ତାନ ସ୍ୱତନ୍ତ୍ର ବାହିନୀ ପକ୍ଷରୁ ରବିବାର ରାତିରେ ହେଲମଣ୍ଡ ପ୍ରଦେଶରେ ଥିବା ତାଲିବାନ ଆଡ୍ଡା ଉପରେ ଚଢ଼ାଉ ବେଳେ ୨୪ ସାଧାରଣ ନାଗରିକ ନିହତ ହୋଇଛନ୍ତି। ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପ୍ରାଦେଶିକ ଅଧିକାରୀ ଅବଦୁଲ ମାଜେଦ୍ ଅଖୁନ୍ଦ୍ କହିଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ମହିଳା ଓ ଶିଶୁ। ମୁସା କାଲା ଜିଲାରେ ଏକ ବିବାହ ଉତ୍ସବରେ ସେମାନେ ଯୋଗଦେଇଥିବାବେଳେ ଭୁଲ୍‌ବଶତଃ ସାମରିକ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିଲେ। ଏହି ଆକ୍ରମଣରେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି।

■ ହ୍ୟୁଷ୍ଟନ୍‌ରେ ଟ୍ରମ୍ପ୍‌ଙ୍କ ପାଇଁ ମୋଦିଙ୍କ ପ୍ରଚାର

## କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ,୨୩।୯(ପି.ଟି.)

ହ୍ୟୁଷ୍ଟନରେ ଅନୁଷ୍ଠିତ ହାଓଡି ମୋଦି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଅତ୍ୟଧିକ ପ୍ରଶଂସା କରିବା ସହ ତାଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ଘଟଣାକୁ କଂଗ୍ରେସ ସମାଲୋଚନା କରିଛି। ମୋଦି ଭାରତୀୟ ବିଦେଶ ନୀତିର ଦୀର୍ଘମିଆଦୀ ସମ୍ମାନ ନିୟମାବଳୀର ଉଲ୍ଲଂଘନ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଉକ୍ତ ନୀତି ଅନୁଯାୟୀ ଭାରତୀୟ ନେତା ଅନ୍ୟ ଦେଶର ଘରୋଇ ନିର୍ବାଚନରେ ହସ୍ତକ୍ଷେପ କରିବେ ନାହିଁ। ଆସନ୍ତାବର୍ଷ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଥିଲାବେଳେ ରବିବାର ହାଓଡି ମୋଦି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଟ୍ରମ୍ପ୍‌ଙ୍କ ପାଇଁ ସକ୍ରିୟ ଭାବେ ନିର୍ବାଚନ ପ୍ରଚାର କରିଥିବା ଦେଖାଯାଇଥିଲା। ମୋଦିଙ୍କର ଏଭଳି କାର୍ଯ୍ୟ ଭାରତ-ଆମେରିକା ଦୀର୍ଘମିଆଦୀ ସମ୍ପର୍କ ପାଇଁ କ୍ଷତିକାରକ



ଆନନ୍ଦ ଶର୍ମା

ହେବ ବୋଲି ବିରୋଧୀ ଦଳ କହିଛି। ହ୍ୟୁଷ୍ଟନ୍ ପ୍ଲାଟଫର୍ମରେ ପ୍ରଧାନମନ୍ତ୍ରୀ 'ଅବ୍ କି ବାର୍ ଟ୍ରମ୍ପ୍ ସରକାର' ସ୍ଲୋଗାନ ଦେବା ଉଚିତ ନ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା କହିଛନ୍ତି।

ଆମେରିକାର ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟିକ୍ ସରକାର ସହ ଭାରତ ସମ୍ପର୍କ ରଖିଆସିଛି। ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ. ବୁଶ୍‌ଙ୍କ ରିପବ୍ଲିକାନ ପ୍ରଶାସନ ଓ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମୟରେ ଦୁଇ ଦେଶ ମଧ୍ୟରେ ଆଣବିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତେବେ ଆମେରିକା ନିର୍ବାଚନ ବେଳେ ମନମୋହନ କୌଣସି ପକ୍ଷଙ୍କୁ ସମର୍ଥନ କରି ନ ଥିଲେ। ଯେତେବେଳେ ବାରାକ ଓବାମା ରାଷ୍ଟ୍ରପତି ଥିଲେ ସେତେବେଳେ ଡେମୋକ୍ରାଟିକ୍ ସରକାରଙ୍କ ସହ ଭାରତର ଉତ୍ତମ ସମ୍ପର୍କ ରହିଥିଲା ବୋଲି ଶର୍ମା କହିଛନ୍ତି। ହାଓଡି ମୋଦି କାର୍ଯ୍ୟକ୍ରମକୁ କଂଗ୍ରେସ ବିରୋଧ କରୁନାହିଁ। ଏଚ୍‌୧ବି ଭିଜା ପ୍ରଦାନ କ୍ଷେତ୍ରରେ କଟକଣା ହଟାଇବା, ଦେୟ କମାଇବା ସହ ଜିଏସପି ବ୍ୟବସ୍ଥା ପୁନଃପ୍ରଚଳନ କରିବା ପାଇଁ ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ରାଜି କରାଇବା କଂଗ୍ରେସ ଆଶା କରେ ବୋଲି କଂଗ୍ରେସ ନେତା କହିଛନ୍ତି। ସେହିପରି ହ୍ୟୁଷ୍ଟନ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗାନ୍ଧୀ-ନେହେରୁଙ୍କ ସମ୍ପର୍କରେ କିଛି ନ କହିବା ଘଟଣାକୁ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସମାଲୋଚନା କରିଛନ୍ତି। ଅଟଳ ବିହାରୀ ବାଜପେୟୀ ଓ ଲାଲ୍‌କୃଷ୍ଣ ଆଡଭାନୀ ଆମେରିକାରେ ଭାଷଣ ଦେଲାବେଳେ ନେହେରୁଙ୍କୁ ସ୍ମରଣ କରୁଥିଲେ ବୋଲି ଜୟରାମ ଟୁଇଟ୍ କରିଛନ୍ତି।

### ଇତିହାସର ଆଇନାରେ
### ସେପ୍ଟେମ୍ବର ୨୪ର ପ୍ରମୁଖ ଘଟଣା

୨୦୧୩ ସେପ୍ଟେମ୍ବର ୨୪ରେ ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନରେ ଭୟଙ୍କର ଭୂକମ୍ପ ହୋଇ ୮୨୫ ଜଣ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୭ ଥିଲା।

୨୦୧୫ ସେପ୍ଟେମ୍ବର ୨୪ରେ ହଜ୍ ଯାତ୍ରାବେଳେ ଦଳଚକଟା ଘଟି ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ୯୦୦ ଆହତ ହୋଇଥିଲେ। ଅତ୍ୟଧିକ ଭିଡ଼ ଯୋଗୁ ଏଭଳି ଦଳାଚକଟା ଘଟିଥିଲା। ଇରାନ, ମାଲି ଓ ନାଇଜେରିଆର ସର୍ବାଧିକ ତୀର୍ଥଯାତ୍ରୀ ଏଥିରେ ପ୍ରାଣ ହରାଇଥିଲେ।




■ ବିଜେପୁର ଉପନିର୍ବାଚନ

# ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ନେଇ ସୋମବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପନିର୍ବାଚନରେ ଯେଉଁମାନେ ପ୍ରାର୍ଥୀ ହେବାକୁ ଚାହିଁବେ ସୋମବାର ନିଜର ପ୍ରାର୍ଥିପତ୍ର ଦାଖଲ କରିପାରିବେ। ଏହି ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀ କିମ୍ବା ତାଙ୍କର କୌଣସି ପ୍ରସ୍ତାବକ ମନୋନୟନ ପତ୍ର ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ନିଂ ଓ ସହାୟକ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ। ଆସନ୍ତା ୧ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଅକ୍ଟୋବର ୩ରେ ନାମାଙ୍କନ ପ୍ରତ୍ୟାହାର ପାଇଁ ଶେଷ ତାରିଖ ରହିଛି। ଅକ୍ଟୋବର ୨୧ରେ ବିଜେପୁର ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିସହ ୨୪ରେ ଭୋଟ ଗଣତି ହେବ। ଅକ୍ଟୋବର ୨୭ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ଭାରତୀୟ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇଟି ବିଧାନସଭା ଆସନ ହିଞ୍ଜିଳି ଏବଂ ବିଜେପୁରରୁ ଲଢି ବିଜୟୀ ହୋଇଥିଲେ। ସରକାର ଗଠନ କରିବାପରେ ମୁଖ୍ୟମନ୍ତ୍ରୀ ବିଜେପୁର ଆସନରୁ ଇସ୍ତଫା ଦେଇଥିଲେ। ତେଣୁ ଏହି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଆସନ ପାଇଁ ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିବା ଜଣାପଡିଛି।

**ପ୍ରଥମ ଦିନରେ କେହି ନାମାଙ୍କନ ଦାଖଲ କରିନାହାନ୍ତି**






## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୋରିଆ ପ୍ରତିନିଧି ଦଳ

# ୬ କ୍ଷେତ୍ରରେ ପୁଞ୍ଜିନିବେଶ ପ୍ରସ୍ତାବ


ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିବାକୁ ଆସିଥିବା କୋରିଆ ରାଷ୍ଟ୍ରଦୂତ ଏବଂ ପ୍ରତିନିଧିମଣ୍ଡଳୀ।

**ପର୍ଯ୍ୟାପ୍ତ ସୁଯୋଗର ଫାଇଦା ନେବାକୁ ଆହ୍ୱାନ**

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଇଲେକ୍ଟ୍ରୋନିକ,ପେଟ୍ରୋଲିୟମ, କେମିକାଲ ଓ ପେଟ୍ରୋକେମିକାଲ୍‌ସ,ବୟନ ଶିଳ୍ପ, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ୬ଟି କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ରହିଛି। ରାଜ୍ୟ ସରକାର ଏଭଳି ଶିଳ୍ପ ପାଇଁ ଏକ ବ୍ୟବସାୟିକ ପରିବେଶ, ଶିଳ୍ପ ଭିତ୍ତିଭୂମି ଏବଂ ଦକ୍ଷ ମାନବସମ୍ବଳ ଯୋଗାଇ ଦେବେ। ଏସବୁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ କୋରିଆ ବ୍ୟବସାୟୀ ପ୍ରତିନିଧିମଣ୍ଡଳୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ସୋମବାର ଲୋକସେବା ଭବନ ଠାରେ କୋରିଆ ରାଷ୍ଟ୍ରଦୂତ ସିନ ବଙ୍ଗ କିଲ ଏବଂ ତାଙ୍କ ସହ ଆସିଥିବା ୯ ଜଣିଆ କୋରିଆ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କୋରିଆ ଏବଂ ଓଡ଼ିଶା ମିଳିତ ଭାବେ କାର୍ଯ୍ୟ କରିବାର ପର୍ଯ୍ୟାପ୍ତ ସୁଯୋଗ ରହିଛି। ରାଜ୍ୟ ସରକାର ଖୁବ୍‌ଶୀଘ୍ର ମୂଲ୍ୟଯୁକ୍ତ ଖଣିଜ ପଦାର୍ଥ ଉତ୍ପାଦନ କ୍ଷେତ୍ର ପାଇଁ ଭିଜନ ଡକ୍ୟୁମେଣ୍ଟ-୨୦୩୦ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଓଡ଼ିଶା ପ୍ରାକୃତିକ ସମ୍ପଦ ଭରା ରାଜ୍ୟ । ଶିଳ୍ପଭିତ୍ତିକ ପ୍ରକଳ୍ପ ସ୍ଥାପନ କରିବା, ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା କ୍ଷେତ୍ରରେ ଓଡ଼ିଶା ଦେଶର ୩ଟି ପ୍ରମୁଖ ରାଜ୍ୟ ମଧ୍ୟରେ ରହିଛି। ଏହାଛଡ଼ା ପେଟ୍ରୋକେମିକାଲ କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି। ଏ ସବୁ ପ୍ରାକୃତିକ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ କୋରିଆ ପ୍ରତିନିଧି ମଣ୍ଡଳୀଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହାଛଡ଼ା ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଓଡ଼ିଶା ଏକ ହବ୍‌ରେ ପରିଣତ ହୋଇଛି। ଏଠାରେ କେତେକ ବଡ଼ ବଡ଼ ଆଇଟି କମ୍ପାନୀ ନିଜର ବ୍ୟବସାୟ ଚଳାଇଛନ୍ତି। ଆଇଟି ଉତ୍ପାଦନ ପୁଞ୍ଜି ଭାବେ ପରିଗଣିତ ହେଉଥିବା ଓଡ଼ିଶାରେ କୋରିଆ ଶିଳ୍ପସଂସ୍ଥା ପୁଞ୍ଜି ବିନିଯୋଗ କରିବା ପାଇଁ ପର୍ଯ୍ୟାପ୍ତ କ୍ଷେତ୍ର ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କୋରିଆ ରାଷ୍ଟ୍ରଦୂତ କିଲ ରାଜ୍ୟରେ ପୁଞ୍ଜିନିବେଶ ଓ ଶିଳ୍ପାୟନ ପାଇଁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ସମ୍ପଦ ଏବଂ ସେବା କ୍ଷେତ୍ରରେ ପୁଞ୍ଜିନିବେଶ କରିବା ପାଇଁ ବଡ଼ ସୁଯୋଗ ରହିଛି ବୋଲି ସେ କହିଥିଲେ। ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଥିଲେ ଯେ ଓଡ଼ିଶା ଦକ୍ଷ ମାନବସମ୍ବଳ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ୨୦୦ ଆମେରିକୀୟ ଡଲାର ବିନିଯୋଗରେ ଭୁବନେଶ୍ୱରଠାରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯିବ। ଏଥିରେ ୮ଟି ବିଷୟରେ ୧ ଲକ୍ଷ ୫୦ ହଜାର ବ୍ୟକ୍ତିଙ୍କୁ ଦକ୍ଷତା ବିକାଶ ପାଇଁ ତାଲିମ ଦିଆଯିବ ବୋଲି କହିଥିଲେ। ଏହି ଆଲୋଚନାବେଳେ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଉନ୍ନୟନ କମିଶନର, ଶିଳ୍ପ ବିଭାଗ ସଚିବ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପୂର୍ବରୁ କୋରିଆ ପ୍ରତିନିଧି ଦଳଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ନେଇଥିବା ସୁଯୋଗ ସମ୍ପର୍କରେ କୋରିଆ ଭାଷାରେ ଏକ ଉପସ୍ଥାପନା ପ୍ରଦର୍ଶନ କରାଯାଇଥିଲା।

■ ବଦଳିଲେ ସରକାରୀ ଉପ ମୁଖ୍ୟ ସଚେତକ

# ପ୍ରଣବଙ୍କ ବଦଳରେ ରୋହିତ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**



ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ସରକାରୀ ଦଳ ଉପମୁଖ୍ୟ ସଚେତକ ପଦବୀରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହଟାଇ ଦେଇଛନ୍ତି। ତାଙ୍କ ସ୍ଥାନରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସରକାରୀ ଦଳ ଉପ ମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ବିଜେଡି ପକ୍ଷରୁ ପ୍ରେସ ଇସ୍ତାହାରରେ ଜଣାଇ ଦିଆଯାଇଛି।

ଏହି ନିଯୁକ୍ତି ପାଇବା ପରେ ରୋହିତ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ସେ ଏହି ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବାକୁ ଜୋରଦାର ପ୍ରୟାସ କରିବେ ବୋଲି କହିଛନ୍ତି। ରୋହିତ ପୂର୍ବରୁ ମଧ୍ୟ ଉପ ମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇ ସାରିଛନ୍ତି। ୨୦୧୪ରୁ ୨୦୧୯ ପଞ୍ଚଦଶ ବିଧାନସଭାରେ ସେ ସରକାରୀ ଉପ ମୁଖ୍ୟ ସଚେତକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟ ପକ୍ଷରେ ରୋହିତ ବିଜେଡିର ପଞ୍ଚମ ପାଳିରେ ମନ୍ତ୍ରୀ ପଦବୀ ପାଇବା ନେଇ ଆଶାବାଦୀ ଥିଲେ। ହେଲେ ତାଙ୍କୁ କୌଣସି ପଦବୀ ମିଳି ନ ଥିଲା। ଏ ନେଇ ସେ ବିଭିନ୍ନ ସମୟରେ ନିଜର ଅସନ୍ତୋଷ ବ୍ୟକ୍ତ କରୁଥିଲେ। ବିଜେପୁର ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା ହୋଇଯାଇଥିବାରୁ ରେଢାଖୋଲ ବିଧାୟକଙ୍କୁ ସନ୍ତୁଷ୍ଟ କରିବାକୁ ଏଭଳି ନିଯୁକ୍ତି ଦିଆଯାଇ ପାରିଥାଏ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ପ୍ରଣବଙ୍କୁ ମାତ୍ର ଗୋଟିଏ ବିଧାନସଭା ଅଧିବେଶନ ପରେ ଉପ ମୁଖ୍ୟ ସଚେତକ ପଦବୀରୁ ବିଦା କରାଯାଇଛି। ବିଜେଡିର ପଞ୍ଚମ ପାଳିରେ ଯାଜପୁର ଜିଲାରୁ କେହି ମନ୍ତ୍ରୀ ହୋଇ ନ ଥିବାବେଳେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସରକାରୀ ମୁଖ୍ୟ ସଚେତକ ଏବଂ ପ୍ରଣବଙ୍କୁ ଉପମୁଖ୍ୟ ସଚେତକ ଭାବେ ନିଯୁକ୍ତି ଦିଆଯାଇଥିଲା।


MARUTI SUZUKI
NEXA

THE BEST OFFERS OF THE YEAR




LIMITED PERIOD OFFERS ONLY
VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | ₹35,000 | ₹62,400 | ₹57,000 | ₹1,12,900 | ₹65,000 | ₹87,700 |

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESHWAR: NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898),
NEXA CYBER CITY (JYOTE MOTORS PH: 8338033884),
NEXA TWIN CITY (SKY AUTOMOBILES PH: 9776497764, 7064400101).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
▸ Vehicle Tracking
▸ Emergency Alert
▸ Driving Behaviour Analysis
▸ Live Vehicle Status
▸ Vehicle Alerts
Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

**କିଛି ତଥ୍ୟ**
ଚଳିତ ମାସ ମଧ୍ୟଭାଗ ସୁଦ୍ଧା ଦୀର୍ଘକାଳୀନ ଭିତ୍ତିରେ ସାରା ଦେଶରେ ହାରାହାରି ୪% ଅଧିକ ବର୍ଷା ହୋଇଛି।
– କୃଷି ମନ୍ତ୍ରଣାଳୟ



**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ସ୍ୱୟଂପ୍ରଭା
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିର୍ମଳ ମିଶ୍ର ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ନିଯୁକ୍ତ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**
ରାଜ୍ୟ ସରକାର ଆଇଏଏସ୍ ନିର୍ମଳ ଚନ୍ଦ୍ର ମିଶ୍ରଙ୍କୁ ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ସୋମବାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନିକଟରେ କମିଶନଙ୍କ ଅଧ୍ୟକ୍ଷ ଥିବା ମେଜର ଜେନେରାଲ ଭବାନୀ ଶଙ୍କର ଦାସଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମିଶ୍ରଙ୍କୁ ଏହି ପଦରେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ନିର୍ମଳ ମିଶ୍ର ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଏଥିସହିତ ସେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର



ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ଏହା ପୂର୍ବରୁ ସେ ବୈଷୟିକ ଶିକ୍ଷା ଓ ତାଲିମର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ କଟକ ଓ ଖୋର୍ଦ୍ଧା ଜିଲାପାଳ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଜଣେ ଭଲ ପ୍ରଶାସକ ଭାବେ ତାଙ୍କର ଖ୍ୟାତି ରହିଛି।

**ପ୍ରଥମ ପୃଷ୍ଠାରୁ...**

## ୧ରୁ ଆଉ...

ସହ ଲିଙ୍କ୍ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡା ଆହୁରି ୧୪ଟି ନୂତନ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରକୁ ପିୟୁସି ସାର୍ଟିଫିକେଟ ଦେବାକୁ ପଞ୍ଜୀକୃତ କରାଯାଇଛି। ପିୟୁସି ସାର୍ଟିଫିକେଟ ପାଇଁ ଦୁଇ ଚକିଆ ଓ ତିନି ଚକିଆ ଯାନବାହନ ପାଇଁ ୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହାଲୁକା ଯାନ ପାଇଁ ୧୦୦ ଟଙ୍କା ଏବଂ ମଧ୍ୟମ ଓ ଭାରି ଯାନ ପାଇଁ ସାର୍ଟିଫିକେଟ ବାବଦରେ ୧୫୦ ଟଙ୍କା ସହ ଜିଏସଟି ଦେବାକୁ ଧାର୍ଯ୍ୟ କରାଯାଇଛି। କେଉଁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡିକ ପଞ୍ଜୀକୃତ ହୋଇଛି ସେଗୁଡିକର ସମସ୍ତ ବିବରଣୀ www.odishatransport.gov.in ଏବଂ www,orissatransport.nic.inରେ ଉପଲବ୍ଧ। ଜନସାଧାରଣ ଏହାର ସହାୟତା ନେଇ ପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ସଂଶୋଧିତ ମୋଟର ଯାନ ଆଇନ-୨୦୧୯ ଓଡ଼ିଶାରେ ଲାଗୁ ହେବା ପରେ ଗାଡି କାଗଜ ପତ୍ର ନ ଥିବା ଚାଳକ ଓ ମାଲିକଙ୍କ ମନରେ ଛନକା ପଶି ଯାଇଥିଲା। ବର୍ଦ୍ଧିତ ଜରିମାନା ରାଶିକୁ ନେଇ ଜନଅସନ୍ତୋଷ ଦେଖା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ଯାଏ କୋହଳ କରିଥିଲେ। ଏହି ସମୟରେ କାଗଜ ପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଥିଲେ। ତେବେ କେନ୍ଦ୍ର ସରକାରଙ୍କ ଚାପରେ ରାଜ୍ୟ ପରିବହନ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଅଣଦେଖା କରି ଆସନ୍ତା ଅକ୍ଟୋବର ପହିଲାରୁ ପିୟୁସିକୁ ବାଧ୍ୟତାମୂଳକ କରିଛି।

## ଗୋଟିଏ ଦିନରେ...

ମୃତ୍ୟୁ ଘଟିଛି। ଏହାପରେ ଗଞ୍ଜାମରେ ୨୪୭ ଜଣ, ବାଲେଶ୍ୱରରେ ୨୪୨, କେନ୍ଦୁଝରରେ ୨୨୭, ଭଦ୍ରକରେ ୧୮୦, ଯାଜପୁରରେ ୧୫୪, ସମ୍ବଲପୁରରେ ୧୩୪ ଏବଂ କଟକରେ ୧୩୩ ଜଣଙ୍କର ସାପ କାମୁଡ଼ାରେ ଜୀବନ ଯାଇଛି। ହେଲେ ସାପ କାମୁଡ଼ାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ବିଭିନ୍ନ କାରଣ ରହିଥିବା ବିଶେଷଜ୍ଞମାନେ କହୁଛନ୍ତି। ସବୁଠାରୁ ବଡ଼ କାରଣ ହେଉଛି, ସାପ କାମୁଡ଼ାର ୬ଘଣ୍ଟା ମଧ୍ୟରେ ଡାକ୍ତରଖାନାରେ ରୋଗୀ ପହଞ୍ଚି ପାରୁନାହାନ୍ତି। ବିଳମ୍ବରେ ଡାକ୍ତରଖାନାରେ ପହଞ୍ଚିବା ଦ୍ୱାରା ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥାଏ। ଫଳରେ ରୋଗୀଙ୍କ ମୃତ୍ୟୁ ହୁଏ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଅଧିକ ସାପକାମୁଡ଼ା ଘଟେ, ଯେଉଁଠି ଲୋକେ ପ୍ରାୟତଃ ଚିକିତ୍ସାଳୟକୁ ନ ଯାଇ ଝଡ଼ାଫୁଙ୍କା କରି ସମୟ ନଷ୍ଟ କରିଥାନ୍ତି। ସଚେତନତା ଅଭାବରୁ ଏଭଳି ହେଉଛି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି।

## ବୁଡ଼ିଗଲା...

୧୮୪୧ରେ ଥମାସ କୁକ୍ ନିଜ ନାମରେ କମ୍ପାନୀକୁ ପ୍ରତିଷ୍ଠା କରିଥିଲେ। ପ୍ରଥମେ ଏହା ବ୍ରିଟେନରେ ଘରୋଇ ଯାତ୍ରୀଙ୍କୁ ସେବା ଯୋଗାଉଥିଲା। ପରେ ଏହା ବିଦେଶ ଯାତ୍ରା ଯୋଗାଇ ଦେଉଥିଲା। ଏହି ଘଟଣା ପରେ ୬ ଲକ୍ଷ ପର୍ଯ୍ୟଟକଙ୍କ ବୁକିଂକୁ ସୋମବାର ବାତିଲ କରିଦିଆଯାଇଛି। ଥମାସ କୁକ୍ ସିଇଓ ପିଟର ଫ୍ରାଙ୍କହଜର ଏହାକୁ 'ଅତ୍ୟନ୍ତ ଦୁଃଖର ଦିନ' ବୋଲି ଅଭିହିତ କରିଛନ୍ତି। କମ୍ପାନୀ ବନ୍ଦ ହେବା ଯୋଗୁ କେବଳ କର୍ମଚାରୀ ନୁହନ୍ତି ଗ୍ରାହକ, ଯୋଗାଣକାରୀ ଓ କମ୍ପାନୀର ପାର୍ଟନର ପ୍ରଭାବିତ ହେବେ। ଏହାକୁ ଦୃଷ୍ଟିରେ ରଖି ଫ୍ରାଙ୍କହଜର ସମସ୍ତଙ୍କ ନିକଟରେ କ୍ଷମାପ୍ରାର୍ଥନା କରିଛନ୍ତି। ଏହି ଘଟଣା ଉପରେ ନଜର ରଖିଥିବା ୟୁକେ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ(ସିଏଏ) ପକ୍ଷରୁ କୁହାଯାଇଛି ଯେ, ଚଳିତ ମାସ ୨୩ରୁ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ବ୍ରିଟିଶ ଗ୍ରାହକଙ୍କୁ ସ୍ୱଦେଶ ଫେରାଇ ଅଣାଯିବ।

■ ଡିଜିଟାଲ ହେବ ୨୦୨୧ ଜନଗଣନା

# ବହୁମୁଖୀ ପରିଚୟପତ୍ର ପ୍ରସ୍ତାବ

**ନୂଆଦିଲ୍ଲୀ,୨୩।୯(ପି.ଟି.)**
ଆଗାମୀ ୨୦୨୧ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ଏଥିପାଇଁ ପ୍ରଥମ ଥର ମୋବାଇଲ ଆପ୍ ବ୍ୟବହାର କରାଯିବ। ଏହା ଦେଶର ଜନଗଣନା ପ୍ରକ୍ରିୟାରେ ବଡ଼ ବିପ୍ଳବ ଆଣିବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୋମବାର କହିଛନ୍ତି। ଏଥିସହିତ ଏକ ବହୁମୁଖୀ ପରିଚୟପତ୍ର ପ୍ରଚଳନ ଉପରେ ବିତର୍କ ଲାଗି ସେ ପ୍ରସ୍ତାବ ଦେଇଛନ୍ତି। ଏହି କାର୍ଡକୁ ଆଧାର, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ ବ୍ୟାଙ୍କ ଆକାଉଣ୍ଟ ଭାବେ ବ୍ୟବହାର କରାଯାଇପାରିବ। ଏତେ ପ୍ରକାର କାର୍ଡ ବଦଳରେ କ'ଣ ପାଇଁ ଆମେ ଗୋଟିଏ କାର୍ଡ ବ୍ୟବହାର ନ କରିବା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଏଥିପାଇଁ ଏଭଳି ବ୍ୟବସ୍ଥା ରହିବା ଉଚିତ ଯାହା ଫଳରେ ଜଣେ ବ୍ୟକ୍ତିର ସମସ୍ତ ଡାଟା ଗୋଟିଏ କାର୍ଡରେ ରହିପାରିବ। ତାହା ସମ୍ଭବ। ସେଥିପାଇଁ ୨୦୨୧ ଜନଗଣନାକୁ ଡିଜିଟାଲ କରାଯିବା ଗୁରୁତ୍ୱପୂର୍ଣ୍ଣ ବୋଲି ଭାରତର ମହାପ୍ରବନ୍ଧକ ଓ ଜନଗଣନା କମିଶନରଙ୍କ ନୂତନ ବିଲ୍ଡିଂର ଶିଳାନ୍ୟାସ କରିବା ଅବସରରେ ଶାହ କହିଛନ୍ତି।

ଦେଶବ୍ୟାପୀ ଜନଗଣନା କାର୍ଯ୍ୟ ଲାଗି ୧୬ଟି ଭାଷାକୁ ବ୍ୟବହାର କରାଯିବ। ଏଥିପାଇଁ ୧୨ ହଜାର କୋଟି



ଟଙ୍କା ବ୍ୟୟ ହେବ। ଜନଗଣନା ପାଇଁ ରେଫରେନ୍ସ ତାରିଖ ୨୦୨୧ ମାର୍ଚ୍ଚ ୧ ରଖାଯାଇଥିବାବେଳେ ତୁଷାରପାତ ପ୍ରବଣ ଜମ୍ମୁ-କଶ୍ମୀର, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ପାଇଁ ୨୦୨୦ ଅକ୍ଟୋବର ୧ ରଖାଯାଇଛି। ଜନସଂଖ୍ୟା ତଥ୍ୟ ଦେଶର ଭବିଷ୍ୟତ ଯୋଜନା ପ୍ରସ୍ତୁତି, ବିକାଶ ଓ କଲ୍ୟାଣକାରୀ କାର୍ଯ୍ୟକ୍ରମ ଲାଗି ମୂଳ ଆଧାର ହେବ। ଦେଶର ୧୩୦ କୋଟି ଲୋକଙ୍କୁ ଜନଗଣନାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଯିବା ଆବଶ୍ୟକ। ଦେଶର ପ୍ରଗତିରେ ଜନଗଣନା ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ଶାହ କହିଛନ୍ତି। ଲୋକ ସଭା, ବିଧାନସଭା ଏବଂ ମ୍ୟୁନିସିପାଲିଟି ସୀମା ନିର୍ଦ୍ଧାରଣରେ ମଧ୍ୟ ଜନଗଣନା ରିପୋର୍ଟ ସହାୟକ ହୋଇଥାଏ। ଦେଶ ନିର୍ମାଣରେ ସହାୟକ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଫିସରମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ବିଜେପୁର ଉପନିର୍ବାଚନ ପାଇଁ ଭିତିରି ରଣନୀତି

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**
ବିଜେପୁର ଉପନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ସବୁ ଦଳ ପାଇଁ ଚ୍ୟାଲେଞ୍ଜ। ବିଜେଡି କାହାକୁ ପ୍ରାର୍ଥୀ କରିବ ସେ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଦଳ ପକ୍ଷରୁ ୪ ବରିଷ୍ଠ ନେତାଙ୍କୁ ନେଇ ଗଠିତ ସମନ୍ୱୟ କମିଟି ହାତରେ ବିଜେପୁରର ସମସ୍ତ ଦାୟିତ୍ୱ ଟେକି ଦିଆଯାଇଛି। କମିଟି ପକ୍ଷରୁ ଏକ ରୁଦ୍ଧଦ୍ୱାର ବୈଠକ ବସି କାହାକୁ ପ୍ରାର୍ଥୀ କଲେ ଦଳ ଭଲ ପ୍ରଦର୍ଶନ କରିବ ଏବଂ ବ୍ଲକୱାରି ଦାୟିତ୍ୱ କେଉଁମାନଙ୍କ ମଧ୍ୟରେ ବଣ୍ଟାଯିବ ସେନେଇ ଏକ ତାଲିକା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

ଏହି ଉପନିର୍ବାଚନ ପାଇଁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଦଳ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ କମିଟିର ଏକ ବୈଠକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବ। ସେହିପରି ଭାଜପା ପକ୍ଷରୁ କାହାକୁ କେଉଁ ଦାୟିତ୍ୱ ଦିଆଯିବ ଏବଂ କାହାକୁ ପ୍ରାର୍ଥୀ କରାଯିବ ସେନେଇ ଏକ ବୈଠକ ଆସନ୍ତା ବୁଧବାର ହେବ ବୋଲି ଚର୍ଚ୍ଚା ହେଉଛି।

ଇସ୍ପାତ ଶିଳ୍ପର ଚିନ୍ତନ ଶିବିର କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ

# ପୂର୍ବ ଭାରତ ହେବ ଇସ୍ପାତ୍ ହବ୍: ଧର୍ମେନ୍ଦ୍ର



ନୂଆଦିଲ୍ଲୀଠାରେ ଇସ୍ପାତ ଶିଳ୍ପ ପକ୍ଷରୁ ଆୟୋଜିତ 'ଚିନ୍ତନ ଶିବିର' କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**
ଭାରତର ମୁଣ୍ଡ ପିଛା ଇସ୍ପାତ ବ୍ୟବହାର ଆଗାମୀ ଦିନରେ ଦ୍ରୁତଗତିରେ ଅଭିବୃଦ୍ଧି ହେବାକୁ ଯାଉଛି । ଏହି ପୃଷ୍ଠଭୂମିରେ ଦେଶର ଇସ୍ପାତ ଶିଳ୍ପ ପାଇଁ ଏହା ଏକ ବଡ ସୁଯୋଗ ସୃଷ୍ଟି କରିବ। ସୋମବାର ନୂଆଦିଲ୍ଲୀଠାରେ ଇସ୍ପାତ ଶିଳ୍ପ ପକ୍ଷରୁ ଆୟୋଜିତ 'ଚିନ୍ତନ ଶିବିର' କର୍ମଶାଳାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ଇସ୍ପାତ୍ ହବ୍ କରିବା ପାଇଁ ଭାରତ ସରକାର କାର୍ଯ୍ୟ କରୁଛନ୍ତି। ଧୀରେ ଧୀରେ ବିକାଶ ଓ ଜୀବନଶୈଳୀ ମାମଲାରେ ବଡ ଡିଆଁ ମାରିବାକୁ ଭାରତବାସୀ ପ୍ରସ୍ତୁତ ବୋଲି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତିକୁ ଉଦ୍ଧୃତ କରିଛନ୍ତି। ଏହି ପୃଷ୍ଠଭୂମିରେ ଇସ୍ପାତ ଉତ୍ପାଦନ ଦେଶରେ ବଢୁଥିବା ବେଳେ ଆବଶ୍ୟକତା ଆଧାରରେ ଅଧିକ ଆଗକୁ ଯିବ। ଭାରତକୁ ୫ ଟ୍ରିଲିୟନ ୟୁଏସ୍ ଡଲାର ଅର୍ଥନୀତି କରିବା ପାଇଁ ଇସ୍ପାତ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ବର୍ତ୍ତମାନ ବିଶ୍ୱର ସବୁ କମ୍ପାନୀ ଭାରତ ସହିତ ବ୍ୟବସାୟ କରିବାକୁ ଚାହୁଁଛନ୍ତି । ଭାରତ ଇସ୍ପାତ କ୍ଷେତ୍ରରେ ବିଶ୍ୱରେ କିପରି ନେତୃତ୍ୱ ନେଇପାରିବ ବର୍ତ୍ତମାନ ବିଚାର କରିବାର ଆବଶ୍ୟକତା ରହିଛି। ଭାରତର ଇସ୍ପାତ୍ ଶିଳ୍ପକୁ ମୂଲ୍ୟ କମ୍ କରିବା, ନୂଆ ବ୍ୟବସାୟିକ ମଡେଲ ଏବଂ ଅନୁସନ୍ଧାନ ଓ ବିକାଶରେ କାର୍ଯ୍ୟ କରିବା ପାଇଁ ସୁନିଶ୍ଚିତ କରିବାକୁ ପଡିବ । 'ଭାରତର ପ୍ରାକୃତିକ ସମ୍ବଳରୁ ଜିରୋ ଉତ୍ପାଦନ' ଦୃଷ୍ଟାନ୍ତ ଉପରେ ସମସ୍ତ ଅଧିକାରୀଙ୍କୁ କାମ କରିବାର ଆବଶ୍ୟକତା ରହିଛି । ଇସ୍ପାତ ମୂଲ୍ୟ ବୃଦ୍ଧି ପାଇଁ ସରକାର ସମସ୍ତ ସହଯୋଗ ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି। ଏକ ବୃହତ୍ ଘରୋଇ ବଜାର ଏବଂ ଗତିଶୀଳ ଅର୍ଥନୀତି ସହିତ ଭାରତର ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ। ବର୍ତ୍ତମାନ ଆରମ୍ଭ ହୋଇଥିବା ଅଭିଯାନ ପରିପ୍ରେକ୍ଷୀରେ ଦେଶରେ ଇସ୍ପାତର ଠିକ୍ ବ୍ୟବହାରକୁ ବୃଦ୍ଧି କରିବା ଏବଂ ଅଧିକ ମଜଭୁତ୍ କରିବା ପାଇଁ ଇସ୍ପାତି ମନୋଭାବ ସହିତ କାମ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଭାରତୀୟ ଇସ୍ପାତ ଶିଳ୍ପର ବିକାଶ କରିବାକୁ କେନ୍ଦ୍ର ସରକାର ସହଯୋଗ କରିବା ପାଇଁ ପ୍ରତିବଦ୍ଧ ଅଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସକାଳୁ ସକାଳୁ ଆକସ୍ମିକ ଭାବରେ କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ। ସନ୍ତାନଙ୍କ କୃତି ଓ କୃତିତ୍ୱରେ ଖୁସି ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ**
ମାନସିକ ଅସ୍ଥିରତା ବୃଦ୍ଧି କରିବାରେ ନିଜର ବନ୍ଧୁମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅନ୍ୟ କାରଣ ହୋଇପାରେ। ସନ୍ତାନମାନଙ୍କ ସମସ୍ୟା ସମାଧାନର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି।

**ମିଥୁନ**
ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ପ୍ରିୟଜନମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାଂଗଠନିକ ସ୍ତରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉପସ୍ଥିତ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ବ୍ୟବସାୟ,ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ନିଜର ଚତୁଃପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ**
ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ତାହା ସାଧାରଣ ମନେ ହେବ, ଫଳରେ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ସଭାସମିତିରେ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ମଧ୍ୟ ପ୍ରଶଂସିତ ହେବେ। ମହାଜନୀ ଋଣ ପରିଶୋଧ କରିବା ସକାଶେ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ପରିବାରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ଚିନ୍ତିତ ହେବେ। ବହୁ କଷ୍ଟରେ କାର୍ଯ୍ୟସିଦ୍ଧି ଘଟିବା ସହ ଆର୍ଥିକ ସ୍ଥିତି କ୍ରମଶଃ ନିମ୍ନାଭିମୁଖୀ ହେବ।

**ତୁଳା**
କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ,ନଚେତ୍ ଅଯଥା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ସୁଖ ଶାନ୍ତି ରାଜୁତି କରିବ। ବ୍ୟବସାୟ ଓ ପରିବହନରେ,କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

**ବିଛା**
ଆଜିର ଯାତ୍ରା ସମୟରେ, ବନ୍ଧୁମିଳନରେ, ସଭା ସମିତିରେ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ। ପାରିବାରିକ ସମସ୍ୟା ସୁଧାରିବା କ୍ଷେତ୍ରରେ ସହଯୋଗର ଅଭାବ ରହିବ ନାହିଁ। ନିଜର ଭଳି ମନେ ହେଉଥିବା କେତେଜଣ ଲୋକ ଆପଣଙ୍କ ପାଇଁ ଅପପ୍ରଚାର ଚଳାଇପାରନ୍ତି।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। କୌଶଳ ପ୍ରୟୋଗକରି ବନ୍ଧୁମାନଙ୍କୁ ମନାଇ,ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ। ଭାବିଚିନ୍ତି କାମ କରନ୍ତୁ, ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବ। ଆଜି ହଠାତ୍ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବା ସମ୍ଭାବନା ରହିଛି।

**ମକର**
ଅଭାବ ଲାଗି ରହିଥିଲେ ମଧ୍ୟ ଧାରକରଜ କରି କାମ ତୁଲାଇନେବେ। ଈର୍ଷାପରାୟଣ ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଯାନବାହନରେ ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ। ପରିବାରରେ ମତପାର୍ଥକ୍ୟ କାରଣରୁ ଅଶାନ୍ତି ଉପୁଜିବ।

**କୁମ୍ଭ**
ଆପଣଙ୍କ କାମ ହାସଲରେ ବନ୍ଧୁଙ୍କ ବାଚନିକ ସାହାଯ୍ୟ ସାମାନ୍ୟ ସହାୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। ଜମିଜମା କାରବାରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ସକାଳୁ ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ। ନିଜ ଲୋକମାନଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରି ପାରନ୍ତି। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବଶତଃ ଅନ୍ୟ ବାଟରେ ବ୍ୟୟ ହେବ।

ଆଜି ଆଶ୍ୱିନ କୃଷ୍ଣ ଦଶମୀ ମଙ୍ଗଳବାର, ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ, ସେପ୍ଟେମ୍ବର ୨୪ ତାରିଖ, ପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ,ରାଶି ନକ୍ଷତ୍ର-ଦିବା ଘ୧୧।୦୩ମି. ମଧ୍ୟେ ପୁନର୍ବସୁ/କର୍କଟ, ମକର ରାଶିର ଘାତବାର, ଦଶମୀର ଶ୍ରାଦ୍ଧ। ଘ୬।୨୮ମି. ମଧ୍ୟେ ଘ୭।୧୫ମି. ଗତେ, ଘ୧୧।୧୨ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ ଘ୪।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୩୮ମି. ଗତେ ଘ୪।୦୮ମି. ମଧ୍ୟେ ରାହୁକାଳ।

**classifieds Everyday**
0674-2580101, 2549302

real estate

**SALE**

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871. D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

1BHK simplex 9,99,000/- corehouse Bhingarpur, plot 300sqft., Atala. 8249125856. D-67073

Pay 1.5 lakh book a 1BHK flat at best tourist zone Puri and get all modern home accessories free. 9437929773. D- 14483

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

**ACCOMMODATION**

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

packers & movers

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D-67395

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Kajal ayurvedic massage club fully relaxed by smart lady, home service available. 9937637219. D-66969

Refresh your mind and soul with best therapy at Orchid Salon/ Spa. 9937287222. D-66970

**BUSINESS**

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

astrology

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**LOST**

Sworn before the Notary Public, Sundargarh, I Babuli Behera, S/o Late Harekrushna Behera, resident of Village / Post-Bandhapali, P.S./ Dist.-Sundargarh hereby declare that while I was going to Sundargarh on dt. 15.09.2019 I have lost my original saledeed No. 795/1996 of DSRO Sundargarh, ROR khata No. 307/231 of mouza Bandhapali. I am not responsible for anything if anybody use the said document. D-14482

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗଙ୍ଗାଧର ବେହେରା




ଶାଶ୍ୱତୀ ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆବେଦନ ପତ୍ର କମିଟିର ତୃତୀୟ ବୈଠକ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ବିଧାନସଭା ଆବେଦନ ପତ୍ର କମିଟି (୨୦୧୯-୨୦)ର ତୃତୀୟ ବୈଠକ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାନସଭା ସଚିବାଳୟ କମିଟି ପ୍ରକୋଷ୍ଠ ନଂ ୫୫ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସମ୍ପର୍କିତ ବକେୟା ଆବେଦନ ଓ ନିବେଦନ ପତ୍ରଗୁଡ଼ିକ ଉପରେ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରାଯାଇଛି। ଏହି ବୈଠକରେ କମିଟି ସଦସ୍ୟ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରଶାନ୍ତ କୁମାର ବେହେରା, ବିଷ୍ଣୁବ୍ରତ ରାଉତରାୟ, ପ୍ରକାଶ ସୋରେନ୍ ଓ ଦାଶରଥି ଗମାଙ୍ଗୋ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

■ କଟକ ସିରିଏଲ୍ ହତ୍ୟା ଘଟଣାରେ ଗୃହସଚିବଙ୍କୁ ନୋଟିସ

# କ'ଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ ଅଫିସ, ୨୩।୯

କଟକ ସିରିଏଲ୍ ହତ୍ୟା ଘଟଣାରେ ସୋମବାର ହାଇକୋର୍ଟ ରାଜ୍ୟ ଗୃହ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ନାରାୟଣ ସାହୁଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ପକ୍ଷରୁ ସିସିଟିଭି ଫୁଟେଜ ଜବତ ପାଇଁ ଆବେଦନ କରାଯାଇଥିଲା। ଏହି ଆବେଦନର ଶୁଣାଣି କରି ବିଚାରପତି ଶତ୍ରୁଘ୍ନ ପୂଜାହାରୀଙ୍କ ଖଣ୍ଡପୀଠ ଗୃହ ସଚିବଙ୍କୁ ଆସନ୍ତା ଶୁକ୍ରବାର ସୁଦ୍ଧା ସିସିଟିଭି ଫୁଟେଜ ଜବତ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହାର ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଜୁଲାଇ ୨୪ରେ କଟକ ସହରରେ ୩ଜଣ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଥିଲା। ଏହି ମାମଲାରେ କମିଶନରେଟ୍ ପୋଲିସ ନୟାଗଡ଼ ଅଞ୍ଚଳର ନାରାୟଣ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାରାୟଣ ଓଏମ୍‌ପି ଅଞ୍ଚଳରେ ଘଟିଥିବା ଦୁଇଟି ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ପୋଲିସ କହିଥିଲା। ତେବେ ସ୍ୱାମୀଙ୍କୁ ନିର୍ଦ୍ଦୋଷ ଦର୍ଶାଇ ଗୀତାଞ୍ଜଳି କଟକ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଜିଲା ଦୌରାଜଜ୍ ଏହି ମାମଲାକୁ ଖାରଜ କରି ଦେଇଥିବାବେଳେ ଗୀତାଞ୍ଜଳି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ସିଆରଏଲ୍ଏମ୍‌ସି ୨୩୧୧/୨୦୧୯ରେ ଏହି ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ ଦିନ ନାରାୟଣ ନୟାଗଡ଼ର ସୁନାମୁହିଁରେ ଥିଲେ। ତେଣୁ ଏହିଠାରେ ଥିବା ଏକ ବ୍ୟାଙ୍କର ସିସିଟିଭିରେ ନାରାୟଣ ଚାଲବୁଲ କରୁଥିବାର ଦୃଶ୍ୟ ରହିଥିଲା। ଏହା ପୂର୍ବଦିନ ନାରାୟଣ ଭୁବନେଶ୍ୱର ସାଲିଆସାହି ଅଞ୍ଚଳରେ ତାଙ୍କ ଭଉଣୀ ଘରେ ଥିଲେ। ତେଣୁ ସାଲିଆସାହି ସ୍ଥିତ ଏକ ମଦ ଦୋକାନ ଏବଂ ସୁନାମୁହିଁ ବ୍ୟାଙ୍କର ସିସିଟିଭି ଫୁଟେଜକୁ ଜବତ କରାଯାଉ ବୋଲି ଗୀତାଞ୍ଜଳି ଆବେଦନରେ ଦର୍ଶାଇଥିଲେ। ଗୀତାଞ୍ଜଳିଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

# ଆଉ ଦୁଇଦିନ ଛେଚିବ, ୭ ଜିଲାକୁ ଏଲୋ୍ୱାର୍ନିଂ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଆରବ ସାଗରରେ ଏକ ବାତ୍ୟା ସୃଷ୍ଟି ହୋଇଛି। ବଙ୍ଗୋପସାଗରରୁ ସ୍ଥଳଭାଗ ଆଡ଼କୁ ବାୟୁ ପ୍ରବାହ ହେଉଛି। ଏହାର ପ୍ରଭାବରେ ରାଜ୍ୟର ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଅଞ୍ଚଳର କେତେକ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟ ହେଉଛି। ମଙ୍ଗଳବାର ବର୍ଷା ପରିମାଣ ବହୁମାତ୍ରାରେ ବୃଦ୍ଧି ପାଇବା ସମ୍ଭାବନା ରହିଛି। ଆସନ୍ତା ୨୬ ତାରିଖ ଯାଏ ଘଡ଼ଘଡି ସହ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଭ୍ୟନ୍ତୀରଣ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କେନ୍ଦ୍ରାପଡ଼ା, ଭଦ୍ରକ, କଟକ, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଏଲୋ୍ୱାର୍ନିଂ ଜାରି କରିଛି। ସେହିପରି ୨୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, କଟକ, ଖୋର୍ଦ୍ଧା, କନ୍ଧମାଳ ଏବଂ ଗଞ୍ଜାମ ଜିଲାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ, ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୯.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ଚାନ୍ଦବାଲି ୩୩.୫, ପାରାଦୀପ ୧୦.୩, ଭୁବନେଶ୍ୱର ୯.୭, ଗୋପାଳପୁର ୭.୬, ବାରିପଦା ୬.୪, ଝାରସୁଗୁଡା ୨୩.୨, କେନ୍ଦୁଝର ୨.୯, ତାଳଚେର ୩୦ ଏବଂ ଭବାନୀପାଟଣାରେ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ନର୍ସିଂହୋମରେ ପ୍ରସୂତିଙ୍କୁ ବଳାତ୍କାର ଉଦ୍ୟମ

ଭଦ୍ରକ ଅଫିସ, ୨୩।୯

ଭଦ୍ରକ ଟାଉନ ଥାନା ଅଧୀନ ଗାନ୍ଧୀପଡ଼ିଆସ୍ଥିତ ଏକ ନର୍ସିଂହୋମରେ ରବିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ପ୍ରସୂତିଙ୍କୁ ଇଞ୍ଜେକ୍ସନ ଦେବା ବାହାନାରେ ଫାର୍ମାସିଷ୍ଟ ବଳାତ୍କାର ଉଦ୍ୟମ କରି ଟାଉନ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଗିରଫ ଫାର୍ମାସିଷ୍ଟ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ଧର୍ମଦ୍ୱାର ଗାଁର ମନୋଜ କୁମାର ସାହୁ। ଏ ନେଇ ଟାଉନ ଥାନାରେ ମାମଲା(ନଂ.୨୮୫/୧୯) ରୁଜୁ କରାଯାଇ ମନୋଜଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି।

# ଅକ୍ଟୋବର ୧ରୁ ଲାଗୁ ହେବ ସଂଶୋଧିତ ପେନ୍‌ସନ ନିୟମ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଚାକିରିରେ ଯୋଗ ଦେବାର ୭ ବର୍ଷ ମଧ୍ୟରେ ଯଦି କୌଣସି ସରକାରୀ କର୍ମଚାରୀଙ୍କର ମୃତ୍ୟୁ ହୁଏ ତେବେ ତାଙ୍କର ନିକଟ ସମ୍ପର୍କୀୟଙ୍କୁ ଶେଷ ଦରମାର ବର୍ଦ୍ଧିତ ୫୦ ପ୍ରତିଶତ ହାରରେ ୧୦ ବର୍ଷ ପର୍ଯ୍ୟନ୍ତ ପାରିବାରିକ ପେନସନ ଆକାରରେ ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରଶାସନିକ ସେବା(ପେନସନ) ନିୟମାବଳୀ-୧୯୭୨ର ସେକ୍ସନ ୫୪ରେ ପରିବର୍ତ୍ତନ କରିଛନ୍ତି।

ପେନସନ ରୁଲ୍ ଅନୁଯାୟୀ କର୍ମଚାରୀ ୭ ବର୍ଷ ପୂରଣ କରିଥିଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ଶେଷ ଦରମାର ୫୦ ପ୍ରତିଶତ ୧୦ ବର୍ଷ ପର୍ଯ୍ୟନ୍ତ ଦିଆଯାଇଥାଏ। ଏହା ପରେ ୩୦ ପ୍ରତିଶତ ହାରରେ ପେନସନ ଦେବାର ବ୍ୟବସ୍ଥା ରହିଛି। ତେବେ ଚାକିରି କରିବାର ୭ ବର୍ଷ ମଧ୍ୟରେ ମୃତ୍ୟୁ ହେଲେ ଶେଷ ଦରମାର ୩୦ ପ୍ରତିଶତ ପାରିବାରିକ ପେନସନ ଆକାରରେ ମିଳିଥାଏ। ଏହି ପରିପ୍ରେକ୍ଷୀରେ ମୃତ କର୍ମଚାରୀଙ୍କ ସମ୍ପର୍କୀୟ ବର୍ଦ୍ଧିତ ଶେଷ ଦରମାର ୫୦ ପ୍ରତିଶତ ହାରରେ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହୋଇ ନ ଥାଆନ୍ତି। କେନ୍ଦ୍ର ସରକାର ହୃଦ୍‌ବୋଧ କରିଛନ୍ତି ଯେ ଜଣେ ବ୍ୟକ୍ତି ଚାକିରି ଆରମ୍ଭରେ କମ୍ ଦରମା ପାଇଥାଆନ୍ତି। ସେଥିପାଇଁ ମୃତ କର୍ମଚାରୀଙ୍କ ପରିବାରକୁ ବର୍ଦ୍ଧିତ ଆକାରରେ ପାରିବାରିକ ପେନସନ ଦେବାର ଆବଶ୍ୟକତା ରହିଛି। ଏହି ନୂତନ ପେନସନ ବ୍ୟବସ୍ଥା ଆସନ୍ତା ଅକ୍ଟୋବର ୧ରୁ ଲାଗୁ କରାଯିବ। ଏହି ତାରିଖର ୧୦ ବର୍ଷ ପୂର୍ବରୁ ଚାକିରିକାଳ ୭ ବର୍ଷ ପୂରଣ କରି ପାରି ନ ଥିବା ମୃତ କର୍ମଚାରୀଙ୍କ ପରିବାରଙ୍କୁ ମଧ୍ୟ ୧୦ ବର୍ଷ ଲାଗି ବର୍ଦ୍ଧିତ ହାରରେ ପାରିବାରିକ ପେନସନ ମିଳିବ। ତେବେ ଏହି ସୁବିଧା ସମ୍ପୃକ୍ତ ପରିବାର ୨୦୧୯ ଅକ୍ଟୋବର ପହିଲାରୁ ପାଇ ପାରିବେ। ଚାକିରିରେ ଯୋଗ ଦେବାର ୭ ବର୍ଷ ମଧ୍ୟରେ ଦୁର୍ଭାଗ୍ୟଜନକ ଭାବେ ମୃତ୍ୟୁବରଣ କରୁଥିବା କେନ୍ଦ୍ରୀୟ ସଶସ୍ତ୍ର ଆରକ୍ଷୀ ବାହିନୀ(ସିଏପିଏଫ) କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀଙ୍କ ପରିବାର ଏହି ନୂତନ ସଂଶୋଧିତ ନିୟମ ଅନୁଯାୟୀ ପେନସନ ପାଇବେ।

## ବାଚସ୍ପତିଙ୍କ କାମ୍ପାଲା ଯାତ୍ରା

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ୬୪ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସମ୍ମିଳନୀରେ ଯୋଗଦେବା ପାଇଁ ଉଗାଣ୍ଡାର ରାଜଧାନୀ କାମ୍ପାଲା ଅଭିମୁଖେ ଯାତ୍ରା କରିଛନ୍ତି । ଆସନ୍ତା ୨୪ରୁ ୨୯ତାରିଖ ପର୍ଯ୍ୟନ୍ତ ବାଚସ୍ପତି ପାତ୍ର ସେଠାରେ ଅବସ୍ଥାନ କରିବେ। ଏହାପରେ ସେ ଅଧ୍ୟୟନ ଗସ୍ତରେ ହଙ୍ଗେରୀ, ପୋଲାଣ୍ଡ ଓ ଚେକୋସ୍ଲୋଭାକିଆ ଯାତ୍ରା କରିବେ । ଅକ୍ଟୋବର ୭ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ସହିତ ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ୍ୟ ଗସ୍ତରେ ଯାଇଥିବା ଜଣାପଡିଛି।






ନନ୍ଦନକାନନକୁ ଚଡ଼କ

# ଶେଷ ହେଲା ନୀଳଗିରି ବାନର ବଂଶ

ବାରଙ୍ଗ,୨୩।୯(ଡି.ଏନ.ଏ.)

ଗତ କିଛିଦିନ ହେବ ନନ୍ଦନକାନନରେ ଦୁଃଖଦ ଘଟଣା ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଜୀବଜନ୍ତୁ ଦିନକୁ ଦିନ କମିବାରେ ଲାଗିଛନ୍ତି। ରବିବାର ଗୋଟିଏ ବେଲେରା ମୂଷାର ମୃତ୍ୟୁ ହୋଇଥିବାବେଳେ ସୋମବାର ସକାଳେ ଏକ ମାଈ ନୀଳଗିରି ବାନରର ମୃତ୍ୟୁ ହୋଇଛି। ଏକମାତ୍ର ଥିବା ଏହି ନୀଳଗିରି ବାନରର ମୃତ୍ୟୁ ପରେ ଏମାନଙ୍କର ବଂଶ ଲୋପପାଇଛି। ଗତ ୨୦ତାରିଖରୁ ଏକୁଟିଆ ଥିବା ମାଈ ବାନରଟି ଅସୁସ୍ଥ ରହିଥିଲା। ଖାଇବା କମାଇବା ସହ ଫଳ ଆହର ସମ୍ପୂର୍ଣ୍ଣ ରୂପେ ତ୍ୟାଗ କରିଥିଲା। ଏପରିକି ଝାଡ଼ା ଓ ପରିସ୍ରା ମଧ୍ୟ ହୋଇ ନ ଥିଲା। ସୁସ୍ଥଭାବେ ବିଚରଣ କରୁଥିବା ବାନରଟିର ହଠାତ ଏଭଳି ଅସୁସ୍ଥ ହୋଇପଡିବା ଘଟଣା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଖବରପାଇ



ନନ୍ଦନକାନନର ଡାକ୍ତରମାନେ ଆସି ତା'ର ଚିକିତ୍ସା ଆରମ୍ଭ କରିଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ଉନ୍ନତି ଘଟି ନ ଥିଲା। ଫଳରେ ବାନରକୁ ରବିବାର ଏନ୍‌କ୍ଲୋଜର ୬୮ରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନଙ୍କ ନଜରବନ୍ଦିରେ ରଖି ଚିକିତ୍ସା ସତ୍ତ୍ୱେ ସୋମବାର ତା'ର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଜଣାପଡି ନାହିଁ। ଏମାନେ ପ୍ରାୟତଃ ଦକ୍ଷିଣଭାରତର ପଶ୍ଚିମଘାଟ ପର୍ବତମାଳାର ନୀଳଗିରି ପାହଡି ଜଙ୍ଗଲରେ ଦେଖାଯାଆନ୍ତି। ଚିକ୍କଣ, କଳାଲୋମଯୁକ୍ତ ଏହି ବାନରଟି ଦଳବଦ୍ଧ ହୋଇ ରହିବାକୁ ଭଲପାଇଥାଏ। ବର୍ଷର ଆରମ୍ଭ ଓ ଶେଷ ସମୟରେ ସନ୍ତାନ ଜନ୍ମ କରିବା ଏମାନଙ୍କର ବିଶେଷତ୍ୱ ରହିଥାଏ। ୨୦୧୭ ସେପ୍ଟେମ୍ବର ୨୬ରେ ଚେନ୍ନାଇରୁ ହଳେ ନୀଳଗିରି ବାନର ନନ୍ଦନକାନନକୁ ଆସିଥିଲା। ୩୧ ମେ ୨୦୧୯ରେ ଅଣ୍ଡିରା ବାନରଟି ମୃତ୍ୟୁ କରିଥିଲା। ସାଥୀ ହରାଇ ମାଈ ବାନରଟି ଏକାଥିବାବେଳେ ଏକ ଛୁଆ ଜନ୍ମ କରିଥିଲା। କିନ୍ତୁ ସେ ମଧ୍ୟ ଅଳ୍ପଦିନ ମଧ୍ୟରେ ମୃତ୍ୟୁ କରିଥିଲା। ସେହିଦିନଠାରୁ ମାଈ ବାନରଟି ଏକୁଟିଆ ଥିଲେ ମଧ୍ୟ ବେଶି ଦିନ ବଞ୍ଚିପାରି ନ ଥିଲା।

■ କୋଇଲା ଉଦ୍ୟୋଗରେ ଏଫ୍‌ଡିଆଇକୁ ବିରୋଧ

# ତାଳଚେରରେ ଖଣି ବନ୍ଦ ଆନ୍ଦୋଳନ

ତାଳଚେର,୨୩।୯(ନି.ପ୍ର.)

କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍‌ଡିଆଇ)କୁ ବିରୋଧ ସହ ତୁରନ୍ତ ଏହାର ପ୍ରତ୍ୟାହାର ଦାବିରେ ସୋମବାର ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ପକ୍ଷରୁ ତାଳଚେରରେ ଖଣିବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ, କଣିହାଁ ସମେତ ୯ ଗୋଟି ଖଣିରେ କୋଇଲା ଉତ୍ତୋଳନ, ପରିବହନ ଠପ୍ ହୋଇଯାଇଛି। ଏଥିଯୋଗୁ ରାଜ୍ୟ ଓ ରାଜ୍ୟ ବାହାର ସମେତ ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ବ୍ୟାହତ ହୋଇଛି।

ପ୍ରକାଶ ଯେ, କୋଇଲା ଉଦ୍ୟୋଗରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ନେଇ କେନ୍ଦ୍ର ସରକାରଙ୍କ ଘୋଷଣା ପରେ ବିଭିନ୍ନ ଶ୍ରମ ସଙ୍ଗଠନ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତୁରନ୍ତ ଏହାକୁ ପ୍ରତ୍ୟାହର ପାଇଁ ଶ୍ରମ ସଙ୍ଗଠନ ଗୁଡିକ ପକ୍ଷରୁ ଜନଜାଗରଣ, ବିକ୍ଷୋଭ, ଧାରଣା ଦିଆଯାଇ ଆସୁଥିଲା। କିନ୍ତୁ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ବିଏମ୍ଏସ୍ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଛି। ଆନ୍ଦୋଳନକାରୀମାନେ ସକାଳ ଠାରୁ ବିଭିନ୍ନ କୋଇଲା ଖଣିର ଜେନେରାଲ ମ୍ୟାନେଜରଙ୍କ ଅଫିସ, ପ୍ରକଳ୍ପ ଅଧିକାରୀଙ୍କ ଅଫିସ, ଟାଇମ ଅଫିସ ନିକଟରେ ରହି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଖଣି କାର୍ଯ୍ୟକୁ ବନ୍ଦ କରାଇଛନ୍ତି। ଫଳରେ ଏମ୍‌ସିଏଲ୍‌ର ଏଠାରେ ଥିବା ସମସ୍ତ ୯ ଗୋଟି କୋଇଲା ଖଣିରେ କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି। କୋଇଲା ମହାସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବାଦଲ ମହାରଣା, ବିଏମ୍ଏସ୍‌ର ସାଧାରଣ ସମ୍ପାଦକ ସଞ୍ଜୟ ମାଝି, ଅରୁଣ କୁମାର ପ୍ରଧାନ, ବିଜୟ କୁମାର ସାହୁ ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି।



ଏମ୍‌ସିଏଲ୍‌ର ଲିଙ୍ଗରାଜ ଖଣି ସମ୍ମୁଖରେ ଆନ୍ଦୋଳନ ଚାଲିଛି।

## ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ଜଗତ୍‌ସିଂହପୁର ଅଫିସ,୨୩।୯:** ୨୦୧୭ରେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର କରାଯିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ମାମଲାର ବିଚାର କରି ଜଗତ୍‌ସିଂହପୁର ସ୍ପେଶାଲ ଟ୍ରାକ୍ କୋର୍ଟ(ଏସ୍‌ଟିସି) ବିଚାରପତି ମାହେଶ୍ୱତା ପରିଜା ଅଭିଯୁକ୍ତ ନିରଞ୍ଜନ ଦାସ (୪୬)ଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ସୁବାସ ଭୂଷଣ ମହାପାତ୍ର ସୂଚନା ଦେଇ କହିଛନ୍ତି ଯେ, ୨୦୧୭ ମେ ୬ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟାରେ ଯୁବତୀ(୧୮)ଙ୍କ ମା' ଆଧାର କାର୍ଡ ସଂଶୋଧନ ପାଇଁ ନିକଟସ୍ଥ ଏକ ବ୍ୟାଙ୍କକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ନିରଞ୍ଜନ ସେଠାକୁ ଯାଇ ଯୁବତୀଙ୍କ ପାଟି ବାନ୍ଧି ବଳାତ୍କାର କରିଥିଲେ। ଏଥିସହ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ଚେତାବନୀ ଦେଇଥିଲେ। ଏହି ସମୟରେ ଯୁବତୀଙ୍କ ମା' ଓ ସାନଭାଇ ସେଠାରେ ପହଞ୍ଚିଯାଇଥିଲେ। ନିରଞ୍ଜନ ଯୁବତୀଙ୍କ ସାନଭାଇଙ୍କୁ ମାଡ଼ ମାରି ଧାଇଁ ପଳାଇଥିଲେ। ପରେ ପୀଡିତାଙ୍କ ମା' ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ମାମଲା ନଂ.୧୧୯/୧୭ ରୁଜୁ କରି ତଦନ୍ତ କରିଥିଲା। ଦଫା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହି ମାମଲାରେ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।


ଓଡ଼ିଶା ସରକାର

**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

ଧାନ ସଂଗ୍ରହ ବର୍ଷ **2019-20**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ

**ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ**

(ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ)

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ 17 ସେପ୍ଟେମ୍ବରରେ ଶେଷ ହୋଇଛି ।
- ସଂଗୃହୀତ ଦରଖାସ୍ତଗୁଡିକର ପେକ୍ସ/ଲ୍ୟାମ୍ପ୍ସ ଆଦିରେ ଅନଲାଇନ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ କରାଯିବା ପ୍ରକ୍ରିୟା (ଡିଜିଟାଇଜେସନ) 22 ସେପ୍ଟେମ୍ବରରେ ଶେଷ ହୋଇଛି ।

✓ ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.**1.9.2019** ରୁ ତା.**22.9.2019** ରିଖ ମଧ୍ୟରେ କମ୍ପ୍ୟୁଟରୀକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।

✓ ଏହି ତଥ୍ୟ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମ୍ପୃକ୍ତି ସମିତି, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ତା.**25.9.2019** ରୁ **30.9.2019** ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ ।

✓ ସବିଶେଷ ତଥ୍ୟ ସମ୍ପୃକ୍ତ ପଞ୍ଜିକରଣକାରୀ ପେକ୍ସ/ଲ୍ୟାମ୍ପ୍ସ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜିକୃତ ଚାଷୀ/ ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ ।

✓ ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ତା.**3.10.2019** ସୁଦ୍ଧା ଦରଜ କରିପାରିବେ ।

- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ହେବ ।
- ଆଗ୍ରହୀ ନାଗରିକଙ୍କୁ ସବିଶେଷ ପଞ୍ଜିକୃତ ତଥ୍ୟ ଜାଣିବା ପାଇଁ ପେକ୍ସ/ଲ୍ୟାମ୍ପ୍ସ ଆଦି ଆବଶ୍ୟକୀୟ ସୁଯୋଗ ଦେବେ ।
- ସମିତି ସମ୍ପାଦକ/ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ/କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ ।
- ଏକ ନିର୍ଭୁଲ ଓ ସତ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ ।

> ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହିଁ।
>
> -ଶ୍ରୀମା

# ପିଆଜ ଲୁହ

ପାକିସ୍ତାନରେ ଗତ ମାସ ପିଆଜ ଦର ୩୦୦ ଟଙ୍କା ଉପରକୁ ଚାଲିଯାଇଥିଲା। ସେତେବେଳେ ଭାରତରେ ଆଲୋଚନା ହେଲା ଯେ, ସେଠାକାର ଖାଉଟି ହନ୍ତସନ୍ତ ହୋଇଯାଉଥିବେ। କେତେକେ ମତ ଦେଇଥିଲେ ଯେ ପାକିସ୍ତାନ ଅର୍ଥନୀତି ଦବିଯିବା ଓ ଭାରତରୁ ରପ୍ତାନି ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଏବେ ଭାରତରେ ପିଆଜ ଦର ଦିନକୁ ଦିନ ବଢ଼ିବାରେ ଲାଗିଛି। ଦିଲ୍ଲୀରେ ପିଆଜ କିଲୋ ପ୍ରତି ୮୦ ଟଙ୍କା ଛୁଇଁଥିଲା ବେଳେ ଓଡ଼ିଶାରେ ୬୦ ଟଙ୍କା ହେଲାଣି। ମହାରାଷ୍ଟ୍ର, କର୍ନାଟକ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଆଦି ରାଜ୍ୟରେ ପିଆଜ ଉତ୍ପାଦନ ଅଧିକ ପରିମାଣରେ ହୋଇଥାଏ। ଏହିସବୁ ରାଜ୍ୟରେ ମୌସୁମୀ ବର୍ଷା ଅତ୍ୟଧିକ ହେବାରୁ ପିଆଜ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଓଡ଼ିଶାକୁ ମୁଖ୍ୟତଃ ମହାରାଷ୍ଟ୍ରର ନାସିକରୁ ଏହା ଆମଦାନୀ ହୋଇଥାଏ। ଏହାଛଡ଼ା ଆନ୍ଧ୍ରପ୍ରଦେଶ ଓ କର୍ନାଟକରୁ ମଧ୍ୟ ପିଆଜ ଅଣାଯାଇଥାଏ। ପିଆଜ ପରିବହନ ବେଳେ ବର୍ଷା ପାଣି ପଶି ସେଗୁଡ଼ିକୁ ନଷ୍ଟ କରିଦେଉଥିବାରୁ ଯୋଗାଣକାରୀମାନେ ଅନ୍ୟ ରାଜ୍ୟକୁ ପଠାଇପାରୁ ନାହାନ୍ତି। ଫଳରେ ଏହାର ସୁଯୋଗ ନେଇ ମହଜୁଦକାରୀମାନେ କଳାବଜାର ଆରମ୍ଭ କରିଦେଉଛନ୍ତି। ନୂଆ ପିଆଜ ବଜାରକୁ ଆସିବା ପର୍ଯ୍ୟନ୍ତ ପରିସ୍ଥିତିରୁ ଅଧିକ ଲାଭ ଉଠାଇବା ପାଇଁ ବ୍ୟବସାୟୀମାନେ ସୁଯୋଗ ଖୋଜିଚାଲିବେ।

ଆଳୁ ଓ ପିଆଜ ଦରକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାଇସ୍ ଷ୍ଟାବିଲାଇଜେଶନ ଫଣ୍ଡ୍ (ପିଏସ୍ଏଫ୍) ଗଠନ କରିବାକୁ କେନ୍ଦ୍ର ସରକାର ୨୦୧୫ରେ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ କୋଟି ଟଙ୍କା ଲେଖାଏ ରଖିବାର ବ୍ୟବସ୍ଥା କରାଯାଇଥିଲା। କୁହାଯାଇଥିଲା, ଅଗଷ୍ଟ ପୂର୍ବରୁ ରାଜ୍ୟ ସରକାର ପ୍ରାଥମିକ ସମବାୟ ସମିତି ଜରିଆରେ ଚାଷୀଙ୍କଠାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆଳୁ, ପିଆଜ ଓ ଡାଲିଜାତୀୟ ଶସ୍ୟ ଗଚ୍ଛିତ ରଖିବେ। ଯେତେବେଳେ ଅଭାବ ପରିସ୍ଥିତି ଦେଖାଦେବ, ସେତେବେଳେ ଉକ୍ତ ସାମଗ୍ରୀକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ବିକ୍ରି ପାଇଁ ବଜାରକୁ ଛଡ଼ାଯିବ। ଇତିମଧ୍ୟରେ ପାଣ୍ଠି ଗଠନ ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ବ୍ୟବହାର କରାଯାଉ ନାହିଁ। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଏଭଳି ପାଣ୍ଠି ମାଧ୍ୟମରେ ଖାଦ୍ୟ ସାମଗ୍ରୀ ବିଶେଷକରି ପଚନଶୀଳ ଦ୍ରବ୍ୟର ଦର ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର। ମଧ୍ୟସ୍ଥ ବ୍ୟବସାୟୀ ସିଧାସଳଖ ଚାଷୀଙ୍କୁ ଋଣ ଆକାରରେ ଆଗୁଆ ଅର୍ଥ ଯୋଗାଇ ସେମାନଙ୍କ ସମ୍ପୂର୍ଣ୍ଣ ଉତ୍ପାଦକୁ କିଣିନିଅନ୍ତି। ବର୍ଷା କିମ୍ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟରୁ ଯେତେବେଳେ ଚାଷୀର କ୍ଷତି ଘଟେ, ସେତେବେଳେ ଏହି ବ୍ୟବସାୟୀମାନେ ମଧ୍ୟ କ୍ଷତିର ସମ୍ମୁଖୀନ ହୁଅନ୍ତି। ଅନ୍ୟପଟେ ସେମାନେ ପୂର୍ବରୁ ଠୁଳ କରି ରଖିଥିବା ସାମଗ୍ରୀକୁ ଉଚ୍ଚ ଦରରେ ବିକ୍ରି କରି ଅତ୍ୟଧିକ ଲାଭ ଉଠାଇବାକୁ କୁଣ୍ଠାବୋଧ କରନ୍ତି ନାହିଁ। ଏହି ବ୍ୟବସାୟରେ ସରକାର କେତେ ପରିମାଣରେ ହସ୍ତକ୍ଷେପ କରିପାରିବେ, ତାହା ସ୍ପଷ୍ଟ କହିବା କଷ୍ଟକର। ଚାହିଦା ଓ ଯୋଗାଣ ଶୃଙ୍ଖଳରେ ଚାଷୀର କୌଣସି ଲାଭ ହୁଏ ନାହିଁ। ବଜାରରେ ପିଆଜ ଦର ବୃଦ୍ଧି ଘଟିଲେ କେବଳ ବେପାରୀ ଲାଭବାନ ହୋଇଥାଆନ୍ତି। ଏହାସହିତ ଚାଷରୁ ଦୂରେଇ ଯାଉଥିବା ଭାରତୀୟ ଯୁବପିଢ଼ି ଏହି ସମସ୍ୟାକୁ ଅଧିକ ଜଟିଳ କରୁଛନ୍ତି। ଆଧୁନିକତାର ସ୍ପର୍ଶ ପାଇ ଯୁବପିଢ଼ି କୃଷିରେ ଲାଭ ଦେଖୁନାହାନ୍ତି। ଯେପର୍ଯ୍ୟନ୍ତ କୃଷି ମାଧ୍ୟମରେ ଚାଷୀ ତା' ଜୀବନର ମାନବୃଦ୍ଧି କରିବାରେ ଅସଫଳ ହେବ, ସେପର୍ଯ୍ୟନ୍ତ ଭାରତରେ ଚାଷ କରିବା ପାଇଁ ଯୁବପିଢ଼ି ଆଗ୍ରହ ଦେଖାଇବେ ନାହିଁ।

ଚାଇନା ଉତ୍ପାଦକ ରାଷ୍ଟ୍ର ଭାବେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିବା ସହ କୃଷିକୁ କେତେ ଗୁରୁତ୍ୱ ଦେଉଛି ତାହାର ଏକ ଦୃଷ୍ଟାନ୍ତ ଏବେ ଦୃଷ୍ଟିକୁ ଆସିଛି। ସେଠାକାର କୃଷି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପଢ଼ା ସମୟରେ ମାସେ କୃଷକଙ୍କ ଘରେ ରହି ନୂତନ ପଦ୍ଧତିର ଚାଷ ପ୍ରଣାଳୀ ଶିଖାଇବା ଲାଗି ପାଠ୍ୟକ୍ରମରେ ଏହାକୁ ସନ୍ନିବେଶିତ କରାଯାଇଛି। ଅନ୍ୟପକ୍ଷରେ ଭାରତରେ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ କୃଷି ସଂକ୍ରାନ୍ତ ଗବେଷଣାର ଘୋର ଅଭାବ ଦେଖାଦେଉଛି। ସେଥିପାଇଁ ସୀମିତ ଜମିରେ ଯଥେଷ୍ଟ ଖାଦ୍ୟ ଉତ୍ପାଦନ କରାଯିବା ସମ୍ଭବପର ହେଉନାହିଁ। ଏହା ସତ୍ୟ ଯେ, ଭାରତରେ ଧାନ ଏବଂ ଗହମ ଫସଲ ଯଥେଷ୍ଟ ହୋଇପାରୁଛି। ଏବେ ମଧ୍ୟ ଡାଲିଜାତୀୟ ଏବଂ ତୈଳବୀଜ ଜାତୀୟ ଖାଦ୍ୟଶସ୍ୟ ବିଦେଶରୁ ଆମଦାନୀ କରିବାକୁ ପଡୁଛି। ଯଦି ଆଜିକାର ପରିସ୍ଥିତି ଲାଗିରହେ, ତେବେ ଗହମ ଓ ଧାନର ଉତ୍ପାଦନ ହ୍ରାସ ପାଇବା ଏକପ୍ରକାର ନିଶ୍ଚିତ। ଏବେ ନ ହେଲେ ମଧ୍ୟ ନିକଟ ଭବିଷ୍ୟତରେ ଖାଦ୍ୟଶସ୍ୟର ଅଭାବ ଏ ଦେଶରେ ଦେଖାଦେବ। ସେଥିପାଇଁ ଶୀତଳଭଣ୍ଡାର ନିର୍ମାଣ ସହିତ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ବିଲରେ ପ୍ରୟୋଗ କରି ଚାଷୀର ଜୀବନକୁ ସହଜ କରିବା ସହିତ ସେମାନଙ୍କ ହାତରେ ଅଧିକ ଅର୍ଥ ପହଞ୍ଚାଇବାର ବ୍ୟବସ୍ଥା କରାଯିବା ଆବଶ୍ୟକ। କେବଳ ଯୁରିଆରେ ରିହାତି, କାଳିଆ, ପ୍ରଧାନମନ୍ତ୍ରୀ କିଷାନ ଭଳି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଚାଷୀଙ୍କୁ ସାମୟିକ ଆଶ୍ୱସ୍ତି ଦେଇପାରେ, କିନ୍ତୁ ଦୀର୍ଘମିଆଦୀ ସ୍ୱାବଲମ୍ବୀ କରିପାରିବ ନାହିଁ। ଯାହା ଭୋଟ ପାଇଁ ସୁଖ ଆଣିଦିଏ, ତାହା ଦୀର୍ଘ ସମୟ ପାଇଁ ଜୀବନକୁ ଦୁଃଖ ଦିଏ। ନୀତି ନିର୍ଦ୍ଧାରକମାନେ ଏଥିପ୍ରତି ଧ୍ୟାନ ଦେଉଥିବା ମନେହେଉନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ସେପ୍ଟେମ୍ବର ୧୯୯୪**

- ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଜନତା ଦଳ ବିଧାୟକ ପଦରୁ ଜଗନ୍ନାଥ ମଲ୍ଲିକ ଦଳରୁ ବହିଷ୍କୃତ।
- ରୋମାନିଆ ତା'ର ଆଣବିକ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ପାଇଁ ଭାରତରୁ ୩୫୦ ଟନ୍ ଭାରିଜଳ ଆମଦାନୀ କରିବା ନେଇ ନିଷ୍ପତ୍ତି।
- ହିନ୍ଦୀ ଭାଷାର ପ୍ରଖ୍ୟାତ ଲେଖକ ତଥା ସମାଜ ବିଜ୍ଞାନୀ ଶ୍ୟାମାଚରଣ ଦୁବେଙ୍କୁ ୧୯୯୩ ବର୍ଷ ନିମନ୍ତେ ମୂର୍ତ୍ତିଦେବୀ ପୁରସ୍କାର।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | | | | | | 7 | |
| | 7 | | D | | 3 | 6 | 1 | B | | | | 8 | 2 | |
| | | 2 | | | 8 | | 9 | 4 | | | 1 | D | | |
| 0 | B | | | 7 | | A | | | | | | 9 | | 5 |
| 3 | | | | | | | 0 | | | | E | | C | 4 |
| 4 | D | | 0 | 5 | 1 | | | | | | | | | 7 |
| | 1 | | | | | | | E | | | | 0 | 6 | A |
| 2 | | | 6 | 4 | | | C | | | | 0 | | | |
| | | | | 2 | | | | | D | | | | | C |
| | 8 | | | | | 3 | 2 | 1 | | | 7 | | E | |
| | | 4 | | | | | | | | 7 | C | B | 1 | |
| | | | 5 | 8 | | B | 4 | A | | | | 3 | | |
| | 5 | 6 | | D | 9 | | | | | 3 | | C | | 8 |
| | 9 | | | | C | D | E | 8 | 0 | | A | | 4 | |
| | 0 | | A | B | | | | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 0 | 1 | D | A | 8 | 4 | B | E | 2 | 7 | C | 5 | 6 | 3 |
| 6 | B | 7 | 2 | 0 | 5 | D | 9 | 1 | 3 | E | 4 | 8 | A | C |
| 3 | 2 | D | E | 7 | C | 8 | A | 5 | 1 | 0 | 6 | B | 9 | 4 |
| 5 | 8 | 4 | 9 | 6 | 1 | C | 3 | 7 | D | B | A | 0 | E | 2 |
| E | C | A | 3 | 4 | B | 0 | 6 | 2 | 5 | 8 | 9 | 7 | D | 1 |
| 0 | 1 | 8 | B | 2 | D | 9 | E | A | 6 | C | 5 | 4 | 3 | 7 |
| 7 | E | B | C | 5 | 0 | 1 | 8 | 6 | 9 | 4 | 3 | D | 2 | A |
| 2 | A | 9 | 4 | 8 | 7 | 3 | D | C | E | 1 | B | 6 | 5 | 0 |
| C | 5 | 3 | 6 | 9 | A | 2 | 4 | 0 | 8 | D | 7 | E | 1 | B |
| 4 | D | 6 | 1 | E | 3 | 5 | 7 | B | 0 | A | 2 | C | 8 | 9 |
| D | 6 | E | 7 | 1 | 4 | B | C | 3 | A | 9 | 8 | 2 | 0 | 5 |
| B | 3 | 5 | 0 | D | 9 | A | 2 | 4 | 7 | 6 | E | 1 | C | 8 |
| A | 7 | 2 | 5 | B | 6 | E | 0 | 8 | C | 3 | 1 | 9 | 4 | D |
| 1 | 9 | C | 8 | 3 | E | 7 | 5 | D | 4 | 2 | 0 | A | B | 6 |
| 8 | 4 | 0 | A | C | 2 | 6 | 1 | 9 | B | 5 | D | 3 | 7 | E |

ଗତକାଲିର ଉତ୍ତର

# ଗଣତନ୍ତ୍ର ନା ଭୋଗୀତନ୍ତ୍ର



ସହଦେବ ସାହୁ

ସୁଇଜରଲାଣ୍ଡରେ ଜନ୍ମିତ ଆମେରିକାନ୍ କିୟୁବ୍ଲର-ରସ୍ (୧୯୨୬-୨୦୦୪) କହନ୍ତି ସମସ୍ୟାର ୫ଟି ସ୍ତର ଅଛି- ନାପସନ୍ଦ, ରାଗ, ମୂଳଚାଲ, ବିଷାଦ ଓ ମାନିଯିବା (ଡିନାୟାଲ୍, ଆଙ୍ଗର୍, ବାର୍ଗେନିଂ, ଡିପ୍ରେସନ୍ ଓ ଆକ୍ସେପ୍ଟାନ୍ସ)। ସରକାର ବା ଶାସକ ଦଳ ଯାହା କରୁଛି ଲୋକେ ନାପସନ୍ଦ କରିପାରନ୍ତି, ରାଗିଯାଇ ପ୍ରତିବାଦ କରିପାରନ୍ତି, ପରେ ଆଲୋଚନା ସ୍ତରକୁ ଆସନ୍ତି, ପ୍ରଭାବ ହରାଇ କ୍ଳାନ୍ତ ହୋଇପଡନ୍ତି ଓ ପରିଶେଷରେ ଗ୍ରହଣ କରି ନିଅନ୍ତି। ପ୍ରାର୍ଥୀ ଭୋଟ ପାଇ ଜିତିଗଲେ ଲୋକପ୍ରତିନିଧି ବୋଲାଏ, କିନ୍ତୁ ଭୋଟର ତାକୁ ପ୍ରତିନିଧି ବୋଲି ଭାବେ ନାହିଁ, କାରଣ ସିଏ ତ ରାଜଧାନୀ ବାସିନ୍ଦା ହୋଇଯାଏ, ତା' ନିର୍ବାଚନମଣ୍ଡଳୀର ପ୍ରତି ଗାଁ ବୁଲେ ନାହିଁ, ଲୋକଙ୍କୁ ପଚାରେ ନାହିଁ। ଏପରି ବ୍ୟବହାର ବିରୁଦ୍ଧରେ ଲୋକେ ରାଗିଯାଆନ୍ତି, ତା'ପରେ ପ୍ରତିନିଧିଟି ଗାଁକୁ ଆସିଲେ କିମ୍ବା ତା'ର ପୁନଃନିର୍ବାଚନ ସମୟ ଆସିଗଲେ ସେ ଯେତେବେଳେ ଆସେ, ଲୋକଙ୍କ ସହ ମୂଳଚାଲ ଚାଲେ। ତାହା ବି ଯେତେବେଳେ ପ୍ରତିଶ୍ରୁତିରେ ରହିଯାଏ, ଦୁଃଖୀ ଭୋଟରମାନେ ବିଷାଦଗ୍ରସ୍ତ ହୋଇ ପଡନ୍ତି ଏବଂ ଚଳନ୍ତି ଅବ୍ୟବସ୍ଥାକୁ ଗ୍ରହଣ କରିନିଅନ୍ତି, ଏମିତି ତ ହେଉଛି ଭାବି ଚୁପ୍ ରହିଯାଆନ୍ତି। କିୟୁବ୍ଲର-ରସ୍ ଏଭଳି ଯେଉଁ ଢାଞ୍ଚା ବା ମଡେଲ୍ ଆମ ଆଗରେ ଥୋଇଛନ୍ତି ତାହା ଅକ୍ଷରେ ଅକ୍ଷରେ ଆମ ଗଣତନ୍ତ୍ରରେ ପଡିହେଉଛି। ଥରେ ନିଜ ଦଳକୁ ସଂଖ୍ୟାଗରିଷ୍ଠ କରିନେଲେ ଶାସକଦଳର ସର୍ବୋଚ୍ଚ ନେତା ସମସ୍ତଙ୍କୁ ବଶରେ ରଖିବା ଲାଗି ଲୋକଙ୍କ ଟିକସରେ ଭରା ରାଜକୋଷରୁ ପ୍ରିଭିଲେଜ୍ ଓ ପର୍କସ୍ ଆକାରରେ, ସୁବିଧା ଓ ଉପୁରି ହିସାବରେ ପଦବୀ ବାଣ୍ଟନ୍ତି। ଯାହାକୁ ସେ ନିଜେ ପ୍ରତିନିଧି-ପ୍ରାର୍ଥୀ କରିବାକୁ ସମ୍ମତ ନ ଥିଲେ ତାକୁ ମନ୍ତ୍ରିସ୍ତରୀୟ ସୁବିଧା ଦିଅନ୍ତି। ଘର, ବିଜୁଳି, ପାଣି, ଗାଡ଼ି, ଚାଳକ, ପିଏ, ଆସିଷ୍ଟାଣ୍ଟ ଓ ପିଅନ ସାଙ୍ଗକୁ ଦୈନିକ ଭତ୍ତା ବି ଦିଆନ୍ତି- ସରକାରୀ ମାଲ୍ ଦରିଆରେ ଡାଲ୍। ଲୋକେ ଏସବୁକୁ ନାପସନ୍ଦ କରନ୍ତି, ରାଗି ଯାଇ ପ୍ରତିବାଦର ସ୍ୱର ଉଠାନ୍ତି, କିଛି କଟକଣା ଜାରିକରିହେବ କି ବୋଲି ଆଲୋଚନାକୁ ଆସନ୍ତି, ପ୍ରତିନିଧିମାନେ ସେମାନଙ୍କ ସୁବିଧା ଛାଡନ୍ତି ନାହିଁ, ଲୋକେ ବିଷାଦରେ ଗଣତନ୍ତ୍ରକୁ ଗାଳି ଦିଅନ୍ତି, ଶେଷରେ ସରକାର (ଶାସକ ଦଳ) ଯାହା କରୁଚି ତାହା ଗ୍ରହଣ କରି ନିଅନ୍ତି।

ରାଜନୈତିକ ଦଳ ଶାସନକୁ ଆସିଗଲେ ସରକାରୀ ତହବିଲକୁ ନିଜର ଭାବିନିଅନ୍ତି, ନୀଳମଣି ରାଉତରାୟ ମୁଖ୍ୟମନ୍ତ୍ରିତ୍ୱର ଶେଷ ବର୍ଷରେ ଗାଦି ରକ୍ଷା ପାଇଁ ତାଙ୍କ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରି ପ୍ରାୟ ସବୁ ନିର୍ବାଚିତ ବ୍ୟକ୍ତିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଲେ ଓ ନେତା ବୋଲି ଭାବୁଥିବା ଅନ୍ୟମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାର ଚେଆର୍‌ମ୍ୟାନ୍ କରିଦେଲେ। ନବୀନ ସରକାରଙ୍କ ଶେଷ ବର୍ଷ ଆସିନାହିଁ କି ଗାଦି ହରାଇବା ଆଶଙ୍କା ଦେଖାଯାଉନାହିଁ, ତଥାପି ସେ ଅସନ୍ତୁଷ୍ଟ ବୋଲି ମନେ କରୁଥିବା ନେତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ମନ୍ତ୍ରୀ ନ କରିପାରିଲେ ବି ମନ୍ତ୍ରୀ ସୁଲଭ ପଦବୀ ଓ ସୁବିଧାମାନ ଦେଉଛନ୍ତି। ସେ ସମସ୍ତଙ୍କୁ ମନ୍ତ୍ରୀ କରିପାରିବେ ନାହିଁ, ଯେପରି ମୋଦି ସମସ୍ତଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇପାରୁନାହାନ୍ତି। କାରଣ ୨୦୦୪ ଜାନୁୟାରୀ ପହିଲାରୁ ୨୦୦୩ର ୯୧ତମ ସମ୍ବିଧାନରେ ସଂଶୋଧନ ଆଇନ ଅନୁଯାୟୀ ମନ୍ତ୍ରୀ ପରିଷଦର ସଂଖ୍ୟା ବିଧାନସଭା ବା ସଂସଦର ମୋଟ ସଭ୍ୟସଂଖ୍ୟାର ୧୫%ରୁ ବେଶି ହେବନାହିଁ; କିନ୍ତୁ ନେତାମାନେ ସମସ୍ତେ ମନ୍ତ୍ରୀ ହେବାକୁ ଚାହୁଁଛନ୍ତି। ତେଣୁ ଶାସକଦଳର କର୍ତ୍ତା ବା କର୍ତ୍ତ୍ରୀ ତାଙ୍କ ଦଳର ସମ୍ଭାବ୍ୟ ବିରୋଧ-ସୃଷ୍ଟିକାରୀମାନଙ୍କୁ ମନ୍ତ୍ରିସ୍ତରୀୟ ପାହ୍ୟା ଓ ସୁବିଧାମାନ, ଯାହାକୁ ଲୋକେ ଅଫିସ୍ ଅଫ୍ ପ୍ରଫିଟ୍ ବା ଲାଭଜନକ ପଦବୀ କହିବେ, ଦେଉଛନ୍ତି। ଅଭିଧାନରେ ସେଗୁଡିକ ଅଫିସ୍ ଅଫ୍ ପ୍ରଫିଟ୍ ହେଲେ ବି ସେଗୁଡିକୁ ଅଫିସ୍ ଅଫ୍ ପ୍ରଫିଟ୍ ଧରାଯିବନାହିଁ ବୋଲି ଆଇନ କରିନେଇଛନ୍ତି। ତେଣୁ ଜନପ୍ରତିନିଧି ହୋଇ ନ ପାରିଥିବା ବ୍ୟକ୍ତିମାନେ ସରକାରୀ ଅର୍ଥ ଶ୍ରାଦ୍ଧ କରିବାର ସୁବିଧା ପାଇଁ ମନ୍ତ୍ରିସ୍ତରୀୟ ସୁବିଧା ପାଉଛନ୍ତି। ଲୋକେ କିଛିଦିନ ପାଟି କରିବେ ତା'ପରେ ଅବଶ ହୋଇ ପଡିବେ, ନାଚାର ଭାବେ ଗ୍ରହଣ କରିନେବେ, ଏହି ଆଶାରେ।

ସେତିକିରେ କଥା ସରେ ନାହିଁ। ପ୍ରତିନିଧିଟି ଥରେ ସୁବିଧା ଉପଭୋଗ କଲେ ତାହା ଛାଡେ ନାହିଁ, ପଦ ଛାଡିଲା ପରେ ବି। ଥରେ ମୁଖ୍ୟମନ୍ତ୍ରୀ ହେଲେ ପଦତ୍ୟାଗ ପରେ ବି ନେତାଏ ମଲା ପର୍ଯ୍ୟନ୍ତ ନିଜକୁ ମୁଖ୍ୟମନ୍ତ୍ରୀ ଭାବନ୍ତି। କେତେକ ରାଜ୍ୟ ଏ ଦିଗରେ ଆଇନ ପାସ୍ କରେଇନେଇଛନ୍ତି। ମୁଖ୍ୟମନ୍ତ୍ରୀ ମାନେ ଗାଦି ଛାଡିଦେଲା ପରେ ବି ସରକାରୀ ଘର, ଟେଲିଫୋନ୍, କାର୍, ଡ୍ରାଇଭର, ଆଉ ୧୦ ଜଣ ଯାଏ ଷ୍ଟାଫ୍ ପାଇବେ ବୋଲି ଉତ୍ତରପ୍ରଦେଶରେ ବ୍ୟବସ୍ଥା ଥିଲା। ସୁପ୍ରିମ୍‌କୋର୍ଟ ଏକ ରାୟରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାୟୀ ସରକାରୀ ଘର ଦେଉଥିବା ଉତ୍ତରପ୍ରଦେଶର ଏଭଳି ଆଇନକୁ ରଦ୍ଦ କରିଦେଇଥିଲେ। ୨୦୧୯ ସେପ୍ଟେମ୍ବର ୪ର ଖବର, ଜଣେ ବରିଷ୍ଠ ସାମ୍ବାଦିକ ମିଳାପଚାନ୍ଦ ଦାଣ୍ଡିଆ ରାଜସ୍ଥାନ ହାଇକୋର୍ଟରେ ରାଜସ୍ଥାନ ମିନିଷ୍ଟର୍ସ ସାଲାରିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୭କୁ ଅବୈଧ ଘୋଷଣା କରିବାକୁ ଏକ ଆବେଦନ କରିଥିଲେ। ଏହି ଆଇନ ବଳରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନେ ଗାଦି ଛାଡିଦେଲା ପରେ ବି ସରକାରୀ ଘର, ଟେଲିଫୋନ୍, କାର୍, ଡ୍ରାଇଭର ଆଉ ଯଥେଷ୍ଟ ଷ୍ଟାଫ୍ ପାଉଥିଲେ। ବସୁନ୍ଧରା ରାଜେଙ୍କ ସରକାର ସମୟରେ ୧୯୫୬ର ରାଜସ୍ଥାନ ମନ୍ତ୍ରୀମାନଙ୍କ ଦରମା ଆଦି ଆଇନର ସଂଶୋଧନ କରି ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନଙ୍କୁ ସ୍ଥାୟୀ ବାସଗୃହ ଯୋଗାଇବା ସୁବିଧା ଦିଆଯାଇଥିଲା। ରାଜସ୍ଥାନର ଆଇନ ଅନୁସାରେ ୫ ବର୍ଷ କାଳ ପୂରା ଅବଧି ସାରିଥିବା ମୁଖ୍ୟମନ୍ତ୍ରୀଙ୍କୁ ଜୟପୁର ବା ଅନ୍ୟ ଜିଲ୍ଲାର ସଦର ମହକୁମାରେ ତାଙ୍କ ଉପଯୋଗୀ ଘର ଓ ସୁବିଧା ଦିଆଯିବା କଥା। ରାଜବଂଶର ଲୋକ ବସୁନ୍ଧରା ରାଜେ ଏ ଆଇନର ପାତ୍ର ହୋଇଥିଲେ। କି ଲୋଭ! ଲୋକଦେଖାଣିଆ ପାଇଁ ଆଗର ଜଗନ୍ନାଥ ପାହାଡିଆ ବି ପାଇଲେ। ରାଜସ୍ଥାନର ମୁଖ୍ୟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ ଓ ଜଷ୍ଟିସ୍ ପ୍ରକାଶ ଗୁପ୍ତା ଦୁହିଙ୍କ ବେଞ୍ଚ କହିଲେ ଯେ ଅର୍ଥନୈତିକ ଦୃଷ୍ଟିରୁ ଅନୁନ୍ନତ ରାଜ୍ୟରେ ଏଭଳି ଜୀବନବ୍ୟାପୀ ସୁବିଧା ଦେବା ସାଧାରଣ ପାଣ୍ଠିର ଏକ ଅପବ୍ୟୟ। ହାଇକୋର୍ଟଙ୍କ ରାୟ ଅନୁସାରେ ରାଜେ ଦୁଇ ମାସ ଭିତରେ ସରକାରୀ ଘର ଛାଡିବା କଥା, କିନ୍ତୁ ଇତିମଧ୍ୟରେ 'ମୁଁ ତ ମୁତୁରୀ ତୁ ତ ମୁତୁରୀ, ଶେଯ କାହିଁ ପାଇଁ ଧୋଇବା' ନ୍ୟାୟରେ ରାଜସ୍ଥାନର ଏବର ମୁଖ୍ୟମନ୍ତ୍ରୀ ଗେହଲଟ୍ ରାଜେଙ୍କୁ ଦେଖା କରି କଥାବାର୍ତ୍ତା ହୋଇଛନ୍ତି, ସେ କୁଆଡେ ରାଜେଙ୍କ ସିନିଅରିଟିକୁ ସମ୍ମାନ ଦେଇ ୧୩ ସିଭିଲ୍ ଲାଇନ୍ ବଙ୍ଗଳା ପରିବର୍ତ୍ତେ ତାଙ୍କ ସରକାର ଦେଖିବେ କେଉଁ ପ୍ରକାରର ସୁବିଧା ଦେଇହେବ ଓ କ'ଣ ଦେଇହେବନି। କାହାକୁ ଦେଇଥିଲେ ତ ନିଜେ ବି ପାଇ ପାରିବେ ନା!

ସଦ୍ୟ ଖବର ଅନୁସାରେ, ହରିୟାଣାର ତ୍ରିଭେନ୍ଦ୍ର ସିଂ ରାୱତ୍ ସରକାର ରାଜ୍ୟପାଳ ବେବିରାଣୀ ମୌର୍ଯ୍ୟଙ୍କ ଆଦେଶ ନେଇ ଏକ ଅର୍ଡିନାନ୍ସ ଜାରି କରିଛନ୍ତି ପ୍ରାକ୍ତନ ମୁଖ୍ୟମନ୍ତ୍ରୀମାନଙ୍କୁ ସୁବିଧା (ପ୍ରିଭିଲେଜେସ୍ ଆଣ୍ଡ ପର୍କସ୍) ଦେବା ପାଇଁ। ଦି ଉତ୍ତରାଖଣ୍ଡ ଫର୍ମର ଚିଫ୍ ମିନିଷ୍ଟର ଫାସିଲିଟି (ରେସିଡେନ୍ସିଆଲ୍ ଆଣ୍ଡ ଅଦର୍ ଫାସିଲିଟିଜ୍) ଅର୍ଡିନାନ୍ସ ୨୦୧୯ ସ୍ପଷ୍ଟ କରୁଛି ଯେ ମାର୍ଚ୍ଚ ୨୦୧୯ ପରେ କୌଣସି ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଏ ସୁବିଧା ପାଇବେ ନାହିଁ; କିନ୍ତୁ ୨୦୧୯ ମାର୍ଚ୍ଚ ପୂର୍ବରୁ ଯେଉଁମାନେ ଯାହା କିଛି ସୁବିଧା ପାଇଛନ୍ତି ତାହା ରହିବ। ୨୦୧୯ ମାର୍ଚ୍ଚ ପରେ ସରକାରୀ ଘର ପାଇବେ କିନ୍ତୁ ରାଜ୍ୟ ସରକାର ସ୍ଥିର କରିଥିବା ଘରଭଡା, ବିଜୁଳି ବିଲ୍ ଓ ପାଣି ବିଲ୍ ସେ ଦେବେ। ଏହାର ଅର୍ଥ ଆଗ ଭଳି ଘର ମିଳିବ, ପାଉଥିବା ମାଗଣା ଗାଡି, ଡ୍ରାଇଭର୍, ପବ୍ଲିକ୍ ରିଲେସନ୍ସ ଅଫିସର, ମାଳି, ଜଗିବାଲୋକ, ଟେଲିଫୋନ୍, ଚାକର ଓ ଅନ୍ୟ ଷ୍ଟାଫ୍ ଦରମା ସରକାର ଭରଣା କରିବେ। ହରିୟାଣା ସରକାର ଭୁଲିଗଲେ ଯେ ଜରୁରୀ ପରିସ୍ଥିତି ନ ଥିଲେ ଅର୍ଡିନାନ୍ସ ଜରିଆରେ ଆଇନ ପାସ୍ ହେବା କଥା ନୁହେଁ। କିନ୍ତୁ ହରିୟାଣା ହାଇକୋର୍ଟଙ୍କ ଆଦେଶ ସାଙ୍ଗେ ସାଙ୍ଗେ ବଳବତ୍ତର ହେଉଥିବାରୁ ହରିୟାଣା ସରକାର ଏମିତି ଅଧ୍ୟାଦେଶ ଜାରି କରିଦେଲେ। ନିଜ ଫାଇଦା ପାଇଁ ଗଣତନ୍ତ୍ରକୁ କିଭଳି ନେତାଙ୍କ ବ୍ୟକ୍ତିସ୍ୱାର୍ଥରେ ଲଗାଯାଇପାରେ ଏହା ତା'ର ଏକ ଉଜ୍ଜ୍ୱଳ ଉଦାହରଣ। ତା' ଛଡ଼ା ଛଅଟି ରାଜ୍ୟରେ (ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ହରିୟାଣା, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶ) ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କ ଆୟକର ରାଜ୍ୟ ରାଜସ୍ୱରୁ ଭରାଯାଉଥିବା ଖବରଟି ଏବେ ଚର୍ଚ୍ଚାରେ ରହିଛି। ତେଣୁ ଏହାକୁ ଗଣତନ୍ତ୍ର ନ କହି ଭୋଗୀତନ୍ତ୍ର କହିବା ମୋ ମତରେ ଠିକ୍ ହେବ।

ଇମେଲ୍: sahadevas@yahoo.com

# ରାସ୍ତା ଭାଙ୍ଗୁଛି ରାସ୍ତାର ନିୟମ



ତୁଷାରକାନ୍ତ

ସମ୍ପ୍ରତି ଭୁବନେଶ୍ୱର-କଟକ ପୋଲିସ କମିଶନରେଟର ନୂଆ କମିଶନର ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ଦିଗରେ ଖୁବ୍ ଯତ୍ନବାନ୍ ହେଉଛନ୍ତି। ତେବେ ନିୟମ ମାନିବାକୁ ପ୍ରସ୍ତୁତ ନ ଥିବା ଜନସାଧାରଣ ଏ ଦିଗରେ କେତେଦୂର ସହଯୋଗ କରିବେ, ତାହା ସଂଶୟର ବିଷୟ। ଟ୍ରାଫିକ୍ ନିୟମର ଉଲ୍ଲଂଘନ ସାଧାରଣତଃ ନିମ୍ନରେ ବର୍ଣ୍ଣିତ କାରଣଗୁଡ଼ିକ ଯୋଗୁ ହୋଇଥାଏ।

ଇଂଲିଶ ଭାଷାର 'T' ଅକ୍ଷର ଭଳି ଛକଗୁଡ଼ିକରେ ଗୋଟିଏ ପଟର ରାସ୍ତାରେ ସବୁବେଳେ ଗାଡ଼ି ଚାଲିବାକୁ ଅନୁମତି ଦିଆଯାଇଥାଏ। ଯେଉଁ ପଥଚାରୀମାନେ ସେହି ପଟେ ଚାଲିକରି ଆସିବାକୁ ଚାହାନ୍ତି ସେମାନେ ଭାରି ହଇରାଣ ହୁଅନ୍ତି। ଏଣୁ 'T' Square ଗୁଡ଼ିକରେ ପଥଚାରୀମାନଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯିବା ଦରକାର। ପଥଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ 'ଜେବ୍ରାକ୍ରସ୍'ରେ ସବୁବେଳେ ଗାଡ଼ିଗୁଡ଼ିକ ଭଁ ଭଁ ହୋଇ ଇଞ୍ଜିନ ଚଳନ୍ତି ଅବସ୍ଥାରେ ଆଗପଛ ହେଉଥାନ୍ତି, ଯେଉଁଥିପାଇଁ ପଥଚାରୀମାନେ ରାସ୍ତା ପାରିହେବାକୁ ଅସୁବିଧାରେ ପଡ଼ନ୍ତି, ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁ ଲଭନ୍ତି। ଅନେକ ଜେବ୍ରାକ୍ରସ୍‌ରେ ଜଣେ ପଥଚାରୀ ଗୋଟିଏ ପଟର ରାସ୍ତା ପାରିହେବା ପରେ ହଠାତ୍ ଉଚ୍ଚା ଉଚ୍ଚା ଲୁହାବାଡ଼ର ସମ୍ମୁଖୀନ ହୁଅନ୍ତି ଓ ଅନ୍ୟପଟକୁ ଯିବାକୁ ସୁଯୋଗ ନ ଥାଏ, ଯଥା ରବୀନ୍ଦ୍ରମଣ୍ଡପ ପାଖ ଜେବ୍ରାକ୍ରସ୍। ପଥଚଲା ରାସ୍ତାଗୁଡ଼ିକରେ ସାଇକେଲ୍, ମୋଟରସାଇକେଲ, କାର୍ ଇତ୍ୟାଦି ଯିବା ସମ୍ପୂର୍ଣ୍ଣ ରୂପେ ବେଆଇନ ଓ ସେଥିପାଇଁ ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି। ଏହା ସତ୍ତ୍ୱେ ସେଗୁଡ଼ିକ ଗାଡ଼ି ପାର୍କିଂ ତଥା ଗାଡ଼ିର ଯାତାୟାତ ପାଇଁ ବ୍ୟବହୃତ ହେବା ଏକ ସାଧାରଣ ଘଟଣା। ଆମ ରାଜଧାନୀରେ ଟାଉନ୍‌ବସ୍‌ରେ ଯାତ୍ରୀମାନେ ଯିବା ପାଇଁ କେତେକ ରାସ୍ତାର ଭିତରପଟକୁ Bus-Bayମାନ ତିଆରି ହୋଇଛି, ଯେଉଁଠି ବସ୍, ଅଟୋ ଇତ୍ୟାଦିରେ ଲୋକେ ଉଠିବା କଥା। ଅଥଚ ଭୁଲରେ ସୁଦ୍ଧା ଟାଉନ୍‌ବସ୍, ଅଟୋ ଇତ୍ୟାଦି ସେଠାକୁ ପଶନ୍ତି ନାହିଁ। ସେଗୁଡ଼ିକ ସ୍ଥାନୀୟ ଜନତା/ବ୍ୟବସାୟୀମାନଙ୍କ ଗାଡ଼ି ରଖା ସ୍ଥାନ ରୂପେ ବ୍ୟବହୃତ ହୁଏ। ଦୁଇଚକିଆ ଗାଡ଼ି ଚଳାଇଲା ବେଳେ ମୋବାଇଲ୍ ଫୋନ୍‌ର ନମ୍ବର ଦବେଇବା ଓ କଥା ହେବା ଅତ୍ୟନ୍ତ ବିପଦପୂର୍ଣ୍ଣ। ଅଥଚ ଏହା ଅବିଚାରିତ ଭାବେ ଚାଲୁ ରହିଛି। ବଡ଼ ବଡ଼ ଗାଡ଼ିର ମାଲିକମାନେ ଗାଡ଼ି ଚଳାଉଥିବା ବେଳେ ମୋବାଇଲ୍ ଫୋନ୍‌ରେ କଥା ହେବା ଓ ସିଟ୍ ବେଲ୍ଟ ନ ପିନ୍ଧିବା ଏକ ମାମୁଲି କଥା।

ନିୟମ ଅନୁଯାୟୀ ଯଦି ଜଣେ ରାସ୍ତା ବଦଳାଇ ଅପର ପଟ ରାସ୍ତାକୁ ଯିବା କଥା, ତା'ହେଲେ ବାମ କଡ଼ ରାସ୍ତାରେ ଯାଇ, ନିର୍ଦ୍ଧାରିତ ଛକରେ ବୁଲି ସେଠାକୁ ଯିବା କଥା। ଧରାଯାଉ ସଚିବାଳୟ ପଛ ଓ ରାଜୀବ ଭବନ ମଝି ରାସ୍ତାରୁ ଯଦି ଜଣଙ୍କୁ ଭୁବନେଶ୍ୱର କ୍ଲବ୍‌କୁ ଯିବାକୁ ଅଛି, ତା'ହେଲେ ନିୟମ ମୁତାବକ ସେ ଏ.ଜି. ଛକକୁ ଆସି, ସେଠି ଡାହାଣ କଡ଼କୁ ବୁଲି, ବାମପଟେ ସେହି କ୍ଲବ୍‌କୁ ଯିବା କଥା। କିନ୍ତୁ ପ୍ରାୟ ଗାଡ଼ି ଓ ବଡ଼ବଡ଼ିଆଙ୍କ ଗାଡ଼ି ସେହି ରାସ୍ତାର ଶେଷରେ ଥିବା କଟ୍‌ରେ ପଶି, ଡାହାଣକଡ଼ ରାସ୍ତାରେ ଯାଇ କ୍ଲବରେ ପଶନ୍ତି, ଯଦ୍ୱାରା କି ଏଜି ଛକରୁ ରାଜଭବନ ଛକକୁ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଯିଏ ଯେଉଁଠି ପାରିଲେ ଗାଡ଼ି ବୁଲେଇ, ଭୁଲ୍ ରାସ୍ତାରେ ଯିବା ପ୍ରତ୍ୟେକ ମୁହୂର୍ତ୍ତର ଓ ପ୍ରତ୍ୟେକ ଇଞ୍ଚ ସ୍ଥାନର ବାସ୍ତବତା। ଟ୍ରାଫିକ୍ ଛକରେ ଟ୍ରାଫିକ୍ ପୋଲିସବାବୁ ଗୋଟିଏ ରାସ୍ତାର ଗତାଗତକୁ ବନ୍ଦ କରି, ଅନ୍ୟ ରାସ୍ତାର ଲୋକଙ୍କୁ ଯିବାକୁ ନିର୍ଦ୍ଦେଶ ଦେଉ ଦେଉ ବନ୍ଦ ରାସ୍ତାର ଅପେକ୍ଷାରତ ଗାଡ଼ି ଭିତରୁ କିଛି ଗାଡ଼ି ସାଏଁ କରି ପଳେଇବା ଏକ ଚିରାଚରିତ ଘଟଣା। ଯଦି ହେଲମେଟ୍ ନ ପିନ୍ଧିଲେ ଜରିମାନା ଦେବାକୁ ପଡ଼ନ୍ତା ନାହିଁ, ତା'ହେଲେ ୧-୨%ଙ୍କୁ ଛାଡ଼ି ଆଉ କେହି ପିନ୍ଧନ୍ତେ ନାହିଁ। ଚାଳକମାନେ ହେଲମେଟ୍ ନ ପିନ୍ଧି ତାହାକୁ ପଛରେ ବସିଥିବା ନିଜର ସହଧର୍ମିଣୀ/ବାପାମାନଙ୍କୁ ଧରେଇବା ତଥା ସେମାନେ ବିନା ଆପତ୍ତିରେ ଧରିବା ଦେହରେ ନ ଯିବାରୁ, ୨/୩ ଥର ଏ ବାବଦରେ ସେମାନଙ୍କୁ ସେଇ କଥା କହିଥିଲି ଓ 'ହଉ ବାବୁ, ନିଜ ରାସ୍ତା ଦେଖ' ଟାପରା ଶୁଣିବାକୁ ପଡ଼ିଥିଲା। କେତେକ ସ୍ଥାନରେ ଦୁଇଟିକିଆ ରାସ୍ତାରେ ଥିବା ମଝି ଡିଭାଇଡର୍‌ରେ ଗଛ ଲଗାଯାଇଛି, ଯାହାର ଡାଳଗୁଡ଼ିକ ରାସ୍ତାକୁ ଝାମ୍ପି ରହୁଛି। ସେଥିଯୋଗୁ ରାସ୍ତା ବଦଳାଇବାକୁ ଥିବା କଟ୍‌ରେ ବୁଲିଲା ବେଳକୁ ଅନ୍ୟ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକ ଦୃଷ୍ଟିଗୋଚର ହେଉ ନାହିଁ ଓ ଧକ୍କା ହେଉଛି। ଏଭଳି କେତେକ ସ୍ଥାନ ଅଛି, ଯେଉଁଠି ନିୟମ ଭଙ୍ଗ ନ କଲେ ନ ଚଳେ, ଯଥା: ରୂପାଲି ଛକରୁ ଆସି ବାଣୀବିହାର ଛକଠାରୁ ବାଣୀବିହାର ଭିତରକୁ ଯିବା କଥା। ଏଥିପାଇଁ ଜଣଙ୍କୁ ଆଚାର୍ଯ୍ୟବିହାର ଦେଇ ଆସିବାକୁ ପଡ଼େ, ଯାହା ପାଳନ କରାଯିବା ସମ୍ଭବପର ହୁଏନି ଓ ଲୋକେ ଛକର ଫ୍ଲାଏ ଓଭର ତଳ ଦେଇ ଡାହାଣ କଡ଼ ରାସ୍ତାରେ ଯାଇ ବାଣୀବିହାର ଭିତରେ ପଶିଥାନ୍ତି। ଛକଗୁଡ଼ିକରେ ବାମକଡ଼ ରାସ୍ତାକୁ ବୁଲିବା ପାଇଁ ନିଷିଦ୍ଧ କରାଯାଇ ନାଲିବତି ଜଳୁଥିଲେ ମଧ୍ୟ ତାହା କଦାପି ପାଳିତ ହୁଏନାହିଁ। ଭୁବନେଶ୍ୱର ସିଆର୍‌ପି, ବାଣୀବିହାର ଛକ ତଥା କଟକର ମଧୁପାଟଣା ଛକରେ ବସ୍‌ଗୁଡ଼ିକ ବହୁ ସମୟ ରହି ଯାତ୍ରୀ ଉଠାନ୍ତି। ଫଳରେ ଟ୍ରାଫିକ୍ ଚଳନରେ ଅବ୍ୟବସ୍ଥା ସୃଷ୍ଟିହୁଏ।

ରାସ୍ତା ବଦଳେଇବା ପାଇଁ ଏପରି କିଛି କଟ୍ ରହିଛି ଯେଉଁଠିକି ଅଳ୍ପ କିଛି ବାଟ ଡାହାଣ କଡ଼ରେ ଯିବାକୁ ପଡ଼ିଥାଏ। ସର୍ଦ୍ଦାର ପଟେଲ ମାର୍ଗରେ ଦୁଇ ଏ.ଜି. କଲୋନୀ ମଧ୍ୟରେ ଲକ୍ଷ୍ମୀନାରାୟଣ ମନ୍ଦିର ପାଖରେ ଥିବା କଟ୍‌ଟି ସେହି ଦୁଇ କଲୋନୀର ପ୍ରବେଶଦ୍ୱାର ସିଧାରେ ନ ରହି ଟିକେ ମନ୍ଦିର ଆଡ଼କୁ ଅଛି, ଯଦ୍ୱାରା ଲୋକେ ରାସ୍ତା ବଦଳେଇବାକୁ କିଛି ବାଟ ଡାହାଣ ପଟେ ବାଧ୍ୟରେ ଯାଉଛନ୍ତି। ଏହିସବୁ ଅବ୍ୟବସ୍ଥା ସମ୍ପର୍କରେ ପୋଲିସ ବିଭାଗ ଓ କମିଶନରଙ୍କୁ ଭେଟି ଜଣାଇଥିଲେ ମଧ୍ୟ ଫଳ କିଛି ହୋଇନାହିଁ। ନୂଆ ପୋଲିସ କମିଶନରଙ୍କଠାରୁ ଅନ୍ତତଃ ଏଦିଗରେ ଆଖିଦୃଶିଆ ପ୍ରତିକାର ଆମେ ଆଶାକରିପାରିବା।

ମୋ : ୮୮୯୫୮୫୭୩୧୮

## ଏଇ ଭାରତରେ

ସଂଶୋଧିତ ମୋଟର ଯାନ ଅଧିନିୟମ ଲାଗୁ ହେବା ପରେ ପ୍ରଶାସନ ଓ ଗାଡି ଚାଳକ ପୂରା ଚଳଚଞ୍ଚଳ ହୋଇପଡିଛନ୍ତି। ତା' ଭିତରେ ଘଟିଯାଉଛି ଅନେକ ଅଜବ ଘଟଣା। ତେବେ ଚାଲାଣ କଟାକୁ ନେଇ ଉତ୍ତରପ୍ରଦେଶରେ ସାମ୍‌ନାକୁ ଆସିଛି ଏକ ରୋଚକ ଖବର। ଜଣେ ବ୍ୟକ୍ତିଙ୍କ ଚାରି ଚକିଆ ଯାନ ଉପରେ ହେଲ୍‌ମେଟ ନ ଲଗାଇବା କାରଣରୁ ଚାଲାଣ କଟାଯାଇଛି । ଗାଜିଆବାଦ କୋଶାମ୍ବୀ ଅଞ୍ଚଳରେ ରହନ୍ତି ଚନ୍ଦ୍ରପାଲ ସିଂ। ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ତାଙ୍କ ୟୁପି ୧୪-ସିଏମ୍-୦୦୦୩ ନମ୍ବର ସ୍କର୍ପିଓ ଉପରେ ତିନିଥର ଚାଲାଣ କଟାଗଲାଣି। ସେଥିମଧ୍ୟରୁ ପ୍ରଥମ ୬୦୦ ଟଙ୍କାର ଚାଲାଣ କଟାଯାଇଥିଲା। ଗାଡିର କେଉଁ ଭୁଲ୍ ପାଇଁ କଟାଯାଇଛି ତା'ର କୌଣସି ବିବରଣୀ ଦର୍ଶାଯାଇ ନ ଥିଲା। ଏହାପରେ ପୁଣି ସ୍କର୍ପିଓରେ ହେଲମେଟ୍ ପିନ୍ଧି ନ ଥିବାରୁ ୫ ଶହ ଟଙ୍କାର ଆଉ ଏକ ଚାଲାଣ କଟାଯାଇଛି। କେବଳ ଏତିକି ନୁହେଁ, ଚାଲାଣରେ ସ୍କର୍ପିଓ ଜାଗାରେ ସ୍କୁଟିର ଫଟୋ ମଧ୍ୟ ଲଗାଯାଇଛି। ଏହାପରେ ହେଡ୍‌ଫୋନ ଲଗାଇ ଗାଡି ଚଳାଇବା କାରଣରୁ ତୃତୀୟ ଚାଲାଣ କଟାଯାଇଥିଲେ ବି ସେଥିରେ କୌଣସି ଫଟୋ ଅପଲୋଡ୍ କରାଯାଇନାହିଁ। ଏ ସମ୍ପର୍କରେ ଜଣାପଡିବା ପରେ ଭୁଲ୍ ଚାଲାଣ ଉପରେ ଯାଞ୍ଚ କରାଯାଇ ରଦ୍ଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଚିରନ୍ତନୀ

ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।
ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
ଅସୀମ କାଳର ସ୍ରୋତେ
ମୋ ଜୀବନ-କାଳ ଯେତେ ସାନ
ହେଉ ପଛେ କ୍ଷୀଣତମ
କ୍ଷୁଦ୍ରତମ ବୁଦ୍‌ବୁଦ ସମାନ।
(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ, ସେତୁ ଭିତ୍ତିଭୂମିର ବିକାଶ ହେଉ

ମହାଶୟ,

ଗତ ଜୁଲାଇରେ ରାଜ୍ୟ ସରକାରଙ୍କ ତରଫରୁ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁସାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଆମ ରାଜ୍ୟର ୧୦,୫୦୦ ଗ୍ରାମରେ ରାସ୍ତା ନିର୍ମାଣ ହୋଇନାହିଁ ଓ ରାଜ୍ୟର ୩୮୮୯ ଗ୍ରାମରେ ସବୁଦିନିଆ ପକ୍କା ସଡକ ନିର୍ମାଣ ହୋଇନାହିଁ। ସଡକ ଓ ସେତୁ ଭିତ୍ତିଭୂମିର ବିକାଶ ନ ହେଲେ ରାଜ୍ୟର ସାମୂହିକ ବିକାଶ ସମ୍ଭବ ନୁହେଁ। ଏହାଛଡା ରାଜ୍ୟର ଅନୁନ୍ନତ ଓ ଉପାନ୍ତ ଅଞ୍ଚଳରେ ଯୋଗାଯୋଗ ଅଭାବରୁ ଚାରିଚକିଆ ଯାନ ଓ ଆମ୍ବୁଲାନ୍ସ ପ୍ରବେଶ କରି ନ ପାରିବା କାରଣରୁ ବହୁ ସଂଖ୍ୟାରେ ରୋଗୀ ଓ ପ୍ରସୂତିଙ୍କୁ ଖଟିଆରେ ସଙ୍କୀର୍ଣ୍ଣ ଜଙ୍ଗଲିଆ ରାସ୍ତା ଓ ପୂରନ୍ତା ନଈରେ ଦଶପନ୍ଦର କିଲୋମିଟର ବୋହିନେବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଏହା ଦେଶବିଦେଶରେ ରାଜ୍ୟର ଛବିକୁ ମଳିନ କରୁଛି। ଏଣୁ ରାଜ୍ୟ ସରକାର ଶତ ପ୍ରତିଶତ ଗ୍ରାମକୁ ସବୁଦିନିଆ ରାସ୍ତା ଓ ନଈନାଳରେ ପର୍ଯ୍ୟାପ୍ତ ସେତୁ ନିର୍ମାଣ କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଫର୍ମାଲିନ ଯାଞ୍ଚ କରାଯାଉ

ସାଧାରଣତଃ ଶବ ସଂରକ୍ଷଣ ପାଇଁ ଫର୍ମାଲିନ ରସାୟନ ପ୍ରୟୋଗ ହୋଇଥାଏ। ଏହା ବିଧିସମ୍ମତ। ମାତ୍ର ଅଧୁନା ଏହି ଫର୍ମାଲିନର ଦୁରୁପଯୋଗ କରାଯାଉଥିବା ସୂଚନା ମିଳିଛି। କେତେଜଣ ମାଛ ବ୍ୟବସାୟୀ ପ୍ରଥମେ ଏହି ଫର୍ମାଲିନ ବ୍ୟବହାର କରୁଥିଲେ ମାଛକୁ ସତେଜ ରଖିବା ପାଇଁ। ମାତ୍ର ଏହି ପଦ୍ଧତି ଏବେ ଶୁଖୁଆ ବେପାରୀ ଅନୁସରଣ କଲେଣି। ଧାମରାରେ ଏପରି କରାଯାଉଛି। ଖାଉଟି ନିଜ ଖାଦ୍ୟରେ ପେଟକୁ ଏହି ଫର୍ମାଲିନ ଗ୍ରହଣ କଲେ ତା'ର ସ୍ୱାସ୍ଥ୍ୟହାନି ନିଶ୍ଚିତ। ଏନେଇ ବେପାରୀମାନେ ଆଖି ବୁଜି ଦେଇଛନ୍ତି। ରାଜ୍ୟ ଖାଉଟି କଲ୍ୟାଣ ବିଭାଗ ବିଧିବଦ୍ଧ ଏହାର ଯାଞ୍ଚ କରି କଡ଼ା କଟକଣା ଜାରି କରିବାକୁ ନିବେଦନ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

■ଜୈବ ଇନ୍ଧନ ସମ୍ମିଳନୀ - ୨୦୧୯ରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

### ଅନ୍ନଦାତାଙ୍କୁ ଉର୍ଜାଦାତା କରିବା ଆମ ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୩।୯ (ବ୍ୟୁରୋ): ସିଆଇଆଇ ପକ୍ଷରୁ ସୋମବାର ନୂଆଦିଲ୍ଲୀଠାରେ ଆୟୋଜିତ ଜୈବ ଇନ୍ଧନ ଶକ୍ତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେଶର ଅନ୍ନଦାତା ଚାଷୀ ଭାଇଙ୍କୁ ଉର୍ଜାଦାତା କରିବା ଭାରତ ସରକାରଙ୍କର ପ୍ରାଥମିକତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ 'ଫାର୍ମ ଟୁ ଫୁଏଲ' ଉଦ୍‌ଘାଟନ କରିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, କୃଷି ବର୍ଜ୍ୟ, ଆଦିବାସୀ ଅର୍ଥନୀତିର କେନ୍ଦ୍ର ବିନ୍ଦୁ ଲଘୁ ବନଜାତ ବର୍ଜ୍ୟରୁ ଇଥାନଲ ପ୍ରସ୍ତୁତି ଆମକୁ ପେଟ୍ରୋଲ ଡିଜେଲ୍ ପରି ଫସିଲ୍ ଉର୍ଜା ଆମଦାନୀକୁ କମ୍ କରିବାରେ ସହାୟକ ହେବ । ଏହାଦ୍ୱାରା ଆମର ଆମଦାନୀ କମ୍ ହୋଇ ଅର୍ଥନୀତି ମଜବୁତ୍ ହେବାସହ ଚାଷୀମାନଙ୍କ ଆର୍ଥିକ ବିକାଶ ହେବ। ବିଶ୍ୱରେ ଉର୍ଜା କ୍ଷେତ୍ର ଅନ୍ୟ କ୍ଷେତ୍ର ଗୁଡିକଠାରୁ ଭିନ୍ନ ଅଟେ । ଭାରତ ସରକାର ଗରିବରୁ ଧନୀ ସମସ୍ତଙ୍କ ନିକଟରେ ଶସ୍ତା ଏବଂ ସୁସ୍ଥ ଇନ୍ଧନ ପହଞ୍ଚାଇବା ଦିଗରେ କାମ କରୁଛନ୍ତି । ଆସନ୍ତା ୧୫ବର୍ଷ ମଧ୍ୟରେ ଭାରତ ବିଶ୍ୱର ୧ ନମ୍ବର ସର୍ବବୃହତ ଉର୍ଜା ବ୍ୟବହାରକାରୀ ଦେଶ ହେବ। ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ୟୁଏସ୍ ଏଲଏନଜି ଆମଦାନୀ ପାଇଁ ଭାରତ ଏବଂ ୟୁଏଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିରୁ ଭାରତର ପରିବେଶ ସହଯୋଗୀ ବା ସ୍ୱଚ୍ଛ ଇନ୍ଧନକୁ ବୃଦ୍ଧି କରିବାର ଯେଉଁ ଦାୟିତ୍ୱ ରହିଛି ତାହା ପରିଲକ୍ଷିତ ହେଉଛି । ଆମେରିକା ଭଳି ଇଥାନଲ, ୨ଜି ଇଥାନଲ୍, ବାୟୋଡିଜେଲ୍ ଏବଂ କମ୍ପ୍ରେସଡ୍ ବାୟୋ ଗ୍ୟାସକୁ ନେଇ ଆମେ ଦୁନିଆର ଭୌଗୋଳିକ ସ୍ଥିତିକୁ ବଦଳାଇପାରିବା । ମୋଦି ସରକାର ଅନ୍ନଦାତାଙ୍କୁ ଉର୍ଜାଦାତା ବନେଇବା ପାଇଁ ଚଳିତ ବଜେଟରେ ବାୟୋ ଅର୍ଥନୀତିକୁ ସାମିଲ କରିଛନ୍ତି । ଜୈବ ଶକ୍ତି କ୍ଷେତ୍ରକୁ ମଜବୁତ୍ କରାଗଲେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଅନ୍ନଦାତା ଉର୍ଜାଦାତା ହୋଇପାରିବେ । ସେହିପରି ୨ଜି ଇଥାନଲ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି ।

■ନର୍ସ ନୀହାରିକା ହତ୍ୟା ମାମଲା

### ରାଜାଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ପୋଲିସ

ଜଗତ୍‌ସିଂହପୁର ଅଫିସ,୨୩।୯- ନର୍ସ ନୀହାରିକା ପାତ୍ର ହତ୍ୟା ମାମଲା ପଛରେ ଆଉ କିଛି ଗୁମର ରହିଛି କି। ପ୍ରେମିକ କିଶୋର କୁମାର ଆଞ୍ଚଲ ଓରଫ ରାଜା ଏକାକି ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଥିଲେ ହେଁ ଏଥିରେ କେତେ ସତ୍ୟତା ରହିଛି। ଘର ମଧ୍ୟରେ ନୀହାରିକାଙ୍କୁ ତଣ୍ଟିଚିପି ହତ୍ୟା କରିବାବେଳେ ତାଙ୍କ ଚିତ୍କାର ପାଖ ପଡୋଶୀ ଜାଣିପାରିଲେନି କିପରି। ବର୍ଷାରାତିରେ ମୃତଦେହ ଅଖାରେ ବାନ୍ଧି ବାଇକରେ ନେଇ ୨୫ କିମି ଦୂର ନଦୀରେ ଫିଙ୍ଗିବା କାମ ସେ ଏକାକି କଲେ ନା ଏଥିରେ ଆଉ କିଏ ସମ୍ପୃକ୍ତ। ଏହି ଘଟଣା ଆକସ୍ମିକ ନା ଯୋଜନାବଦ୍ଧ। ଯଦିଓ ସମସ୍ତ କାର୍ଯ୍ୟ ରାଜା ଏକାକି କରିଥିବା ସ୍ୱୀକାର କରିଛନ୍ତି, ତେବେ ଏଭଳି କିଛି ପ୍ରଶ୍ନ ରହିଛି ଯାହାର ଉତ୍ତର ଖୋଜିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଏଥିପାଇଁ ଅଧିକ ପଚରାଉଚରା କରିବାକୁ ବିରିଡ଼ି ପୋଲିସ ସୋମବାର ରାଜାଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି। ଗତ ୨୧ ତାରିଖରେ ପୋଲିସ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ଜଗତ୍‌ସିଂହପୁର ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିଲା। ବିଚାରପତି ଋତୁପର୍ଣ୍ଣା ମିଶ୍ର ଆବେଦନକୁ ଗ୍ରହଣ କରି ରାଜାଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି।

### ଦୁର୍ଘଟଣାରେ ୯ ମୃତ



ଡେମୋ,୨୩।୯(ପି.ଟି.)- ଆସାମର ଶିବସାଗର ଜିଲାରେ ବସ୍ ଓ ମିନିବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୯ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ଜାତୀୟ ରାଜପଥ ୩୭ର ଡେମୋଠାରେ ଏହି ଦୁର୍ଘଟଣା ଘଟିଛି। ବସ୍‌ଟି ଗୋଲାଘାଟରୁ ଡିବ୍ରୁଗଡ଼ ଯାଉଥିବାବେଳେ ମିନିବସ୍‌ଟି ବିପରୀତ ଦିଗରୁ ଆସୁଥିଲା। ଦୁର୍ଘଟଣା ପରେ ଦୁଇଟିଯାକ ଗାଡ଼ି ରାସ୍ତାପାର୍ଶ୍ୱ ଖାତକୁ ଖସିପଡିଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୧୫ ଜଣଙ୍କୁ ଡିବ୍ରୁଗଡ଼ସ୍ଥିତ ଆସାମ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଅନ୍ଧାରରେ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)



କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସମ୍ମୁଖରେ ଅଭିଭାବକ ମହାସଂଘ ଓ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି ।

କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଭବିଷ୍ୟତ ବର୍ତ୍ତମାନ ଅନ୍ଧାରକୁ ଠେଲି ହୋଇଯାଇଛି। ମହାବିଦ୍ୟାଳୟର ୩୮୦ ଛାତ୍ରୀଛାତ୍ର ବର୍ତ୍ତମାନ ରାଜରାସ୍ତାରେ। ସୁରକ୍ଷା ଦୃଷ୍ଟିରୁ କଳିଙ୍ଗ ଷ୍ଟାଡ଼ିୟମ ପରିସରରୁ ଏହି ଶିକ୍ଷାନୁଷ୍ଠାନକୁ ହଟାଇ ଦିଆଯିବା ପରେ ପ୍ରତିବାଦ ଦେଖାଦେଇଛି। ସୋମବାର ଅଭିଭାବକ ମହାସଂଘ ଓ ଛାତ୍ରୀଛାତ୍ରମାନେ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଶାସନ ସଚିବଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୂଚନାଯୋଗ୍ୟ, ପାହାଳ ନିକଟସ୍ଥ ଜୋହଳରେ ଥିବା ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଏହି ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଛି। ଅନୁଷ୍ଠାନର ପାଖାପାଖି ୮୦% ସରଞ୍ଜାମ ଆପେକ୍ସ କଲେଜକୁ ସ୍ଥାନାନ୍ତରିତ ହୋଇସାରିଛି। ବାର୍ଷିକ ୭୦ ଲକ୍ଷ ଟଙ୍କା ଭଡ଼ା ସୂତ୍ରରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଆଜିକୁ ୩ ମାସ ହେଲା ଏଠାରେ ଅଧ୍ୟୟନରତ ୩୮୦ ଛାତ୍ରୀଛାତ୍ର ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କ୍ଲାସ କରିପାରୁ ନାହାନ୍ତି ଓ ଏକ ସନ୍ଦିହାନୀ ଅବସ୍ଥାରେ ଅଛନ୍ତି। କାରଣ ଯେଉଁ ଆପେକ୍ସ କଲେଜରେ ଏହି ଶିକ୍ଷାନୁଷ୍ଠାନ ଚାଲିବ ବୋଲି ନିଷ୍ପତ୍ତି ହୋଇଛି, ସେଠାରେ ଆବଶ୍ୟକୀୟ ଗୃହ, ଖେଳ ପଡ଼ିଆ ଓ ଆନୁସଙ୍ଗିକ ଭିତ୍ତିଭୂମି ନାହିଁ। ଅନ୍ୟପଟେ ଅଭିଭାବକମାନେ ଏହି ପରିପ୍ରେକ୍ଷୀରେ ନିଜ ପିଲାମାନଙ୍କ ଭବିଷ୍ୟତକୁ ନେଇ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ଯଥାଶୀଘ୍ର ଏହାର ସମାଧାନ କରି ଆସନ୍ତା ୭ଦିନ ମଧ୍ୟରେ କୌଣସି ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ

**ପ୍ରତିବାଦରେ ଆମରଣ ଅନଶନ**

ନାହିଁ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି। ସେ କହିଛନ୍ତି, ବିଭାଗୀୟ ସଚିବ ବିଶାଳ ଦେବଙ୍କ ମନୋମୁଖୀ ଓ ଦାୟିତ୍ୱହୀନ ନିଷ୍ପତ୍ତି ଯୋଗୁ ଆଜି ଏହି ଅନୁଷ୍ଠାନରେ ସଙ୍ଗିନ ପରିସ୍ଥିତ ସୃଷ୍ଟି ହୋଇଛି। ବିନା କୌଣସି ସରକାରୀ ଚୁକ୍ତିନାମାରେ ଏତେ ବଡ଼ ନିଷ୍ପତ୍ତି କିପରି ହେଲା। କିଏ ଏବଂ କେଉଁ ନ୍ୟସ୍ତସ୍ୱାର୍ଥରେ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଏଠାରୁ ସ୍ଥାନାନ୍ତର କଲା। ସରକାରଙ୍କ ତହବିଲ୍‌ରୁ ଏତେ ପରିମାଣର ଅର୍ଥ କାହିଁକି ଅଯଥାରେ ଖର୍ଚ୍ଚ କରିବାର ନିଷ୍ପତ୍ତି ନିଆଗଲା। ଯଦି ସରକାର ହକି ପାଇଁ ୩ ମାସ ମଧ୍ୟରେ ସବୁ ଭିତ୍ତିଭୂମି ଯୋଗାଇ ପାରୁଛନ୍ତି, ତେବେ ପିଲାଙ୍କୁ ମୂଳ ଶାରୀରିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସହାୟକ ହେଉଥିବା ଏହି ଅନୁଷ୍ଠାନକୁ କାହିଁକି ଅଣଦେଖା କରୁଛନ୍ତି ବୋଲି ଅଭିଭାବକ ମହାସଂଘ ପ୍ରଶ୍ନ କରିଛି।

■କେନ୍ଦ୍ରୀୟ ଯୋଜନାକୁ ହଡପ କରୁଛନ୍ତି ରାଜ୍ୟ ସରକାର

## ଆସନ୍ତା ୨୭ରେ ସବୁ ବ୍ଲକରେ ଭାଜପାର ଘେରାଉ: ବସନ୍ତ

ଭୁବନେଶ୍ୱର,୨୩।୯(ବ୍ୟୁରୋ):


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀ ।

ରାଜ୍ୟ ସରକାର କ୍ରମାଗତ ଭାବରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ଚାଲିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘରକୁ ରାଜ୍ୟ ସରକାର 'ବିଜୁ ପକ୍କା ଘର' ଯୋଜନାରେ ହେଉଛି ବୋଲି କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ରାଜ୍ୟରେ ଗରିବଙ୍କୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେଇ ବିଜୁ ପକ୍କାଘର ଯୋଜନାରେ ଦେଉଥିବା କଥା କହୁଛନ୍ତି। ଏନେଇ ବିଜ୍ଞାପନ କାଢି କେବଳ ଆବାସ ଯୋଜନା ଉଲ୍ଲେଖ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ମୋଦି ସରକାର ଦେଶରେ ବିଭିନ୍ନ ପ୍ରକାରର ଜନହିତକର ଯୋଜନା ଲାଗୁ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠି କେବଳ କେନ୍ଦ୍ରୀୟ ଯୋଜନାକୁ ହଡପ କରି ନାଁ ବଦଳାଇ ବାହାବା ନେବାକୁ ବସିଛନ୍ତି । ଏହା ବିରୋଧରେ ଆସନ୍ତା ୨୭ରେ ରାଜ୍ୟର ସମସ୍ତ ୩୧୪ ବ୍ଲକ, ଏନ୍‌ଏସି/ମ୍ୟୁନିସିପାଲିଟି ଘେରାଓ କରିବା ସହ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି ଯେ, ୨୦୧୧ ଜନଗଣନା ଅନୁଯାୟୀ ସ୍ଥାନୀୟ ପଞ୍ଚାୟତ ଅଧିକାରୀମାନେ ଗରିବ ହିତାଧିକାରୀମାନଙ୍କ ସୂଚୀ ତଦାରଖ କରିବା କଥା। ମାତ୍ର ଏହି ସୂଚୀକୁ ଦଳୀୟ ଆଧାରରେ ତିଆରି କରି ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଉଛି । ଗୋଟିଏ ପରିବାରରେ ୨ରୁ ୩ଜଣଙ୍କ ନାଁରେ ପକ୍କା ଘର ଦିଆଯାଉଛି। କାର୍ଯ୍ୟାଦେଶ ପାଇବା ପାଇଁ ବ୍ୟାପକ ଅର୍ଥ କାରବାର ହେବା ନଜରକୁ ଆସିଛି। ସେହିପରି ଏହି କାର୍ଯ୍ୟାଦେଶରେ ପ୍ରଧାନମନ୍ତ୍ରୀ ଆବାସ ବୋଲି ଉଲ୍ଲେଖ ହେବା ଆବଶ୍ୟକ । କାର୍ଯ୍ୟାଦେଶକୁ ପଞ୍ଚାୟତ ଏବଂ ବ୍ଲକରେ ଦିଆ ନ ଯାଇ ବିଧାୟକଙ୍କ ସମୟ ସୁବିଧା ଅନୁସାରେ ବଣ୍ଟାଯିବା ପାଇଁ ସ୍ଥଗିତ ରଖାଯାଉଛି । ଏହା ଫଳରେ ସମୟାନୁଯାୟୀ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ ।

## ତିହାର ଜେଲରେ ଚିଦାମ୍ବରମଙ୍କୁ ଭେଟିଲେ ସୋନିଆ, ମନମୋହନ

ନୂଆଦିଲ୍ଲୀ,୨୩।୯(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସୋମବାର ତିହାର ଜେଲ୍‌କୁ ଯାଇ ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଭେଟିଛନ୍ତି। ସେମାନଙ୍କ ସହ ଲୋକ ସଭା ସଦସ୍ୟ କାର୍ତ୍ତି ଚିଦାମ୍ବରମ ମଧ୍ୟ ଥିଲେ। ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଚିଦାମ୍ବରମ ୫ ତାରିଖରୁ ଜେଲ୍‌ରେ ଅଛନ୍ତି। ସୋନିଆ ଓ ମନମୋହନ ଜେଲ୍‌ରେ ସାକ୍ଷାତ କରିବା ତାଙ୍କ ମର୍ଯ୍ୟାଦା ବୃଦ୍ଧି କରିଛି। ଯେ ପର୍ଯ୍ୟନ୍ତ କଂଗ୍ରେସ ଦଳ ସୁଦୃଢ଼ ଥିବ ସେ ମଧ୍ୟ ଦୃଢ଼ ରହିବେ ବୋଲି ଚିଦାମ୍ବରମ ଟୁଇଟ୍ କରିଛନ୍ତି। ବେରୋଜଗାରି ବୃଦ୍ଧି, ଚାକିରିରୁ ଛଟେଇ, ସ୍ୱଳ୍ପ ମଜୁରି, ଭିଡ଼ ହିଂସା, କଶ୍ମୀରରେ ଅଚଳାବସ୍ଥା ଏବଂ ବିରୋଧୀ ଦଳ ନେତାମାନଙ୍କୁ ଜେଲ୍‌ରେ ରଖାଯାଇଥିବାବେଳେ ଭାରତରେ ସବୁକିଛି ଭଲ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହ୍ୟୁଷ୍ଟନ୍‌ରେ ଦେଇଥିବା ମନ୍ତବ୍ୟକୁ ଚିଦାମ୍ବରମ ସମାଲୋଚନା କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୀର ଧୀର ଚାଲିକି**
**ସରି ନୁହେଁ ପାଲିଙ୍କି ।**

ଆଗ କାଳରେ ଧନୀ ଘରର ଲୋକେ ଘୋଡ଼ା ବା ପାଲିଙ୍କିରେ ଯିବାଆସିବା କରୁଥିଲେ । ଯେତେବେଳେ କି ସାଧାରଣ ବ୍ୟକ୍ତି ପାଇଁ ଏସବୁ ସ୍ୱପ୍ନ ଥିଲା । ତେବେ ଧୀର ଧୀର ଚାଲି ବା ଠୁକୁରୁ ଠୁକୁରୁ ଚାଲି ପରି ଦଉଡ଼ିଲା ଭଳି ପାଦ ପକେଇ ପାରୁଥିବା ବ୍ୟକ୍ତି ଯେଉଁମାନଙ୍କର ନିଜ ଗୋଡ଼ ଉପରେ ଯଥେଷ୍ଟ ଭରସା ଥାଏ, ସେମାନଙ୍କ ପାଇଁ ଘୋଡ଼ା ବା ପାଲିଙ୍କି ଚଢ଼ିବା ସେତେ ଆବଶ୍ୟକ ପଡ଼ି ନ ଥାଏ । ପରୋକ୍ଷରେ ଧୀରସ୍ଥିର ମନୋଭାବ ବିଜୟୀ କରାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଧାନ କୋଇଲି**
**କୁଟି କୁଟି ମଲା ବୋହୂ ପୋଇଲୀ ।**

ଦାସୀକୁ ପୋଇଲୀ କୁହାଯାଏ । ଆଗକାଳରେ ଚାଉଳ ପାଇବା ପାଇଁ ଧାନକୁ ଢିଙ୍କିରେ କୁଟିବାକୁ ପଡୁଥିଲା । ଏହି କାମ ପାଇଁ ବୋହୂ ଓ ଦାସୀ ନିୟୋଜିତ ହେଉଥିଲେ । ଧାନକୁ ଢିଙ୍କିରେ କୁଟି କୁଣ୍ଡା ପାଛୁଡ଼ି ଚାଉଳ ବାହାର କରିବା ଅତ୍ୟନ୍ତ ସମୟସାପେକ୍ଷ ଓ କଷ୍ଟକର କାର୍ଯ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■କଶ୍ମୀର ପ୍ରସଙ୍ଗରେ ପାକ୍ ନିରାଶ

## ଉଭୟ ପକ୍ଷ ନ ଚାହିଁଲେ ମଧ୍ୟସ୍ଥତା କରିବିନି: ଟ୍ରମ୍ପ

ନ୍ୟୁୟର୍କ,୨୩।୯(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ଜଣେ ଭଲ ମଧ୍ୟସ୍ଥ କହିବା ସହ କଶ୍ମୀର ପ୍ରସଙ୍ଗକୁ ନେଇ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ବୋଲି ପୁଣି ଥରେ ଦୋହରାଇଛନ୍ତି। ତେବେ ଉଭୟ ଭାରତ ପାକିସ୍ତାନ ନ ଚାହିଁଲେ ସେ ମଧ୍ୟସ୍ଥତା କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଜାତିସଂଘ ସାଧାରଣ ପରିଷଦ ବୈଠକ ଅବସରରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଟ୍ରମ୍ପଙ୍କୁ ଭେଟି କଶ୍ମୀର ପ୍ରସଙ୍ଗରେ ତାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଦୀର୍ଘଦିନ ଧରି କଶ୍ମୀର ଏକ ଜଟିଳ ପ୍ରସଙ୍ଗ ହୋଇ ରହିଆସିଛି। ଯଦି ତାଙ୍କ ଦ୍ୱାରା କିଛି ସହାୟତା କରାଯାଇପାରିବ ତେବେ ସେ ଏଥିପାଇଁ ପ୍ରସ୍ତୁତ ଥିବା ଟ୍ରମ୍ପ କହିଥିଲେ। କିନ୍ତୁ ଏଥିପାଇଁ ଭାରତର ଅନୁମତି ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଫଳରେ ପୁଣି ଥରେ ପାକିସ୍ତାନକୁ ନିରାଶ ହେବାକୁ ପଡିଛି।

ଇମ୍ରାନଙ୍କ ଉପସ୍ଥିତିରେ ଟ୍ରମ୍ପ ହାଓଡି ମୋଦି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ରବିବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦ ପ୍ରସଙ୍ଗକୁ ନେଇ ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ। ନିଜ ଦେଶକୁ ନିୟନ୍ତ୍ରଣ କରିପାରୁ ନ ଥିବା ଲୋକଙ୍କୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଅଡୁଆରେ ପକାଇଥିବା ମୋଦି କହିଥିଲେ। ଆତଙ୍କବାଦ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ପାଇଁ ମୋଦି ଆହ୍ୱାନ ଦେଇଥିଲେ। କଶ୍ମୀର ପ୍ରସଙ୍ଗରେ ପାକ୍ ଖବରଦାତାମାନଙ୍କୁ ପ୍ରଶ୍ନରେ ଟ୍ରମ୍ପ ବିରକ୍ତି ପ୍ରକାଶ କରିଥିଲେ। ଏଭଳି ଖବରଦାତା କେଉଁଠୁ ପାଇଲ ବୋଲି ସେ ଇମ୍ରାନଙ୍କୁ ପଚାରିଥିଲେ।

## ସିନେଟରଙ୍କ ସ୍ତ୍ରୀଙ୍କୁ କ୍ଷମା ମାଗିଲେ ମୋଦି

ହ୍ୟୁଷ୍ଟନ,୨୩।୯(ପି.ଟି.)

ଆମେରିକା ସିନେଟର ଜନ୍ କୋର୍‌ନିନ୍‌ଙ୍କ ସ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମା ମାଗିଛନ୍ତି । କ୍ଷମା ମାଗିବାର କାରଣ ହେଲା ରବିବାର ଉକ୍ତ ମହିଳାଙ୍କର ଜନ୍ମଦିନ ଥିଲାବେଳେ ତାଙ୍କ ସ୍ୱାମୀ ହାଓଡି ମୋଦି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି କୋର୍‌ନିନଙ୍କ ସ୍ତ୍ରୀ ସାଣ୍ଡିଙ୍କ ସମୃଦ୍ଧି ଓ ଶାନ୍ତିପୂର୍ଣ୍ଣ ଭବିଷ୍ୟତ କାମନା କରାଯାଇଛି। ଟେକ୍ସାସ୍ ସିନେଟର କୋରନିନ୍‌ଙ୍କୁ ରବିବାର କାର୍ଯ୍ୟକ୍ରମରେ ମୋଦିଙ୍କ ପାଖରେ ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। ମୋଦି ଟୁଇଟ୍ କରି କହିଛନ୍ତି, 'ଜନ୍ମଦିନରେ ଆପଣଙ୍କ ପାଖରେ ଜୀବନସାଥି ରହି ନ ପାରିଥିବାରୁ ଦୁଃଖିତ। ଆପଣଙ୍କର ସୁଖମୟ ଓ ସମୃଦ୍ଧ ଭବିଷ୍ୟତ କାମନା କରୁଛି।'


# CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT 7750840136 9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781 9667987587 9717166871
balajitrusty@gmail.com

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7894704743
B-34/7 A Block Vijay Enclave, Burari, New Delhi

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972 7491845997
toofanfinance.in
New Ashok Nagar, East Delhi, Delhi

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337 7298510676

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620 9499439810
VISHAL ENCLAVE, M. ROAD, UP

BUSINESS BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996 7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership. fastbuild@gmail.com
Mob : 9073678360

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155 9911786154

SUCCESS
DHARITRI Career appointment Every Wednesday and Saturday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ରାଜ୍ୟରେ ୧୮୯ ଫେରାର ଶିକ୍ଷକ, କର୍ମଚାରୀ

- ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ଯାଜପୁର ଜିଲାରେ କେବଳ ୧୧
- ବଲାଙ୍ଗୀର ଜିଲାର ସର୍ବାଧିକ ୧୫
- ୭ ଜିଲାର ରିପୋର୍ଟ ଉପରେ ସନ୍ଦେହ ପ୍ରକଟ

**ଯାଜପୁର ଅଫିସ,୨୩।୯**

ଫେରାର କିମ୍ବା ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଏହି ମର୍ମରେ ବିଭାଗୀୟ ଉପସଚିବ ପ୍ରଶାନ୍ତ କୁମାର ସ୍ୱାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ମାନଙ୍କୁ ଆବଶ୍ୟକ ତଦନ୍ତ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପତ୍ର ଦେଇଛନ୍ତି। ଏହାକୁ ନେଇ ଫେରାର ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷେ ଅନୁଗୋଳ, ବରଗଡ, ବୌଦ୍ଧ, ଦେବଗଡ, ଝାରସୁଗୁଡା, ନୂଆପଡା ଓ ପୁରୀ ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଉପରେ ସନ୍ଦେହ ପ୍ରକାଶ କରାଯାଇଛି।

ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୧୮୯ ଜଣ ଶିକ୍ଷକ/କର୍ମଚାରୀ ଫେରାର କିମ୍ବା ଅନୁପସ୍ଥିତ ରହିଛନ୍ତି। ସେଥିରୁ ଯାଜପୁର ଜିଲାରେ ୧୧ଜଣ ଶିକ୍ଷକ ରହିଛନ୍ତି। ସେମାନେ ଯାଜପୁର ବ୍ଲକ ସୟିଦପୁର ମଦ୍ରାସା ସ୍କୁଲର ମହମ୍ମଦ ସାଦ୍ଦିକ ଖାନ, ନାଥସାହୁ ନୋଡାଲ ୟୁପି ସ୍କୁଲର ପବିତ୍ର ସାହୁ, କାକୁଡିକୁଦା ନୋଡାଲ ୟୁପି ସ୍କୁଲର ଅପର୍ଣ୍ଣା ସାହୁ, ଭାବତପୁର ପ୍ରାଥମିକ ସ୍କୁଲର ମନୋରମା ସାହୁ, ଜଗନ୍ନାଥ ଜିଉ ୟୁଜିଏମଇ ସ୍କୁଲର ସୁନୀଲ ପାଣି, ଶେଷଦେବ ବାସନ୍ତି ନୋଡାଲ ହାଇସ୍କୁଲର ମମତା ସେଠୀ ଓ ସର୍ବମଙ୍ଗଳା ନୋଡାଲ ହାଇସ୍କୁଲର ରଶ୍ମିତା ରାଉତ, ସୁକିନ୍ଦା ବ୍ଲକ ଗୋବରଘାଟି ଆଶ୍ରମ ସ୍କୁଲର ଅକ୍ଷୟ କୁମାର ହାଇବ୍ରୁ, ଖୁରୁଣ୍ଟି ପ୍ରାଥମିକ ସ୍କୁଲର ବିଚିତ୍ର ସିଂ, ମଧୁବନ ପ୍ରାଥମିକ ସ୍କୁଲର ହେମଲତା ହେମ୍ବ୍ରମ ଓ ବନଦୁର୍ଗା ନୋଡାଲ ୟୁପି ସ୍କୁଲର ସୁବାସ ଲାଗୁରି ଦୀର୍ଘଦିନ ହେଲା ଫେରାର ଅଛନ୍ତି। ସେହିପରି ବାଲେଶ୍ୱର ଜିଲାରେ ୩ ଜଣ, ଭଦ୍ରକରେ ଜଣେ, ବଲାଙ୍ଗୀରରେ ୧୫, କଟକରେ ୬, ଢେଙ୍କାନାଳରେ ୮, ଗଜପତିରେ ୮, ଗଞ୍ଜାମରେ ୧୦, ଜଗତ୍‌ସିଂହପୁରରେ ୬, କଳାହାଣ୍ଡିରେ ୧୦, କନ୍ଧମାଳରେ ୯, କେନ୍ଦୁଝରରେ ୪, ଖୋର୍ଦ୍ଧାରେ ୩, କେନ୍ଦ୍ରାପଡାରେ ୩, ପୁରୀରେ ୨, ଝାରସୁଗୁଡାରେ ଜଣେ, କୋରାପୁଟରେ ୧୨, ମାଲକାନଗିରିରେ ୬, ମୟୂରଭଞ୍ଜରେ ୮ ଓ ନବରଙ୍ଗପୁରରେ ୧୦ ଜଣ ଶିକ୍ଷକ ଓ କର୍ମଚାରୀ ଫେରାର କିମ୍ବା ଅନୁପସ୍ଥିତ ରହିଛନ୍ତି। ତେବେ ଅନୁଗୋଳ, ବରଗଡ ଓ ବୌଦ୍ଧ ଜିଲା ଶିକ୍ଷାଧିକାରୀ ସେମାନଙ୍କ ଜିଲାରେ ଦୀର୍ଘ ସମୟ ଧରି ଫେରାର କିମ୍ବା ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀ ନାହାନ୍ତି ବୋଲି ରିପୋର୍ଟ ଦେଇଛନ୍ତି। ଏହାବାଦ ଦେବଗଡ, ଝାରସୁଗୁଡା ଓ ନୂଆପଡା ଜିଲା ଶିକ୍ଷାଧିକାରୀମାନେ ଜଣେ ଲେଖାଏଁ ଫେରାର/ଅନୁପସ୍ଥିତ ଥିବା ରିପୋର୍ଟରେ ଦର୍ଶାଇଛନ୍ତି। ପୁରୀ ଜିଲା ଶିକ୍ଷାଧିକାରୀ ଦେଇଥିବା ରିପୋର୍ଟରେ ୨ଜଣ ଫେରାର/ଅନୁପସ୍ଥିତ ରହିଛନ୍ତି। ଯାହାକି ସନ୍ଦେହଜନକ ରିପୋର୍ଟ ବୋଲି ଦର୍ଶାଇ ଉପରୋକ୍ତ ୭ଜଣ ଜିଲା ଶିକ୍ଷାଧିକାରୀଙ୍କୁ ପୁନଃ ତଦନ୍ତ କରି ସତ୍ୟାପନ କରିବାକୁ ବିଭାଗୀୟ ସ୍ୱତନ୍ତ୍ର ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାରେ ଉଭୟ କଣ୍ଟ୍ରାକ୍ଚୁଆଲ ଓ ରେଗୁଲାର ଶିକ୍ଷକ କେହି ଦୀର୍ଘ ସମୟ ଧରି ଫେରାର କିମ୍ବା ଅନୁପସ୍ଥିତ ନାହାନ୍ତି ବୋଲି ସମସ୍ତ ଜିଲା ଶିକ୍ଷାଧିକାରୀ ଏକ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହିଭଳି ପ୍ରମାଣପତ୍ର ଜିଲା ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଓ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ଜିଲା ଶିକ୍ଷାଧିକାରୀ ସଂଗ୍ରହ କରିବେ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲା ଶିକ୍ଷାଧିକାରୀ ତାଙ୍କ ରିପୋର୍ଟରେ କେଉଁଠାରୁ ଶିକ୍ଷକ ଓ କର୍ମଚାରୀ ଅନୁପସ୍ଥିତ/ଫେରାର ଅଛନ୍ତି ତାହା ଦର୍ଶାଇ ନାହାନ୍ତି। ସେହିପରି ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଫେରାର/ଅନୁପସ୍ଥିତ ଶିକ୍ଷକ ଓ କର୍ମଚାରୀଙ୍କ ପଦବୀ ଉଲ୍ଲେଖ କରିନାହାନ୍ତି। ତେଣୁ ଏହି ଦୁଇ ଜିଲା ଶିକ୍ଷାଧିକାରୀଙ୍କୁ ସେମାନଙ୍କ ରିପୋର୍ଟ ସୁଧାରି ପୁଣି ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱନାଥ ପ୍ରଧାନ ଆହୁରି ଦର୍ଶାଇଛନ୍ତି ଯେ, ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ, ଅମଲା କର୍ମଚାରୀ ଓ କଣ୍ଟ୍ରାକ୍ଟ ଶିକ୍ଷକଙ୍କ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀ ଏବଂ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ପାଇଁ ବ୍ଲକ ଶିକ୍ଷାଧିକାରୀ ପ୍ରାଧିକାରୀ ରହିବେ। ତେଣୁ ନିର୍ଦ୍ଧାରିତ ସମୟରେ ଫେରାର/ଦୀର୍ଘ ସମୟ ଧରି ଅନୁପସ୍ଥିତ କର୍ମଚାରୀ ଓ ଶିକ୍ଷକଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାର ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବିଭିନ୍ନ ସ୍କୁଲରେ ନିୟମିତ ଶିକ୍ଷକ ଘରେ ବସି ଦରମା ନେଉଥିବାବେଳେ ସେମାନେ କେତେଜଣ ଯୁବତୀଯୁବକଙ୍କୁ ନିଜେ ନିୟୋଜିତ କରିଥିବା ମଧ୍ୟ ଖବର ହସ୍ତଗତ ହେଉଛି।

## ୨୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୨୩।୯**

ଭୁବନେଶ୍ୱର, କଟକ ଓ ବାଲେଶ୍ୱର ପରେ ସୋମବାର କେନ୍ଦ୍ରାପଡ଼ାରୁ ପ୍ରଥମଥର ପାଇଁ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ବ୍ୟବସାୟୀ ଜାହିଦ ଖାଁ (୩୫)ଙ୍କୁ ଗିରଫ କରାଯାଇଛି। କଟକସ୍ଥିତ କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ ଏହି ରହସ୍ୟ ଖୋଲିଥିଲା। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨.୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଏନେଇ ବିଭାଗ ପକ୍ଷରୁ ମାମଲା (ନଂ୧୧୦/୧୯) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଜିଲା ଜଜ୍ କୋର୍ଟରେ ହାଜର କରାଯାଇଛି ।

ପ୍ରାଥମିକ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜାହିଦଙ୍କ ଘର ଟାଉନ ଥାନା ଅନ୍ତର୍ଗତ ମଧୁକରପୁର (ଆମବାଡି)। ବାଲେଶ୍ୱର ଜିଲାରେ ତାଙ୍କ ଶଶୁର ଘର। ପୂର୍ବରୁ ଜାହିଦ ଦାଦା ବଟି ଆଦାୟ, ଛିନତାଇ ଆଦି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ । ତେବେ ବିବାହ ପରେ ସେ ଏହି ଧନ୍ଦାକୁ ଛାଡି ବ୍ରାଉନସୁଗାର ବ୍ୟବସାୟ ଚଳାଇଥିଲେ । ଜଳେଶ୍ୱରରୁ ଏହି ନିଶାଦ୍ରବ୍ୟ ଆଣି କେନ୍ଦ୍ରାପଡ଼ା ସହର ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ତାଙ୍କର ଏହି ବ୍ୟବସାୟର ମୁଖ୍ୟ ଟାର୍ଗେଟରେ ଛାତ୍ରୀଛାତ୍ର ରହିଥିବା ବେଳେ ଏହି ମାୟାରେ ବହୁ ଧନୀ ବ୍ୟକ୍ତି ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲ କୁହନ୍ତି, ଜାହିଦଙ୍କୁ ଧରିବା ପାଇଁ ଗତ ମାସେହେବ ପୋଲିସ ତାଙ୍କ ଉପରେ ନଜର ରଖିଥିଲା । ରବିବାର ରାତିରେ ସେ ବ୍ରାଉନସୁଗାର ନେଇ ଆସୁଥିବା ବେଳେ କୌଣସିସୂତ୍ରରୁ ଖବରପାଇ ତାଙ୍କ ପିଛା କରାଯାଇଥିଲା। ସହରର କଂସେଇଖାନା ପାଖରେ ଥିବା କେବିନରେ ଜାହିଦ ଏହି ସାମଗ୍ରୀକୁ ରଖୁଥିବା ବେଳେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।

ଏହି ବ୍ୟବସାୟରେ ଜିଲାର ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଆଶଙ୍କା କରାଯାଉଛି। ଏନେଇ ଯାଞ୍ଚ ଜାରି ରହିଛି ବୋଲି ଆଇଆଇସି ସାମଲ କହିଛନ୍ତି। ଏହି ଚଢ଼ାଉରେ ଇନ୍ସପେକ୍ଟର ଗାଲୁରାମ ସୋରେନ, ଦିଲୀପ କୁମାର ତ୍ରିପାଠୀ, କେଶବ ଚନ୍ଦ୍ର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ସଂକ୍ଷେପରେ

ଜୁନାଗଡ଼ ଗଣବଳାତ୍କାର ଘଟଣାକୁ ନେଇ ମହିଳା କମିଶନଙ୍କ ଉଦ୍‌ବେଗ

## ଭାଇରାଲ ଭିଡିଓ ରୋକିବାକୁ କ୍ରାଇମ୍‌ବ୍ରାଞ୍ଚକୁ ଚିଠି

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଜୁନାଗଡ଼ ଗଣବଳାତ୍କାର ମାମଲା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଏହାକୁ ରାଜ୍ୟ ମହିଳା କମିଶନ ଗୁରୁତର ସହ ନେଇଛନ୍ତି। କମିଶନ ଅଧ୍ୟକ୍ଷା ମୀନତି ବେହେରା ଘଟଣାକୁ ନିନ୍ଦା କରିବାସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବଳାତ୍କାର ସମୟର ଭିଡିଓକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉକ୍ତ ଭିଡିଓକୁ ରୋକିବାକୁ ସେ କ୍ରାଇମ୍‌ବ୍ରାଞ୍ଚକୁ ଚିଠି ଲେଖିଛନ୍ତି। ଯେଉଁମାନେ ଏହାକୁ ଭାଇରାଲ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଅଧ୍ୟକ୍ଷା ବେହେରା ଜୁନାଗଡ଼ ଗସ୍ତ କରି କଳାହାଣ୍ଡି ଏସ୍‌ପି ଓ ଜୁନାଗଡ଼ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତାଙ୍କୁ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତମାନେ ଯେଭଳି ଖସି ନ ଯାଆନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଥିବା ସେ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମହିଳା କମିଶନ ଅଧ୍ୟକ୍ଷାଙ୍କ ଚିଠି ପରେ କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣା ଉପରେ ନଜର ରଖିଛି। ଭାଇରାଲ ହୋଇଥିବା ଭିଡିଓ କେଉଁ ମୋବାଇଲ୍‌ରୁ ଆସିଛି। ଏହାକୁ କିଏ ସୋସିଆଲ ମିଡିଆରେ ଛାଡୁଛି ସେନେଇ ଖୋଳତାଡ଼ ଆରମ୍ଭ କରିଛି କ୍ରାଇମ୍‌ବ୍ରାଞ୍ଚ। ଏପରି କି ଉକ୍ତ ଭିଡିଓକୁ କେହି ଶେୟାର କିମ୍ବା ଭାଇରାଲ କଲେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି।

## ସ୍ପ୍ରେ ମାରି ୬ ଲକ୍ଷ ଟଙ୍କା ନେଇଗଲେ

**ବଲାଙ୍ଗୀର ଅଫିସ, ୨୩।୯:** ନାକରେ ସ୍ପ୍ରେ ମାରି ରବିବାର ରାତିରେ ବଲାଙ୍ଗୀର ଜଣେ ବ୍ୟବସାୟୀଙ୍କ ଘର ସମ୍ମୁଖରୁ ୩ ଜଣ ଲୁଟେରା ୬ ଲକ୍ଷ ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏକ ମାମଲା (ନଂ.୫୧୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଲୁଟେରାଙ୍କ କୌଣସି ସୁରାକ୍ ମିଳି ପାରିନାହିଁ। ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ରାଧାରାଣୀପଡାର ଜଣେ ବ୍ୟବସାୟୀ ଆନନ୍ଦ ଅଗ୍ରୱାଲ ତାଙ୍କ କିରାନା ହୋଲସେଲ ଷ୍ଟୋରର କର୍ମଚାରୀ ଚକ୍ରପାଣି ଥନାପତିଙ୍କ ସହ ଦୁଇଟି ବାଇକରେ ରାତି ପ୍ରାୟ ସାଢ଼େ ୯ଟାରେ ନିଜ ରାଧାରାଣୀପଡା ଘରକୁ ଫେରୁଥିଲେ । କର୍ମଚାରୀ ଥନାପତି ଚଳାଉଥିବା ସ୍କୁଟିରେ ପ୍ରାୟ ୬ ଲକ୍ଷ ଟଙ୍କା ରଖାଯାଇଥିଲା । ଘର ସମ୍ମୁଖରେ ସ୍କୁଟିରୁ ଉକ୍ତ ଟଙ୍କା କାଢ଼ିବା ସମୟରେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ୩ ଜଣ ଲୁଟେରା ଥନାପତିଙ୍କ ନାକରେ ଏକ ସ୍ପ୍ରେ ମାରି ଉକ୍ତ ଟଙ୍କା ଧରି ବାଇକରେ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ଅନ୍ୟ ଏକ ବାଇକ୍‌ରେ ଥିବା ଅଗ୍ରୱାଲ ଚିତ୍କାର କରିଥିଲେ ମଧ୍ୟ ଲୁଟେରାମାନେ ଗେଟସରୋବରପଡା ପଟକୁ ପଳାଇ ଯାଇଥିବା କହିଛନ୍ତି ।

# ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ମନ୍ତ୍ରୀ



କୁମଝରିଆ ହାଇସ୍କୁଲରେ ମନ୍ତ୍ରୀ ପ୍ରତାପ ଜେନା ପିଲାଙ୍କୁ ପାଠ ପଢାଉଛନ୍ତି।

**କୁଆଁରମୁଣ୍ଡା,୨୩।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ହାଇସ୍କୁଲକୁ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର ଅଚାନକ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ସ୍କୁଲର ପ୍ରବେଶପଥଠାରୁ ଆରମ୍ଭ କରି ରୋଷେଇଶାଳ, ବଗିଚା ଇତ୍ୟାଦି ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଛାତ୍ରୀଛାତ୍ରମାନେ ବି ଠିକ୍ ଉତ୍ତର ଦେଇଥିଲେ। ଏଥିସହିତ ସେ କ୍ଲାସ୍‌ରୁମ୍‌ରେ ଥିବା ହ୍ୱାଇଟ୍ ବୋର୍ଡରେ ମାର୍କର ଧରି ଶିକ୍ଷକଙ୍କ ଭଳି କିଛି ସମୟ ପିଲାମାନଙ୍କୁ ପାଠ ପଢାଇଥିଲେ। ପରେ ଶ୍ରେଣୀଗୃହ କାନ୍ଥରେ ସୁନ୍ଦରଭାବେ ଚିତ୍ରିତ ତାଜମହଲ ପାର୍ଶ୍ୱରେ ପିଲାମାନଙ୍କ ସହ ଫଟୋ ଉଠାଇ ସେମାନଙ୍କୁ ଉତ୍ସାହିତ କରିଥିଲେ।

ବିଶେଷକରି ସ୍କୁଲର ସ୍ୱଚ୍ଛ ଓ ସୁନ୍ଦର ପରିବେଶ, ମନୋରମ ବଗିଚା, ଉନ୍ନତମାନର ସ୍ୱତନ୍ତ୍ର ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ଡିଜିଟାଲ ଶ୍ରେଣୀଗୃହ ସହ ଶୃଙ୍ଖଳିତ ଶିକ୍ଷା ବ୍ୟବସ୍ଥା, ରୋଷେୟାମାନଙ୍କ ୟୁନିଫର୍ମ ଇତ୍ୟାଦି ଦେଖି ମନ୍ତ୍ରୀ ଖୁସି ହୋଇଥିଲେ। ଏହି ବ୍ୟବସ୍ଥା ରାଜ୍ୟର ଅନ୍ୟାନ୍ୟ ସରକାରୀ ସ୍କୁଲଠାରୁ ସ୍ୱତନ୍ତ୍ର ବୋଲି ମନ୍ତ୍ରୀ ଜେନା କହିଥିଲେ। ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏହା ସହ ସ୍କୁଲରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଖୁବ୍‌ଶୀଘ୍ର ଏକ ସୌରଚାଳିତ ନଳକୂପର ବ୍ୟବସ୍ଥା କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ସ୍କୁଲର ଆବଶ୍ୟକତା ପୂରଣ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ରାଜ୍ୟରୁ ସ୍ୱତନ୍ତ୍ର ଟିମ୍ ଏହି ସ୍କୁଲକୁ ପରିଦର୍ଶନ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ଜେନା କହିଥିଲେ। ସୁନ୍ଦରଗଡ଼ ଜିଲାପାଳ ଏହି ସ୍କୁଲକୁ ପରିଦର୍ଶନ କରି ଅଭାବ ଅସୁବିଧା ପୂରଣ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ମନ୍ତ୍ରୀ ଜେନା ପ୍ରଧାନଶିକ୍ଷକ ସାମଲଙ୍କୁ କହିଛନ୍ତି। ଏହାପରେ ମନ୍ତ୍ରୀ ଜେନା ସ୍କୁଲ ପରିସରରେ ଥିବା ନିମ୍ବଗଛ ପିଣ୍ଡିରେ ବସି ମଧ୍ୟାହ୍ନଭୋଜନ ରୋଷେୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଆୟୁର୍ବେଦିକ ଚା' ପିଇବା ପରେ ରାଏବୋଗା ଅଭିମୁଖେ ଯାଇଥିଲେ।

ସୂଚନାଯୋଗ୍ୟ, ମନ୍ତ୍ରୀ ଜେନା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସିଥିବା ଅବସରରେ ଏହି ହାଇସ୍କୁଲ ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ସହ ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶୀର୍ବାଦ ବେହେରା ଅସୁସ୍ଥ

### କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇ ବିଚାରବିଭାଗୀୟ ଜେଲ୍ ହାଜତରେ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ଗୁରୁତର ଅସୁସ୍ଥ ହୋଇଛନ୍ତି। ପୂର୍ବରୁ ସେ ଅସୁସ୍ଥ ଥିବାରୁ ଝାରପଡ଼ା ଜେଲ୍ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଉଥିଲା। ରବିବାର ରାତିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଆହୁରି ଖରାପ ହୋଇପଡ଼ିବାରୁ



ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କଡ଼ା ସୁରକ୍ଷାରେ ତାଙ୍କୁ ହସ୍ପିଟାଲର ନର୍ସିଂହୋମ୍ ୧୬ ନମ୍ବର କ୍ୟାବିନରେ ରଖି ଚିକିତ୍ସା ଆରମ୍ଭ ହୋଇଛି। ତାଙ୍କର ସୁଗାର ଓ ରକ୍ତଚାପ ବଢ଼ିଯାଇଥିବା ଡାକ୍ତର କହିଛନ୍ତି। ଗତ ୧୯ ତାରିଖରେ ସିବିଆଇ ଆଶୀର୍ବାଦଙ୍କୁ କଟକସ୍ଥିତ ବାସଭବନରୁ ଗିରଫ କରିଥିଲା। ଏହି ମାମଲାରେ ପୂର୍ବରୁ ଆଶୀର୍ବାଦଙ୍କୁ ସିବିଆଇ ୫ଥର ଓ ଇଡି ୨ଥର ଜେରା କରିଥିଲା। ତେବେ ଗିରଫ ପରେ ସେ ଅସୁସ୍ଥ ଥିବା ନେଇ ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇବା ସହ ଜାମିନ ଦେବାକୁ ପ୍ରାର୍ଥନା କରିଥିଲେ। କିନ୍ତୁ କୋର୍ଟ ଜାମିନକୁ ଅଗ୍ରାହ୍ୟ କରିଦେଇଥିଲେ।

### ନିଶାସକ୍ତ ପୋଲିସ ଅଧିକାରୀଙ୍କ ଗାଡ଼ି ଧକ୍କାରେ ୨ ଗୁରୁତର

## ନିଲମ୍ବନ ସହ ଗିରଫ ହେଲେ ଏଏସ୍‌ଆଇ

**ବାରିପଦା ଅଫିସ/ଉଦଳା, ୨୩।୯(ଡି.ଏନ୍.ଏ.)**

ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁ ରାସ୍ତାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ ମଦ୍ୟପାନ କରି ଗାଡ଼ି ନ ଚଳାଇବାକୁ ପୋଲିସ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇ ଧରପଗଡ କରାଯାଉଛି। ଏଭଳି ସ୍ଥିତିରେ ଜଣେ ପୋଲିସ ଅଧିକାରୀ ନିଶାସକ୍ତ ଅବସ୍ଥାରେ କାର ଚଳାଇ ଦୁର୍ଘଟଣା ଘଟାଇ ଲୋକଙ୍କ ହାତରେ ଧରାପଡ଼ିବା ପରେ ପୋଲିସ ବିଭାଗ ବିଭିନ୍ନ ମହଲରେ ନିନ୍ଦିତ ହୋଇଛି। ମୟୂରଭଞ୍ଜ ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସମ୍ପୃକ୍ତ ପୋଲିସ ଏଏସଆଇ ଶୁଭେନ୍ଦୁ ବେହେରାଙ୍କୁ ନିଲମ୍ବିତ କରିଥିବା ନେଇ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହା ପରେ ତାଙ୍କୁ ଗିରଫ କରାଯାଇଛି।

ମୟୂରଭଞ୍ଜ ଜିଲା ପୋଲିସ ମୁଖ୍ୟାଳୟରେ କାର୍ଯ୍ୟକରୁଥିବା ପୋଲିସ ଏଏସଆଇ ବେହେରା ରବିବାର ସନ୍ଧ୍ୟାରେ ଏକ କାର (ଓଡି-୧୧କ୍ୟୁ-୯୭୭୯) ଯୋଗେ ଉଦଳା ପଟେ ଯାଉଥିଲେ। ସେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଯିବା ବେଳେ ଏକ ବାଇକକୁ ଧକ୍କା ଦେଇଥିଲେ। ଫଳରେ ବାଇକରେ ଥିବା ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ଏଏସଆଇଙ୍କୁ ଘେରିଯାଇ ଅଟକ ରଖିଥିଲେ। ସେତେବେଳେ ସେ ନିଶାସକ୍ତ ଥିବା ଜଣାପଡ଼ିଥିଲା। ଏନେଇ ପୋଲିସକୁ ଖବର ଦିଆଯିବାରୁ ଉଦଳା



ଗିରଫ ପୋଲିସ ଏଏସଆଇ।

ଥାନା କର୍ମଚାରୀମାନେ ପହଞ୍ଚି ତାଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରିଥିଲେ। ସେ ନିଶାସକ୍ତ ହୋଇ ଗାଡ଼ି ଚଳାଉଥିବା ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିବା ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ନାମରେ ଏକ ମାମଲା (ନଂ.୧୩୭/୧୯) ରୁଜୁ କରାଯାଇଥିଲା। ଏଭଳି ବିଶୃଙ୍ଖଳିତ ଅଧିକାରୀଙ୍କ ପାଇଁ ପୋଲିସ ବିଭାଗରେ ସ୍ଥାନ ନାହିଁ ବୋଲି ଏସପି ପରମାର ଖବରଦାତା ସମ୍ମିଳନୀରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ନିଲମ୍ବିତ ଏଏସଆଇ ବେହେରା କପ୍ତିପଦା ଥାନାରେ ଥିବା ବେଳେ ଜଣେଁକା ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ପୀଡିତା ମହିଳାଜଣକ ନ୍ୟାୟ ନ ପାଇ ଗତ ୧୬ ତାରିଖରେ ସପରିବାର ଭୁବନେଶ୍ୱର ନବୀନ ନିବାସ ସମ୍ମୁଖରେ ପହଞ୍ଚି ନ୍ୟାୟ ଭିକ୍ଷା କରିବା ସହିତ ଆତ୍ମହୁତି ଚେତାବନୀ ଦେଇଥିଲେ। କମିଶନରେଟ ପୋଲିସ ତାଙ୍କଠାରୁ ଅଭିଯୋଗ ରଖି ବୁଝାସୁଝା କରି ଘରକୁ ପଠାଇ ଦେଇଥିଲା।

# ମହାପ୍ରଭୁଙ୍କ ପାଇଁ ମାମୁଘରୁ ଆସିବ ପୋଡୁଆଁ ବସ୍ତ୍ର

- ଗ୍ରହଣ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ୨ ଅନୁଷ୍ଠାନର ଅନୁରୋଧ
- ବନ୍ଦ ପରମ୍ପରାକୁ ଉଜ୍ଜୀବିତ ଲାଗି ଉଦ୍ୟମ

**ପୁରୀ ଅଫିସ, ୨୩।୯**

କଟକ ଜିଲା ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମାମୁଁଘର ବୋଲି ଲୋକମୁଖରେ ପରିଚିତ। ତେଣୁ ପ୍ରଥମାଷ୍ଟମୀରେ ପୋଡୁଆଁ ବସ୍ତ୍ର ଓ ସାମଗ୍ରୀ ଗ୍ରହଣ କରିବା ପାଇଁ ଜଗତ୍‌ସିଂହପୁରସ୍ଥିତ ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ଏବଂ ଶ୍ରୀ ଶ୍ରୀମାଧବାନନ୍ଦଜୀଉ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଛି। ଗତ ମାସ ୨୫ତାରିଖରେ ଦେବୋତ୍ତର କାର୍ଯ୍ୟାଳୟ ଏବଂ ସୋମବାର ସୁରକ୍ଷା ଅଭିଯାନ ମୁଖ୍ୟ ପ୍ରଶାସକଙ୍କୁ ଏହି ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ମାଧବାନନ୍ଦଜୀଉ ମନ୍ଦିର ମହାପ୍ରଭୁଙ୍କ ମାମୁଁଘର ବୋଲି ଆମ ସଂସ୍କୃତିରେ ପରିଚିତ ଓ ଉଚ୍ଚାରିତ। ଶ୍ରୀମନ୍ଦିର ନୀତିକାନ୍ତିରେ ମାମୁଁଘର ପରମ୍ପରାର ପୁନଃ ପ୍ରଚଳନର ଗୁରୁତ୍ୱ ରହିଛି। ଜଗନ୍ନାଥ ସଂସ୍କୃତିର ଆଦ୍ୟ କାଳରୁ ମାଧବାନନ୍ଦ ଜୀଉ ମନ୍ଦିର ତରଫରୁ ପ୍ରତିବର୍ଷ ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀ ଦିନ ପୋଡୁଆଁ ଭାର ଶ୍ରୀମନ୍ଦିରକୁ ଯାଏ। ସେଥିଲାଗି ମାଧବାନନ୍ଦଙ୍କ ମନ୍ଦିରରେ ସ୍ୱତନ୍ତ୍ର ମହୋତ୍ସବ ହୁଏ। କାଳକ୍ରମେ ମୋଗଲମାନେ ଶ୍ରୀମନ୍ଦିର ଆକ୍ରମଣ କରିବା ଯୋଗୁ ଠାକୁରମାନେ ବାରମ୍ବାର ଶ୍ରୀମନ୍ଦିର ଛାଡ଼ି ଦୀର୍ଘ ସମୟ ବାହାରେ ରହିଥିଲେ। ଫଳରେ ସେବେଠାରୁ ପୋଡୁଆଁ ଅଷ୍ଟମୀ ପ୍ରଥା ବନ୍ଦ ହୋଇଯାଇଛି। ବର୍ତ୍ତମାନ ଶ୍ରୀଜଗନ୍ନାଥ ସଂସ୍କୃତିପ୍ରେମୀ ଭକ୍ତଗଣ, ବୁଦ୍ଧିଜୀବୀ, ମାଧବାନନ୍ଦ ଜୀଉ ମନ୍ଦିର ପ୍ରଶାସକ, ଛତିଶୀ ନିଯୋଗୀ, ଶ୍ରୀଜଗନ୍ନାଥ ଚେତନା ସୁରକ୍ଷା ଅଭିଯାନ ସେହି ପ୍ରଥାକୁ ପୁନଃ ପ୍ରଚଳନ କରିବା ନିମନ୍ତେ ଇଚ୍ଛାପ୍ରକାଶ କରିଛନ୍ତି। ଆସନ୍ତା ନଭେମ୍ବର ୧୯ ତାରିଖ ସପ୍ତମୀ ଦିନ ମହାପ୍ରଭୁଙ୍କ ଲାଗି ଅଙ୍ଗବସ୍ତ୍ର ସହିତ ଅନ୍ୟାନ୍ୟ ସେବା ସାମଗ୍ରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଜରିଆରେ ଦେବା ପାଇଁ ସ୍ଥିର କରିଛନ୍ତି। ସେଥିଲାଗି ପ୍ରଚଳିତ ବିଧି ଅନୁସାରେ ପାଉଣା ଓ ମାହାସୁଲ ବାବଦ ଅର୍ଥରାଶି ଦାଖଲ କରିବା ପାଇଁ ମଧ୍ୟ ଇଚ୍ଛୁକ। ତେଣୁ ପୋଡୁଆଁ ଭାର ଗ୍ରହଣ କରି ଆସନ୍ତା ନଭେମ୍ବର ୨୦ ତାରିଖ ଅଷ୍ଟମୀ ଦିନ ଠାକୁରମାନଙ୍କ ଅଙ୍ଗ ଲାଗି କରାଇବା ପାଇଁ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରାଯାଇଛି।

## ଭିମ୍‌ସାରର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା: ଉତ୍ତର ମିଳିଲାନି, ରାଗିଲେ ନବ

**ସମ୍ବଲପୁର,୨୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ସମସ୍ୟା କମୁନି । ଏ ନେଇ ସୋମବାର ବୁର୍ଲାସ୍ଥିତ ଅଶୋକ ନିବାସରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସମୀକ୍ଷା କରିଛନ୍ତି । ଏଥିରେ ଭିମ୍‌ସାର ନିର୍ଦ୍ଦେଶକ ବିଜୟ ଦତ୍ତ ଓ ଅଧୀକ୍ଷକ ଜୟଶ୍ରୀ ଡୋରା ଉପସ୍ଥିତ ଥିଲେ। ଏହି ଅବସରରେ ଟାଟା ମେମୋରିଆଲ ହସ୍‌ପିଟାଲ ସହଯୋଗରେ ନିର୍ମାଣ ହେବାକୁ ଥିବା କ୍ୟାନସର କେୟାର ୟୁନିଟ କାମ ଓ ମହାନଦୀ କୋଇଲା ଖଣି ସହଯୋଗରେ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଶିଶୁଭବନ କାମ କେତେବାଟ ଗଲା ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ହେଲେ ଭିମସାର କର୍ତ୍ତୃପକ୍ଷ ମନ୍ତ୍ରୀଙ୍କୁ ସନ୍ତୋଷ ଜନକ ଉତ୍ତର ଦେଇପାରି ନ ଥିଲେ । ତେଣୁ ମନ୍ତ୍ରୀ ଦାସ ଅସନ୍ତୋଷ ପ୍ରକାଶ କରିଥିଲେ । ଜୁଲାଇରେ ଏହି ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ୩ ମାସ ବିତିଯାଇଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏଭଳି ଅବହେଳା ଯୋଗୁ ଭିମ୍‌ସାର ସମସ୍ୟା କମିବା ପରିବର୍ତ୍ତେ ବଢୁଛି ବୋଲି କହି ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଥିଲେ।

## ନୂଆ ଇସ୍ପାତ କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ରାଜ୍ୟର ଦାବି

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

କେନ୍ଦୁଝର ଜିଲାରେ ନୂଆ ଇସ୍ପାତ କମ୍ପ୍ଲେକ୍ସ ପ୍ରତିଷ୍ଠା ଲାଗି ରାଜ୍ୟ ସରକାର ଦାବି ଉଠାଇଛନ୍ତି। ଏହା ପ୍ରତିଷ୍ଠା ହେବା ଦ୍ୱାରା ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ରଖିଥିବା ଲକ୍ଷ୍ୟ ଉପରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ କହିଛନ୍ତି। ନୂଆଦିଲ୍ଲୀଠାରେ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଚିନ୍ତନ ଶିବିରରେ ମୁଖ୍ୟ ଶାସନ ସଚିବ କେନ୍ଦ୍ର ଲକ୍ଷ୍ୟ ରଖିଥିବା ୩୦୦ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୂରଣରେ ଓଡିଶାର ପୂର୍ଣ୍ଣ ସହଯୋଗ ରହିବ ବୋଲି କହିଛନ୍ତି। କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ପ୍ରସ୍ତାବ ଦୀର୍ଘଦିନ ହେଲା ପଡିରହିଛି। ଏହି ବୈଠକରେ ଓଡିଶା ମୁଖ୍ୟ ଶାସନ ସଚିବଙ୍କ ସହିତ ଅନ୍ୟ ଖଣି ଭିତ୍ତିକ ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡର ପ୍ରତିନିଧିମାନେ ଯୋଗ ଦେଇଛନ୍ତି।

# ରାଜନୀତିରେ ଯୋଗଦେବାକୁ ଦୂତୀ ଆଗ୍ରହୀ

**ଭୁବନେଶ୍ୱର, ୨୩।୯ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଏବେ ପୁଣି ଚର୍ଚ୍ଚାରେ। ମାତ୍ର ଏଥର କୌଣସି ଖେଳ ପାଇଁ ନୁହେଁ ବରଂ ସେ ରାଜନୀତିରେ ଯୋଗଦେବାକୁ ଆଗ୍ରହୀ ବୋଲି ପ୍ରକାଶ କରି ଚର୍ଚ୍ଚାରେ ରହିଛନ୍ତି। ଏଥିପାଇଁ ସୋସିଆଲ ମିଡିଆର ସହାୟତା ନେଇଛନ୍ତି ଦୂତୀ। ରାଜନୀତିରେ ଯୋଗଦେବା ମୋ ପିଲାଦିନର ସ୍ୱପ୍ନ। ମୋ ପରିବାର ତୃଣମୂଳସ୍ତରରେ ରାଜନୀତି ସହ ସମ୍ପୃକ୍ତ। ମୋ ମା' ସରପଞ୍ଚ ପ୍ରାର୍ଥୀ ଥିଲେ ବୋଲି ଟୁଇଟ୍ କରିଛନ୍ତି ଦୂତୀ। ନିଜ ଫେସ୍‌ବୁକ୍‌ରେ ମଧ୍ୟ ସମାନ କଥା ପୋଷ୍ଟ କହିଛନ୍ତି ଭାରତର ଏହି ଦ୍ରୁତତମ ଧାବିକା। "ଭବିଷ୍ୟତରେ ସୁଯୋଗ ପାଇଲେ ମୁଁ ରାଜନୀତିରେ ଯୋଗଦେବାକୁ ଚାହେଁ, ରାଜନୀତିକୁ ଆସିବା ମୋର ଦୀର୍ଘଦିନର ସ୍ୱପ୍ନ। ମୋତେ ଏବେ ୨୩ ବର୍ଷ। ରାଜନୀତିକୁ ଆସିଲେ ଯେ ଖେଳ କ୍ୟାରିୟର ନଷ୍ଟ ହେବ ଏଥିରେ ମୁଁ ବିଶ୍ୱାସ କରେନି। ଦକ୍ଷତା ଥିଲେ ଏକସଙ୍ଗେ



ଅନେକ କାର୍ଯ୍ୟ କରିହେବ। ରାଜନୀତିରେ ଯୋଗଦେବା ପାଇଁ ଏପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ପକ୍ଷରୁ ଅଫର ପାଇନି। ଯଦି ମୋତେ ଅଫର ମିଳେ ତେବେ ନିଶ୍ଚିତ ସେ ସମ୍ପର୍କରେ ଚିନ୍ତା କରିବି। ତେବେ ବର୍ତ୍ତମାନ ମୁଁ ଆସନ୍ତା ବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ଉପରେ ଫୋକସ କରୁଛି" ବୋଲି କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଜାରି ରଖିଥିବା ଦୂତୀ ପ୍ରକାଶ କରିଛନ୍ତି। ରାଜନୀତିରେ ଯୋଗଦେଲେ କ୍ରୀଡ଼ା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକୁ ସେ ପ୍ରାଥମିକତା ଦେବେ ବୋଲି ଦୂତୀ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ହାଇପରଆଣ୍ଡ୍ରୋଜେନିଜମ୍ ପାଇଁ ୨୦୧୪ରେ ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ(ଏଏଫଆଇ) ଦୂତୀଙ୍କୁ ବାସନ୍ଦ କରିଥିଲା। ମାତ୍ର କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ(କାସ୍)ରେ ବିଜୟୀ ହୋଇ ସେ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗତ ବର୍ଷ ସେ ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହ ଚଳିତବର୍ଷ ଜୁଲାଇରେ ପ୍ରଥମ ଭାରତୀୟ ମହିଳା ଆଥଲେଟ୍‌ଭାବେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ସେ ସମଲିଙ୍ଗୀ ସମ୍ପର୍କରେ ଥିବା କଥା ପ୍ରକାଶ କରି ଚର୍ଚ୍ଚାର ଶିରୋନାମାରେ ରହିଥିଲେ। ଦୋହାରେ ଚଳିତମାସ ୨୭ରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ ଚାମ୍ପିୟନଶିପ୍ ପାଇଁ ଦୂତୀ ଏବେ କଳିଙ୍ଗ ଷ୍ଟାଡିୟମ ସିନ୍ଥେଟିକ୍ ଟ୍ରାକ୍‌ରେ ରାତିରେ ଅଭ୍ୟାସ କରୁଛନ୍ତି। ମଙ୍ଗଳବାର ସେ ହାଇଦ୍ରାବାଦ ଯିବେ ଏବଂ ସେଠାରୁ ଦୋହା ଯାତ୍ରା କରିବେ ବୋଲି ପ୍ରକାଶ କରିଛନ୍ତି।

ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଏବଂ ନବ ଉନ୍ମେଷ ନୃତ୍ୟ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ସେମିନାର, କଲେଜ ପରିସର, ପଟିଆ, ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି ସଂଗଠନ ସମୂହ ପରିଷଦ ପକ୍ଷରୁ ଆଲୋଚନାଚକ୍ର, କଳିଙ୍ଗ ବୁଦ୍ଧ ବିହାର, ୟୁନିଟ-୯, ସନ୍ଧ୍ୟା ୬ଟା।

**ପୁରୀ**

- ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପୁରୀ ସଦର ମଣ୍ଡଳସ୍ତରୀୟ ପ୍ରତିଯୋଗିତା, ଜିଲା ସ୍କୁଲ, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମାଙ୍କଡ଼ କାମୁଡ଼ାରେ ୫ ଆହତ

### ଯନ୍ତା ବସାଇଲା ବନ ବିଭାଗ

**ଗୋପ, ୨୩।୯(ଡି.ଏନ୍.ଏ.):** ଗତ ସପ୍ତାହେ ଧରି ଗୋପ ବ୍ଲକ୍ ଅଧୀନ ଓଗାଳପୁର ଗ୍ରାମରେ ମାଙ୍କଡ଼ ଆତଙ୍କ ଦେଖାଦେଇଥିବାବେଳେ ଲୋକମାନେ ଗାଁରୁ ବାହାରି ପାରୁ ନ ଥିବା ଜଣାପଡ଼ିଛି। ମାଙ୍କଡ଼ କାମୁଡ଼ାରେ ଏହି ଗ୍ରାମର କେଲୁଣି ସାହୁ, ବାସନ୍ତି ବେହେରା, ମୂଳି ମଲିକଙ୍କ ସମେତ ୫ ଜଣ ଆହତ ହୋଇଛନ୍ତି। ଅଭିଯୋଗ ପରେ ବନବିଭାଗ ଯନ୍ତା ବସାଇ ମାଙ୍କଡ଼କୁ ଧରିବା ଲାଗି ପ୍ରୟାସ ଜାରି ରଖିଛି। ଅଧିକ ପରିମାଣର ମାଙ୍କଡ଼ ଏହି ଅଞ୍ଚଳରେ ଥିବାରୁ ସେମାନଙ୍କୁ ଖାଇବା ଲାଗି କିଛି ମିଳୁ ନ ଥିବାବେଳେ ମାଙ୍କଡ଼ଗୁଡ଼ିକ ବାଡ଼ିରେ ଥିବା କଦଳୀ, ପନିପରିବା ଆଦି ଖାଇବାକୁ ଆସୁଛନ୍ତି। ଲୋକମାନେ ମାଙ୍କଡ଼ଙ୍କୁ ବାଡ଼େଇବା ଯୋଗୁ ସପ୍ତାହେ ତଳେ ଏକ ମାଙ୍କଡ଼ ଉତ୍କ୍ଷିପ୍ତ ହୋଇ ଲୋକମାନଙ୍କୁ ଗୋଡ଼େଇ କାମୁଡୁଥିବା ଜଣାପଡ଼ିଛି। ମାଙ୍କଡ଼ କାମୁଡ଼ାକୁ ନେଇ ଓଗାଳପୁର ଗ୍ରାମବାସୀ ବାରମ୍ବାର କୋଣାର୍କ ବନବିଭାଗ କାର୍ଯ୍ୟାଳୟକୁ ଜଣାଇଲେ ମଧ ବନ ବିଭାଗ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନାହାଁ। ସୋମବାର ଯନ୍ତାରେ ମାଙ୍କଡ଼ ଧରାପଡ଼ି ନ ଥିବା କୋଣାର୍କ ରେଞ୍ଜର ଆଦିତ୍ୟ ନାରାୟଣ ମିଶ୍ର ସୂଚନା ଦେଇଛନ୍ତି।

## ଦୟା ନଦୀରେ ବୁଡ଼ି ଶିଶୁ ମୃତ

**କଣାସ, ୨୩।୯(ସ୍ୱ.ପ୍ର.):** ପୁରୀ ଜିଲା କଣାସ ବ୍ଲକ ଗଡ଼ବଡ଼ପୁଟ ପଞ୍ଚାୟତ ଅନ୍ତର୍ଗତ ବାଦଲପୁର ଗ୍ରାମର ଜଣେ ଶିଶୁ ଦୟାନଦୀରେ ବୁଡ଼ି ପ୍ରାଣ ହରାଇଛି। ସେ ସଦାଶିବ ମହାପାତ୍ରଙ୍କ ଦୁଇ ବର୍ଷର ଶିଶୁପୁତ୍ର ପ୍ରଭୁଦତ୍ତ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୨୧ତାରିଖ ସକାଳ ପ୍ରାୟ ୯ଟାରେ ପ୍ରଭୁଦତ୍ତ ଘର ପାଖରେ ଖେଳୁଥିବାବେଳେ ହଠାତ କେଉଁଆଡ଼େ ଚାଲିଯାଇଥିଲା। ଘରେ ତାକୁ ନ ପାଇ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ନଦୀ ମଧରୁ ପ୍ରଭୁଦତ୍ତକୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ପାଇଁ ତାକୁ ପରିବାର ଲୋକେ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ପ୍ରଭୁଦତ୍ତକୁ ମୃତ ଘୋଷଣା କରିଥିଲେ।

## କ୍ଷୁଦ୍ର ସ୍ତନ୍ୟପାୟୀ ଏନକ୍ଲୋଜରରୁ ଅଲଗା ହେବ ବାର୍‌ହା

**ବାରଙ୍ଗ,୨୩।୯(ଡି.ଏନ.ଏ.):** ନନ୍ଦନକାନନର କ୍ଷୁଦ୍ର ସ୍ତନ୍ୟପାୟୀ ଏନକ୍ଲୋଜର କମ୍ପ୍ଲେକ୍ସରେ ଥିବା ବାର୍‌ହା ଏବେ ଅଲଗା ରହିବେ। କମ୍ପ୍ଲେକ୍ସର ପ୍ରବେଶ ପଥରେ ଥିବା ୩୭ଜି ଏନକ୍ଲୋଜରରେ ଦୁଇଟି ବାରହା ରହୁଛନ୍ତି। କିନ୍ତୁ ବାରହା ଏନକ୍ଲୋଜର ପରିସରଟି ସବୁସମୟରେ କାଦୁଅପୂର୍ଣ୍ଣ ହୋଇରହିବାରୁ ପୋକେଯାକ ସୃଷ୍ଟି ହୋଇ କମ୍ପ୍ଲେକ୍ସରେ ରହୁଥିବା ଝିଙ୍କ, ଗାଡଭାଲୁ, ଧଳାଝିଙ୍କ, ଗୁରାଣ୍ଡି, ଠେକୁଆ, କଟାସ, ବେଲେରା ମୂଷାମାନେ ଅସୁସ୍ଥ ହେଉଛନ୍ତି। ଏହାଦ୍ୱାରା ସଂକ୍ରମଣ ହୋଇ ବିଭିନ୍ନ ରୋଗରେ ପୀଡ଼ିତ ହେବାର ସମ୍ଭାବନା ରହିଛି। ଏହାଭିତରେ ୩ଟି ବେଲେରା ମୂଷାଙ୍କର ମଧ ମୃତ୍ୟୁ ଘଟିଛି। ଫଳରେ ବାରହା ଦୁଇଟିକୁ ସ୍ଥାନାନ୍ତର କରିବାପାଇଁ ଏନକ୍ଲୋଜରର ପ୍ରବେଶ ଫାଟକ ମୁହଁରେ ନନ୍ଦନକାନନ ପକ୍ଷରୁ ଏକ ଜନ୍ତା ବସାଯାଇଥିବାବେଳେ ଅଣ୍ଡିରା ବାର୍‌ହାଟି ଜନ୍ତାରେ ଧରାପଡିଛି। ତାକୁ ନେଇ ସିଂହ ସଫାରିର ଫିଡିଂ ଚାମ୍ବରରେ ରଖାଯାଇଛି। ସେହିପରି ଅନ୍ୟ ମାଈ ବାରହାଟିକୁ ଧରିବାପାଇଁ ପୁଣି ତନିଦିନ ହେବ ଜନ୍ତା ରଖାଯାଇଥିଲେ ମଧ ଜନ୍ତାରେ ପଶି ନ ଥିବାର ଜଣାପଡିଛି।

## ବସ୍ତି ଯୁବତୀଙ୍କ ପରିବେଶ ଚିନ୍ତା

# ଆତ୍ମନିର୍ଭରଶୀଳ ସହ ପ୍ରଦୂଷଣମୁକ୍ତ କରିଛି କପଡ଼ା ବ୍ୟାଗ୍



ଯୁବତୀମାନେ ପୁରୁଣା କପଡ଼ାରୁ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି।

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ସମଗ୍ର ବିଶ୍ୱକୁ ଘାରିଛି ପ୍ଲାଷ୍ଟିକ୍ ପ୍ରଦୂଷଣ ଚିନ୍ତା। ଜଳବାୟୁ ପରିବର୍ତ୍ତନରେ ୯୯% ଭୂମିକା ପ୍ଲାଷ୍ଟିକ୍‌ର। ତେବେ ସାମୁଦ୍ରିକ ଜୀବଙ୍କୁ ଏହା ସର୍ବାଧିକ କ୍ଷତି ପହଞ୍ଚାଉଥିବାବେଳେ ମଣିଷଙ୍କ ଉପରେ ଏହାର କୁପ୍ରଭାବକୁ ମଧ ଏଡ଼ାଇ ଦିଆଯାଇ ନ ପାରେ। ପ୍ଲାଷ୍ଟିକ୍ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ସାଜିଥିବାବେଳେ ଏହାର ବ୍ୟବହାର କମାଇବାକୁ ବିଭିନ୍ନ ଦେଶ ବିଭିନ୍ନ ପନ୍ଥା ଆପଣାଉଛନ୍ତି। ନିକଟରେ ଓଡ଼ିଶା ସରକାର ପ୍ଲାଷ୍ଟିକ୍‌ର ବ୍ୟବହାର ଉପରେ କଟକଣା ଲଗାଇଥିଲେ ମଧ ଜନସାଧାରଣଙ୍କ ସଚେତନତା ବିନା ଏହାକୁ ରୋକିବା ଅସମ୍ଭବ ବୋଲି ମତପ୍ରକାଶ ପାଇଛି। ଏ ଦିଗରେ ରାଜଧାନୀର ଏକ ବସ୍ତିର କିଛି ଯୁବତୀ ଏକାଠି ହୋଇ ଏକ ଅଭିନବ ଉଦ୍ୟମ ଆରମ୍ଭ କରିଛନ୍ତି। ପରିବେଶ ଉପଯୋଗୀ ଓ ଦୀର୍ଘସ୍ଥାୟୀ କପଡ଼ା ବ୍ୟାଗ୍ ପ୍ରସ୍ତୁତ କରି ରୋଜଗାରକ୍ଷମ ହେବାସହ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ଲୋକଙ୍କୁ ପ୍ରେରଣା ଦେଉଛନ୍ତି ଏମାନେ।

ଶିଖରଚଣ୍ଡୀ ବସ୍ତିର ଗରିବ ପରିବାରରୁ ଆସିଥିବା ଏହି ଝିଅମାନଙ୍କ ମଧରୁ କିଏ ଅଧାରୁ ପାଠ ଛାଡ଼ିଛି ତ କାହା ମୁଣ୍ଡ ଉପରେ ପରିବାର ଚଳାଇବାର ବୋଝ ରହିଛି। ତେବେ ଅନ୍ୟମାନଙ୍କ ଭଳି କାହା ଘରେ କାମ କରିବା କିମ୍ବା ଦିନ ମଜୁରିଆ ହେବା ଅପେକ୍ଷା ଏମାନେ ରୋଜଗାର ପାଇଁ ଏକ ଅଭିନବ ପନ୍ଥା ଖୋଜି ପାଇଛନ୍ତି। ସାମାଜିକ ସଂଗଠନ 'ଚେଷ୍ଟା' ଦ୍ୱାରା ସ୍ୱତନ୍ତ୍ର ଭାବେ ଟେଲରିଂ ପ୍ରଶିକ୍ଷଣ ନେଇ ପ୍ରଥମେ ଏମାନେ ପୁରୁଣା କପଡ଼ାରୁ ବ୍ୟାଗ୍ ପ୍ରସ୍ତୁତ କରୁଥିବାବେଳେ ଏବେ ମାର୍କେଟ୍ ଡିମାଣ୍ଡ ଅନୁଯାୟୀ ବିଭିନ୍ନ ଡିଜାଇନ୍‌ର ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ବ୍ୟାଗ୍‌ଗୁଡ଼ିକ ଧୀରେ ଧୀରେ ଲୋକଙ୍କ ଦ୍ୱାରା ଆଦୃତ ହେବାପରେ ଏହି ଯୁବତୀମାନେ ଏବେ ଉତ୍ତମ ଗୁଣବତ୍ତା ଏବଂ ସବୁ କ୍ଷେତ୍ରରେ ବ୍ୟବହାର ଉପଯୋଗୀ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ନିଜ ଦକ୍ଷତାର ଉପଯୋଗ କରିବା ସହ ଆବଶ୍ୟକସ୍ଥଳେ ଇଣ୍ଟରନେଟ୍‌ରୁ ଡିଜାଇନ୍ ଦେଖି ନୂଆ ନୂଆ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି, ଯାହାକି ସହର ବାସିନ୍ଦାଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଛି। 'ବ୍ୟାଗ୍ ଟୁ ସ୍କୋୟାର୍ ୱାନ୍' ନାମରେ ନାମିତ ଏହି ବ୍ୟାଗ୍‌ଗୁଡ଼ିକ କେବଳ ପରିବେଶ ଉପଯୋଗୀ ନୁହେଁ, ବରଂ ଦୀର୍ଘସ୍ଥାୟୀ ମଧ। ପ୍ରତିଦିନ ଜଣେ ଯୁବତୀ ପ୍ରାୟ ୮ରୁ ୧୦ ଏଭଳି ବ୍ୟାଗ୍ ପ୍ରସ୍ତୁତ କରୁଥିବାବେଳେ ବ୍ୟାଗ୍ ପିଛା ସେମାନଙ୍କୁ ୧୦ରୁ ୨୦ଟଙ୍କା ମିଳୁଛି। ଆଗକୁ ଭୁବନେଶ୍ୱରର ଘରେ ଘରେ କିଭଳି ବ୍ୟାଗ୍ ଟୁ ସ୍କୋୟାର୍ ୱାନ୍‌ର କପଡ଼ା ବ୍ୟାଗ୍ ବ୍ୟବହାର ହେବ ଏବଂ ଲୋକେ ପ୍ଲାଷ୍ଟିକ୍ ବ୍ୟାଗ୍ ପରିବର୍ତ୍ତେ ଏଭଳି ବ୍ୟାଗ୍ ନେଇ ବଜାର ଯିବେ, ସେହି ଲକ୍ଷ୍ୟ ପଥରେ ଏବେ ୪୦ରୁ ଊର୍ଦ୍ଧ୍ୱ ଯୁବତୀ।

### ହଜାରେ ବର୍ଷ ବନାମ ୫ ମାସ

ଆଗରୁ ଏହି ଯୁବତୀମାନଙ୍କ ମା' ମାନେ ପୁରୁଣା ପ୍ୟାଣ୍ଟ୍‌କୁ ସିଲାଇ କରି ସେଥିରୁ ବ୍ୟାଗ୍ ପ୍ରସ୍ତୁତ କରି ବଜାର ନେବା-ଆଣିବାରେ ବ୍ୟବହାର କରୁଥିଲେ। ହେଲେ ଧୀରେ ଧୀରେ ପ୍ଲାଷ୍ଟିକ୍ ବ୍ୟାଗ୍ ଓ ପଲିଥିନ୍‌ର ବହୁଳ ବ୍ୟବହାର ଯୋଗୁ ଏହି କପଡ଼ା ବ୍ୟାଗ୍ ଲୋପ ପାଇଯାଇଥିଲା। ତେବେ ଟେଲରିଂ ଶିଖିବା ପରେ ପୁଣିଥରେ ସେହି କପଡ଼ା ବ୍ୟାଗ୍ ଟ୍ରେଣ୍ଡ୍‌କୁ ଫେରାଇ ଆଣିବାକୁ ସେମାନେ ଉଦ୍ୟମ ଆରମ୍ଭ କରିଥିଲେ। ଏନେଇ ବସ୍ତିର ଜଣେ ଯୁବତୀ ଉର୍ବଶୀଙ୍କ କହିବାନୁଯାୟୀ, ପ୍ଲାଷ୍ଟିକର ହାନିକାରକ ଦିଗ ସମ୍ପର୍କରେ ଜାଣିବାପରେ ଆମେ ଏଥିପାଇଁ କିଛି କରିବାକୁ ସ୍ଥିର କରିଥିଲୁ। ଯେତେବେଳେ ଏକ ପ୍ଲାଷ୍ଟିକ୍ ବ୍ୟାଗ୍ ମାଟିରେ ମିଶିବାକୁ ୧ ହଜାରରୁ ବି ଅଧିକ ବର୍ଷ ନେଇଥାଏ ସେତେବେଳେ ଏକ କପଡ଼ା ବ୍ୟାଗ୍ ମାତ୍ର ୫ ମାସ ସମୟ ନେଇଥାଏ। ଏହାଦ୍ୱାରା କେବଳ ମଣିଷ ନୁହେଁ, ଜୀବଜନ୍ତୁ ଏବଂ ଉଦ୍ଭିଦ ଜଗତ ମଧ ପ୍ରଭାବିତ ହୋଇଥାଏ। ତେଣୁ ଆମେ ନିଜେ କପଡ଼ା ବ୍ୟାଗ୍ ବ୍ୟବହାର କରିବା ସହ ଅନ୍ୟମାନଙ୍କୁ ଶିଖାଉଛୁ। ଏହାଛଡ଼ା ଆମେ ଘରେ ପ୍ଲାଷ୍ଟିକ୍ ବୋତଲ, ପ୍ଲାଷ୍ଟିକ୍ ପ୍ଲେଟ୍, ଗ୍ଲାସ୍, କପ୍ ଆଦି ବ୍ୟବହାର କରିବା ଛାଡ଼ିଦେଇଛୁ ବୋଲି ଉର୍ବଶୀ କହିଛନ୍ତି।





# କୋରିଆ କାର୍‌ଭାନ୍

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

କୋରିଆ ରିପବ୍ଲିକ୍ ରାଷ୍ଟ୍ରଦୂତଙ୍କ ଦ୍ୱାରା ପ୍ରତିବର୍ଷ ଭାରତର ଦୁଇଟି କିମ୍ବା ତିନୋଟି ରାଜ୍ୟରେ ଆୟୋଜିତ ହେଉଥିବା 'କୋରିଆ କାରଭାନ୍' କାର୍ଯ୍ୟକ୍ରମ ଚଳିତବର୍ଷ ମନ୍ଦିରମାଳିନୀ ସହର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କୋରିଆ ଏବଂ ଓଡ଼ିଶା ମଧ୍ୟରେ ପାରସ୍ପରିକ ବୁଝାମଣା ଏବଂ ବାଣିଜ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ ସମ୍ବନ୍ଧକୁ ବିକଶିତ କରିବା। କାର୍ଯ୍ୟକ୍ରମରେ ବିଶ୍ୱପ୍ରସିଦ୍ଧ କୋରିଆ ଟାଏକୋଣ୍ଡୋ ତରଫରୁ ଦମଦାର ଟାଏକୋଣ୍ଡୋ ପ୍ରଦର୍ଶିତ ହୋଇଥିଲା। ୪୬ଜଣ କୋରିଆ କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ଏହି ଟାଏକୋଣ୍ଡୋ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଅବସରରେ କୋରିଆ ରାଷ୍ଟ୍ରଦୂତ ସିନ୍ ବଙ୍ଗକିଲ୍ କହିଥିଲେ, ଭାରତର ୨୮ଟି ରାଜ୍ୟ ୨୮ଟି ଦେଶ ଭଳି ମନେହୁଏ। ଜାତି, ଭାଷା, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ଲାଗନ୍ତି। ଓଡ଼ିଶା ଓ କୋରିଆ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଓଡ଼ିଶାରେ ଯେଉଁ ପ୍ରାକୃତିକ ସମ୍ବଳ ରହିଛି କୋରିଆ ତାହାକୁ ବିଶ୍ୱ ସମ୍ମୁଖକୁ ଆଣିବାକୁ ଚାହୁଁଛି ବୋଲି ସେ କହିଥିଲେ। ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟତାକୁ ଅନୁଭୂତ କରିବା ପାଇଁ ଏହି ଭ୍ରମଣକାରୀ ପ୍ରତିନିଧି ଦଳ ରାଜ୍ୟରେ ଥିବା ସାଂସ୍କୃତିକସ୍ଥଳ ଗୁଡ଼ିକୁ ପରିଦର୍ଶନ କରିଥିଲେ।








# ଉପକୂଳ ଜାତୀୟ ରାଜପଥ ନିର୍ମାଣ ଦାବି

**ପୁରୀ ଅଫିସ,୨୩।୯**

ଉପକୂଳ ଅଞ୍ଚଳବାସୀଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଉପକୂଳ ଜାତୀୟ ରାଜପଥ (ଭାରତମାଳା ପ୍ରକଳ୍ପ) ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ ହେଲା ନାହିଁ। ତୁରନ୍ତ ଏହି ଜାତୀୟ ରାଜପଥ ନିର୍ମାଣ ପାଇଁ ଉପକୂଳ ଜାତୀୟ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ଦାବି କରିଛି। ସୋମବାର ମହାମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ଦିଆଯାଇଥିବା ଆବାହକ ଟୁନା ସ୍ୱାଇଁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

ଛତ୍ରପୁରଠାରୁ ଦୀଘା ପର୍ଯ୍ୟନ୍ତ ୪୫୦ କିମି ଉପକୂଳ ଜାତୀୟ ରାଜପଥ ନିର୍ମାଣ ଯୋଜନା ହୋଇଛି। ଏହା ଗୋପାଳପୁର, ଛତ୍ରପୁର, ଚିଲିକା, ସାତପଡ଼ା, ବ୍ରହ୍ମଗିରି, ପୁରୀ, କୋଣାର୍କ, ଅସ୍ତରଙ୍ଗ, ପାରାଦୀପ, ରତନପୁର, ସାତାଭାୟା, ଧାମରା, ବାସୁଦେବପୁର, ତାଳପଦା, ଚାନ୍ଦିପୁର ଓ ଚନ୍ଦନେଶ୍ୱର ଦେଇ ଦୀଘାରେ ପହଞ୍ଚିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ୭ଟି ଉପକୂଳ ଜିଲା ପାଇଁ ଲାଇଫ୍ ଲାଇନ ଭାବେ ବ୍ୟବହାର ହେବ। ଚିଲିକା ସହ ପାରାଦୀପ ବନ୍ଦର ଏବଂ ଧାମରା ବନ୍ଦରକୁ ଏହି ରାଜପଥ ସଂଯୋଗ କରିବ। ଏହାଦ୍ୱାରା ଭୂତଳ ପରିବହନ ସୁଗମ ହୋଇପାରିବ। ବ୍ୟବସାୟିକ ଅଭିବୃଦ୍ଧି ସହ ବେଳାଭୂମି ପର୍ଯ୍ୟଟନ ବିକଶିତ ହେବାର ସମ୍ଭାବନା ରହିଛି। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତୁରନ୍ତ ଏହି ଜାତୀୟ ରାଜପଥ ନିର୍ମାଣ ନ ହେଲେ ମହାମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆବାହକ ସ୍ୱାଇଁ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



କୈଳାସ



ବେଣୁଧର



ରାଜବୀର



ସତ୍ୟବ୍ରତ



ରଘୁନାଥ



ରବିଚନ୍ଦ୍ର



ଶ୍ରୀମା



ବିଭୂତିଭୂଷଣ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

ମୃତଦେହରୁ ଆଖି ଗାଏବ ଘଟଣା

### ଅନୁଗୋଳ ଏସ୍‌ପି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏନ୍‌ଏଚ୍‌ଆର୍‌ସିଙ୍କ ଜବାବ ତଲବ

**କଟକ ଅଫିସ/ଅନୁଗୋଳ ଅଫିସ, ୨୩।୯:** ମୃତଦେହରୁ ଆଖି ଗାଏବ ହେବା ଘଟଣାରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସୋମବାର ଅନୁଗୋଳ ଜିଲା ଏସ୍‌ପି ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୩୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶ ଯେ, ଜୁଲାଇ ୨୨ରେ ଅନୁଗୋଳ ଜିଲା ଛେଣ୍ଡିପଦା ରାସ୍ତାରେ ଏକ ବାଇକ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀ ଛେଣ୍ଡିପଦା ଥାନା ଅନ୍ତର୍ଗତ କୁଶକିଳା ଗ୍ରାମର ଜନ୍ମେଶ୍ୱର ନାୟକ (୩୫)ଙ୍କ ମୃତ୍ୟୁ ହେବା ସହ ପଛରେ ବସିଥିବା ବିଭୂତି ନାୟକ ଆହତ ହୋଇ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଥାନା ପକ୍ଷରୁ ମୃତଦେହକୁ ମୁଖ୍ୟ ଚିକିତ୍ସାଳୟରେ ଥିବା ଶବଗୃହରେ ରଖାଯାଇଥିଲା। ତା’ ପର ଦିନ ସକାଳେ ଜନ୍ମେଶ୍ୱରଙ୍କ ଡାହାଣ ଆଖି ନ ଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପରିବାର ଲୋକେ ସିଡିଏମ୍‌ଓ ଅଫିସ୍ ସମ୍ମୁଖରେ ଶବ ରଖି ଧାରଣାରେ ବସିଥିଲେ। ଡାକ୍ତରଖାନା ଶବାଗାରରେ ଶବ ସୁରକ୍ଷିତ ରହୁ ନ ଥିବାରୁ ନୂତନ ଭାବେ ନିର୍ମାଣ ହୋଇଥିବା ଶବାଗାରରେ ଶବ ରଖିବା ପାଇଁ ସ୍ଥାନୀୟ ବାସିନ୍ଦା ଓ ରାଜନୈତିକ କର୍ମୀ ଦାବି କରିଥିଲେ। ଏ ନେଇ ମାନବାଧିକାର କର୍ମୀ ଡ. ଅଭୟ ରଞ୍ଜନ ପଟ୍ଟନାୟକ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ ଦାଖଲ କରିଥିଲେ।

### ୨୫ରେ କଳାଭୂମିରେ ଶିଳ୍ପ ବଜାର

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ):** ଆସନ୍ତା ୨୫ରେ ହସ୍ତଶିଳ୍ପ ସଂଗ୍ରହାଳୟରେ ଅପରାହ୍ନ ୧.୩୦ରୁ ୫ଟା ମଧ୍ୟରେ ଶିଳ୍ପ ବଜାର ଏବଂ ହ୍ୟାଣ୍ଡଲୁମ୍ ଟ୍ରେଲ୍ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଉଇଲିୟମ୍ ଏନ୍ ବିସେଲ୍, ଫାବ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ପରିଚାଳକ ତଥା ଉପାଧ୍ୟକ୍ଷ ଯୋଗଦେବେ। ସେ ଓଡ଼ିଶାର ଅର୍ଥନୀତିକୁ ନେଇ ପାରମ୍ପରିକ ଦକ୍ଷତା, ଜ୍ଞାନର ଶୈଳୀକୁ ଭିତ୍ତିକରି ପରିବେଶ ଉପଯୋଗୀ କରି ଓଡ଼ିଶାକୁ ଆୟ ଏବଂ ରୋଜଗାରକ୍ଷମ କିପରି କରିହେବ ଏହା ଉପରେ ଅଭିଭାଷଣ ଉପସ୍ଥାପନ କରିବେ। ଇଚ୍ଛୁକ ବ୍ୟକ୍ତିବିଶେଷ ସଂଗ୍ରହାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ରାଜଧାନୀରେ ଡ୍ୟାନ୍ସ ବାର୍‌କୁ ଅନୁମତି



- ୯ ଆବେଦନ ମଧ୍ୟରୁ ୭ ବାର୍‌କୁ ମିଳିଲା ଲାଇସେନ୍ସ
- ସର୍ତ୍ତ ରଖିଲେ ଅବକାରୀ କମିଶନ
- ମ୍ୟୁଜିକ୍ ବ୍ୟବସ୍ଥା ପାଇଁ ଲାଇସେନ୍ସ ଦେବ ପୋଲିସ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ଏଣିକି ମତୁଆଲା ହୋଇପଡ଼ିବ ଡ୍ୟାନ୍ସ ବାର୍‌ର ରାତି। ନାଚିବେ ବାର୍ ଗର୍ଲ, ଗାଇବେ ସଙ୍ଗୀତ। ରଙ୍ଗିନ୍ ଆଲୋକ, ନିର୍ଧୂମ୍ ନିଶାରେ ଝୁମି ଉଠିବେ ଗ୍ରାହକ। ବହୁ ବିବାଦ ପରେ ଶେଷରେ ରାଜଧାନୀରେ ଡ୍ୟାନ୍ସ ବାର୍‌କୁ ଅବକାରୀ କମିଶନଙ୍କ ପକ୍ଷରୁ ମିଳିଛି ଅନୁମତି। ଯୁବତୀମାନେ ଗୀତ ଗାଇବା ସହ ନାଚିପାରିବେ। ଏହି ଲାଇସେନ୍ସ ପାଇଁ ୯ଟି ଆବେଦନ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସୁପ୍ରିମ୍‌କୋର୍ଟଙ୍କ ରୁଲ୍ ଆଧାରରେ ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରର ୭ ଡ୍ୟାନ୍ସ ବାର୍‌କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ଅନ୍ୟ ୨ ବାରକୁ ଲାଇସେନ୍ସ ଦେବାକୁ ବିଚାର କରାଯାଉଛି ବୋଲି ଖୋର୍ଦ୍ଧା ଜିଲା ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ତାଙ୍କ ସୂଚନାନୁସାରେ, କେତେକ ସର୍ତ୍ତ ରଖାଯାଇ ଲାଇସେନ୍ସ ପ୍ରଦାନ କରାଯାଇଛି। ତେବେ ସର୍ତ୍ତ ପାଳନ ପାଇଁ ନିୟମିତ ଯାଞ୍ଚ କରାଯିବ। ଅବକାରୀ ବିଭାଗର ଅଧିକାରୀମାନେ ଡ୍ୟାନ୍ସବାର୍‌ଗୁଡ଼ିକୁ ସରପ୍ରାଇଜ୍ ଭିଜିଟ୍ କରି ସ୍ଥିତି ପରଖିବେ। ସର୍ତ୍ତ ପାଳନ କରୁ ନ ଥିବା ନଜରକୁ ଆସିଲେ ଉକ୍ତ ଡ୍ୟାନ୍ସବାର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାସହ ପୋଲିସ ମଧ୍ୟ ବାର୍ ମାଲିକଙ୍କ ପାଇଁ କିଛି ସର୍ତ୍ତ ରଖିବା ସହ ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଜୁଲାଇ ୨୬ ବିଳମ୍ବିତ ରାତିରେ ରାଜଧାନୀରେ ବେଆଇନ ଭାବେ ଚାଲୁଥିବା ଏକାଧିକ ଡ୍ୟାନ୍ସବାର୍ ଉପରେ କମିଶନରେଟ ପୋଲିସ ରାତିଅଧିଆ ଚଢ଼ାଉ କରିଥିଲା। ପ୍ରାୟ ୯୭ ଜଣ ଡ୍ୟାନ୍ସରଙ୍କୁ ପୋଲିସ ଉଦ୍ଧାର କରିଥିଲା। ଏମାନଙ୍କ ମଧ୍ୟରୁ ଅଧିକାଂଶ ଯୁବତୀଙ୍କ ଘର ଉତ୍ତରପ୍ରଦେଶ, ହିମାଞ୍ଚଳ ପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, ଦିଲ୍ଲୀ, ହରିୟାଣା ବୋଲି ଜଣାପଡ଼ିଥିଲା। ଏହାପରଠାରୁ ବିଭିନ୍ନ ବାର୍ ଉପରେ ଚଢ଼ାଉ କରାଯାଇଛି। ଏହାକୁ ନେଇ ବାର୍ ମାଲିକମାନେ ସେମାନଙ୍କ ବ୍ୟବସାୟକୁ ନେଇ ମୁହଁ ଖୋଲିଥିଲେ। ଆକ୍ଟ ଓ ରୁଲ୍ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱ ଦୂର କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଏବେ ଅନୁମତି ମିଳିବା ପରେ ସେମାନେ ଖୁସିବ୍ୟକ୍ତ କରିଛନ୍ତି। ବହୁ ପୂର୍ବରୁ ଏହା ହେବାର ଥିଲା ବୋଲି ସେମାନେ କହିଛନ୍ତି।

### କ’ଣ ରଖାଯାଇଛି ସର୍ତ୍ତ

୨୧ବର୍ଷରୁ କମ୍ ବୟସର ଝିଅମାନେ ଡ୍ୟାନ୍ସବାର୍‌ରେ କାର୍ଯ୍ୟ କରିପାରିବେ ନାହିଁ। ସେମାନେ କୌଣସି ପ୍ରକାର ଉତ୍ତେଜକ ସୃଷ୍ଟିକାରୀ ପୋଷାକ ପିନ୍ଧିପାରିବେ ନାହିଁ। ପରିଚୟ ଓ ଠିକଣା ବାର୍‌ମାଲିକଙ୍କ ନିକଟରେ ରହିବ। ଡ୍ୟାନ୍ସଏରିଆ ଓ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ସିସିଟିଭି ଲାଗିବ। ଭିଡିଓ ଫୁଟେଜକୁ ୩ ମାସ ପାଇଁ ଷ୍ଟୋର୍ କରି ରଖିବା ଭଳି ହାର୍ଡଡିସ୍କର ବ୍ୟବସ୍ଥା ରହିବ। ସେମାନଙ୍କୁ ସ୍ୱତନ୍ତ୍ର ପରିଚୟପତ୍ର ଦିଆଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡ୍ୟାନ୍ସ କରୁଥିବା ଝିଅ ଓ ଗ୍ରାହକଙ୍କ ମଧ୍ୟରେ ୫ ଫୁଟ ଦୂରତା ରହିବ। ସେମାନଙ୍କ ଉପରକୁ ଟଙ୍କା ଫିଙ୍ଗାଯାଇ ପାରିବନାହିଁ। ଡ୍ୟାନ୍ସବାର୍ ଗର୍ଲଙ୍କ ସୁରକ୍ଷା ଉପରେ ଧ୍ୟାନ ଦିଆଯିବ। ସେମାନଙ୍କ ପାଇଁ ବାର୍‌ରେ ବାଥରୁମ୍‌ର ବ୍ୟବସ୍ଥା କରାଯିବ। ଡ୍ୟାନ୍ସ ସରିବା ପରେ ସେମାନଙ୍କୁ ମାଲିକ ସୁରକ୍ଷିତ ଭାବେ ସେମାନେ ରହୁଥିବା ସ୍ଥାନରେ ଛାଡ଼ିବେ। ଅନ୍ୟପକ୍ଷରେ ଡ୍ୟାନ୍ସବାର୍‌ରେ ମ୍ୟୁଜିକ୍ ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସଠାରୁ ଅନୁମତି ଆଣିବାକୁ ପଡ଼ିବ ବୋଲି ସର୍ତ୍ତ ରହିଛି।



ରାଜଧାନୀ ଏକ୍ସପ୍ରେସ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ସୋମବାର ନାଲ୍‌କୋ ଓ ପୂର୍ବତଟ ରେଳପଥ ମଧ୍ୟରେ ଚୁକ୍ତି କରାଯାଉଛି।

## ରାଜଧାନୀ ଏକ୍ସପ୍ରେସ୍‌ରେ ପ୍ରଦର୍ଶିତ ହେବ କଳା, ସଂସ୍କୃତି



- ନାଲ୍‌କୋ-ପୂର୍ବତଟ ରେଳପଥ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ
- ୩ ରେକ୍ ପାଇଁ ଖର୍ଚ୍ଚ ହେବ ୩ କୋଟି
- ଆରମ୍ଭ ହେଲା କାର୍ଯ୍ୟ, ମାସକ ଭିତରେ ସରିବ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ରାଜଧାନୀ ଏକ୍ସପ୍ରେସ୍‌ରେ ସ୍ଥାନ ପାଇବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ। ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସର ବହିର୍ବିଭାଗରେ ଉଚ୍ଚ ମାନର ଭିନାଇଲ ବ୍ୟବହାର କରାଯାଇ ଓଡ଼ିଶାର ସୌନ୍ଦର୍ଯ୍ୟକୁ ପ୍ରଦର୍ଶିତ କରାଯିବ। ରାଜଧାନୀ ଏକ୍ସପ୍ରେସର ୩ଟି ଯାକ ରେକ୍‌ରେ ନାଲ୍‌କୋ ପକ୍ଷରୁ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯିବ। ଓଡ଼ିଶାର ନୃତ୍ୟଶୈଳୀ, ପ୍ରାଚୀନ କୀର୍ତ୍ତିରାଜି, ଜଙ୍ଗଲ ପରିବେଶ ଓ ଜୀବଜନ୍ତୁଙ୍କୁ ନେଇ ଡିଜାଇନ ପ୍ରସ୍ତୁତ କରାଯାଇଛି। ଏହି ଡିଜାଇନ୍ ଟ୍ରେନ୍‌ର ଝରକା ଗ୍ଲାସ୍‌ର ମଝି ସ୍ଥାନରେ ଲଗାଯିବ। ଉପରେ ଓ ତଳେ ଦୁଇଟି ଷ୍ଟ୍ରିପ୍‌ରେ ପାରମ୍ପରିକ ପଟ୍ଟଚିତ୍ରର ଛବି ସ୍ଥାନ ପାଇବ। ଏନେଇ ପୂର୍ବତଟ ରେଳପଥ ଓ ନାଲ୍‌କୋ ମଧ୍ୟରେ ଏକ ଚୁକ୍ତି କରାଯାଇଛି। ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ପି.କେ. ସାମଲ ଓ ନାଲକୋ ଉପମହାପ୍ରବନ୍ଧକ ଲଳାଟେନ୍ଦୁ ଦାସ ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ପୂର୍ବତଟ ରେଳପଥ ଅଧୀନରେ ରାଜଧାନୀ ଏକ୍ସପ୍ରେସର ୩ଟି ରେକ୍ ରହିଛି। ପ୍ରତି ରେକ୍‌ରେ ୧୫ ଲେଖାଏ କୋଚ୍ ରହିଛି। ରେକ୍ ପିଛା ୧ କୋଟି ଟଙ୍କା ହିସାବରେ ମୋଟ ୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ରହିଛି। ନାଲ୍‌କୋ ଏ ବାବଦ ଟଙ୍କା ପୂର୍ବତଟ ରେଳପଥକୁ ଦେବ। ଛବିଗୁଡ଼ିକ ସହ କୋଚ୍‌ରେ ନାଲ୍‌କୋର ଡିଜାଇନ ଓ ଲୋଗୋ ମଧ୍ୟ ରହିବ। ଏଥିପାଇଁ ନାମୀ ସଂସ୍ଥାକୁ କାର୍ଯ୍ୟ ଦିଆଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ୧ମାସ ଭିତରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ପର୍ଯ୍ୟଟନ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଦିଗରେ ପ୍ରମୁଖ ଭୂମିକା ନେବ ବୋଲି ପୂର୍ବତଟ ରେଳପଥର ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଅଜୟ ବେହେରା କହିଛନ୍ତି।

ଚୁକ୍ତି ସ୍ୱାକ୍ଷର ସମୟରେ ନାଲ୍‌କୋ ଚେୟାରମ୍ୟାନ ଡ. ତପନ କୁମାର ଚାନ୍ଦ, ନିର୍ଦ୍ଦେଶକ(ପ୍ରଡକ୍ସନ) ଭି.ବାଲ୍‌ସୁବ୍ରମଣ୍ୟମ, ନିର୍ଦ୍ଦେଶକ (ଏଚ୍‌ଆର) ବସନ୍ତ କୁମାର ଠାକୁର, ନିର୍ଦ୍ଦେଶକ (ପି ଆଣ୍ଡ ଟି) ସଞ୍ଜୀବ କୁମାର ରାୟ, ନିର୍ଦ୍ଦେଶକ(ବାଣିଜ୍ୟ) ପ୍ରଦୀପ କୁମାର ମିଶ୍ର, ମୁଖ୍ୟ ସତର୍କତା ଅଧିକାରୀ ସୋମନାଥ ହାଁସଦା, ପୂର୍ବତଟ ରେଳପଥର ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ(ପାସେଞ୍ଜର ମାର୍କେଟିଂ) ଏମ.ଏଲ୍. ଆଶିଷ ରାଓ, ଉପମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ଜେ.ଏଲ. ଜେନା ଓ ବରିଷ୍ଠ କୋଚିଂ ଡିପୋ ଅଧିକାରୀ ସାକ୍ୟ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ

**କଟକ ଅଫିସ, ୨୩।୯**

ଗତ ସାଧାରଣ ନିର୍ବାଚନରେ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ପ୍ରଭୁ ଜାନି ବିଜୟୀ ହୋଇଛନ୍ତି। ତେବେ ପ୍ରାର୍ଥୀପତ୍ର ଦାଖଲ ସମୟରେ ପ୍ରଭୁ ଜାନିଙ୍କ ସହ ସିପିଆଇ(ଏମ୍/ଏଲ୍)ର ପୂର୍ଣ୍ଣ ମାଣ୍ଡାଙ୍ଗି, ବିଏସ୍‌ପିର ଅନୀତା ସଗରିଆ, ଭାଜପାର କୁମୁଦ ଚନ୍ଦ୍ର ସାଉନ୍ତାଙ୍କ ପ୍ରାର୍ଥୀପତ୍ରରେ ତ୍ରୁଟି ରହିଥିବା ଓ ଏହାକୁ ଆଇନ ଅନୁଯାୟୀ ଗ୍ରହଣ କରାଯାଇ ନ ଥିବା ଦର୍ଶାଇ କଂଗ୍ରେସ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ହାଇକୋର୍ଟ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଏହି ମାମଲାକୁ ଗ୍ରହଣ କରିବା ସହ ପ୍ରତିପକ୍ଷଙ୍କୁ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୯ରେ ମାମଲାର ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବ।

କୁଲେସିକା ପିଟିଶନରେ ଦର୍ଶାଇଛନ୍ତି, ନିର୍ବାଚନ ଅଧିକାରୀ ୩ଜଣଙ୍କ ପ୍ରାର୍ଥିତ୍ୱକୁ ବେଆଇନ ଭାବେ ଗ୍ରହଣ କରିଛନ୍ତି। ସେହିପରି ଭୋଟ୍ ଓ ଗଣତି ସମୟରେ ଅସାଧୁ ଉପାୟ ଅବଲମ୍ବନ କରାଯାଇଛି। କୁଲେସିକାଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର, ତରଣୀକାନ୍ତ ବିଶ୍ୱାଳ, ରଶ୍ମୀରେଖା ପଣ୍ଡା, ପୁଷ୍ପରାଜ ଭରଦ୍ୱାଜ, ଭବାନୀଶଙ୍କର ପାଣିଗ୍ରାହୀ ମାମଲା ପରିଚାଳନା କରୁଛନ୍ତି।





ରେଡ୍‌କ୍ରସ ପକ୍ଷରୁ ଭୁବନେଶ୍ୱରଠାରେ ସୋମବାର ଆୟୋଜିତ ପ୍ରଶିକ୍ଷଣ ଶିବିରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମାନବ ସେବା ଆଧ୍ୟାତ୍ମିକତାର ପ୍ରସାରିତ ରୂପ: ରାଜ୍ୟପାଳ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ସେବାର ସୀମା ସରହଦ୍ ନାହିଁ। ଏହା କୌଣସି ମନୁଷ୍ୟକୃତ ବିଭେଦକୁ ସ୍ୱୀକାର କରେ ନାହିଁ। ମାନବ ସେବା ହେଉଛି ଆଧ୍ୟାତ୍ମିକତାର ପ୍ରସାରିତ ରୂପ। ଏହା ହିଁ ରେଡକ୍ରସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ରାଜ୍ୟପାଳ ତଥା ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅଧ୍ୟକ୍ଷ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ଜାତୀୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଯେଉଁଠି ଦୁଃଖ ଅଛି ଓ ଆବଶ୍ୟକତା ଅଛି, ସେଠି ପହଞ୍ଚିବା ଦରକାର ଏବଂ ସାମର୍ଥ୍ୟ ମତେ ସାହାଯ୍ୟ କରିବା ଦରକାର। ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ଅଂଶବିଶେଷ। ଏହି ଭାବଧାରାରେ ଅନୁପ୍ରାଣିତ ହୋଇ ସେବା କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରେଡକ୍ରସ୍ ଏକ ସେବା ଅନୁଷ୍ଠାନ ଭାବରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଓଡ଼ିଶାରେ ରେଡକ୍ରସ୍ ଉଲ୍ଲେଖନୀୟ ସେବା କାର୍ଯ୍ୟ କରି ସମସ୍ତଙ୍କର ପ୍ରଶଂସାଭାଜନ ହୋଇପାରିଛି। ଏହି ପ୍ରକ୍ରିୟାକୁ ଆହୁରି କ୍ରିୟାଶୀଳ ଓ ବ୍ୟାପକ କରିବା ସହ ସେବା ଭାବର ପ୍ରସାରରେ ବିଶେଷ ଭୂମିକା ନେବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଭାରତୀୟ ରେଡକ୍ରସ୍ ସୋସାଇଟି, ଜାତୀୟ ମୁଖ୍ୟାଳୟର ମହାସଚିବ ଆର.କେ. ଜୈନ ଯୋଗଦେଇ ଓଡ଼ିଶା ଶାଖାର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ ପାଇଁ ରେଡକ୍ରସ୍‌ର ସ୍ୱତନ୍ତ୍ର ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡକ୍ରସ୍‌ର ଅନ୍ତର୍ଜାତୀୟ ପ୍ରତିନିଧି କମିଟିର ଉପମୁଖ୍ୟ ଇଭିସ୍ ହେଲର ରେଡକ୍ରସ୍‌ର ବିବର୍ତ୍ତିତ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ଶାଖାର ଅବୈତନିକ ସଚିବ ସି.ଟି.ଏମ୍. ସୁଗୁଣା, ଅବୈତନିକ କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସାମୁଦ୍ରିକ ମାଛ ସୁରକ୍ଷା ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ମନ୍ତ୍ରୀ ଅରୁଣ ସାହୁ ଓ ଅଧିକାରୀମାନେ।

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ରାଜ୍ୟରେ ସମୁଦ୍ର ଉପକୂଳରେ ଟ୍ରଲର ଦ୍ୱାରା ମାଛ ବାସସ୍ଥାନ ପ୍ରଭାବିତ ହେବା ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମତ୍ସ୍ୟସମ୍ପଦକୁ ନେଇ ବ୍ୟାବସାୟିକ ସମ୍ଭାବନା, ସମସ୍ୟା ଓ ସମାଧାନ ବିଷୟରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ଦୀର୍ଘ ସମୁଦ୍ର ଉପକୂଳ ଥିବାରୁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଓ ରପ୍ତାନିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ମତ୍ସ୍ୟଜୀବୀଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାର ସୁଯୋଗ ନେଇ ମତ୍ସ୍ୟଜୀବୀମାନେ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟରେ ପରିଣତ କରିବା ପାଇଁ ମନ୍ତ୍ରୀ ପ୍ରକାଶ କରିଥିଲେ। ବୈଠକରେ ଭିତରକନିକା ଅଭୟାରଣ୍ୟରେ ଅଲିଭ୍ ରିଡେଲ୍ କଇଁଛ ଅଣ୍ଡାଦେବା ପରିପ୍ରେକ୍ଷୀରେ ସମୁଦ୍ର ମାଛଧରା ନିଷିଦ୍ଧ ସମୟସୀମାକୁ ହ୍ରାସ କରାଯିବା, ବର୍ତ୍ତମାନର ସମୁଦ୍ର ଭିତରକୁ ନିଷିଦ୍ଧ କରାଯାଇଥିବା ସୀମାକୁ କମ କରିବା, ସମୁଦ୍ରରେ ଭିତରକନିକା ଅଭୟାରଣ୍ୟର ଜଳସୀମାକୁ ଚିହ୍ନିତ କରିବା, ଯଦ୍ୱାରା ମତ୍ସ୍ୟଜୀବୀମାନେ ଅଭୟାରଣ୍ୟ ସୀମା ମଧ୍ୟକୁ ପ୍ରବେଶ କରିବେ ନାହିଁ ସେ ଉପରେ ବିଚାର ବିମର୍ଶ କରାଯାଇଥିଲା। ମାଛଧରା ବନ୍ଦରର ନଦୀ ମୁହାଣଗୁଡ଼ିକ କ୍ରମଶଃ ପୋତି ହୋଇଯାଉଥିବାରୁ ଟ୍ରଲରଗୁଡ଼ିକ ଯିବା ଆସିବାରେ ବାଧା ଉପୁଜୁଥିବା ଦୃଷ୍ଟିରୁ ନଦୀ ମୁହାଣଗୁଡ଼ିକ ଖୋଲିବା ଆଦି ଉପରେ ଆଲୋଚନା ହୋଇଥିଲା। ଏହାସହ ଡିଜେଲ୍‌ରେ ସବ୍‌ସିଡ଼ି ଦେବା, ମାଛଧରା ଡଙ୍ଗାର ଇଞ୍ଜିନ୍ ଓ ଉପକରଣ ଉପରେ ଟିକସ ରିହାତି ନିମନ୍ତେ ଫେଡେରେଶନ୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କ ସହିତ ବୈଠକ କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଥିଲେ।

## ପୋଲିସ ନାଁରେ ଟଙ୍କା ମାଗି ଯୁବକ ଗିରଫ

**ପୁରୀ ଅଫିସ, ୨୩।୯:** ପୋଲିସ ପରିଚୟ ଦେଇ ଟଙ୍କା ଦାବି କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ସୋମବାର କୁମ୍ଭାରପଡ଼ା ପୋଲିସ ସମ୍ପୃକ୍ତ ଯୁବକ ଆଶିଷ କୁମାର ଦାଶଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଦଫା ୪୧୯, ୪୨୦, ୩୯୨ ଏବଂ ୩୮୬ରେ କେସ୍ ନଂ. ୨୦୯/୧୯ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦାଶ ଦେବୀଘାଟର ସୂର୍ଯ୍ୟକାନ୍ତ ପୂଜାପଣ୍ଡାଙ୍କୁ ଦୁଇଟି ଫୋନ୍ ନମ୍ବରରୁ କଲ୍ କରି ଟଙ୍କା ଦାବି କରୁଥିଲେ। ସୂର୍ଯ୍ୟକାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ତାଙ୍କ ମୋବାଇଲ ଫୋନ୍ ଟ୍ରାକ୍ କରି ତାଙ୍କୁ ଧରିଥିଲା।

## ଭୁବନେଶ୍ୱରରେ ବଢ଼ିଚାଲିଛି ମୋଟର ଯାନ

# କାର୍ଯ୍ୟକାରୀ ହେବ ଲୋ କାର୍ବନ ମୋବିଲିଟି ପ୍ଲାନ

### ଜର୍ମାନୀ ସଂସ୍ଥା ସହ ୨୦ ବର୍ଷ ପାଇଁ ବିଡିଏର ଚୁକ୍ତିନାମା ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୩।୯ (ବ୍ୟୁରୋ)**

ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅନୁଯାୟୀ ୨୦୧୯ରେ ପଞ୍ଜୀକୃତ ଗାଡ଼ି ସଂଖ୍ୟା ହେଉଛି ୧୪ ଲକ୍ଷ, ଯାହା ସହରର ଜନସଂଖ୍ୟା(ପ୍ରାୟ ୧୦ ଲକ୍ଷ)ଠାରୁ ଯଥେଷ୍ଟ ଅଧିକ। ୮୦%ରୁ ଊର୍ଦ୍ଧ୍ୱ ଲୋକ ଗମନାଗମନ ପାଇଁ ନିଜସ୍ୱ ଗାଡ଼ି ଉପରେ ନିର୍ଭର କରନ୍ତି ବୋଲି ଭୁବନେଶ୍ୱରର ପରିବହନ କ୍ଷେତ୍ରର ପରିସଂଖ୍ୟାନରୁ ଜଣାପଡ଼ିଛି। ଏଥିରୁ ପ୍ରଦୂଷଣ, ଦୁର୍ଘଟଣା, ଟ୍ରାଫିକ୍ ଜାମ୍‌ର ଭୟାବହତାକୁ ସହଜରେ ଅନୁମାନ କରାଯାଇପାରେ। ଆସନ୍ତା ୨୦ ବର୍ଷ ମଧ୍ୟରେ ସହର ଜନସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇବା ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରକୁ ସୁସ୍ଥକର, ସୁନ୍ଦର ଓ ବସତିଯୋଗ୍ୟ କରିବା ପାଇଁ ଅତି ଯତ୍ନ ସହକାରେ ଗମନାଗମନ ଯୋଜନା ପ୍ରସ୍ତୁତ କରାଯିବା ଜରୁରୀ। ଏହାକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗ ସହାୟତାରେ ସହରରେ କାର୍ଯ୍ୟକାରୀ କରିବାକୁ ଯାଉଛି ଲୋ କାର୍ବନ ମୋବିଲିଟିପ୍ଲାନ(ଏଲ୍‌ସିଏମ୍‌ପି)। ଏଥିପାଇଁ ଜର୍ମାନୀର ଏକ ଡେଭଲପମେଣ୍ଟ ଏଜେନ୍ସି ‘ଜିଆଇଜେଡ୍’ସହ ୨୦ ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷରିତ କରାଯାଇଛି। ଏଲ୍‌ସିଏମ୍‌ପି ସହରାଞ୍ଚଳ ପରିବହନ କ୍ଷେତ୍ରକୁ ବିକଶିତ, ଉନ୍ନତ କରିବା ସହ ଏହାକୁ ଯାଞ୍ଚ କରିବ।

ବିଡିଏର ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି, ଏଲ୍‌ସିଏମ୍‌ପି ହେଉଛି ବିଡିଏ ଦ୍ୱାରା ଗ୍ରହଣ କରଯାଇଥିବା ଏକ ରଣକୌଶଳ। ଏଲ୍‌ସିଏମ୍‌ପି ସହରର ବିକାଶକୁ ମାର୍ଗ ଦର୍ଶାଇଥାଏ। ଏହାଦ୍ୱାରା ଅତ୍ୟଧିକ ସମୟ ଗମନାଗମନ ସତ୍ତ୍ୱେ ଶକ୍ତି ଖର୍ଚ୍ଚ ଓ ନିର୍ଗମନ କମ୍ ହୋଇଥାଏ। ନାଗରିକଙ୍କୁ ଏକ ସୁରକ୍ଷିତ ତଥା ଉତ୍ତମ ମାନର ସେବା ପ୍ରଦାନ କରିଥାଏ। ପରିବେଶ ଉପରେ କ୍ଷତିକାରକ ପ୍ରଭାବଗୁଡ଼ିକୁ କମ୍ କରିଥାଏ। ଏଲ୍‌ସିଏମ୍‌ପିର ସଫଳ ରୂପାୟନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ(ବିଏସ୍‌ସିଏଲ), କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ), ଭୁବନେଶ୍ୱର ଅର୍ବାନ ନଲେଜ ସେଣ୍ଟର (ବିୟୁକେସି) ଏବଂ ପବ୍ଲିକ ୱାର୍କ ଡିପାର୍ଟମେଣ୍ଟ(ପିଡବ୍ଲ୍ୟୁଡି)ରୁ ପ୍ରତିନିଧିଙ୍କୁ ନେଇ ଏକ କାର୍ଯ୍ୟକାରୀ ସମିତି ଗଠନ କରାଯାଇଛି। ଏହି ବିଡିଏ ଦ୍ୱାରା ପରିଚାଳିତ ହେବ ବୋଲି ସେ କହିଛନ୍ତି।

## ଫଟୋରେ ଖବର







ଦେବଦାସୀ ନୃତ୍ୟମନ୍ଦିର ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ସୋମବାର ଅନୁଷ୍ଠିତ ଚତୁର୍ଦ୍ଦଶ ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ସମାରୋହରେ ମଣିପୁରର ନୃତ୍ୟଶିଳ୍ପୀ ମୋହିତ ସେନଗୁପ୍ତା (ବାମରୁ), ହାଇଦ୍ରାବାଦର ଅଞ୍ଜଳି ଓ ଶ୍ରୀଲେଖା ନୃତ୍ୟ ପରିବେଷଣ କରୁଛନ୍ତି।





ନିର୍ମାଣ ଶ୍ରମିକଙ୍କ ପାଇଁ ୨୩ ଦଫା ଦାବି ନେଇ ବିଭିନ୍ନ ସଂଗଠନ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଘେରାଉ ଅବସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



‘କବିର ସିଂ’ ଏତେ ସଫଳତା ଆଣିଦେବ ବୋଲି କେବେ ବିଶ୍ୱାସ କରି ନ ଥିଲି।
- ଶାହିଦ୍ କପୁର, ବଲିଉଡ୍ ଅଭିନେତା

# ୩୬ ଘଣ୍ଟାରେ ନେବ ୮କୋଟି ଜୀବନ



## ଭୟଙ୍କର ଭାଇରସ୍

**ୱାଶିଂଟନ୍:** ବିଶ୍ୱ ସମ୍ମୁଖରେ ଏକ ବଡ଼ ଚ୍ୟାଲେଞ୍ଜ ଆସିବାକୁ ଯାଉଛି। ଯାହା ଲୋକଙ୍କ ପାଇଁ ବହୁ ଭୟଙ୍କର ସାବ୍ୟସ୍ତ ହେବ। ଆଉ ଏହି ଚ୍ୟାଲେଞ୍ଜର ନାଁ ହେଉଛି ଭାଇରସ୍। ଏହି ଭାଇରସ୍ ଆସିବାର ୩୬ଘଣ୍ଟା ମଧ୍ୟରେ ପୂରା ବିଶ୍ୱରେ ଏହା ବ୍ୟାପିଯିବ। ଫଳରେ ଏଥିଯୋଗୁ ସାରା ବିଶ୍ୱରେ ୮କୋଟି ଲୋକଙ୍କ ମୃତ୍ୟୁ ମଧ୍ୟ ହୋଇପାରେ। ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବ ପ୍ରମୁଖ ସତର୍କ କରିଛନ୍ତି। ସେ ଏହାକୁ ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଜୀବନ ନେଉଥିବା ଫ୍ଲୁ'ର ଆଖ୍ୟା ଦେଇଛନ୍ତି। ଆଉ ଏଥିପାଇଁ ପ୍ରସ୍ତୁତ ରହିବା ଲାଗି କୁହାଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ପ୍ରାୟ ୧ ଶତାବ୍ଦୀ ପୂର୍ବରୁ ୧୯୧୮ରେ ସ୍ପାନିଶରେ ଫ୍ଲୁ ମହାମାରୀ ଯୋଗୁ ବିଶ୍ୱ ଜନସଂଖ୍ୟାର ଏକ ତୃତୀୟାଂଶ ସଂକ୍ରମିତ ହୋଇଥିଲେ। ଫଳରେ ଏଥିଯୋଗୁ ୫କୋଟି ଲୋକଙ୍କ ମୃତ୍ୟୁ ହୋଇଛି। ଆଉ ଏବେ ଯେଉଁ ଫ୍ଲୁ ଆସିବାକୁ ଯାଉଛି ତାହା ସ୍ପାନିଶ୍ ଫ୍ଲୁ'ଠାରୁ ଅତି ଭୟଙ୍କର ହେବ ବୋଲି କୁହାଯାଉଛି। କାରଣ ବର୍ତ୍ତମାନ ଲୋକମାନେ ପ୍ରାୟ ସବୁ ସମୟରେ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯାତ୍ରା କରୁଛନ୍ତି। ଏହି ଫ୍ଲୁ ଆସିବା ପରେ ଖୁବ୍‌ଶୀଘ୍ର ଲୋକଙ୍କ ମାଧ୍ୟମରେ ଗୋଟିଏ ଦେଶରୁ ଅନ୍ୟଦେଶକୁ ସହଜରେ ବ୍ୟାପିଯିବ। ଆଉ ମାତ୍ର ୩୬ଘଣ୍ଟା ମଧ୍ୟରେ ଏହା ପୂରା ପୃଥିବୀକୁ ସଂକ୍ରମିତ କରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଉଛି। ଏନେଇ ‘ଦ ଗ୍ଲୋବାଲ ପ୍ରିପାୟର୍ଡନେସ୍ ମନିଟରିଂ ବୋର୍ଡ’ର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଟିମ୍ ନିଜର ଏକ ରିପୋର୍ଟ ବିଶ୍ୱର ସମସ୍ତ ଦେଶକୁ ପଠାଇ ଏହି ଭାଇରସ୍‌ରୁ ବର୍ତ୍ତିବା ପାଇଁ ଉଚିତ ପଦକ୍ଷେପ ନେବା ଲାଗି କହିଛନ୍ତି।

# କୁମାରୀ ମା’ ଏମୀ ଜ୍ୟାକ୍ସନ୍



**ମୁମ୍ବାଇ:** ବାହାଘର ପୂର୍ବରୁ ମାତୃତ୍ୱ ଲାଭ କରି ଲୋକପ୍ରିୟ ଅଭିନେତ୍ରୀ ଏମୀ ଜ୍ୟାକ୍ସନ୍ ଏବେ ଚର୍ଚ୍ଚାରେ। ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି ଏମୀ। ଏନେଇ ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ନିଜ ଭାବୀ ସ୍ୱାମୀ ଜର୍ଜ ଓ ନବଜାତ ଶିଶୁପୁତ୍ରଙ୍କ ସହ ଏହ ଫଟୋ ନିଜ ଇନଷ୍ଟାଗ୍ରାମରେ ଶେୟାର କରି ତାଙ୍କ ମାତୃତ୍ୱ ଗୁଜବକୁ ସତ ପ୍ରମାଣିତ କରିଛନ୍ତି। ଗତ କିଛି ଦିନ ହେଲା ଏମୀ ନିଜ ପ୍ରେଗ୍ନସିକୁ ନେଇ ବେଶ୍ ଚର୍ଚ୍ଚାରେ ଥିଲେ। ସୋସିଆଲ ମିଡିଆରେ ଏମୀଙ୍କ ଫଟୋରୁ ଫ୍ୟାନ୍ସ ସେ ମାଆ ହେବାକୁ ଯାଉଥିବା ଅନୁମାନ କରୁଥିଲେ। ଅନ୍ୟପଟେ ଏମୀଙ୍କ ଜର୍ଜଙ୍କ ସହ ବିବାହ ହେବା ପୂର୍ବରୁ ସେ ମାତୃତ୍ୱ ଲାଭ କରିଥିବାରୁ ଏବଂ ସୋସିଆଲ ମିଡିଆରେ ସୂଚିତ କରିଥିବାରୁ ପୁଣି ଏମୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହାସହ ନୂଆ ନୂଆ ମାଆ ହୋଇଥିବା ଏମୀ ଓ ତାଙ୍କ ଶିଶୁପୁତ୍ର ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ୍ କରୁଛନ୍ତି। ଆସନ୍ତା ବର୍ଷ ଏମୀ ଓ ଜର୍ଜ ବିବାହ କରିପାରନ୍ତି। ଏମୀ ୨୦୧୦ରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ପାଦ ରଖିଲେ। ସେ ଜଣେ ସଫଳ ବ୍ରିଟିଶ୍ ମଡେଲ ହୋଇଥିବାବେଳେ କଲିଉଡ୍, ବଲିଉଡ୍ ଓ ଟଲିଉଡ୍‌ରେ ମଧ୍ୟ ନିଜର ଅଭିନୟର ଯାଦୁ ଦେଖାଇ ଲୋକପ୍ରିୟତା ହାସଲ କରିଛନ୍ତି।

# ଭେଣ୍ଡିର ରଙ୍ଗ ହେବ ଲାଲ୍

**ବାରାଣସୀ:** ଭାରତୀୟ ପନିପରିବା ଗବେଷଣା ସଂସ୍ଥାନର ଦୀର୍ଘ ୨୩ ବର୍ଷର ଗବେଷଣା ଶେଷରେ ସଫଳ ହୋଇଛି। ବାରାଣସୀସ୍ଥିତ ଏହି ସଂସ୍ଥାନ ଏବେ ‘କାଶୀ ଲାଲିମା’ ନାମକ ଭେଣ୍ଡି କିସମ ପ୍ରସ୍ତୁତ କରିଛନ୍ତି। ଏହି ଭେଣ୍ଡି ଦେଖିବାକୁ ଲାଲ୍ ରଙ୍ଗ। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ୍, ଆଇରନ୍ ଏବଂ କ୍ୟାଲସିୟମ୍ ରହିଛି। ଏହି ଭେଣ୍ଡି କିସମ କିଲୋ ପିଛା ଶହେରୁ ୫ ଶହ ଟଙ୍କାରେ ବିକ୍ରି ହେଉଛି। ତେବେ ଏହାର ବିହନ ଖୁବ୍ ଶୀଘ୍ର ଦେଶର ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ଯୋଗାଇ ଦିଆଯିବ ବୋଲି ସଂସ୍ଥାନ ପକ୍ଷରୁ କୁହାଯାଇଛି। ସବୁଜ ବଦଳରେ ଲାଲ୍ ଭେଣ୍ଡି ଦେଶ ପ୍ରତି ଭଲ ବୋଲି ଜଣାପଡ଼ିବା ପରେ ଚାଷୀମାନେ ଏହାକୁ ଗ୍ରହଣ କରିବାକୁ ମନ ବଳାଇଛନ୍ତି। ସୂଚନାଯୋଗ୍ୟ, ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡ. ବିଜେନ୍ଦ୍ରଙ୍କ ନେତୃତ୍ୱରେ ଏଭଳି କିସମ ଭେଣ୍ଡି ଲାଗି ୧୯୯୫-୯୬ରେ ଗବେଷଣା ଆରମ୍ଭ ହୋଇଥିଲା। ଗବେଷଣାରେ ତାଙ୍କୁ ଡ.ଏସ୍.କେ. ସାନୱାଲ, ଡ. ଜି.ପି. ମିଶ୍ରା ଏବଂ ଟେକ୍ନିକାଲ ସହାୟକ ସୁଭାଷ ଚନ୍ଦ୍ର ପ୍ରମୁଖ ଆବଶ୍ୟକ ସହାୟତା କରିଥିଲେ। ଏହି ଭେଣ୍ଡି କିସମ ୧୧-୧୪ ସେ.ମି. ଲମ୍ବ ହୋଇଥିବାବେଳେ ଏହାର ଗୋଲେଇ ୧.୫-୧.୬ ସେ.ମି.ରହିଛି। ଏହି ରଙ୍ଗର ଭେଣ୍ଡି ସାଧାରଣତଃ ପାଶ୍ଚାତ୍ୟ ରାଷ୍ଟ୍ରରେ ଅଧିକ ଚାଷ କରାଯାଇଥାଏ।



# ହେଲ୍‌ମେଟ ନ ପିନ୍ଧିବାରୁ ବସ୍ ଡ୍ରାଇଭରଙ୍କୁ ଜରିମାନା



**ନୋଏଡ଼ା:** ଆପଣ ଶୁଣି ଆଶ୍ଚର୍ଯ୍ୟ ହେଇଯାଉଥିବେ ନିଶ୍ଚୟ। ବସ୍ ଡ୍ରାଇଭର ପୁଣି ହେଲ୍‌ମେଟ୍ ପିନ୍ଧିବେ ? କିନ୍ତୁ ଏହା ସତ ଯେ, ନୋଏଡ଼ାର ଜଣେ ବସ୍ ଡ୍ରାଇଭର ହେଲ୍‌ମେଟ୍ ପନ୍ଧି ନ ଥିବାରୁ ତାଙ୍କୁ ପରିବହନ ବିଭାଗ ପକ୍ଷରୁ ୫୦୦ ଟଙ୍କାର ଜରିମାନା କରାଯାଇଛି। ସେପ୍ଟେମ୍ବର ୧୧ରେ ଅନ୍‌ଲାଇନ ଚାଲାଣ କଟାଯାଇଥିବାବେଳେ ଶୁକ୍ରବାର ଏହି ଖବର ପଦାକୁ ଆସିଛି। ଘଟଣାରୁ ଜଣାପଡ଼ିଛି ଯେ, ନିରାକାର ସିଂ ନାମକ ବସ୍ ଡ୍ରାଇଭରଙ୍କୁ ଏହି ଚାଲାଣ ମିଳିଛି। ଏହି ଜରିମାନା ବିରୋଧରେ ସେ କୋର୍ଟରେ ଅପିଲ କରିବେ ବୋଲି କହିଛନ୍ତି। ମୋଟର ଯାନ ସଂଶୋଧନ ଆଇନ ଲାଗୁ କରାଯିବା ପରେ ଦେଶବ୍ୟାପୀ ଜରିମାନା ଆଦାୟ କରାଯାଉଛି। ପରିବହନ ବିଭାଗର ମଧ୍ୟ ଗୁରୁଦାୟିତ୍ୱ ବଢ଼ିଛି। ହେଲେ ବିଭାଗ ପକ୍ଷରୁ ଏମିତି ଖାମ୍‌ଖିଆଲ ମନୋଭାବ ପୋଷଣ କରାଯିବ, କେହି କେବେ ଭାବି ନ ଥିଲେ। ଦୁଇଚକିଆ ଯାନଚାଳକଙ୍କ ଲାଗି ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ବସ୍ ଡ୍ରାଇଭର୍‌ଙ୍କୁ ଏନେଇ ଜରିମାନା କରାଯିବା ବିଭାଗୀୟ ତ୍ରୁଟି ଛଡ଼ା ଆଉ କିଛିନୁହେଁ। ପୂର୍ବରୁ ୪ ଥର ସିଟ୍ ବେଲ୍ଟ ନ ପିନ୍ଧିବା କାରଣରୁ ଏହି ବସ୍‌କୁ ଜରିମାନା ଲଗାଯାଇଥିଲା। ତେବେ ସିଟ୍‌ବେଲ୍ଟ ନୁହେଁ ଏବେ ହେଲ୍‌ମେଟ୍ ନ ପିନ୍ଧିବାକୁ ନେଇ ଜରିମାନା ଲଗାଯିବା ଘଟଣା ବିଭାଗୀୟ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି।

# ଗଛ ଗଣ୍ଡିରେ ମୃତଦେହ ସଂସ୍କାର

## ଅଜବ ପରମ୍ପରା

**ଜାକର୍ତ୍ତା:** ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଅଜବ ପରମ୍ପରା ବିଷୟରେ ଶୁଣିଲେ ବେଳେ ବେଳେ ଆଶ୍ଚର୍ଯ୍ୟ ଲାଗେ। କେବେ କେବେ ଏହା ବିଶ୍ୱାସ ନ ହେଉଥିଲେ ମଧ୍ୟ ସେ ସବୁ ପରମ୍ପରା ସତ ହୋଇଥାଏ। ଇଣ୍ଡୋନେସିଆରେ ଥିବା ଏମିତି ଏକ ପରମ୍ପରା ଯାହାକୁ ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ ସତ, ହେଲେ ପରମ୍ପରା ବହୁ ଦଶନ୍ଧି ଧରି ଚଳି ଆସୁଛି। ଏଠାରେ କୌଣସି ଶିଶୁଙ୍କର ମୃତ୍ୟୁ ହେଲେ ସେମାନଙ୍କୁ ଏକ ଜୀବନ୍ତ ଗଛର ଗଣ୍ଡିରେ ସମାଧି ଦିଆଯାଇଥାଏ। ଶିଶୁଟିର ମୃତ୍ୟୁ ପରେ ତାକୁ ଏକ କପଡା ଦ୍ୱାରା ଢାଙ୍କି ଦିଆଯାଏ। ଏହାପରେ ଉକ୍ତ ମୃତଦେହକୁ ତାଳ ପତ୍ରକାଠରେ ତିଆରି ଏକ ଛାଞ୍ଚରେ ରଖି ଗଛ ଗଣ୍ଡିରେ କଣା କରି ସମାଧି ଦିଆଯାଇଥାଏ। ଏପରି କରିବା ଦ୍ୱାରା ଶିଶୁଟିର ଆତ୍ମା ଶାନ୍ତି ପାଇଥାଏ ବୋଲି ସେଠାକାର ଲୋକଙ୍କର ବିଶ୍ୱାସ ରହିଛି। ତେବେ ଦୁଧଦାନ୍ତ ଉଠିବା ପୂର୍ବରୁ ଯେଉଁ ଶିଶୁମାନଙ୍କର ମୃତ୍ୟୁ ହୋଇଥାଏ, କେବଳ ସେହି ଶିଶୁଙ୍କୁ ଏପରି ଭାବେ ସଂସ୍କାର କରାଯାଏ।



# ଦୁନିଆର ସବୁଠୁ ଦାମୀ ଭିଡିଓ ଗେମ୍

## ୨ ହଜାର କୋଟି ଖର୍ଚ୍ଚ, ୭ ବର୍ଷ ପରେ ବି ଅଧୁରା

**ନ୍ୟୁୟର୍କ-** ଏକ ଭିଡିଓ ଗେମ୍ ତିଆରି କରିବା ପାଇଁ ୨୦୧୨ରେ ଅନ୍‌ଲାଇନ୍ କ୍ରାଉଡ୍‌ଫଣ୍ଡିଂ ୱେବସାଇଟ୍ କ୍ରିକ୍‌ଷ୍ଟାର ମାଧ୍ୟମରେ ଟଙ୍କା ଯୋଗାଡ଼ କରାଯାଉଥିଲା। କୁହାଯାଉଥିଲା, ଏହା ଏକ ମଲ୍ଟିପ୍ଲେୟାର ଗେମ୍, ଯାହାକୁ ୨୦୧୪ରେ ଲଞ୍ଚ କରାଯିବ। ଏହି ଗେମ୍ ତିଆରି ଦାୟିତ୍ୱ ବିଶ୍ୱର ପ୍ରସିଦ୍ଧ ଗେମ୍ ଡିଜାଇନର କ୍ରିସ୍ ରବର୍ଟଙ୍କୁ ଦିଆଯାଇଥିଲା। ତେଣୁ ଲୋକଙ୍କର ଏହା ଉପରେ ଖୁବ୍ ବିଶ୍ୱାସ ରହିଥିଲା। ରବର୍ଟ ଏହି କ୍ୟାମ୍ପେନ୍ ଗେମ୍ ୱେବସାଇଟ୍‌ରେ ବି ଚଳାଇଥିଲେ। ସେ କହିଥିଲେ ଯଦି ୧୬୩. ୩ କୋଟି (୨୩ ମିଲିୟନ ଡଲାର) ଯୋଗାଡ଼ ହୋଇଯାଏ ତେବେ ଏହି ଗେମ୍ ତିଆରି ପାଇଁ କୌଣସି ନିବେଶକଙ୍କ ଆବଶ୍ୟକ ପଡ଼ିବନି। ତାଙ୍କର ଏହି ସ୍ୱପ୍ନ ୧୮ ଅକ୍ଟୋବର ୨୦୧୩ ସୁଦ୍ଧା ପୁରଣ ହୋଇଯାଇଥିଲା। ଏବେ ସୁଦ୍ଧା ଏହି ଗେମ୍ ପାଇଁ ୨,୦୪୫ କୋଟି (୨୮୮ ମିଲିୟନ ଡଲାର) ଯୋଗାଡ଼ ହୋଇଛି। ହେଲେ ଏହା କେବେ ଲଞ୍ଚ ହେବ ସେ ନେଇ କିଛି ଜଣାପଡ଼ିନି। ଏହି ଗେମ୍‌ର ନାଁ ‘ଷ୍ଟାର ସିଟିଜେନ୍’। ବିଶେଷକରି ଏହାକୁ ମାଇକ୍ରୋସଫ୍ଟ ୱିଣ୍ଡୋଜ୍ ପାଇଁ ତିଆରି କରାଯାଉଛି। ରବର୍ଟ କହିଛନ୍ତି, ଏହି ଗେମ୍ ଖେଳିବାକୁ ଖେଳାଳିମାନଙ୍କୁ ଏକ ବ୍ରହ୍ମାଣ୍ଡ ମିଳିବ। ଏଥିରେ ୧୦୦ଟି ଷ୍ଟାର ସିଷ୍ଟମ ରହିବ। କିନ୍ତୁ ଏ ପର୍ଯ୍ୟନ୍ତ ଏଥିରୁ ଗୋଟିଏ ମଧ୍ୟ ତିଆରି ହୋଇନାହିଁ। ଏ ଯାଏ କେବଳ ଦୁଇଟି ଗ୍ରହ, ୯ଟି ଜହ୍ନ ଓ ଗୋଟିଏ ଛୋଟ ତାରା ତିଆରି ହେଇଛି। ୨୦୧୭ ବେଳକୁ ରୋବର୍ଟଙ୍କ ପାଖରେ ଆଉ ୧୦୦ କୋଟି (୧୪ମିଲିୟନ ଡଲାର) ଥିଲା, ତେଣୁ ସେ ଆଉଥରେ ଅନଲାଇନ୍ କ୍ରାଉଡଫଣ୍ଡିଂ ଆରମ୍ଭ କରିଥିଲେ। ଏହି ଗେମ୍ ଉପରେ ନଜର ରଖିଥିବା ବିଶେଷଜ୍ଞଙ୍କ କହିବା କଥା ଯେ, ରବର୍ଟ ବାରମ୍ବାର ଗେମ୍‌ର ଫିଚର ବଦଳାଉଥିବା ବେଳେ ତାଙ୍କ ଟିମ୍ ମେମ୍ବରଙ୍କ କାମ ତାଙ୍କୁ ପସନ୍ଦ ଆସୁ ନ ଥିବାରୁ ଏହା ଶେଷ ହେବାରେ ବିଳମ୍ବ ଘଟୁଛି। ଏହି ଗେମ୍ ପାଇଁ ପ୍ରାୟ ୧୧ଲକ୍ଷ ଲୋକ ଟଙ୍କା ଲଗାଇଛନ୍ତି। ଗେମ୍ ଲଞ୍ଚ ହେବାକୁ ଡେରି ହେଉଥିବାରୁ ଆମେରିକାର ଫେଡେରାଲ ଟ୍ରେଡ କମିଶନଙ୍କ ନିକଟରେ ଏ ପର୍ଯ୍ୟନ୍ତ ୧୨୯ ଟି ଅଭିଯୋଗ ପହଞ୍ଚିଛି।



# ଡେଥ୍ ସାର୍ଟିଫିକେଟ ନେଇ ଥାନାରେ ପହଞ୍ଚିଲେ ଯୁବକ

**ଲକ୍ଷ୍ନୌ:** କୁହାଯାଏ ପେଟ ପାଇଁ ସବୁ ନାଟ। ଏଭଳି ଏକ ନାଟ ଦେଖିବାକୁ ମିଳିଛି ଉତ୍ତରପ୍ରଦେଶ ହାପୁଡ଼ ଜିଲାରେ। ବଡ଼ଭାଇଙ୍କ ନାଁରେ ସାନ ଭାଇ ଚାକିରି କରିବା ଓ ସାନଭାଇର ମୃତ୍ୟୁ ପରେ ବଡ଼ଭାଇଙ୍କ ମୃତ୍ୟୁ ପ୍ରମାଣପତ୍ର ମାଧ୍ୟମରେ କ୍ଷତିପୂରଣ ପାଇବା ପାଇଁ ଦାବି କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କୋତବାଲି ଅଞ୍ଚଳରେ ମୋହଲ୍ଲା ଗାନ୍ଧୀ ବିହାରରେ ସପରିବାର ରହନ୍ତି ଅନୁଜ ଶର୍ମା। ତାଙ୍କ ସାନଭାଇ ରାହୁଲ। ଅନୁଜଙ୍କର ସବୁ ଶିକ୍ଷାଗତ ପ୍ରମାଣପତ୍ର ନେଇ ତାଙ୍କ ନାମରେ ରାହୁଲ ହୋମଗାର୍ଡରେ ଚାକିରି କରିଥିଲେ। ଚାକିରିର ସବୁ କାଗଜପତ୍ରରେ ରାହୁଲ କିନ୍ତୁ ତାଙ୍କ ପତ୍ନୀଙ୍କ ନାମ ରଖିଥିଲେ। ୮ ଏପ୍ରିଲ , ୨୦୧୮ରେ ମେରଠ ରୋଡ୍‌ରେ କାର୍ଯ୍ୟରତ ରାହୁଲଙ୍କର ଟ୍ରକ ଦୁର୍ଘଟଣାରେ ମୃତ୍ୟୁ ହେବାପରେ ତାଙ୍କ ପରିବାର ଥାନାରେ ଏକ କେସ୍ ଦାଏର କରିଥିଲେ। ସେଥିରେ ପରିବାରର ଲୋକେ ମୃତକଙ୍କ ନାମ ରାହୁଲ ବଦଳରେ ଅନୁଜ ବୋଲି ଉଲ୍ଲେଖ କରିଥିଲେ। କାଗଜ ପତ୍ରରେ ଅନୁଜଙ୍କୁ ମୃତକ ବୋଲି ଦର୍ଶାଯିବା ପରେ ରାହୁଲଙ୍କ ପତ୍ନୀ କ୍ଷତିପୂରଣ ବାବଦ ଅର୍ଥ ହଡପ କରିବା ସକାଶେ ବାପଘର ପରାମର୍ଶରେ ଜୀବିତ ଦେଢ଼ଶୁର ଅନୁଜଙ୍କ ନାମରେ ଅନ୍‌ଲାଇନ ଜରିଆରେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ କରିଥିଲେ। ପରେ ସେ ଏହାକୁ ନେଇ ଜିଲା ହୋମଗାର୍ଡ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟରେ ଟଙ୍କା ପାଇବାକୁ ଦାବି କରିବା ପରେ ଅନୁଜ ପୋଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସବୁ ଜଣାଇଦେଇଛନ୍ତି। ଏହାପରେ ଘଟଣାର ରହସ୍ୟ ପଦାକୁ ଆସିବା ପରେ ଏହା ଉପରେ ତଦନ୍ତ ଲାଗି ଏକ କମିଟି ଗଠନ କରାଯାଇଛି।

# ଏହି କମ୍ପାନୀର କର୍ମଚାରୀମାନେ ନିଜ ଇଚ୍ଛାରେ ବଢ଼ାଇଥାନ୍ତି ଦରମା

**ଲଣ୍ଡନ:** ସରକାରୀ ଚାକିରିଆ ହୁଅନ୍ତୁ ବା ବେସରକାରୀ। କର୍ମଚାରୀମାନଙ୍କ ଦରମା ବଢ଼ିଥାଏ କାର୍ଯ୍ୟାଳୟର ମୁଖ୍ୟଙ୍କ ନିର୍ଦ୍ଦେଶରେ। କିନ୍ତୁ ଏମିତି ଏକ କମ୍ପାନୀ ରହିଛି, ଯେଉଁଠି କର୍ମଚାରୀମାନେ ସେମାନଙ୍କ ଦରମା ନିଜେ ବଢ଼ାଇଥାନ୍ତି। ଅବିଶ୍ୱସନୀୟ ଲାଗୁଥିଲେ ମଧ୍ୟ ସତ। ଏମିତି ଏକ କମ୍ପାନୀ ରହିଛି ଲଣ୍ଡନରେ। ଏଠାରେ ‘ଗ୍ରାଣ୍ଟ ଟ୍ରି’ ନାମକ ଏକ କମ୍ପାନୀର ମାଲିକ କର୍ମଚାରୀଙ୍କ ଦରମା ବଢ଼ାଇ ନ ଥାନ୍ତି। ସମସ୍ତ କର୍ମଚାରୀ ସେମାନଙ୍କ ଦରମା ନିଜ ଇଚ୍ଛାରେ ବଢ଼ାଇଥାନ୍ତି। ଯେତେବେଳେ ମନ ହୁଏ କର୍ମଚାରୀମାନେ ନିଜର ଦରମା ବଢ଼ାଇ ଦିଅନ୍ତି। କମ୍ପାନୀର କର୍ମଚାରୀମାନେ ଦରମା ବଢ଼ାଇବାକୁ ହେଲେ ମାଲିକଙ୍କ ନିକଟକୁ ଯିବାକୁ ପଡ଼େ ନାହିଁ। ସହକର୍ମୀଙ୍କ ସହ ଆଲୋଚନା କରି ଦରମା ନିଷ୍ପତ୍ତି କରିଥାନ୍ତି। ଏଥିରେ ମାଲିକଙ୍କର କୌଣସି ଆପତ୍ତି ମଧ୍ୟ ନ ଥାଏ। ଉକ୍ତ କମ୍ପାନୀ ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି। ଏହା ପଛରେ ଏଠାରେ କାମ କରୁଥିବା ୨୫ ବର୍ଷୀୟ ଯୁବତୀ ସିସିଲିୟା ମାଡୁକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମହିଳା କର୍ମଚାରୀ ଜଣକ ନିଜର ଦରମା ନିଜେ ବଢ଼ାଇ ଦେଇଛନ୍ତି। ୨୭ ଲକ୍ଷ ଦରମା ପାଉଥିବାବେଳେ ୩୩ ଲକ୍ଷକୁ ବଢ଼ାଇଛନ୍ତି। ସିସିଲିୟା ପ୍ରଥମେ ସହକର୍ମୀଙ୍କ ସହ କଥାବାର୍ତ୍ତା କରିଥିଲେ। ପରେ ସେମାନେ ତାଙ୍କର ଦରମା ବଢ଼ିବା ପାଇଁ ମତ ଦେଇଥିଲେ। ଉକ୍ତ କମ୍ପାନୀର ଆଉ ଏକ ଖାସ୍ କଥା ହେଲା ଏଠାରେ କାମ କରୁଥିବା ୪୫ ଜଣ କର୍ମଚାରୀ ନିଜର ଦରମା ନିଜେ ବଢ଼ାଇଥାନ୍ତି।



# ଇଂରେଜଙ୍କ ଗର୍ବ ଭାଙ୍ଗିଥିଲା ଲୋହାଗଡ଼ ଦୁର୍ଗ



**ନୂଆଦିଲ୍ଲୀ:** କଥାରେ ଅଛି ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ। ଅର୍ଥାତ୍ ଭାରତୀୟ ସଂସ୍କୃତି ଓ ସଭ୍ୟତା ଏତେ ପ୍ରାଚୀନ ଯେ, ଯାହା ଭାରତରେ ନାହିଁ, ତାହା ବିଶ୍ୱର ଅନ୍ୟ କେଉଁଠି ନ ଥାଇ ପାରେ ଅର୍ଥରେ ଏହା କୁହାଯାଇଛି। ଐତିହ୍ୟ, ପରମ୍ପରା, ସାହିତ୍ୟ, କଳା ଓ ସଂସ୍କୃତିରେ ଭରପୂର ଆମ ଦେଶ। ତେବେ ଆମ ଦେଶରେ ଅନେକ ପ୍ରାଚୀନ ଦୁର୍ଗ ରହିଥିବା ଆମେ ଜାଣିଛେ। ପ୍ରତ୍ୟେକ ଦୁର୍ଗକୁ ନେଇ ଅନେକ ରହସ୍ୟ, ରୋମାଞ୍ଚଭରା କାହାଣୀ ମଧ୍ୟ ରହିଛି। ଏହାରି ଭିତରେ ରାଜସ୍ଥାନର ଭରତପୁରସ୍ଥିତ ଏକ ଦୁର୍ଗ ଅନ୍ୟତମ, ଯାହାର ନାମ ଲୋହାଗଡ଼। ଏହି ଦୁର୍ଗକୁ ଆକ୍ରମଣ କରି ଇଂରେଜମାନେ କେବେ ସଫଳ ହୋଇପାରି ନ ଥିଲେ। ଏପରି କି ଗୋଳା ବାରୁଦରେ ଆକ୍ରମଣ କରି ମଧ୍ୟ ଆଜି ଯାଏଁ କେହି ଏହି ଦୁର୍ଗକୁ ବିଜୟ କରିପାରି ନାହାନ୍ତି। ଏଣୁ ଏହାକୁ ଦେଶର ଏକମାତ୍ର ଅଜୟ ଦୁର୍ଗ ବୋଲି ମଧ୍ୟ କୁହାଯାଏ।

ଏହି ଦୁର୍ଗର ନିର୍ମାଣ ଜାଟ୍ ଶାସକ ମହାରାଜା ସୂରଜ ମଲ ୨୮୫ ବର୍ଷ ପୂର୍ବେ ଅର୍ଥାତ ୧୭୩୩ ମସିହା ଫେବୃୟାରୀ ୧୯ରେ ନିର୍ମାଣ କରିଥିଲେ। ସେହି ସମୟରେ ତୋପ ଏବଂ ଗୋଳା ବାରୁଦ ଯୁଦ୍ଧ ସମୟରେ ଅଧିକ ବ୍ୟବହାର କରାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ଦୁର୍ଗକୁ ନିର୍ମାଣ କରାଯାଇଛି। ଏହାର ନିର୍ମାଣ ପୂର୍ବରୁ ପ୍ରଥମେ ଏକ ଚଉଡ଼ା ଏବଂ ଶକ୍ତ ପଥର ନିର୍ମିତ ଉଚ୍ଚ କାନ୍ଥ ନିର୍ମାଣ କରାଯାଇଥିଲା। କୌଣସି ପ୍ରକାର ଗୋଳା ବାରୁଦର ଏହି କାନ୍ଥ ଉପରେ ପ୍ରଭାବ ଶୂନ୍ୟ ଥିଲା। ଦୁର୍ଗର ଚତୁଃପାର୍ଶ୍ୱରେ ଶହ ଶହ ଫୁଟ୍ ଉଚ୍ଚରେ ଦୁଇ ଦୁଇଟି ମାଟି ନିର୍ମିତ ପାଚେରି ନିର୍ମାଣ କରାଗଲା। ସେହିପରି ତଳେ ଏକ ଗଭୀର ପୋଖରୀ ଖୋଳାଯାଇଥିଲା, ଯାହା ସର୍ବଦା ଜଳମଗ୍ନ ରହୁଥିଲା। ଫଳରେ ଯଦି ଇଂରେଜମାନେ କଳେ, ବଳେ ଓ କୌଶଳେ ପୋଖରୀ ପାର କରିଯାଉଥିଲେ, ତେବେ ପାଚେରି ଡେଇଁବା କଷ୍ଟସାଧ୍ୟ ହେଉଥିଲା।

କୁହାଯାଏ, ଭାରତର ଏହି ଦୁର୍ଗ ଇଂରେଜମାନଙ୍କ ଗର୍ବ ଭାଙ୍ଗିଥିଲା। ଏହାକୁ କବ୍‌ଜା କରିବାକୁ ଇଂରେଜମାନେ ୧୩ଥର ଆକ୍ରମଣ କରିଥିଲେ। କିନ୍ତୁ ସବୁ ପ୍ରୟାସ ବୃଥା ରହିଲା ଓ ଦୁର୍ଗର କୌଣସି କ୍ଷତି ଘଟି ନ ଥିଲା। କୁହାଯାଏ ମହାରାଜା ସୂରଜ ମଲ ନିଜର ସମସ୍ତ ଶକ୍ତି ଓ ସମ୍ପତ୍ତି ପ୍ରତିବଦଳରେ ଏହି ଦୁର୍ଗର ନିର୍ମାଣ କରିଥିଲେ, ଯାହା ଆଜି ପର୍ଯ୍ୟନ୍ତ ଅଜୟ ହୋଇ ରହିଛି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
-ଲାମାର୍ଟିନ

## ସଂକ୍ଷେପରେ

### ଛାତ୍ରଙ୍କୁ ଛୁରିରେ ଆକ୍ରମଣ ଅଭିଯୋଗ

**ବାଲିପାଟଣା,୨୩।୯(ଡି.ଏନ.ଏ):** ବାଲିପାଟଣା ଥାନା ଅନ୍ତର୍ଗତ ଧାନହରା ଗ୍ରାମରେ ଜଣେ ଛାତ୍ରଙ୍କୁ କେହି ଦୁର୍ବୃତ୍ତ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଛି। ଏ ନେଇ ସୋମବାର ଉକ୍ତ ଛାତ୍ରଙ୍କ ବାପା ଶିଶୁଦେବ ଗୁଇଁ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଧାନହରା ଗ୍ରାମର ଛାତ୍ର ନୀତିଶ ଗୁଇଁ ରବିବାର ଅପରାହ୍ନରେ ଟ୍ୟୁଶନ ଯାଉଥିଲେ। ଗ୍ରାମରେ ଥିବା ଏକ ମନ୍ଦିର ନିକଟରେ ନୀତିଶ ଛିଡା ହୋଇଥିବା ବେଳେ ଦର୍ବୃତ୍ତଜଣକ ତାଙ୍କୁ ଛୁରିରେ ଆକ୍ରମଣ କରି ପଳାଇଯାଇଥିଲେ। ସୂଚନାଥାଉ କି, ଉକ୍ତ ଛାତ୍ରଙ୍କୁ ଶନିବାର ସେହି ଦୁର୍ବୃତ୍ତ ବାଡି ଧରି ଗୋଡାଇଥିଲେ। ଏହା ସହ ବେଙ୍ଗବତୀ ଗ୍ରାମର ଜଣେ ଛାତ୍ରଙ୍କୁ ମଧ ଉକ୍ତ ଦୁର୍ବୃତ୍ତ ଟଣାଓଟରା କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଉକ୍ତ ଦୁର୍ବୃତ୍ତକୁ କାବୁ କରି ପୋଲିସ ଜିମା ଦେଇଥିଲେ। କିନ୍ତୁ ପୋଲିସ ପଚରାଉଚରା ପରେ ତାଙ୍କୁ ଛାଡିଦେଇଥିବା ଜଣାପଡିଛି। ଏହି ଘଟଣା ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ଅଭିଭାବକଙ୍କ ମଧରେ ଭୟର ବାତାବରଣ ଦେଖାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ରାଧାକାନ୍ତ ସାହୁ କୁହନ୍ତି, ମୁଁ ଏକ ସାକ୍ଷୀ ଦେବାକୁ ଫୁଲବାଣୀ ଆସିଛି। ଘଟଣା ସଂକ୍ରାନ୍ତରେ ବୁଝି ପଦକ୍ଷେପ ନେବାର ବ୍ୟବସ୍ଥା କରୁଥିବା ସେ କହିଛନ୍ତି।

### ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ଗିରଫ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଇନଫୋସିଟି ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାରରେ ପୋଲିସ ମଙ୍ଗଳବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୨ଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେମାନେ ହେଲେ ମାରୁତୀ ଭିଲ୍ଲାର ସରୋଜ ସାହୁ ଓରଫ୍ ବାପି(୨୮) ଓ ଶିଖରଚଣ୍ଡୀ ଅଞ୍ଚଳର ଅନମୋଲ ସାହୁ(୩୦)। ସୂଚନା ମୁତାବକ, ପଟିଆ ରେଲୱେ ଷ୍ଟେଶନ ନିକଟରେ ବାପି ଓ ଏକ ଘରୋଇ ଆଇନ କଲେଜ ନିକଟରେ ଅନମୋଲ ବେପାର ଚଳାଉଥିଲେ। କୌଣସି ସୂତ୍ରରୁ ପୋଲିସ ଖବରପାଇ ୨ଟି ଟିମ ସହ ଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢ଼ାଉରେ ଅଭିଯୁକ୍ତ ବାପିଙ୍କ ନିକଟରୁ ୧୨ ଗ୍ରାମ ଓ ଅନମୋଲ ପାଖରୁ ୧୦ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଥିଲା। ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର କିଣି ଖାଇବା ସହ ଲୁଚାଛପାରେ ବିକ୍ରି କରୁଥିଲେ। ଏ ନେଇ ପୋଲିସ ୨ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ସେମାନଙ୍କୁ ପଚରାଉଚୁରା ପରେ ଅଭିଯୁକ୍ତ ବାପିଙ୍କୁ ନଂ ୨୦୩/୧୯ ଓ ଅନାମୋଲଙ୍କୁ ନଂ ୨୦୪/୧୯ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲା। ଜାମିନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କୃଷି ଉଦ୍ୟୋଗ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଜ୍ଞାନିକ ବିଶ୍ୱବିଦ୍ୟାଳୟ ଏବଂ ହାଇଦ୍ରାବାଦସ୍ଥିତ ଜାତୀୟ କୃଷି ଗବେଷଣା ପରିଚାଳନା ଏକାଡେମୀର ମିଳିତ ଆନୁକୂଲ୍ୟରେ ଏକ ଦୁଇଦିନିଆ କର୍ମଶାଳା ଓୟୁଏଟି ପରିସରରେ ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଛତିଶଗଡ଼ସ୍ଥିତ ବିଭିନ୍ନ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ, କୃଷି ଉଦ୍ୟୋଗୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପଣ୍ଣନ କୁମାର ଅଗ୍ରୱାଲ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କୃଷି କ୍ଷେତ୍ରର ସାମଗ୍ରିକ ଉନ୍ନତି ନିମନ୍ତେ କୃଷି ଉଦ୍ୟୋଗ, ସରକାରୀ ବିଭାଗ ତଥା କୃଷି ଶିକ୍ଷାନୁଷ୍ଠାନ ମଧରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ୍ ସର୍ଭିସେସ୍‌ର ସିଏମ୍‌ଡି ଡ. ଅମୀୟ କୁମାର ବେହେରା, ଆଇସିଏଆର୍‌ର ବରିଷ୍ଠ ବୈଜ୍ଞାନିକ ଡ. ଅଶୋକ ପଟ୍ଟନାୟକ, ଦେବରାଜ ବେହେରା, ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଶୁଭେନ୍ଦୁ ଦେ, ହାଇଦ୍ରାବାଦସ୍ଥିତ ସଦ୍‌ଗୁରୁ ମ୍ୟାନେଜମେଣ୍ଟ୍ କନ୍‌ସଲଟାଣ୍ଟର ଡ. ସତ୍ୟନାରାୟଣ ଏବଂ ବିୱାନ୍ ବିଜିନେସ୍ ହାଉସ୍‌ର ବ୍ୟବସାୟିକ ନିର୍ଦ୍ଦେଶକ ରାଜେନ୍ ପାଢ଼ୀ ପ୍ରମୁଖ ଯୋଗଦେଇ ତାଲିମ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଓୟୁଏଟି ତରଫରୁ ପ୍ରଫେସର ସଞ୍ଜୟ କୁମାର ଦାଶ ଓ ଡ. ମୀନାକ୍ଷୀ ମହାନ୍ତି ପରିଚାଳନା କରିଥିଲେ।

# କଏଦୀ ବ୍ୟବହାର କରିବେ ସ୍ମାର୍ଟ କାର୍ଡ

- ଜେଲରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ
- କଥା ହେବାକୁ ଦିଆଯିବ ହେଡ୍‌ଫୋନ୍, ମାଇକ୍ରୋ ଫୋନ୍

ଓଡ଼ିଶାରେ ପ୍ରଥମ ବ୍ୟବସ୍ଥା

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲରେ ପ୍ରାୟ ୧୮ ହଜାର କଏଦୀ ରହୁଛନ୍ତି। ସେମାନେ ଯେପରି ଜେଲ ଭିତରେ ସୁବିଧାରେ ରହିବେ ସେଥିଲାଗି ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂଆ ନୂଆ ପଦକ୍ଷେପ ନିଆଯାଉଛି। ଏଣିକି କଏଦୀମାନେ ଜେଲ୍ ଭିତରେ ସ୍ମାର୍ଟ କାର୍ଡ ବ୍ୟବହାର କରିପାରିବେ। ଏ ନେଇ ଗୃହ ବିଭାଗକୁ ଜେଲ କର୍ତ୍ତୃପକ୍ଷ ଅବଗତ କରାଇଛନ୍ତି। ଖୁବ୍‌ଶୀଘ୍ର ଏହି ସ୍ମାର୍ଟକାର୍ଡ ବ୍ୟବସ୍ଥା କରାଯିବ। କଏଦୀମାନେ ଜେଲ ଭିତରେ କାର୍ଡ ସାହାଯ୍ୟରେ ଟଙ୍କା ଦେଇ ନିଜର ଆବଶ୍ୟକ ସାମଗ୍ରୀ କିଣିପାରିବେ। ଏହାଦ୍ୱାରା ଜେଲ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ ବୋଲି ଜେଲ ଡିଜି ସତ୍ୟଜିତ୍ ମହାନ୍ତି କହିଛନ୍ତି।

ଜେଲ୍‌ରେ ଥିବା କଏଦୀଙ୍କୁ ପରିବାର ଲୋକେ ଦେଖା କରିବାକୁ ଆସିଲେ ସାଧାରଣତଃ ସେମାନେ ଟଙ୍କା ଦେଇଥାନ୍ତି। କିନ୍ତୁ ଏହି ଟଙ୍କାକୁ କଏଦୀଙ୍କୁ ଦିଆଯାଏ ନାହିଁ। ଏହାର ମୂଲ୍ୟ ଅନୁଯାୟୀ କଏଦୀକୁ ଏକ ଟୋକନ ଦିଆଯାଇଥାଏ। କଏଦୀମାନେ ତାହାକୁ ଜେଲ କ୍ୟାଣ୍ଟିନରେ ଦେଖାଇ ବିଭିନ୍ନ ସାମଗ୍ରୀ କିଣିଥାନ୍ତି। ସେମାନଙ୍କ ଟଙ୍କା ଜେଲ କର୍ମଚାରୀଙ୍କ ପାଖରେ ରହୁଥିବାରୁ ବାଟମାରଣା ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନୂଆ ବ୍ୟବସ୍ଥା କରାଯାଉଥିବା ଜେଲ ଡିଜି ପ୍ରକାଶ କରିଛନ୍ତି। ଡିହାର, ମାଡ୍ରାସ, ହାଇଦ୍ରାବାଦ ଭଳି ଅନେକ ବଡ ସହରରେ ଥିବା ଜେଲରେ ଏହି ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ପ୍ରଥମ ଥର ଚୌଦ୍ୱାର ଏବଂ ଝାରପଡ଼ା ଜେଲ୍‌ରେ ଏଭଳି ବ୍ୟବସ୍ଥା କରାଯିବ। ଏହା ସଫଳ ହେଲେ ଅନ୍ୟ ଜିଲାରେ ଥିବା ଜେଲରେ ଲାଗୁ କରାଯିବ। ଏହି ସ୍ମାର୍ଟ କାର୍ଡ ବ୍ୟବସ୍ଥା ଲାଗୁ ହେଲେ କଏଦୀଙ୍କ ସମ୍ପର୍କୀୟମାନେ ଆଉ ଜେଲ ବିଭାଗର ଅଫିସରଙ୍କୁ ଟଙ୍କା ଦେବେ ନାହିଁ। କଏଦୀଙ୍କ ସ୍ମାର୍ଟକାର୍ଡ ଆକାଉଣ୍ଟରେ ଟଙ୍କା ଜମା କରିପାରିବେ। ଏହି କାର୍ଡ ଦ୍ୱାରା କଏଦୀମାନେ ଜେଲ ଭିତରେ ବିଭିନ୍ନ ସାମଗ୍ରୀ ସୁବିଧାରେ କିଣିପାରିବେ। ଏଥିପାଇଁ କ୍ୟାଣ୍ଟିନ ସହ ଜେଲ ପରିସରରେ ସ୍ୱାଇପ୍ ମେଶିନ୍ ରଖାଯିବ। ଏ ନେଇ ଏକ ବ୍ୟାଙ୍କକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କଏଦୀଙ୍କ ପାଇଁ ହେଡ୍‌ଫୋନ୍ ଓ ମାଇକ୍ରୋ ଫୋନ୍‌ର ବ୍ୟବସ୍ଥା କରାଯିବ। ବିଶେଷକରି କଏଦୀଙ୍କୁ ପରିବାର ଲୋକେ ଭେଟିବାକୁ ଆସିଲେ ସେମାନେ ଏକ ଝରକା ଭଳି ଗେଟ୍‌ରେ କଥା ହୋଇଥାନ୍ତି। ଏକାଧିକ କଏଦୀ ଏକସମୟରେ ପରିବାର ଲୋକଙ୍କୁ ଦେଖା କରୁଥିବାରୁ ହୋହଲ୍ଲା ସୃଷ୍ଟି ହୋଇଥାଏ। କେହି କାହା କଥା ଭଲ ଭାବେ ଶୁଣି ପାରି ନ ଥାନ୍ତି। ତେଣୁ ପରିଜନଙ୍କ ସହ କଥା ହେବା ସମୟରେ ସେମାନଙ୍କୁ ହେଡଫୋନ ଏବଂ ମାଇକ୍ରୋ ଫୋନ୍ ଦିଆଯିବ। ଏହି ସମୟରେ କଏଦୀଙ୍କ କଥା ରେକର୍ଡିଂ ହେବା ସହ ସିସିଟିଭିରେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ।

# ଛାତ୍ରୀଛାତ୍ରଙ୍କୁ ଜୀବନଗାଥା ଶୁଣାଇଲେ ଦିଲ୍ଲୀ ଶିଳ୍ପୀ



ଶିଳ୍ପୀ ଶ୍ରବଣ ଚୌଧୁରୀ ଛାତ୍ରୀଛାତ୍ରମାନଙ୍କୁ ନିଜ ଜୀବନକଥା ଶୁଣାଉଛନ୍ତି।

**ପୁରୁଣା ଭୁବନେଶ୍ୱର,୨୩।୯(ଡି.ଏନ୍.ଏ)**

କଳାକୁ ଜୀବନ ଓ ଜୀବିକା କରି ଆଗକୁ ବଢ଼ିବା ପାଇଁ କେତେଜଣ ଶିଳ୍ପୀ ହିଁ ବ୍ରତ ବୋଲି ଭାବିଥାନ୍ତି। ସେହିପରି ଦିଲ୍ଲୀର ଶିଳ୍ପୀ ଶ୍ରବଣ ଚୌଧୁରୀ ସୋମବାର ଧଉଳି ଚାରୁକଳା ମହାବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କ ସହ ବିଭିନ୍ନ ଶିଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। କୋଲକତା ସରକାରୀ ମହାବିଦ୍ୟାଳୟରୁ ନିଜ କଳା ଶିକ୍ଷା ଆରମ୍ଭ କରିଥିବା ସେରାମିକ୍ସ ଶିଳ୍ପୀ ଶ୍ରବଣ ନିଜ ଶିଳ୍ପରେ ଦକ୍ଷତା ପ୍ରତିପାଦିତ କରିବା ସହ ଏବେ ଦିଲ୍ଲୀଠାରେ ନିଜର କଳା ସାଧନା ଜାରି ରଖିଛନ୍ତି। ଭାରତର ବିଭିନ୍ନ ସହର ସହ ଜର୍ମାନୀ, ଜାପାନ ଓ ବାଂଲାଦେଶରେ ମଧ୍ୟ ବିଭିନ୍ନ ଆର୍ଟ ରେସିଡେନ୍ସିରେ ଅଂଶଗ୍ରହଣ କରି ନିଜର ସୃଜନଶୀଳ ଭାସ୍କର୍ଯ୍ୟର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ତାଙ୍କର ଜୀବନଶୈଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ସେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ତରଫରୁ ଶ୍ରୀ ଚୌଧୁରୀଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଶ୍ରବଣଙ୍କ କାର୍ଯ୍ୟ କରିବାର ଶୈଳୀ ସେରାମିକ୍ସ କ୍ଷେତ୍ରରେ ଏକ ଅଧ୍ୟୟନ ବୋଲି ଅଭିହିତ କରିବା ସହିତ ଏଥିରୁ ଛାତ୍ରୀଛାତ୍ରମାନେ ଅନୁପ୍ରାଣିତ ହେବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଅଧ୍ୟାପକ ଚନ୍ଦନ କୁମାର ସାମଲ, ରାମ ଶଙ୍କର ସାହୁ, ଅଧ୍ୟାପିକା ସସ୍ମିତା କାମିଲା ଓ ମଧୁସ୍ମିତା ଦାସ ପ୍ରମୁଖ ଶିଳ୍ପୀଙ୍କ ଭାସ୍କର୍ଯ୍ୟ ଉପରେ ଆଲୋକପାତ କରିଥିଲେ।



ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସଠାରେ ସୋମବାର ଆୟୋଜିତ ଡ. ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭାରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ପିଲାମାନଙ୍କ ପାଇଁ ସ୍ୱର୍ଣ୍ଣପ୍ରସନ୍ନ ଶିବିର

**ଭୁବନେଶ୍ୱର,୨୩-୯**

ଜିଭା ଆୟୁର୍ବେଦ ପକ୍ଷରୁ ମଙ୍ଗଳବାର (ସେପ୍ଟେମ୍ବର ୨୪)ରେ ଏହାର ୮୪ କ୍ଲିନିକରେ ପିଲାମାନଙ୍କ ପାଇଁ ମାଗଣା ସ୍ୱର୍ଣ୍ଣପ୍ରସନ୍ନ ଶିବିର ଆୟୋଜନ କରାଯାଉଛି। ୧ରୁ ୧୬ ବର୍ଷ ପିଲାମାନଙ୍କୁ ମାଗଣା ସ୍ୱର୍ଣ୍ଣପ୍ରସନ୍ନ ଡ୍ରପ ପ୍ରଦାନ କରାଯିବ। ଏହା ୧୬ ବୈଦିକ ସଂସ୍କାର ମଧ୍ୟରୁ ଅନ୍ୟତମ। ପିଲାଙ୍କ ବୁଦ୍ଧିମତା, ମସ୍ତିଷ୍କ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ଦକ୍ଷତା ଏବଂ ସାମଗ୍ରିକ ସୁସ୍ଥତା ବଢାଇବାରେ ଏହା ସହାୟକ ହେବ। ଖୁସି ଜୀବନର ମୂଳଦୁଆ ପକାଇବା ଲାଗି ପିଲାମାନଙ୍କୁ ଶିବିରକୁ ନେଇ ଆସିବାକୁ ଜିଭାର ନିର୍ଦ୍ଦେଶକ ଡ. ପ୍ରତାପ ଚୌହାନ କହିଛନ୍ତି। କ୍ଲିନିକ ସକାଳ ୯ରୁ ରାତି ୮ଟା ଯାଏ ଖୋଲା ରହିବ।

## ମନ ଛୁଇଁଲା 'ସଙ୍ଗ୍‌ସ ଅଫ୍ ମାଇଁ ହାର୍ଟ'

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ସ୍ଥାନୀୟ ସୂଚନା ଭବନରେ ଶନିବାର 'ସଙ୍ଗ୍‌ସ ଅଫ୍ ମାଇଁ ହାର୍ଟ' ନାମକ ଏକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଣ୍ଠଶିଳ୍ପୀ ସାଗରିକା ପଟ୍ଟନାୟକ ଓ ଇଂ. ଅଭିଷେକଙ୍କ ସଙ୍ଗୀତ ଦର୍ଶକଙ୍କ ମନ ଛୁଇଁଥିଲା। ବୋଲେରେ ପାପିହର, ଚନ୍ଦନ ଲେପି ଦେବି ଶ୍ରୀ ଅଙ୍ଗେ, ମୋହବତ କେ ଝୁଟି କାହାନୀ ପର ରୋଏ ଆଦି ସୁନ୍ଦର ସଙ୍ଗୀତ ଦୁଇ କଣ୍ଠଶିଳ୍ପୀ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର, ଜେନେରାଲ ବି. କେ. ମହାପାତ୍ର, ପୂର୍ବତନ ନାଲକୋ ଚେୟାରମ୍ୟାନ ଏସ. କେ. ତୋମାଟିଆ, ପୂର୍ବତନ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକ ଡ. ଦାମୋଦର ଆଚାର୍ଯ୍ୟ, ସଙ୍ଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ ଉପସ୍ଥିତ ଥିଲେ।

# ୟୁନାଇଟେଡ୍ ବ୍ୟାଙ୍କରୁ ଚୋରି ଉଦ୍ୟମ

- ମୁହଁରେ କପଡ଼ା ବାନ୍ଧି ଝରକା ତାଡ଼ି ପଶିଥିଲେ ଦୁର୍ବୃତ୍ତ
- ଫାଇଲପତ୍ର ଫିଙ୍ଗାଫିଙ୍ଗି କରି ଫେରାର
- ସିସିଟିଭି ଫୁଟେଜ ଆଧାରରେ ପୋଲିସର ତଦନ୍ତ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଧୀନ ଶିଳ୍ପାଞ୍ଚଳରେ ଥିବା ୟୁନାଇଟେଡ ବ୍ୟାଙ୍କରୁ ରବିବାର ରାତିରେ ଏକ ବଡ ଧରଣର ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ମୁହଁରେ କଳା କପଡ଼ା ବାନ୍ଧି ବ୍ୟାଙ୍କର ଝରକା ତାଡ଼ି ବ୍ରାଞ୍ଚ ମ୍ୟାନେଜରଙ୍କ ରୁମ୍‌ରେ ପଶିଥିଲେ। ସେଠାରେ କେତେକ ଫାଇଲପତ୍ର ଫିଙ୍ଗାଫିଙ୍ଗି କରି ଫେରାର ହୋଇଯାଇଥିଲେ। ତେବେ ସେମାନେ ଉଦ୍ଦେଶ୍ୟମୂଳକ ଭାବେ ନା ଲୁଟ୍ ଉଦ୍ୟମରେ ବିଫଳ ହେବାରୁ ସେହି ସବୁ ଫାଇଲପତ୍ର ଫିଙ୍ଗାଫିଙ୍ଗି କରିଛନ୍ତି ତାହା ଜଣାପଡ଼ିନାହିଁ। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ମଧୁସ୍ମିତା ରଣାଙ୍କ ଅଭିଯୋଗ କ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଗତ ଦିନରେ ରାଜଧାନୀ ଉପକଣ୍ଠ ଅଞ୍ଚଳରେ ଅନେକ ବ୍ୟାଙ୍କରୁ ଲୁଟ ହୋଇଥିବା ବେଳେ ଖୋଦ୍ ରାଜଧାନୀରେ ଏକ ବ୍ୟାଙ୍କରୁ ଲୁଟ ଉଦ୍ୟମ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଉକ୍ତ ୟୁନାଇଟେଡ ବ୍ୟାଙ୍କରେ ସୋମବାର ପୂର୍ବାହ୍ନରେ କର୍ମଚାରୀ ପହଞ୍ଚି ମ୍ୟାନେଜରଙ୍କ ରୁମ୍‌ର ଝରକା ତଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ସେମାନେ ଏ ନେଇ ଶାଖା ପରିଚାଳକଙ୍କୁ ଜଣାଇଥିଲେ। ଶାଖା ପରିଚାଳକ ପହଞ୍ଚି ଅନୁଧ୍ୟାନ କରିବା ପରେ ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ବିଳମ୍ବିତ ରାତିରେ ୨ଜଣ ଯୁବକ ମୁହଁରେ କପଡ଼ା ବାନ୍ଧି ବ୍ୟାଙ୍କ ଭିତରକୁ ପଶିବାର ଦୃଶ୍ୟ ଏଥିରେ କଏଦ ହୋଇଥିଲା। ମ୍ୟାନେଜରଙ୍କ ରୁମ୍ ଝରକା ତାଡ଼ି ଭିତରକୁ ପଶିବା ସହ ଲକର ଓ ଗୁରୁତ୍ୱପୂର୍ଣ୍ଣ ଚାବି ସମେତ ବିଭିନ୍ନ କାଗଜପତ୍ର ଖୋଜାଖୋଜି କରିଥିଲେ। କିଛି ସମୟ ପରେ ସେମାନେ ଚାଲିଯାଇଥିଲେ। ଏ ନେଇ ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛୁ। ଅନ୍ଧାର ଯୋଗୁ ଦୁର୍ବୃତ୍ତଙ୍କ ମୁହଁ ଚିହ୍ନିବାରେ ସମସ୍ୟା ରହିଛି। ବ୍ୟାଙ୍କ ପରିଚାଳକଙ୍କୁ ସମସ୍ତ କାଗଜପତ୍ର ଠିକ ରହିଛି ନା କିଛି ଚୋରି ହୋଇଛି ଯାଞ୍ଚ କରିବା ପାଇଁ କୁହାଯାଇଥିଲା। ଯାଞ୍ଚ ପରେ କୌଣସି କାଗଜପତ୍ର ଚୋରି ହୋଇ ନ ଥିବା ପରିଚାଳକ ସ୍ପଷ୍ଟ କରିଛନ୍ତି। ଏହାସତ୍ତ୍ୱେ ସେହି ଦୁର୍ବୃତ୍ତମାନଙ୍କୁ ଧରିବା ନିମନ୍ତେ ପୋଲିସ ଉଦ୍ୟମ ଚଳାଇଛି।

# ସାମ୍ବତ୍ସରିକ ସମ୍ବର୍ଦ୍ଧନା ସମାରୋହ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ତୁଷାର ଚାରିଟେବୁଲ ଟ୍ରଷ୍ଟ, ଶତରୂପା ସଙ୍ଗୀତ ଓ ସାହିତ୍ୟ ପ୍ରକାଶିକା ପକ୍ଷରୁ 'ସାମ୍ବତ୍ସରିକ ସମ୍ବର୍ଦ୍ଧନା ସମାରୋହ ୨୦୧୯' ରବିବାର ରେଡକ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୋଠାବାଡ଼ି ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ସମ୍ମାନିତ ଅତିଥି ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ କୁମାର ଜେନା ଉପସ୍ଥିତ ଥିଲେ। ଟ୍ରଷ୍ଟ ସଭାପତି ଜିତେନ୍ଦ୍ର କୁମାର ଜେନା, ମୁଖ୍ୟ ଉପଦେଷ୍ଟା ନବକିଶୋର ବେହେରା, ଉପଦେଷ୍ଟା ବିକାଶ ଚନ୍ଦ୍ର ପଟ୍ଟନାୟକ ଟ୍ରଷ୍ଟର ବିବରଣୀ ପାଠ କରିଥିଲେ। ଏହି ଅବସରରେ ମନୋଜ କୁମାର ମିଶ୍ରଙ୍କୁ ତୁଷାରଶ୍ରୀ ସାହିତ୍ୟ ସମ୍ମାନ, ପ୍ରଫୁଲ୍ଲ କୁମାର ଗୁରୁଙ୍କୁ ତୁଷାରଶ୍ରୀ ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପୂର୍ଣ୍ଣାନନ୍ଦ ମହାନ୍ତି, ଅମ୍ବିକା ସ୍ୱାଇଁ, ଚନ୍ଦ୍ରକାନ୍ତି ସୁବୁଦ୍ଧିଙ୍କୁ ତୁଷାରଶ୍ରୀ କବିତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।

### ■ଦୁଇ ସପ୍ତାହ ମଧରେ ପ୍ଲାଷ୍ଟିକ୍ ମୁକ୍ତ ନ ହେଲେ ଆନ୍ଦୋଳନ

# ଖଣ୍ଡଗିରି ପାହାଡ଼, ବସ୍‌ଷ୍ଟାଣ୍ଡ ସଫେଇ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯୁବ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ଜନସାଧାରଣଙ୍କୁ ସ୍ୱଚ୍ଛ ଭୁବନେଶ୍ୱର ତଥା ପରିବେଶ ସୁରକ୍ଷା ବିଷୟରେ ସଚେତନ କରିବାକୁ ଐତିହ୍ୟ ପର୍ଯ୍ୟଟନସ୍ଥଳୀ ଖଣ୍ଡଗିରି ପାହାଡ ଏବଂ ବସ୍‌ଷ୍ଟାଣ୍ଡକୁ ସଫେଇ କରାଯାଇଛି। ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଖଣ୍ଡଗିରି ପାହାଡକୁ ବୁଲିବା ପାଇଁ ଆସିଥାନ୍ତି। ବୁଲିବା ସମୟରେ ବ୍ୟବହୃତ ସାମଗ୍ରୀକୁ ଫୋପାଡି ପରିବେଶ ପ୍ରଦୂଷଣ କରିଥାନ୍ତି। ଅନୁରୂପ ଭାବେ ପ୍ରତିଦିନ ଶହଶହ ସଂଖ୍ୟାରେ ଯାତ୍ରୀ ଖଣ୍ଡଗିରି ବସ୍‌ଷ୍ଟାଣ୍ଡରେ ଯାତାୟାତ କରିବା ସହ ବସଷ୍ଟାଣ୍ଡରେ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପକାଇ ପରିବେଶ ପ୍ରଦୂଷଣ କରିଥାନ୍ତି। ଏହିସବୁକୁ ଦୃଷ୍ଟିରେ ରଖି ରବିବାର ସାମ୍ମୁଖ୍ୟ ପକ୍ଷରୁ ଏହି ସଫେଇ କାର୍ଯ୍ୟ କରାଯାଇଛି। ଏଥିସହ ଦାୟିତ୍ୱରେ ଥିବା ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଏବଂ ଖଣ୍ଡଗିରି ବସ୍‌ଷ୍ଟାଣ୍ଡ ଦାୟିତ୍ୱରେ ଥିବା ଏନ୍‌ଏସି ଏବଂ ବିଏମ୍‌ସିର କର୍ତ୍ତୃପକ୍ଷଙ୍କୁ ଆସନ୍ତା ଦୁଇ ସପ୍ତାହ ମଧରେ ଖଣ୍ଡଗିରି ପାହାଡ଼ ସହ ଖଣ୍ଡଗିରି ବସ୍‌ଷ୍ଟାଣ୍ଡ ସରସ, ସୁନ୍ଦର ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ଦୃଢ ଚେତାବନୀ ଦିଆଯାଇଛି। ଯଦି ଦୁଇ ସପ୍ତାହ ମଧରେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ଛାତ୍ର ଓ ଯୁବ ସଙ୍ଗଠନ ପକ୍ଷରୁ ବିଏମ୍‌ସି ଓ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ପ୍ରୀତେଶ ରଞ୍ଜନ ଦାସ, ଅମିତ କୁମାର ସାହୁ, ନବଘନ ବେହେରା, ପ୍ରେମ୍ ଥାଟୋଇ, ନବୀନ ପଣ୍ଡା ଏବଂ ଛାତ୍ର ସଙ୍ଗଠନର କିଶନ କୁମାର ସାଥୁଆ, ସୁବାସ ଦାସ, ସତ୍ୟପ୍ରକାଶ ମହାନ୍ତି, ଲକ୍ଷ୍ମୀପ୍ରିୟା ରାଉତ, ସ୍ୱାତୀସୁମନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଖଣ୍ଡଗିରିକୁ ସଫେଇ କରିବା ପାଇଁ ଆସିଥିବା ଛାତ୍ରମାନେ।

# ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ହନ୍ତସନ୍ତ ହେଉଛନ୍ତି ସାଧାରଣ ଲୋକ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତି ଦୟନୀୟ ହୋଇପଡ଼ିଛି। ଅସଜଡ଼ା ଅର୍ଥନୀତି ଯୋଗୁ ଦେଶର ଜିଡିପି ଅଭିବୃଦ୍ଧି ୫%କୁ ଖସି ଆସିଛି। ଗୋଟିଏ ପଟେ ରୋଜଗାର କମିଥିବାବେଳେ ଅନ୍ୟପଟେ ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଇତ୍ୟାଦି କ୍ଷେତ୍ରରେ ବ୍ୟୟଭାର ବୃଦ୍ଧି ପାଇଛି। ଗତ ୫ବର୍ଷରେ ଦେଶର ଅର୍ଥନୀତିକୁ ସମ୍ଭାଳିବାରେ ମୋଦି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଓଡ଼ିଶା ସିଟିଜେନ୍‌ସ ଫୋରମ୍ ପକ୍ଷରୁ ସୋମବାର ସ୍ଥାନୀୟ ଶ୍ରମିକ ଭବନଠାରେ 'ଦେଶରେ ଅର୍ଥନୈତିକ ଅଧୋଗତି' ବିଷୟବସ୍ତୁକୁ ନେଇ ଆୟୋଜିତ ମାସିକ ଆଲୋଚନାଚକ୍ରରେ ଯୋଗଦେଇଥିବା ବକ୍ତାମାନେ ଏହା କହିଛନ୍ତି। ଆଲୋଚନାଚକ୍ରର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ଦୀପକ ମହାପାତ୍ର 'ମୋଟର ଯାନ ଆଇନ ଓ ଅର୍ଥଦଣ୍ଡ' ବିଷୟ ଉପରେ ଆଲୋଚନା କରିଥିଲେ। ପାଣ୍ଠି ସଂଗ୍ରହ ପାଇଁ ଏହି ଆଇନରେ ସଂଶୋଧନ କରାଯାଇ ଲୋକଙ୍କୁ ଦଣ୍ଡିତ କରାଯାଉଥିବା ସେ କହିଥିଲେ। ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱ ଏବଂ ଆବାହକ ପ୍ରଦୀପ୍ତ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସାମ୍ବାଦିକ ରାଜେଶ ମହାପାତ୍ର ଅର୍ଥନୈତିକ ଅଧୋଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସିଟିଜେନ୍‌ସ ଫୋରମର ଅଧ୍ୟକ୍ଷ ଡା. ମଧୁସୂଦନ ମିଶ୍ର ଉପସ୍ଥିତ ଥିଲେ।

### ■ ନିର୍ମାଣାଧୀନ ହବିଷିଆଳି ଆଶ୍ରୟସ୍ଥଳ ବୁଲିଲେ ଜିଲାପାଳ

# ସୁବ୍ୟବସ୍ଥା ଉପରେ ଦେଲେ ଗୁରୁତ୍ୱ

**ପୁରୀ ଅଫିସ, ୨୩।୯**

ଆସୁଛି ଧର୍ମ ମାସ କାର୍ତ୍ତିକ। ଆଉ ୨୦ଦିନ ପରେ ହବିଷ ବ୍ରତ ପାଳନ କରିବାକୁ ପୁରୀକୁ ଆସିବେ ହଜାର ହଜାର ହବିଷିଆଳି। ପ୍ରାୟ ମାସେ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳିବେ। ତେବେ ବିଗତ କିଛିବର୍ଷ ହେବ ରାଜ୍ୟ ସରକାର ଅସ୍ଥାୟୀ ହବିଷିଆଳି ଶିବିର କରି ବ୍ରତଧାରୀଙ୍କ ରହିବା, ଖାଇବା ଆଦି ବ୍ୟବସ୍ଥା କରିଆସୁଛନ୍ତି। ପଞ୍ଜୀକରଣ ଜରିଆରେ ପ୍ରାୟ ଅଢେଇ ହଜାର ହବିଷିଆଳି ଏକାଧିକ ଶିବିରରେ ରହିଥାନ୍ତି ହେଲେ ଚଳିତବର୍ଷଠାରୁ ହବିଷିଆଳି ସେମାନଙ୍କ ଲାଗି ତିଆରି ଚାଲିଥିବା ସ୍ଥାୟୀ ଆଶ୍ରୟସ୍ଥଳରେ ରହିବେ। ଏହାର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଜିଲାପାଳ ବଲୱନ୍ତ ସିଂ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ଏହି ଆଶ୍ରୟସ୍ଥଳ ବୁଲି ଦେଖିଛନ୍ତି। ନିର୍ମାଣକାରୀ ସଂସ୍ଥା ଆସନ୍ତା ୧୦ତାରିଖ ସୁଦ୍ଧା ପ୍ରଶାସନକୁ ଆଶ୍ରୟସ୍ଥଳ ହସ୍ତାନ୍ତର କରିବ।

ପ୍ରତିବର୍ଷ କାର୍ତ୍ତିକ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ବ୍ରତଧାରୀଙ୍କୁ ଆତିଥେୟତାର ଡୋରିରେ ବାନ୍ଧିଥାଏ ପୁରୁଷୋତ୍ତମ କ୍ଷେତ୍ର। କୁମାର ପୂର୍ଣ୍ଣିମାଠାରୁ କାର୍ତ୍ତିକ ପୂର୍ଣ୍ଣିମା ମାସେ ପର୍ଯ୍ୟନ୍ତ ପୁରୀରେ ହବିଷିଆଳିଙ୍କ ଗହଳି ଲାଗେ। ଆଧ୍ୟାତ୍ମିକ ପରିବେଶରେ ଉଚ୍ଛୁଳିପଡ଼େ ଶ୍ରୀକ୍ଷେତ୍ର। ଏଠାକୁ ହବିଷ ପାଳିବାକୁ ଆସୁଥିବା ବ୍ରତଧାରୀଙ୍କ ପାଇଁ ନରେନ୍ଦ୍ର କୋଣସ୍ଥିତ ପୁରୁଣା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଗ୍ୟାରେଜ ଜମିରେ ୨୦୧୭ ଅକ୍ଟୋବର ୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ମହଲା ବିଶିଷ୍ଟ ହବିଷିଆଳି ଆଶ୍ରୟସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨ଏକର ୭୪୪ ଡେସିମିଲ ପରିମିତ ଜମିରେ ୧୫ହଜାର ବର୍ଗମିଟର ଅଞ୍ଚଳରେ ଚାଲିଥିବା ଏହି ହବିଷିଆଳି ଗୃହର ନିର୍ମାଣ କାର୍ଯ୍ୟକୁ ସୋମବାର ଜିଲାପାଳ ବୁଲି ଦେଖିଛନ୍ତି। ପାଚେରି ଏବଂ ଅଳ୍ପ କିଛି କାମ ବାକି ରହିଛି। ୧୦ତାରିଖ ସୁଦ୍ଧା ଏହା ଶେଷ ହୋଇଯିବ ବୋଲି ଜିଲାପାଳଙ୍କୁ ନିର୍ମାଣକାରୀ ସଂସ୍ଥା କର୍ତ୍ତୃପକ୍ଷ କହିଥିଲେ। ହବିଷିଆଳିମାନଙ୍କର ଯେପରି କୌଣସି ଅସୁବିଧା ହେବ ନାହିଁ ସେଥିଲାଗି ସମସ୍ତ ବ୍ୟବସ୍ଥା କରିବାକୁ ଜିଲାପାଳ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ନୂଆକୋଠାରେ ପ୍ରାୟ ୧୬୦୦, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ୬୦୦ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୧୨୦୦ବ୍ରତଧାରୀଙ୍କ ରହିବା ପାଇଁ ପ୍ରଶାସନ ବ୍ୟବସ୍ଥା କରୁଛି। ହବିଷିଆଳିଙ୍କ ରହଣି ଓ ପଞ୍ଜୀକରଣ ନେଇ ଆସନ୍ତା ୨୭ରେ ବୈଠକ ବସି ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ଜିଲାପାଳଙ୍କ ସହିତ ଉପଜିଲାପାଳ ଭବତାରଣ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ ଜେନା, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାଶ, ସହକାରୀ ଯନ୍ତ୍ରୀ ଘନଶ୍ୟାମ ପଣ୍ଡା ନିର୍ମାଣାଧୀନ ଆଶ୍ରୟସ୍ଥଳୀ ବୁଲି ଦେଖିଥିଲେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ, ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲ୍‌ଟନ୍





ଷୋଳପୂଜା ଅବସରରେ ମା' କଟକ ଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।



ମା' ଗଡ଼ଚଣ୍ଡୀଙ୍କ ହରଚଣ୍ଡୀ ବେଶ।



ମା' ଝାଞ୍ଜିରୀମଙ୍ଗଳାଙ୍କ ଷୋଡ଼ଶୀ ବେଶ।



ମା' ବାସନ୍ତୀ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।



ପୀଠାପୁର ମା' ଧାକୁଲେଇଙ୍କ ଷୋଡ଼ଶୀ ବେଶ।



ହରିପୁର-ଦୋଳମୁଣ୍ଡାଇ ମା' ବିମଳାଙ୍କ ମାହେଶ୍ୱରୀ ବେଶ।

# ଚପିଯାଉଛି ସିଏମ୍‌ସିର ଦୁର୍ନୀତି

**କଟକ ଅଫିସ, ୨୩।୯**

କଟକ ମହାନଗର ନିଗମ(ସିଏମ୍‌ସି)ରେ ବହୁ ଦୁର୍ନୀତି ଲୋକଲୋଚନକୁ ଆସିଛି। ସେନେଇ ତଦନ୍ତ ହେବା ସହ ମାମଲା ବି ରୁଜୁ ହୋଇଛି। ହେଲେ ଅନେକ ଦୁର୍ନୀତି ଘଟଣାର ତଦନ୍ତ ବାଟବଣା ହୋଇଥିବାବେଳେ କେତେକ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁନାହିଁ। ସହରର କେତେଜଣ ସାମାଜିକ କର୍ମୀ ସିଏମ୍‌ସିର ଦୁର୍ନୀତି ସମ୍ପର୍କିତ କେତେକ ତଥ୍ୟ ସୂଚନା ଅଧିକାର ଆଇନ ଜରିଆରେ ପାଇଛନ୍ତି। ସେହି ଆଧାରରେ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ସୋମବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅନିଲ କୁମାର ସାମଲଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅଧିକାର ଆଇନ ଜରିଆରେ ମିଳିଥିବା ତଥ୍ୟ ଅନୁଯାୟୀ, ସିଏମ୍‌ସିର ମୋଟରଯାନ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଏ ନେଇ ତତ୍କାଳୀନ କମିଶନର ଜ୍ଞାନ ଦାସଙ୍କ ସମୟରେ ଏକ ତଦନ୍ତ କମିଟି (ରେଫେରେନ୍ସ ନମ୍ବର- ୯୯୫୯/୮।୯।୧୫) ଗଠନ କରାଯାଇଥିଲା। କିନ୍ତୁ ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇପାରିଲା ନାହିଁ।

ସେହିପରି ଜଣେ ଅଧିକାରୀ ସ୍ମରଣିକା, ଆରୋହଣ, ପ୍ରବାଦ ପୁରୁଷ ଆଦି ୩ ପତ୍ରିକାର ଦାୟିତ୍ୱରେ ଥିଲେ। ଏହି ପତ୍ରିକାଗୁଡ଼ିକର ୫୦୦ କପି ଛପା ଯାଇ କାଗଜପତ୍ରରେ ୬୦୦୦ ଦର୍ଶାଯାଇ ପ୍ରାୟ ୪୫ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଧରାପଡ଼ିଯିବା ଭୟରେ ମାଗାଜିନ ଫାଇଲକୁ ଗାଏବ କରି ଦିଆଗଲା। ଫାଇଲ ଦାୟିତ୍ୱରେ ଥିବା କନିଷ୍ଠ ସହାୟକଙ୍କ ନାମରେ ପୁରୀଘାଟ ଥାନାରେ ଏତଲା ଦିଆଯାଇଥିଲା। ଏ ନେଇ ଏକ ତଦନ୍ତ କମିଟି (ରେଫେରେନ୍ସ ନମ୍ବର ୮୯୪/୪।୩।୧୭) ପୂର୍ବତନ କମିଶନର ଜ୍ଞାନ ଦାସଙ୍କ ସମୟରେ ଗଠନ କରାଯାଇଥିଲା। ତଦନ୍ତ କମିଟିକୁ ୨ବର୍ଷ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ସେହିପରି ଉକ୍ତ ଅଧିକାରୀ ଜଣକ ରିକଭରି ଦାୟିତ୍ୱ ତୁଲାଇଥିଲେ, ସେହି ସମୟରେ ହୋଲଡିଂ ଟିକସ ବାବଦରେ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଏପରି କି ୧କୋଟି ୪ଲକ୍ଷ ୫୮ହଜାର ୧୩୧ଟଙ୍କା ତାଙ୍କଠାରୁ ଆଦାୟ କରାଯିବା ପାଇଁ ଲୋକାଲ ଅଡିଟ ନିର୍ଦ୍ଦେଶ ନାମା ଜାରି କରିଥିଲେ। ଏଥିସହ ଉକ୍ତ ଅଧିକାରୀ ଜଣକ ଏଷ୍ଟାବ୍ଲିଶମେଣ୍ଟ ଦାୟିତ୍ୱରେ ଥିବାବେଳେ ତାଙ୍କ ନାମରେ ଲୋକାଲ ଫଣ୍ଡ ଅଡିଟ କାରଣଦର୍ଶାଅ ନୋଟିସ ଜାରି କରି ୩୧ଲକ୍ଷ ୬୮ହଜାର ୪୪୪ଟଙ୍କା ରିକଭରି କରିବା ପାଇଁ ନୋଟିସ୍ କରିଥିଲେ।

## କାର୍ଯ୍ୟାନୁଷ୍ଠାନ ପାଇଁ ଆରଡିସିଙ୍କୁ ଦାବିପତ୍ର

ସିଡିଏ ବିଡ଼ାନାସୀ ଅଞ୍ଚଳରୁ ଆଦାୟ ହୋଇଥିବା ହୋଲ୍‌ଡିଂ ଟିକସ ବାବଦରେ ଯାଞ୍ଚ ପାଇଁ ଡେପୁଟି କମିଶନର ନିର୍ଦ୍ଦେଶନାମା(ଅର୍ଡର ନମ୍ବର ୨୦୦୬/ ୯।୩।୨୦୧୭) ଜାରି କରିଥିଲେ। ଏନେଇ ୩ ଟିକସ କଲେକ୍ଟରଙ୍କ ବିରୋଧରେ ହୋଇଥିବା ଅଭିଯୋଗ ପତ୍ରକୁ ମଧ୍ୟ ଚପାଇ ଦିଆଯାଇଛି।

ସେହିପରି ପାଣି ନିଷ୍କାସନ ପାଇଁ ବ୍ୟବହୃତ ପମ୍ପସେଟ୍ ଡିଜେଲ ବାବଦରେ କୋଟି କୋଟି ଟଙ୍କା ହରିଲୁଟ୍ ହେଉଛି। ଏପରି କି ବିନା ଲକ୍‌ବୁକ୍‌ରେ ଡିଜେଲ ଇସ୍ୟୁ କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ ତୁଳସୀପୁର ୱାରଲେସ ପଏଣ୍ଟ, ସିଆରଆରଆଇ, କାଳିଆବୁଦା ଆଦି ଅଞ୍ଚଳରେ ବ୍ୟବହୃତ ପମ୍ପସେଟ୍ ସମ୍ପର୍କିତ ଲକ୍‌ବୁକ୍ ତଥ୍ୟ ପାଇଁ ସୂଚନା ଅଧିକାର ଆଇନ ଜରିଆରେ ମଗାଯାଇଥିଲା। କିନ୍ତୁ ସିଏମ୍‌ସି ପକ୍ଷରୁ ଏ ନେଇ କୌଣସି ରିପୋର୍ଟ ମିଳି ନ ଥିବା ଆରଡିସିଙ୍କ ନିକଟରେ ଅଭିଯୋଗ କରାଯାଇଛି।

ସିଏମ୍‌ସି ଅଧୀନ ଶହୀଦଭବନ, କଲ୍ୟାଣମଣ୍ଡପଗୁଡ଼ିକର ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏନେଇ କଲ୍ୟାଣମଣ୍ଡପ ଦାୟିତ୍ୱରେ ଥିବା ଜଣେ ପୂର୍ବତନ ନିର୍ବାହୀ ଅଧିକାରୀଙ୍କଠାରୁ ଉକ୍ତ ଅର୍ଥ ଆଦାୟ କରାଯିବା ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ତାହା ଆଜିପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଇତିମଧ୍ୟରେ ସେ ତାଙ୍କ ଚାକିରିରୁ ଅବସର ନେଇସାରିଲେଣି।

ଏଭଳି ଦୁର୍ନୀତିଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦିଲୀପ କୁମାର ପରିଜାଙ୍କ ନେତୃତ୍ୱରେ ସଞ୍ଜିତ ସାମଲ, ଅନିଲ ରାୟ, ମାୟାଧର ପାଣି, ମାନସ କୁମାର ସାହୁ, କାଳନ୍ଦୀ ଭୋଇ, ଜୟନ୍ତ ମହାନ୍ତି, ସୁବାସ ସାମଲ ପ୍ରମୁଖ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମାମଲା
### ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ ନୋଟିସ

**କଟକ ଅଫିସ, ୨୩।୯: ୨୦୧୯** ସାନଖେମୁଣ୍ଡି ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ସୋମବାର ହାଇକୋର୍ଟ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ସମେତ ବିଧାୟକ ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ, ଗରିବ ନାଏକ ଏବଂ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ନୋଟିସ୍ ଜାରି କରିଛନ୍ତି। ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇ ହାରିଥିବା ନନ୍ଦିନୀ ଦେବୀ ଏହି ମାମଲା ରୁଜୁ କରିଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ମାମଲାର ପ୍ରାଥମିକ ଶୁଣାଣି କରି ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରିଣୀ ପିଟିଶନ୍‌ରେ ଦର୍ଶାଇଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ ପୂର୍ବରୁ ପ୍ରାର୍ଥୀମାନେ ସେମାନଙ୍କ ବିରୋଧରେ ଯଦି ଆପରାଧିକ ମାମଲା ଥାଏ, ତେବେ ସେମାନେ ଏ ସମ୍ପର୍କରେ ବୈଦ୍ୟୁତିକ ଗଣମାଧ୍ୟମ ଏବଂ ଖବରକାଗଜରେ ବିଜ୍ଞାପନ ଦେବେ। ମାତ୍ର ସାନଖେମୁଣ୍ଡିରୁ ବିଜୟୀ କଂଗ୍ରେସ ପ୍ରାର୍ଥୀ ରମେଶ ଜେନାଙ୍କ ବିରୋଧରେ ଅନେକ ଫୌଜଦାରି ମାମଲା ଥିଲେ ମଧ୍ୟ ସେ ଏ ସଂକ୍ରାନ୍ତରେ କୌଣସି ବିଜ୍ଞାପନ ଦେଇନାହାନ୍ତି। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଆବେଦନକାରୀ ଅଦାଲତଙ୍କୁ ପ୍ରାର୍ଥନା କରିଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ କୁମାର ମହନ୍ତ, ନିରଞ୍ଜନ ହୋତା, ସୁକାନ୍ତ ଦଲେଇ, ସତ୍ୟବ୍ରତ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ଜେଲ୍, ଜରିମାନା

**କଟକ ଅଫିସ, ୨୩।୯:** ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାର ବିଚାର କରି କଟକ ସିଜେଏମ୍ କୋର୍ଟ ବିଚାରପତି ସତ୍ୟ ନାରାୟଣ କର ଅଭିଯୁକ୍ତ ଦୟାନିଧି ଓରଫ ଦୈତାରୀ ଦିଗଲଙ୍କୁ ସୋମବାର ତିନି ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ତାଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀଘାଟ ଥାନା ଅଞ୍ଚଳରେ ଭଡାରେ ରହୁଥିବା ସୁନ୍ଦରଗଡ ଖଜୁରିପଡାର ଅଭିଯୁକ୍ତ ଦୈତାରୀ ୧୯୯୬ ଏପ୍ରିଲ୍ ୧୫ରେ ବିଶ୍ୱନାଥ ବେହେରାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ଟ୍ରକ୍ ଧକ୍କାରେ ସ୍କୁଟି ଚାଳକଙ୍କ ମୃତ୍ୟୁ

**ଖୁଣ୍ଟୁଣୀ,୨୩।୯(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ବାଲିସିହି ଗ୍ରାମଠାରେ ସୋମବାର ଅପରାହ୍ନରେ କ୍ରୋମ୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନନ୍ତପୁର ଗ୍ରାମର ସନ୍ତୋଷ ସାହୁ। ସନ୍ତୋଷ ସ୍କୁଟି(ଓଡି୦୫ଏସି-୬୬୦୪)ରେ ଆଠଗଡ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍(ଓଆର୦୯ଏଫ-୨୭୨୫) ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ଟ୍ରକ୍ ଆଗଚକ ତାଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇ ତଦନ୍ତ ଚଳାଇଛି।

## ଲାଞ୍ଚ ନେଇ ଆର୍‌ଆଇ ଗିରଫ

**କଟକ ଅଫିସ/ନିଶ୍ଚିନ୍ତକୋଇଲି (ସ୍ୱ.ପ୍ର.), ୨୩।୯**

ଲାଞ୍ଚ ନେବାବେଳେ ନିଶ୍ଚିନ୍ତକୋଇଲି ତହସିଲ ଅଧୀନ ଜିଗ୍ନୀପୁର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଅଚ୍ୟୁତାନନ୍ଦ ସେଠୀ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। କଟକ ଭିଜିଲାନ୍ସ ସେଲ୍ ଶାଖା ଆର୍‌ଆଇ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ତହସିଲ୍‌ରେ ଜିଗ୍ନୀପୁର ଗ୍ରାମର କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ୩ଟି ମ୍ୟୁଟେଶନ ମାମଲା ରହିଛି। ଏହାର ତଦନ୍ତ ପାଇଁ ତହସିଲ ପକ୍ଷରୁ ଜିଗ୍ନୀପୁର ଆର୍‌ଆଇ ସେଠୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ରିପୋର୍ଟ ଦେବା ପାଇଁ ସେଠୀ ୧୫ ହଜାର ଟଙ୍କା କୈଳାସଙ୍କଠାରୁ ଦାବି କରିଥିଲେ। ଏ ନେଇ କୈଳାସ କଟକ ଭିଜିଲାନ୍ସ ସେଲ୍ ଶାଖାରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ସୋମବାର କୈଳାସ କେମିକାଲ ମିଶା ୧୫ ହଜାର ଟଙ୍କା ସେଠୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଅଧିକାରୀମାନେ ସେଠୀଙ୍କୁ କାବୁ କରିଥିଲେ। ଏହାପରେ ସାଲେପୁର ଥାନା ଅଧୀନ ହୀରାପୁର ଗ୍ରାମରେ ଥିବା ସେଠୀଙ୍କ ବାସଭବନରେ ଭିଜିଲାନ୍ସ ଯାଞ୍ଚ କରିଥିବା ଜଣାପଡିଛି।



କଟକ ବାଉଁଶଗଳି ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଷୋଳପୁଅ ମା' ଘଟପୂଜା ଅବସରରେ ମହିଳାମାନଙ୍କ ସାମୂହିକ ଦୀପ ପ୍ରଜ୍ୱଳନ।

# ବ୍ୟକ୍ତିଗତ ହାଜର ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ

**କଟକ ଅଫିସ, ୨୩।୯**

ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ବ୍ୟକ୍ତିଗତ ହାଜର ପାଇଁ ହାଇକୋର୍ଟ ସୋମବାର ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅଦାଲତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଉତ୍ତର ଦିଆଯାଇନାହିଁ। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ.ଝାବେରୀ ଓ ଜଷ୍ଟିସ କେ.ଆର.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆସନ୍ତା ୩୦ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ଏହି ଦିନ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ହାଇକୋର୍ଟ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ଆଇନଜୀବୀ ତଥା ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି ମାମଲା ରୁଜୁ କରିଥିଲେ। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ବିଭିନ୍ନ ଜିଲାର ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉନାହିଁ। ଅଧିକାଂଶ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ସମସ୍ୟା ରହିଥିବାବେଳେ ଶୌଚାଳୟ ସୁବିଧା ନାହିଁ। ଏହି ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେଶିନ ନ ରହିବା, ଭିତ୍ତିଭୂମି ବିକାଶ ପାଇଁ ଏମ୍‌ପି ଲ୍ୟାଡ୍‌ରୁ ମିଳୁଥିବା ଅର୍ଥ ଖର୍ଚ୍ଚ ନ ହେବା ସମ୍ପର୍କରେ ପିଟିଶନରେ ଦର୍ଶାଯାଇଛି। ପୂର୍ବରୁ ଅର୍ଥାତ୍ ଗତ ଅଗଷ୍ଟ ୫ରେ ହୋଇଥିବା ଶୁଣାଣିବେଳେ ହାଇକୋର୍ଟ ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରାଯିବା ସମ୍ପର୍କରେ ଜବାବ ରଖିବାକୁ କହିଥିଲେ। ସୋମବାର ବିଭାଗ ପକ୍ଷରୁ ଏହି ଜବାବ ଦାଖଲ କରିବାକୁ ହାଇକୋର୍ଟ କହିଥିଲେ। ମାତ୍ର ବିଭାଗ ପକ୍ଷରୁ କୌଣସି ଜବାବ ଦିଆଯାଇନାହିଁ। ବିଭାଗର ଏଭଳି ଖାମଖିଆଲ ନୀତି ପାଇଁ ହାଇକୋର୍ଟ ବିରକ୍ତିଭାବ ପ୍ରକାଶ କରିବା ସହ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ହାଇକୋର୍ଟରେ ମାମଲା

# ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ
# ମନୁଷ୍ୟ ଭଲ କାମ କଲେ ସୁଖ, ଶାନ୍ତିର ସନ୍ଧାନ ପାଇବ

**କଟକ ଅଫିସ, ୨୩।୯**

ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମର ପ୍ରତିଷ୍ଠା ଦିବସ ବିଡ଼ାନାସିସ୍ଥିତ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆନ୍ତର୍ଜାତିକ ଅଶୋଭନୀତା ନିରୋଧ ଆନ୍ଦୋଳନର ସମ୍ପାଦିକା ତଥା ନିର୍ଦ୍ଦେଶିକା ସତ୍ୟଭାମା ଦେବୀ ପୌରୋହିତ୍ୟ କରିଥିଲେ। ପଣ୍ଡିତ ନୀଳକଣ୍ଠ ରାଉତ ଏହାକୁ ଉଦ୍‌ଘାଟନ କରି କହିଥିଲେ, ମଣିଷ ନିଜର ଜ୍ଞାନ ବଳରେ ଭଲ କାର୍ଯ୍ୟ କଲେ ସୁଖ, ଶାନ୍ତି ଓ ଆନନ୍ଦର ସନ୍ଧାନ ପାଇପାରିବ। ବିଶ୍ୱକୁ ସତ୍ ଶିକ୍ଷା ଦେବା ପାଇଁ ଯୁଗପୁରୁଷ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ମାଧ୍ୟମରେ ଆଦର୍ଶ ଛାତ୍ରୀଛାତ୍ରମାନଙ୍କୁ ଗଠନ କରାଯାଉଛି। ମୁଖ୍ୟଅତିଥି କଟକ ଡିଆଇଇଟିର ଅଧ୍ୟକ୍ଷ ଅରବିନ୍ଦ ଆଚାର୍ଯ୍ୟ କହିଥିଲେ, କୁମାର ଭାଇ ଶୋଭନୀୟ ଆନ୍ଦୋଳନ ଜରିଆରେ ଯେଉଁ ସମାଜ ନିର୍ମାଣର ପ୍ରୟାସ କରିଥିଲେ, ଏହି ଶିକ୍ଷାଶ୍ରମରେ ସମାଜ ଉପଯୋଗୀ ମଣିଷମାନଙ୍କୁ ହିଁ ଗଢାଯାଉଛି। ସମ୍ପାଦିକା ଡ. ଅରୁନ୍ଧତୀ ଦେବୀ ସ୍ୱାଗତ ଭାଷଣ ଦେଇଥିଲେ। ନିୟନ୍ତ୍ରିକା ରୁକ୍ମିଣୀ ଦେବୀ, ସମ୍ମାନିତ ଅତିଥି ଖବରଦାତା ଅକ୍ଷୟ କୁମାର ଦାଶ, ମୁଖ୍ୟବକ୍ତା, ଭକ୍ତମଧୁ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଶୋଭନୀୟ ଶିକ୍ଷାଶ୍ରମର ମାନବିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ରେବାଦେବୀ ଶୋଭନୀୟ ଶିକ୍ଷାଶ୍ରମର ଅଧ୍ୟକ୍ଷା ଡ. ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପୂଜ୍ୟ କୁମାର ଭାଇଙ୍କ ନୂତନ ଶିକ୍ଷା ପଦ୍ଧତି ଓ ମନ ଗଠନକାରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାଶ୍ରମର ଗୁରୁମାଗୁରୁଜୀ, ଆନ୍ଦୋଳନର ସଭ୍ୟାସଭ୍ୟ ଯୋଗଦେଇଥିଲେ।



ପୂଜ୍ୟପୂଜା ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# କଟକ ଜିଲାରେ ଚାଷୀଙ୍କୁ ମିଳୁନି ୟୁରିଆ: ଭାଜପା

**କଟକସଦର, ୨୩।୯(ଡି.ଏନ୍.ଏ.)**

କଟକସ୍ଥିତ ମାର୍କଫେଡ ଡିପୋରେ ୟୁରିଆ ଅଭାବ ଯୋଗୁ ଜିଲାର କୌଣସି ସେବାସମବାୟ ସମିତିକୁ ସାର ଯୋଗାଣ ହୋଇପାରୁନାହିଁ। ଫଳରେ ଜିଲାରେ ୟୁରିଆ ସାରର ଅଭାବ ଦେଖାଦେଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସେମାନେ ବାଧହୋଇ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣୁଛନ୍ତି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ହୃଷୀକେଶ ଜେନା ସୋମବାର ଏହା କହିଛନ୍ତି। ସରକାରୀ ଦର ୨୬୬ଟଙ୍କା ୫୦ପଇସା ହୋଇଥିବାବେଳେ ଚାଷୀମାନେ ୪୦୦ଟଙ୍କାରେ ସାର କିଣୁଛନ୍ତି। କଟକରୁ ସାର ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାକୁ ଯୋଗାଇ ଦିଆଯାଇଥାଏ। କମ୍ପାନୀ ସାର ପଠାଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମାର୍କଫେଡର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଏହାଛଡ଼ା ୩ଟି ଜିଲାର ସମବାୟ ସମିତିମାନେ ୨କୋଟି ଟଙ୍କା ବକେୟା ରଖିଥିବାରୁ ନୂଆଷ୍ଟକ ମଗାଇବାରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏଥିପ୍ରତି ସଚେତନ ରହିବା ଆବଶ୍ୟକତ ବୋଲି ଜେନା କହିଛନ୍ତି।



ପୂଜ୍ୟପୂଜା ସମାରୋହରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ୬ ପ୍ରତିଭାଧାରୀ ପାଇଲେ ଧନେଶ୍ୱର ରଥ ସ୍ମୃତି ସମ୍ମାନ

**କଟକ ଅଫିସ, ୨୩।୯**

## ଡ୍ରିମ୍‌ସରେ ପୂଜ୍ୟପୂଜା ସମାରୋହ

ପୂଜ୍ୟପୂଜା ପରମ୍ପରାର ଭୂମିକା ଏବେ ବି ବଞ୍ଚିଛି। ପୂଜ୍ୟଙ୍କୁ ପୂଜା କରିବା ଏକ ମହତ୍ କାର୍ଯ୍ୟ। ଯିଏ ଜ୍ୟେଷ୍ଠ, ବରିଷ୍ଠ ଓ ଶ୍ରେଷ୍ଠ ସିଏ ସମାଜରେ ପୂଜ୍ୟ। ଯିଏ ପୂଜ୍ୟଙ୍କୁ ସମ୍ମାନ କରିବା ଶିଖିନାହିଁ ସେ ଅନ୍ୟମାନଙ୍କ ଦ୍ୱାରା ପୂଜିତ ହେବ ବା କାହିଁକି। ସାମାଜିକ କର୍ମୀ ସ୍ୱର୍ଗତ ଧନେଶ୍ୱର ରଥଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଟାଙ୍ଗୀସ୍ଥିତ ଡ୍ରିମ୍‌ସ କଲେଜରେ ସୋମବାର ଅନୁଷ୍ଠିତ ପୂଜ୍ୟପୂଜା ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏ କଥା କହିଛନ୍ତି ସ୍ୱାମୀ ସଦାନନ୍ଦ ସରସ୍ୱତୀ। ଧନେଶ୍ୱର ରଥ ଫାଉଣ୍ଡେଶନର ଅଧ୍ୟକ୍ଷ ଇଂ. ଲଳିତ ମୋହନ ମିଶ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ଡ୍ରିମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା କ୍ଷେତ୍ରରେ ଡ. ନରେଶ ଚନ୍ଦ୍ର ଦାସ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଡ. ଅସିତ ମହାନ୍ତି, ଶିଳ୍ପାୟନ କ୍ଷେତ୍ରରେ ରୁଚି ଉଦ୍ୟୋଗର ପ୍ରତିଷ୍ଠାତା ଶରତ କୁମାର ସାହୁ, କଳା-ସାହିତ୍ୟ କ୍ଷେତ୍ରରେ ଶୈଳଭାମା ମହାପାତ୍ର, କ୍ରୀଡ଼ା କ୍ଷେତ୍ରରେ ଆନ୍ତର୍ଜାତିକ ଚେସ୍ ତାରକା ସାଇନା ସାଲୋନିକା ଏବଂ ଶିକ୍ଷା ଗବେଷଣା କ୍ଷେତ୍ରରେ ପ୍ରାଧ୍ୟାପକ ଡ. ସ୍ୱରଜିତ୍ ବାରିକଙ୍କୁ (ମରଣୋତ୍ତର) ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୧୯ ପ୍ରଦାନ କରାଯାଇଥିଲା। ଡ. ବାରିକଙ୍କ ସ୍ତ୍ରୀ ଜୟଶ୍ରୀ ବାରିକ ଏହି ସମ୍ମାନ ଗ୍ରହଣ କରିଥିଲେ। ଏଥିସହ ସେବା ଓ କର୍ତ୍ତବ୍ୟ ନିଷ୍ଠା ଲାଗି ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଟାଙ୍ଗୀ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ଲିଲି ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'ଅମୃତ ଅନୁଭବ' ଉନ୍ମୋଚିତ ହୋଇଥିବାବେଳେ ବିଭିନ୍ନ ବିଭାଗୀୟ ପରୀକ୍ଷାରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବ କିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ବରାଳ, ଭାଜପା ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁ, ଆଇନଜୀବୀ ବିଧୁଭୂଷଣ ଶତପଥୀ ଓ ଶ୍ୟାମ ପ୍ରକାଶ ସେନାପତିଙ୍କ ସମେତ ଅନେକ ବରିଷ୍ଠ ବ୍ୟକ୍ତି ଯୋଗଦେଇଥିଲେ। ଅଧ୍ୟାପକ ଡ. ଅଜିତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୧୨ଦିନ ଟ୍ରେନ୍ ଚଳାଚଳ ପ୍ରଭାବିତ ହେବ

## ସମ୍ବଲପୁର ଡିଭିଜନରେ ରେଳ ଲାଇନ ମରାମତି

**ଭୁବନେଶ୍ୱର, ୨୩।୯(ବ୍ୟୁରୋ):** ସମ୍ବଲପୁର ରେଳ ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ମରାମତି ଆରମ୍ଭ ହୋଇଛି। ଏଥିପାଇଁ ସୋମବାରଠାରୁ ୧୨ଦିନ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ପ୍ରଭାବିତ ହେବ। କେତେକ ଟ୍ରେନ୍‌କୁ ବାତିଲ୍ କରାଯାଇଥିବାବେଳେ ଆଉ କେତେକକୁ ଆଂଶିକ ପରିବର୍ତ୍ତନ କରାଯାଇଛି। ପୂର୍ବତଟ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଖଲିଆପାଲି ଓ ଲୋଇସିଂହା ଷ୍ଟେଶନ ମଧ୍ୟରେ ଲାଇନ ଦୋହରୀକରଣ କରାଯାଉଛି। ସେହିଭଳି କେତେକ ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ଏଥିପାଇଁ ଦୁଇଟି ଏକ୍ସପ୍ରେସ ଆଂଶିକ ବାତିଲ୍ ଓ ୪ ପାସେଞ୍ଜର ଟ୍ରେନ ବାତିଲ୍ ହେବ। ୨୩ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ସମ୍ବଲପୁର ଓ ଜଗଦଲପୁର ମଧ୍ୟରେ ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ(୧୮୦୦୫)ର ଚଳାଚଳ ବନ୍ଦ ରହିବ। ଅର୍ଥାତ୍ ୨ ଅକ୍ଟୋବର ପର୍ଯ୍ୟନ୍ତ ହାଓଡ଼ାରୁ ଛାଡ଼ିବାକୁ ଥିବା ସମଲେଶ୍ୱରୀ ଏକ୍ସପ୍ରେସ କେବଳ ସମ୍ବଲପୁର ପର୍ଯ୍ୟନ୍ତ ଚଳାଚଳ କରିପାରିବ। ସେହିଭଳି ୨୪ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଜଗଦଲପୁରରୁ ଛାଡ଼ିବାକୁ ଥିବା ସମଲେଶ୍ୱରୀ ଏକ୍ସପ୍ରେସ ସମ୍ବଲପୁରରୁ ଛାଡ଼ିବ। ଅର୍ଥାତ୍ ଜଗଦଲପୁରକୁ ଏହି ଟ୍ରେନ୍‌ର ଚଳାଚଳ ବନ୍ଦ ରହିବ। ସେହିଭଳି ଏହି ସମୟ ମଧ୍ୟରେ ଭୁବନେଶ୍ୱର-ବଲାଙ୍ଗୀର-ଇଣ୍ଟରସିଟି ଏକ୍ସପ୍ରେସ (୧୨୮୯୩-୧୨୮୯୪) ଉଭୟ ଦିଗରୁ ବରଗଡ଼ ଓ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରିବ। କିନ୍ତୁ ଏହା ବରଗଡ଼ରୁ ବଲାଙ୍ଗୀରକୁ ଚଳାଚଳ କରିପାରିବ ନାହିଁ। ସମ୍ବଲପୁର-କୋରାପୁଟ ପାସେଞ୍ଜର (୫୮୩୦୧-୫୮୩୦୨), ସମ୍ବଲପୁର-ଜୁନାଗଡ଼ ରୋଡ୍ ପାସେଞ୍ଜର (୫୮୩୦୩-୫୮୩୦୪), ବିଲାସପୁର-ଟିଟିଲାଗଡ ପାସେଞ୍ଜର (୫୮୨୧୩-୫୮୨୧୪), ଟିଟିଲାଗଡ଼-ରାୟପୁର ପାସେଞ୍ଜର(୫୮୨୧୭-୫୮୨୧୮) ୨୪ ସେପ୍ଟେମ୍ବରରୁ ୪ ଅକ୍ଟୋବର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ବାତିଲ୍ ହେବ।

# ୨ ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

## ଗର୍ଭବତୀଙ୍କ ସମେତ ୨ ମୂର୍ତ୍ତି କାରିଗର ମୃତ

**ଢେଙ୍କାନାଳ ଅଫିସ, ୨୩।୯**

ଢେଙ୍କାନାଳ ସହରସ୍ଥିତ ୫୫ନଂ ଜାତୀୟ ରାଜପଥର ଶକ୍ତିସୁଗାର ଓ ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ସୋମବାର ପୂର୍ବାହ୍ନ ୧୧ଟାରେ ଏକ ଆଇରନ ଓର ବୋଝେଇ ଟ୍ରକ୍ ଦୁଇଟି ବାଇକକୁ ଧକ୍କା ଦେଇଛି। ଏଥିରେ ଜଣେ ଗର୍ଭବତୀ ମହିଳାଙ୍କ ସମେତ ଦୁଇଜଣ ମୂର୍ତ୍ତି କାରିଗରଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସଦର ଥାନା ସିମିନଇ ଗ୍ରାମର ପ୍ରଦୀପ ସାହୁଙ୍କ ସ୍ତ୍ରୀ ସୁନିତା ବେହେରା(୨୫), କାମାକ୍ଷାନଗର ଉପଖଣ୍ଡ ସୁରପ୍ରତାପପୁର ଗ୍ରାମର ମୂର୍ତ୍ତି କାରିଗର ରତିକାନ୍ତ ସ୍ୱାଇଁ(୨୦) ଓ ଯମୁନାକୋଟ ଗ୍ରାମର ଅନିଲ ଓରଫ୍ ବିକାଶ ବାରିକ(୨୭)। ଏଥିସହ ପ୍ରଦୀପ ସାହୁ ଆହତ ହୋଇଛନ୍ତି।

ଘଟଣାରୁ ଜଣାପଡିଛି ଯେ, ଆଇରନ ଓର୍ ବୋଝେଇ ୧୨ ଚକିଆ ଟ୍ରକ୍ (ଓଡି ୦୫-ଏଡି-୩୭୫୩) କଟକ ଆଡୁ ଅନୁଗୋଳ ଅଭିମୁଖେ ଦ୍ରୁତି ଗତିରେ ଯାଉଥିବାବେଳେ ରାଜପଥର ଶକ୍ତିସୁଗାର ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରୁଥିବା ସୁନିତା ବେହେରା ଓ ପ୍ରଦୀପ ସାହୁଙ୍କୁ ଧକ୍କା ଦେଇଥିଲା। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ସୁନିତାଙ୍କର ମୃତ୍ୟୁ ଘଟିଥିଲା। ସୁନୀତା ୬ମାସର ଗର୍ଭବତୀ ଥିଲେ ବୋଲି ଚିକିତ୍ସାଳୟ ସୂତ୍ରରୁ ପ୍ରକାଶ। ପରେ ଟ୍ରକ୍‌ଟି ଦ୍ରୁତ ଗତିରେ ଯାଇ ରାଜପଥର ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ସମ୍ମୁଖରେ ବାଇକରେ ଯାଉଥିବା ମୂର୍ତ୍ତି କାରିଗର ରତିକାନ୍ତ ଓ ଅନିଲଙ୍କୁ ଧକ୍କା ଦେଇଥିଲା। ରତିକାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନିଲଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ଅନିଲଙ୍କର ମୃତ୍ୟୁ ଘଟିଛି। ଘଟଣାର ପ୍ରତିବାଦରେ ଉତ୍କଳ ଆଜବେଷ୍ଟସ କମ୍ପାନୀ ନିକଟରେ ଅଞ୍ଚଳବାସୀ ଘଣ୍ଟାଏ ଧରି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପୋଲିସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୨୯୪/୧୯ ରେ ମାମଲା ରୁଜୁ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ପୋଲିସ ଜବତ କରିଥିବାବେଳେ ଚାଳକ ଫେରାର ଅଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
**OFFICE OF THE NOTIFIED AREA COUNCIL, CHAMPUA**

ପତ୍ର ସଂଖ୍ୟା.୧୭୩୪ Mail-champuanac@gmail.com, Ph.-067240050 ତାରିଖ-୨୧।୦୯।୨୦୧୯

**ବିଜ୍ଞାପନ** ଏତଦ୍ୱାରା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (Fssm-Faecal Sludge Septage Management) ୨୦୧୮ ଅଧିନିୟମ ଚମ୍ପୁଆ, ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟସରକାରଙ୍କ ରାଜପତ୍ର (Odisha Gazette)ରେ ତା-୨୯।୧୧।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି ଓ ଅଭିଯୋଗ ଥାଏ, ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ଏକ ମାସ ମଧ୍ୟରେ ସେମାନେ ଆପତ୍ତି, ଅଭିଯୋଗ ଓ ପରାମର୍ଶ ଲିଖିତ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇବେ। ଉକ୍ତ ଅବଧି ପରେ ପ୍ରାପ୍ତ ହୋଇଥିବା ଆପତ୍ତି, ଅଭିଯୋଗ ଓ ପରାମର୍ଶ ବିଚାରକୁ ନିଆଯିବ ନାହିଁ। **ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

## DIRECTORATE OF MEDICAL EDUCATION & TRAINING, ODISHA
**COUNCILLING FOR ALLOTMENT OF REGULAR ASSISTANT PROFESSORS**

No..13225 dt....26.|9.|19

**No.354-E:-** The candidates recommended by OPSC for the Post of Assistant Professor in **SCB MC, Cuttack and MKCG MC, Berhampur** are invited to appear in the counselling for allotment of institution and subsequent appointment by Government. The details of programme and procedure are available in the website of DMET, Odisha i.e. **www.dmetodisha.gov.in** in "Recruitment for Govt. Medical Colleges" section.

**Sd./- Jt. Director of Medical Education & Training, Odisha**

10016/11/0027/1920

## ଡାକ ବିଭାଗ (ସିଭିଲ ୱିଙ୍ଗ୍)
**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପୋଷ୍ଟାଲ୍ ପ୍ରିଣ୍ଟିଂ ପ୍ରେସ୍, ଭୁବନେଶ୍ୱର ପରିସରରେ ଆଞ୍ଚଳିକ ତାଲିମ୍ କେନ୍ଦ୍ର ସ୍ଥାପନ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଅଟକଳ ମୂଲ୍ୟ: ଟ.୩୨,୨୩,୩୫୭.୦୦, ଇଏମ୍‌ଡି: ଟ.୬୪,୪୬୭/-, ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୩,୮୦୪/- (ପ୍ରଯୁଜ୍ୟ ଟିକସ ସମେତ) ବିଡରଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୦୩।୧୦।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୯୦ (ନବେ) ଦିନ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizarde.com**ରୁ ହାସଲ କରାଯାଇପାରିବ।

ସ୍ୱା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

See Career Appointment on every **Wednesday & Saturday**

## BERHAMPUR MUNICIPAL CORPORATION

No. 12958 Dt. 23.09.19

**PUBLIC NOTICE**

**No. 205-C:-** This is to inform you that to keep Berhampur healthy and hygienic, Swachhata Ranking of all Hotel, School/Colleges, Hospitals (Healthcare facility), RWA/ Mohalla, Government Offices and Market Associations to be conducted from 1st week of October 2019. Based on certain parameter of Swachha Survekshan 2020 under SBM(U) on Cleanliness of your premises, waste disposal and drainage facility will be considered. For more information you may also follow the Swachha Survekshan 2020 guidelines for complete details. Accordingly, the Swachhta committee member will visit your premises for ranking.

*Sd./- Commissioner*
*Berhampur Municipal Corporation*

13035/11/0045/1920

## ନିଯୁକ୍ତି ମେଳା-୨୦୧୯ ଦେବଗଡ଼
**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (Odisha Skill Development Authority) ଏବଂ ଜିଲ୍ଲା ପ୍ରଶାସନ, ଦେବଗଡ଼ଙ୍କ ମିଳିତ ସହଯୋଗରେ ଆସନ୍ତା ତା-୦୩।୧୦।୨୦୧୯ ଗୁରୁବାର ଦିନ Indoor Stadium, Deogarh ପ୍ରାଙ୍ଗଣରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳାର ଆୟୋଜନ କରାଯାଉଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରମୁଖ ଘରୋଇ/ବେସରକାରୀ ନିଯୁକ୍ତିଦାତା ଓ ଦକ୍ଷତାବୃଦ୍ଧି ତାଲିମଦାତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ଗ୍ରାମୀଣ ଓ ସହରାଞ୍ଚଳର ବେରୋଜଗାର ଯୁବକ ଯୁବତୀ ଅଂଶଗ୍ରହଣ କରିପାରିବେ। ଉକ୍ତ ମେଳାରେ ୫ମ ଶ୍ରେଣୀ ପାସ୍‌ଠାରୁ +୩ପାସ୍ ଶିକ୍ଷାଗତ ଯୋଗ୍ୟତା ପର୍ଯ୍ୟନ୍ତ ୧୮ବର୍ଷରୁ ୩୦ବର୍ଷ ବୟସର ପ୍ରାର୍ଥୀ/ପ୍ରାର୍ଥିନୀମାନେ ମଧ୍ୟ ଅଂଶଗ୍ରହଣ କରିପାରିବେ। ଏଣୁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ଆଧାରକାର୍ଡର ନକଲ ସହ ଉକ୍ତ ମେଳାରେ ସକାଳ ୧୦ଘ.ରୁ ଅପରାହ୍ନ ୩ଘ. ମଧ୍ୟରେ ଅଂଶଗ୍ରହଣ କରି ନିଯୁକ୍ତି ସୁଯୋଗ ନେବା ପାଇଁ ଅନୁରୋଧ

**Free Registration for Job Fair**
**www.ncs.gov.in - new user - register as job seeker - job fair / event**

**ଜିଲ୍ଲା ନିୟୋଜନ ଅଧିକାରୀ, ଦେବଗଡ଼**
**ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ଦକ୍ଷତା ବିକାଶ ପ୍ରାଧିକରଣ, ଦେବଗଡ଼**

## Office of the Executive Engineer
**Model Studies & Research Division, Burla-768017**
**Email:eehrdb@gmail.com**

No............ **CORRIGENDUM NOTICE** Date.............

No.248-A :- In corrigendum to "Quotation Call Notice 13 of 2019-20" for providing 2 (two) number diesel driven vehicle Indica eV2 or Indigo (CES) or equivalent model for official use in the office of Executive Engineer, Model Studies & Research Division, Burla (seating capacity not less than five including driver) from interested reputed travel agencies/ Tour operators or Private individuals, the following changes has been made due to subsequent revision in hiring of private vehicles for official use vide office Memorandum No.30464, dated. 06.09.19 of Finance Department, Govt. of Odisha.

Type of vehicles should be read as TUV300/Bolero/Sumo Gold/Ertiga or equivalent model - 1 No.
Tiago/Bolt/Celerio (Petrol) or equivalent model -1 No.
Available of quotation documents: From **10.09.19 to 29.09.19** (upto 03PM)
Dead line of Submission: **29.09.2019 (Up to 04 PM)**
Date of opening of quotation: **29.09.2019 at 4.30 PM**

The details tender call notice along with bid documents may be obtained from the above mentioned address or down loaded from **www.odisha.gov.in** or **www.dowr.gov.in.** All other terms and conditions are remaining unchanged. Amendments/ Corrigendum, if any would be hosted in the website only.

**Executive Engineer**
**32383/11/0002/1920 Model Studies & Research Division, Burla**

## ODISHA SPACE APPLICATIONS CENTRE (ORSAC)
Dept. of Science & Technology, Govt. of Odisha
Plot No.45/48(P), Jayadev Vihar, Near Gopabandhu Academy of Administration
Unit-16, Bhubaneswar-751 023

No. CAD-407

**Tender for Soil Moisture Meter**
**ORSAC Advt. No. 12/2019**

Sealed tenders are invited from established and accredited Original Equipment Manufacturer (OEM)/authorized dealers for supply,installation & commissioning of Soil Moisture Meter to Odisha Space Applications Centre, Bhubaneswar.

For details please visit Website http://www.odisha.gov.in and ORSAC website: http//www.orsac.gov.in or in the above office for the tender papers.

| | | |
|---|---|---|
| Date of issue of Tender Paper | : | 24.09.2019 to 4.30 PM of 15.10.2019 |
| Last date of submission of Tender | : | 16.10.2019 by 01 PM |
| Opening of Technical bid | : | 16.10.2019 at 03.30 PM |

ORSAC reserves the right to accept/reject/modify & cancel the full tender or part thereof at any time without assigning any reason thereof.

28007/11/0010/1920 **CHIEF EXECUTIVE**

e-mail id: se_sicbam@yahoo.com

## Superintending Engineer, Southern Irrigation Circle-I, Berhampur.
**e-Procurement Notice No. SE, SIC – 01/2019-20**

No. 247-A:

1. Type of Work :- System Improvement work
2. Total No of Works :- 01 (One) No.
3. Amount put to tender :- Rs 249.49 lakhs
4. Period of completion :- 11(Eleven) calendar months

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-I, Berhampur, Ganjam | SE,SIC,(BNID)-1 / 2019-20 | 249.49 | From **27.09.2019,** 10.00 A.M. to **14.10.2019,** 5.00 P.M. |

Date of opening of the Technical Bid:- **15.10.2019 at 11.30 A.M.**
Further detail can be seen from the Govt. website www.tendersorissa.gov.in

Superintending Engineer,
Southern Irrigation Circle-I, Berhampur.

32061/11/0001/1920

## ODISHA THERMAL POWER CORPORATION LTD.
OTPC

3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-otpcbbsr@gmail.com CIN:U40102OR2007SGC009145

**e-TENDER NOTICE NO.-399/OTPC Dt.23.09.2019**

**ODISHA THERMAL POWER CORPORATION LTD.(OTPC)** invites sealed e-tenders ***in two part bidding system*** for "Construction of R&R Colony for displaced families at Bhimpal in Kamakhyanagar Tahasil, Dist-Dhenkanal, Odisha".

| Name of Package | Estimated Cost (in ₹) | EMD @ 1% (in ₹) | Non-refundable Tender processing fees | Non-refundable Cost of Bid document | Date and time of opening of online bids | Last date&time for submission of online bids |
|---|---|---|---|---|---|---|
| Construction of R&R Colony for displaced families at Bhimpal in Kamakhynagar Tahasil, Dist-Dhenkanal, Odisha | 32.72 Crore | 32.72 Lakh | 5900.00 (Including 18% GST) | 11,800.00 (Including 18% GST) | 27.09.2019 (11.00 Hrs) | 23.10.2019 (17.00 Hrs) |

The interested bidders would be required to enroll themselves & apply on the tender portal **www.tenderwizard.com/OTPC** from **27.09.2019 (11.00 Hrs)** up to **23.10.2019 (17.00 Hrs)**. Interested bidder may visit OTPC's official website **www.otpcl.com** and **www.tenderwizard.com/OTPC** for detail specification.

The bidders can view the tender documents in details from **www.otpcl.com** website free of cost.

NB:-All subsequent addendum/Corrigendum to the tender shall be hoisted in OTPC's official web site **www.otpcl.com** and **www.tenderwizard.com/OTPC** only, since it will not be published in newspaper again.

**Sd/-**
**Chief Executive Officer**

## Odisha State Health & Family Welfare Society,
**Deptt. of Health & Family Welfare, Govt. of Odisha**
**Annex Building of SIH&FW, Nayapalli, Unit-8, Bhubaneswar-751012, District-Khordha (Odisha) Phone/Fax: 0674- 2392480/79**

353-E

**Advt. No.:-45/19** **CONTRACTUAL APPOINTMENT** **Date:- 24.09.2019**

Applications are invited from eligible candidates for filling up the following position under National Health Mission, Odisha on contractual basis with monthly remuneration as noted against the position and subject to renewal as per OSH&FW Society terms and conditions. The position is purely temporary and co-terminus with the scheme. Lower age limit for the following position is 21 years as on dt. 01.09.2019.

| Sl. No. | Name of the Position | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | District Leprosy Consultant, NLEP | Rs.32,506/- + PI |

Interested candidates can log on to **www.nhmodisha.gov.in** for details of vacancy, eligibility criteria, ToR, age, selection procedure etc. Online application form will be available from **25.09.2019 to 03.10.2019 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 11.10.2019** (by 5.00 P.M.).

**Sd/-**
**Mission Director, NHM**
**Member Secretary, OSH&FWS, Odisha**

10084/11/0027/1920

## ବିଶେଷ ଅନୁରୋଧ
# ସ୍ୱଚ୍ଛ ସର୍ବେକ୍ଷଣ- ୨୦୧୯

ସ୍ୱଚ୍ଛ ସର୍ବେକ୍ଷଣ ମାଧ୍ୟମରେ ଆମ ଜିଲ୍ଲାର ସ୍ୱଚ୍ଛତା, ପରିଷ୍କାର ଓ ପରିଚ୍ଛନ୍ନତାର ମାନ ନିର୍ଦ୍ଧାରଣ ନିମନ୍ତେ ସର୍ବେକ୍ଷଣ କାର୍ଯ୍ୟ ଚାଲୁଅଛି। ଏହି ସର୍ବେକ୍ଷଣ କାର୍ଯ୍ୟ ସେପ୍ଟେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ।

ଏଣୁ ଆପଣଙ୍କୁ ବିଶେଷ ଅନୁରୋଧ କି, ଆପଣମାନେ ଏହି ସର୍ବେକ୍ଷଣ କାର୍ଯ୍ୟକୁ ସଫଳ କରିବା ନିମନ୍ତେ ନିମ୍ନଲିଖିତ କାର୍ଯ୍ୟପ୍ରତି ବିଶେଷ ଧ୍ୟାନ ଦେବେ।

୧. ଘରେ ରହିଥିବା ବ୍ୟକ୍ତିଗତ ପାଇଖାନାକୁ ବ୍ୟବହାର କରନ୍ତୁ ଓ ଏହାକୁ ସଫାସୁତୁରା ରଖନ୍ତୁ। ସଂପୂର୍ଣ୍ଣ ରୂପେ ବାହ୍ୟ ମଳତ୍ୟାଗ ବର୍ଜନ କରିବାକୁ ଅନୁରୋଧ।
୨. ଜରି ଓ ଜରି ଜାତୀୟ (Polythene) ର ବ୍ୟବହାରକୁ ବର୍ଜନ କରନ୍ତୁ। ରାସ୍ତାଘାଟ ଓ ଘର ଅଗଣାରେ ଏହାକୁ ଏଣେ ତେଣେ ପକାନ୍ତୁ ନାହିଁ।
୩. ବ୍ୟବହାର ପରେ ଘରର ଅପରିଷ୍କାର ଜଳ ରାସ୍ତା ଉପରେ କିମ୍ବା ଘର ଅଗଣାରେ ଜମିବାକୁ ଦିଅନ୍ତୁ ନାହିଁ।
୪. ଗ୍ରାମର ପିଇବା ପାଣି ନଳକୂପ ଓ ପାଇପ ପାଣି ବାହାରୁଥିବା ନଳ ପାଖ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ।
୫. ଗ୍ରାମକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାର ସମସ୍ତ କାର୍ଯ୍ୟ ଗ୍ରାମବାସୀ ହିସାବରେ ହାତକୁ ନେଇ ଆପଣଙ୍କ ଗ୍ରାମର ନାମକୁ ଉଚ୍ଚା ରଖନ୍ତୁ।

ଏହି ସର୍ବେକ୍ଷଣରେ ଆପଣ ଆପଣଙ୍କ ମତାମତ ରଖିବା ନିମନ୍ତେ:
ମୋବାଇଲ ଆପ ଗୁଗୁଲ ପ୍ଲେ ର **"SSG2019"** କୁ ଡାଉନଲୋଡ଼ କରି ସେଥିରେ ମତାମତ ପ୍ରଦାନ କରିପାରିବେ।
ମୋବାଇଲ **Toll Free** ନମ୍ବର **18005720112** ରେ ବି ଆପଣ ଫୋନ କରି ନିଜର ମତାମତ ପ୍ରଦାନ କରିବାକୁ ଅନୁରୋଧ।

ଜିଲ୍ଲା ଜଳ ଓ ପରିମଳ ମିଶନ,
ସୁବର୍ଣ୍ଣପୁର

## OFFICE OF THE BARIPADA MUNICIPAL COUNCIL, BARIPADA
Phone: 06792-252703, Fax: 06792-252703, Email: baripadam.hud@nic.in
No. 6835 / Date: 21.09.19

**DTCN PART-I (TECHNICAL BID) SECTION-II**
**NATIONAL COMPETITIVE BIDDING THROUGH "e" Procurement**

**No. 202-C:** The Executive Officer on behalf of Baripada Municipality, Baripada invites percentage rate bids in double cover (Part-I: General & Technical Bid and Part-II: Price Bid) system in ONLINE MODE only in conformity with Detailed Tender Call Notice (DTCN).

Bid documents consisting of Work, Estimated Cost, Cost of Tender Paper, EMD and time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

**Tender Reference No.: BPDM-02 of 2019-20 Tender I.D. No.:**

| Sl. No. | Description | Critical Dates |
|---|---|---|
| 1. | Procurement Officer- Publisher / Tender Inviting Authority / Bids | Executive Officer, Baripada Municipality, Baripada |
| 2. | Name of the Work | 1. Construction of 5 TPD capacity Micro Composting Centre with Compound Wall at Madhuban in front of Balangi Girls High School under Baripada Municipality. |
| | | 2. Construction of 5 TPD capacity Micro Composting Centre with Compund Wall at Raghunathpur dumping Yard under Baripada Municipality. |
| 3. | Nos. of Work | 2 Nos. |
| 4. | Tendered Cost of the works | Rs. 57,34,770.00 (each) |
| i. | Period of availability of tenders online for bidding | From Dt.24.09.19 (11.00 AM) to Dt.11.10.19 (5.00PM) |
| ii. | Last date & time of seeking clarifications offline | Dt. 04.10.19 (5.00PM) |
| iii. | Last date & time of bidding online | Dt. 11.10.19 (5.00PM) |
| iv. | Date & time of opening of Technical Bids | Dt.14.10.19 (11.30AM onwards) |
| v. | Date & time of opening of Financial Bid | Will be intimated to technically successful bidder(s) |

5. Detail Tender Call Notice (DTCN) may also be seen from the Baripada Municipality Website i.e. www.baripadamunicipality.in

Further details can be seen in the DTCN available in the e-Procurement portal i.e. **www.tendersorissa.gov.in**

13078/11/0012/1920 *Sd./- Executive Officer, Baripada Municipality*

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
**ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର-751013**
**ଭୁବନେଶ୍ୱର, ତା 21.09.2019**
**ବିଜ୍ଞପ୍ତି**

**No.46-N:-** ସଂଖ୍ୟା-ପରୀକ୍ଷା ସାଧାରଣ ପ୍ରଭାଗ-1-805/19/5972/ ଉମାଶିପ/ ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ତଥା ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା 2020 ମାର୍ଚ୍ଚ ମାସରେ ହେବାକୁ ଥିବା ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ନିମନ୍ତେ ପୂର୍ବ ନିୟମିତ (Ex-Regular) ପରୀକ୍ଷାର୍ଥୀମାନେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ସ୍ରୋତରେ ଫର୍ମ ପୂରଣ ନିମନ୍ତେ ନିମ୍ନ ତାରିଖଗୁଡ଼ିକ ଧାର୍ଯ୍ୟ କରାଯାଇଛି।

1. ବିନା ଜୋରିମାନା -ତା24.09.2019 ରୁ ତା 30.09.2019 ପର୍ଯ୍ୟନ୍ତ
2. 50 ଟଙ୍କା ଜୋରିମାନା -ତା14.10.2019 ରୁ ତା 18.10.2019 ପର୍ଯ୍ୟନ୍ତ
3. 350 ଟଙ୍କା ଜୋରିମାନା -ତା19.10.2019 ରୁ ତା 22.10.2019 ପର୍ଯ୍ୟନ୍ତ

ଏହାର ସବିଶେଷ ବିବରଣୀ **www.chseodisha.nic.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ବିଜୟ କୁମାର ସାହୁ**
**ପରୀକ୍ଷା ନିୟନ୍ତ୍ରକ**

11003/11/0005/1920

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କନ୍ଧମାଳ
**ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର**

DISTRICT RURAL DEVELOPMENT AGENCY, KANDHAMAL
**PANCHAYATIRAJ DEPARTMENT**
**GOVERNMENT OF ODISHA**
THROUGH FAX/E-Mail/POST
**DRDA, KANDHAMAL Phulbani-762001**
**Tel: 06842 (STD Code) 253696 (Off.)**
**253709 (Res) 255297, 253905 (Fax)**
**E-mail : ori-dphulbani@nic.in**

**No.4119** **NOTICE** **Date : 23.09.2019**

The list of candidates applied for Assistant Project Director, (Rural Housing) in DRDA, Kandhamal as per DRDA advertisement No.2696, dated.05.07.2019 was hosted in the Kandhamal District website www.kandhamal.nic.in. The Candidates who have applied for the post are requested to visit the website and confirm their entries made in the database. The applicants are informed to file their objections, if any in the database in writing (prescribed application form available in the website) with sufficient justification (supported documents may also attached) which must reach before the Project Director, DRDA, Kandhamal on or before 09.10.2019 by 5.30 P.M. through Registered Post or Speed Post only with superscription on the envelope "Objection of the database list for the post of Asst. PD (RH)". Objections received through Courier Service, by hand e-mail and other means, if any shall be summarily rejected. Objections received after due date will not be entertained. No documents will be accepted for compliance of the objection against non-submission of documents with application form and / or incomplete application.

**Sd./- Collector - cum - CEO**
**DRDA, Kandhamal**

ଇଏ ବି ଜଣେ ନାରୀ

# ସାରସ୍ୱତ ସାଧିକା ସଂଯୁକ୍ତା

ପେସା ଶିକ୍ଷକତା, ହେଲେ ଲେଖାଲେଖି ସତେ ଯେମିତି ତାଙ୍କ ପାଇଁ ନିଶା ପାଲଟିଯାଇଛି। ସେ ହେଲେ ସଂଯୁକ୍ତା ମହାପାତ୍ର। ଯାଜପୁର ଜିଲା ବଡ଼ ତ୍ରିଲୋଚନପୁର ଗ୍ରାମରେ ତାଙ୍କର ଜନ୍ମ। ଶଙ୍ଖଚିଲାସ୍ଥିତ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନରେ ନିଜକୁ ନିୟୋଜିତ ରଖିଛନ୍ତି ସେ। ସାବିତ୍ରୀ ମହାପାତ୍ର ଏବଂ ନୀଳାମ୍ବର ମହାପାତ୍ରଙ୍କ ଏହି କନ୍ୟା ଯୋଗରେ ସ୍କିଲ୍ ଇଣ୍ଡିଆ(ଗ୍ରେଡ୍-ଏ)ଡିଗ୍ରୀ ହାସଲ କରିଛନ୍ତି। ଲେଖାଲେଖି ଜୀବନ କିପରି ଆରମ୍ଭ ହେଲା ପ୍ରଶ୍ନର ଉତ୍ତରରେ କହନ୍ତି, ''ମୋ ଜେଜେମା ରାମାୟଣ, ମହାଭାରତ, ଭାଗବତ, ଲକ୍ଷ୍ମୀପୁରାଣ, ବାୟୁ ପୁରାଣ , ହରିବଂଶ , ବିଲଙ୍କା ରାମାୟଣ ଆଦି ପଢ଼ି ତାଙ୍କୁ ଶୁଣାଇବାକୁ ମୋତେ ଉତ୍ସାହିତ କରୁଥିଲେ। ଅତି ଛୋଟ ବେଳୁ ଏସବୁ ପଢ଼ିବାର ସୁଯୋଗ



ସଂଯୁକ୍ତା ମହାପାତ୍ର

ପାଇଥିବାରୁ ମୁଁ ଗପ ଓ କବିତା ପ୍ରତି ସ୍ୱତଃ ଆକର୍ଷିତ ଥିଲି। ତେଣୁ ନିଜେ କିଛି କରିବାର ଇଚ୍ଛା ଥିଲା। ପରେ ମୋ ଭିଣୋଇ, ସ୍ୱାମୀ ଓ ପୁଅ ମୋତେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ। ମୁଁ ବହୁ ଛୋଟ ବେଳରୁ ଲେଖାପଢ଼ା ସହ ଜଡ଼ିତ ଥିଲେ ମଧ୍ୟ କଲେଜରେ ପଢ଼ିବା ବେଳେ ମୋର ଓଡ଼ିଆରେ କମ୍ ନମ୍ବର ରହିଲା। ୨୦୦୭ରେ 'ଜାହ୍ନବୀ'ର ସମ୍ପାଦିକା ମୋ ସ୍ୱାମୀ ନାରାୟଣ ପ୍ରସାଦ ପତିଙ୍କୁ ଏକ ସଭାକୁ ଅତିଥି କରି ଡାକିଥିଲେ। ସେଠାରେ କବିତା ଆବୃତ୍ତିକରି ପୁରସ୍କୃତ ହେବା ପରେ କବିତା ଲେଖିବା ମୋର ନିଶାରେ ପରିଣତ ହୋଇଥିଲା। ସେଠାରେ କବିତା ପଢୁଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦେଲାବେଳେ ମୋତେ ଗୋଟିଏ ଦେଲେ। ମୁଁ ଏହାକୁ ଏକପ୍ରକାର ଜିଦି ଭାବେ ଗ୍ରହଣକରି ଲେଖା ଆରମ୍ଭକଲି। ଆଉ ୨୦୦୯ରୁ ତ୍ରୈମାସିକ ପତ୍ରିକା 'ଚିରନ୍ତନୀ' ମୋ ସମ୍ପାଦନାରେ ଆରମ୍ଭକରି ନିୟମିତ ଚଳାଇ ଆସୁଛି। ପୌରାଣିକ ବିଷୟବସ୍ତୁ ଆଧାରରେ ଗଳ୍ପ କବିତା ଲେଖି ସମାଜ ସଂସ୍କାର ପାଇଁ ଉଦ୍ୟମ କରିଥାଏ। ବିଶେଷକରି ଶିଶୁମାନଙ୍କ ନିମନ୍ତେ ନୈତିକ ଧର୍ମିକ କଥା ଓ ନାରୀମାନଙ୍କ ସମସ୍ୟାକୁ ଆଧାରକରି ଗଳ୍ପ କବିତା ଲେଖିଥାଏ।

ଶିକ୍ଷକତା ମୋର ବ୍ରତ। ଏହା ମୋତେ ଆନନ୍ଦ ଦିଏ। ମୋ ଶିକ୍ଷକତା ମଧ୍ୟରେ ମୁଁ ବହୁ କଥା ଶିଖିବାକୁ ପାଇଥାଏ। ଏଥିପାଇଁ ମୋତେ ସମୟ ଦେବାକୁ ପଡ଼େନାହିଁ। କାରଣ ପଢ଼ିବା, ଲେଖିବା ଦୁଇଟି କାର୍ଯ୍ୟ ପରସ୍ପର ପରିପୂରକ। ଏହା ବ୍ୟତୀତ ମୁଁ ଯୋଗ ଶିଖାଏ, ସମାଜସେବା କରେ, ଭାରତ ସ୍କାଉଟ ଗାଇଡର ପ୍ରଶିକ୍ଷିକା କାର୍ଯ୍ୟ କରେ, ଇନରହୁଇଲ କ୍ଲବ୍‌ର ପ୍ରତିଷ୍ଠାତା ସଭାପତି। ମୋ ପାଇଁ ସବୁ କାର୍ଯ୍ୟ ଗୋଟିଏ ଗୋଟିଏ ବିନ୍ଦୁ ପରି ସରଳରେଖାରେ ଗତି କରିଥାଏ। ଜଣେ ଶିକ୍ଷୟିତ୍ରୀ ଭାବେ ମୋ ଛାତ୍ରୀଛାତ୍ରଙ୍କୁ କହିବି ଯେ ଜ୍ଞାନ ଅର୍ଜନ କରିବା ଓ ନମ୍ବର ରଖିବା ଦୁଇଟି ଭିନ୍ନ କଥା। ଜ୍ଞାନର କୌଣସି ସୀମା ନ ଥିବାରୁ ଏକ ନିର୍ଦ୍ଦିଷ୍ଟ ବିଷୟ ଅଧ୍ୟୟନର ମୌଳିକ ଉଦ୍ଦେଶ୍ୟ ବୁଝିବା ଆବଶ୍ୟକ। ଜ୍ଞାନକୁ ପ୍ରୟୋଗାତ୍ମକ କଲେ ଏହା ବୃଦ୍ଧି ଘଟେ ଓ ଗୋଟିଏ କ୍ଷେତ୍ରର ଜ୍ଞାନ ଅନ୍ୟ କ୍ଷେତ୍ରରେ ଉପଯୋଗୀ ହୁଏ। ପାଠିକାପାଠକମାନେ କାବ୍ୟ କବିତା, ଗଳ୍ପ, ଉପନ୍ୟାସ ପଢ଼ିବା ବେଳେ ଏହାର ଅନ୍ତର୍ନିହିତ ଭାବକୁ ବୁଝିବା ଉଚିତ। ପ୍ରତ୍ୟେକ ଲେଖାରେ ସମାଜ ନିମନ୍ତେ ଏକ ବାର୍ତ୍ତା ଥାଏ। ଏହାକୁ ବୁଝିଲେ ଲେଖକର ଶ୍ରମ ସାର୍ଥକ ହୁଏ। ମୋର ନିଜର କିଛି ଅବସୋସ ନାହିଁ। କାରଣ ମୋ କାର୍ଯ୍ୟକୁ ମୁଁ ସାରିପାରିବି, ଭଗବାନ ମୋତେ ସମୟ ଦେଲେ ଅନେକ କିଛି କରିବାର ଯୋଜନା ରଖିଛି। କିନ୍ତୁ ଏବେ ଦେଖାଯାଉଛି ପ୍ରକୃତ ସାହିତ୍ୟିକମାନେ ଅନ୍ତରାଳରେ ରହୁଥିବାବେଳେ ଅଣସାହିତ୍ୟିକମାନେ



ପ୍ରଚାରଧର୍ମୀ ହୋଇପଡ଼ିଛନ୍ତି। ଆଉ ପ୍ରୋତ୍ସାହନ ଅଭାବରୁ ଆମ ଭବିଷ୍ୟତ ପିଢ଼ି ଭାଷା ସାହିତ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।'' ନିଜର ସାରସ୍ୱତ ଜୀବନରେ ପୁରସ୍କାରକୁ ସେ କେବେ ଅଗ୍ରାଧିକାର ଦେଇନାହାନ୍ତି। ଏଥିରେ ନିଜକୁ ଜଡ଼ିତ ରଖି ପାଠିକାପାଠକଙ୍କୁ ଶିକ୍ଷଣୀୟ ଗପ, କବିତା ଉପହାର ଦେବାକୁ ସବୁବେଳେ ପ୍ରାଥମିକତା ଦିଅନ୍ତି ସଂଯୁକ୍ତା। **– ଦେବସ୍ମିତା**

# ଏଡିଏଚଡି



ଡା. ଲିପିକା ମହାପାତ୍ର

''ଆଟେନଶନ ଡିଫିସିଟ୍ ହାଇପରଆକ୍ଟିଭିଟି ଡିଜଅର୍ଡର (ଏଡିଏଚ୍‌ଡି) ଶିଶୁମାନଙ୍କର ଏକପ୍ରକାର ଜୀବନବ୍ୟାପୀ ବିକାଶାତ୍ମକ ଅସାମର୍ଥ୍ୟ ବ୍ୟାଧି। ପାଖାପାଖି ୩୬ ମାସ ପୂର୍ବରୁ ଏହାର ଲକ୍ଷଣ ଆରମ୍ଭ ହୋଇଥାଏ। କିନ୍ତୁ ଏକ ଶିଶୁର ୪ ବର୍ଷ ବୟସରେ ପ୍ରାୟତଃ ଏହାର ଲକ୍ଷଣ ସବୁ ଦେଖିବାକୁ ମିଳିଥାଏ । ସାଧାରଣତଃ ଏଥିରେ ପୁଅ ଓ ଝିଅଙ୍କ ଅନୁପାତ ୩ : ୧ରହିଥାଏ। ହେଲେ ଝିଅମାନଙ୍କ ତୁଳନାରେ ପୁଅମାନଙ୍କ ମଧ୍ୟରେ ଏହା ୩ଗୁଣ ଅଧିକ ଦେଖିବାକୁ ମିଳିଥାଏ।''









ଆଟେନ୍‌ଶନ ଡିଫିସିଟ୍ ହାଇପର ଆକ୍ଟିଭିଟି ଡିଜଅର୍ଡର (ଏଡିଏଚ୍‌ଡି) ଶିଶୁମାନଙ୍କର ଏକପ୍ରକାର ଜୀବନବ୍ୟାପୀ ବିକାଶାତ୍ମକ ଅସାମର୍ଥ୍ୟ ବ୍ୟାଧି। ପାଖାପାଖି ୩୬ ମାସ ପୂର୍ବରୁ ଏହାର ଲକ୍ଷଣ ଆରମ୍ଭ ହୋଇଥାଏ। କିନ୍ତୁ ଏକ ଶିଶୁର ୪ ବର୍ଷ ବୟସରେ ପ୍ରାୟତଃ ଏହାର ଲକ୍ଷଣ ସବୁ ଦେଖିବାକୁ ମିଳିଥାଏ। ସାଧାରଣତଃ ଏଥିରେ ପୁଅ ଓ ଝିଅଙ୍କ ଅନୁପାତ ୩ : ୧ରହିଥାଏ। ହେଲେ ଝିଅମାନଙ୍କ ତୁଳନାରେ ପୁଅମାନଙ୍କ ମଧ୍ୟରେ ଏହା ୩ଗୁଣ ଅଧିକ ଦେଖିବାକୁ ମିଳିଥାଏ। ଏକ ସୁସ୍ଥ ଶିଶୁ (ଏଡିଏଚ୍‌ଡି ଦ୍ୱାରା ଆକ୍ରାନ୍ତ ହୋଇ ନ ଥିବା) ଠିକ୍ ନିଷ୍ପତ୍ତି ନେବାର କ୍ଷମତା ରଖିଥାଏ, ହେଲେ ଏକ ଏଡିଏଚ୍‌ଡି ଆକ୍ରାନ୍ତ ଶିଶୁ ଏହା କରିପାରି ନ ଥାଏ। ତା' ପାଇଁ କୌଣସି ନିଷ୍ପତ୍ତି ନେବା ଏବଂ ତାକୁ କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଠିନ।

**କାରଣ :** ଏହାର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ଜଣାପଡିନାହିଁ। କେବଳ ସେତିକି ନୁହେଁ ପ୍ରକୃତ କାରଣ ମଧ୍ୟ ଠିକ୍ ରୂପେ ବୁଝାପଡ଼ି ନ ଥାଏ। କିନ୍ତୁ ଏହା ବହୁତଗୁଡ଼ିଏ ଉପାଦାନର ସମ୍ମିଶ୍ରଣ ଯୋଗୁ ହୋଇଥାଏ।

**ବଂଶଗତ:** ଏହା ପ୍ରାୟତଃ ବଂଶଗତ ବୋଲି ଦେଖାଯାଇଛି, ଯେଉଁଥିରେ କି ଶିଶୁର ପିତାମାତାଙ୍କଠାରେ କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ମଧ୍ୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଦେଖାଯାଇଥାଏ ଯାହା କି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଯେମିତିକି ପିତାମାତା ଏବଂ ଭାଇଭଉଣୀଙ୍କ ମଧ୍ୟରେ ଯାହାର ଏଡିଏଚ୍‌ଡି ଥାଏ, ସେ ଶିଶୁଟିର ଏଡିଏଚ୍‌ଡି ରହିବାର ଅଧିକ ଆଶଙ୍କା ଦେଖାଦେଇଥାଏ। ଏହାର ଅନ୍ୟ ଏକ କାରଣ ଡୋପାମାଇନ୍ ଟ୍ରାନ୍ସପୋର୍ଟର ବିକୃତି ଏବଂ ଥାଇରଏଡ ଏବଂ ଜିନ୍ ମଧ୍ୟ କିଛି ରୋଗୀଙ୍କ ମଧ୍ୟରେ ଦେଖାଯାଇଛି।

**ମସ୍ତିଷ୍କ କାର୍ଯ୍ୟଦକ୍ଷତା ଏବଂ ଗଠନ ପ୍ରଣାଳୀ :** ଅନ୍ୟ ଏକ ଗବେଷଣାରେ ଦେଖାଯାଇଛି ଯେ, ଯେଉଁ ପିଲାମାନଙ୍କର ଏଡିଏଚ୍‌ଡି ଥାଏ, ସେମାନଙ୍କର ମସ୍ତିଷ୍କରେ ନ୍ୟୁରୋ ଟ୍ରାନ୍ସମିଟର ସ୍ତରରେ ଅସାମଞ୍ଜସ୍ୟ ଦେଖାଦେଇଥାଏ, ଯେଉଁଥିରେ କି, ରସାୟନଗୁଡ଼ିକ ଠିକ୍ ରୂପେ କାର୍ଯ୍ୟ କରିପାରି ନ ଥାଏ। ହେଲେ ଏହା ସ୍ଥାୟୀ ନୁହେଁ। ଧୀରେ ଧୀରେ ଶିଶୁର ଶାରୀରିକ ବିକାଶ ହେବାପରେ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ ଏବଂ ଲକ୍ଷଣଗୁଡ଼ିକ ମଧ୍ୟ ସୁଧୁରିବାରେ ଦେଖାଦେଇଥାଏ।

**ପରିବେଶ ସମ୍ବନ୍ଧୀୟ:** ଗବେଷଣା କହେ ଯେ, ଗର୍ଭାବସ୍ଥାରେ ଧୂମପାନ ଏବଂ ମଦ୍ୟପାନ ଦ୍ୱାରା ପରବର୍ତ୍ତୀ ସମୟରେ ଏଡିଏଚଡିକୁ ଜନ୍ମ ଦେଇଥାଏ। ଏଣୁ ଗର୍ଭାବସ୍ଥାରେ ଧୂମପାନ ଓ ମଦ୍ୟପାନ ବର୍ଜନ କରିବା ଉଚିତ।

**ମସ୍ତିଷ୍କ ଆଘାତ:** ଯେଉଁ ଶିଶୁମାନେ ମସ୍ତିଷ୍କ ଆଘାତ ଦ୍ୱାରା ପୀଡ଼ିତ ହୋଇଥାନ୍ତି ସେମାନଙ୍କ ମଧ୍ୟରେ କିଛି ମାତ୍ରାରେ ଏପରି ବ୍ୟବହାର ଦେଖାଦେଇଥାଏ ଯାହା କି ଏଡିଏଚ୍‌ଡି ସହ ସମାନ ହୋଇଥାଏ।

**ଖାଦ୍ୟପେୟ :** ସମ୍ପ୍ରତି ବ୍ରିଟିଶ ଗବେଷଣାରେ ଦେଖାଦେଇଛି ଯେ, ଗୋଟିଏ ସମ୍ଭାବ୍ୟ କାରଣ ହେଉଛି ପିଲାମାନଙ୍କର ଖାଦ୍ୟ ଖାଇବା ଶୈଳୀ। ତେଣୁ ସେମାନେ ଫାଷ୍ଟଫୁଡ୍‌ଜନିତ ଖାଦ୍ୟ ନ ଖାଇବା ଭଲ।

**ଲକ୍ଷଣ :** ୩ରୁ ୫ ପ୍ରତିଶତ ସ୍କୁଲ ଯାଉଥିବା ଶିଶୁମାନଙ୍କ ମଧ୍ୟରେ ଦେଖାଦେଇଥାଏ। ଏହି ଶିଶୁମାନେ ଠିକ୍ ପରିମାଣରେ ଧ୍ୟାନ ଦେଇପାରି ନ ଥାନ୍ତି। ଅନ୍ୟ ବ୍ୟବହାରକୁ ମଧ୍ୟ ଠିକ୍‌ଭାବେ ଆୟତ୍ତ କରିପାରି ନ ଥାନ୍ତି। ଏମାନେ ସାଧାରଣତଃ ଅସ୍ଥିର ଚିତ୍ତର ଥାନ୍ତି। ଏହାକୁ ଆହୁରି ବିସ୍ତାର ଭାବେ କହିବାକୁ ଗଲେ ସାମାନ୍ୟ ଉତ୍ତେଜନା ଦ୍ୱାରା ଏମାନେ ସହଜରେ ଅନ୍ୟମନସ୍କ ହୋଇଯାଇଥାନ୍ତି।

ସ୍କୁଲ କାର୍ଯ୍ୟରେ କିମ୍ବା ଅନ୍ୟାନ୍ୟ କାମରେ ଏମାନେ ଅଧିକାଂଶ ସମୟ ଅନ୍ୟମନସ୍କ ରହିଥାଆନ୍ତି। କୌଣସି କାର୍ଯ୍ୟ କିମ୍ବା ଖେଳକୁଦ ଆଦି ମଧ୍ୟ ଠିକ୍ ଭାବେ କରି ପାରି ନ ଥାନ୍ତି। ନିତିଦିନିଆ କାର୍ଯ୍ୟକ୍ରମକୁ ମଧ୍ୟ ଏମାନେ ସହଜରେ ଭୁଲି ଯାଇଥାନ୍ତି। ସେମାନେ ଠିକ ଭାବେ ଧ୍ୟାନ ଦେଇ କିଛି ଶୁଣନ୍ତି ନାହିଁ। ଏମାନେ ପ୍ରାୟତଃ ସହଜରେ ଦ୍ୱନ୍ଦ୍ୱରେ ପଡିଥାନ୍ତି ଏବଂ ଧୀରେ ଧୀରେ ଆଗକୁ ବଢନ୍ତି। ଉଦାହରଣ ସ୍ୱରୂପ ଯେଉଁଠି ଆବଶ୍ୟକ ନ ଥିବ ସେଠାରେ ଖୁବ୍ ଜୋରରେ ଦୌଡିବା କିମ୍ବା ଚଢିବା ହାତଗୋଡ ଛାଟିବା, ଆଙ୍ଗୁଠି ମାଧ୍ୟମରେ ଖେଳ, ନିଜର ସିଟ୍ ଆଖପାଖ ଗୋଲ୍ ଗୋଲ୍ ବୁଲିବା,ରାତ୍ରଭୋଜନ ସମୟରେ କିମ୍ବା ସ୍କୁଲ କିମ୍ବା ଗପ ଶୁଣିବା ସମୟରେ ଚୁପ୍‌ଚାପ୍ ବସିପାରନ୍ତି ନାହିଁ। କୌଣସି ସ୍ଥିର କାମ ଏପରିକି ଧାଡିରେ ଛିଡା ହେବା କିମ୍ବା ସାବଧାନ ହୋଇ ଛିଡା ହେବା ଆଦି କରିପାରନ୍ତି ନାହିଁ। ଅନର୍ଗଳ କଥା କହିବାରେ ସେମାନେ ଅସମର୍ଥ।

**ବ୍ୟବହାର :** କୌଣସି ଖେଳ କିମ୍ବା ଏକତ୍ରିତ କାର୍ଯ୍ୟକ୍ରମରେ ନିଜର ସମୟ ଆସିବା ଯାଏ ଅପେକ୍ଷା କରିପାରନ୍ତି ନାହିଁ। ଅଯଥା ଗୋଟିଏ ପ୍ରଶ୍ନ ମଧ୍ୟରେ ଅନ୍ୟ ଏକ ଉତ୍ତର ପରିପ୍ରକାଶ କରିଥାନ୍ତି। କୌଣସି କଥୋପକଥନ କିମ୍ବା କାର୍ଯ୍ୟକ୍ରମ ମଧ୍ୟରେ ହସ୍ତକ୍ଷେପ କରିବା, ବହୁତ ମାତ୍ରାରେ ଅଧୈର୍ଯ୍ୟ ହେବା ଆଦି ଲକ୍ଷଣ ସବୁ ଦେଖାଦେଇଥାଏ।

**ଚିକିତ୍ସା:** ମନସ୍ତତ୍ତ୍ୱ ମୂଲ୍ୟ ନିର୍ଦ୍ଧାରଣ।

- ଖେଳ ଚିକିତ୍ସା।
- ଚେତନା ସମ୍ବନ୍ଧୀୟ ଏକୀକରଣ ଚିକିତ୍ସା।
- ନିଜକୁ ଆୟତ୍ତ କରିବାର ପ୍ରଶିକ୍ଷଣ।
- ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ବର୍ଜନ କରିବା।
- ପିଲାଟି ସ୍କୁଲରେ ପଢୁଥିଲେ ଶିକ୍ଷକ, ମନସ୍ତତ୍ତ୍ୱବିତ୍ ଏବଂ ଅଭିଜ୍ଞ ବ୍ୟକ୍ତିଙ୍କୁ ନେଇ ଗଠିତ ଏକ ଶୃଙ୍ଖଳିତ ଟିମ୍ ଦ୍ୱାରା ତାକୁ ଏ ବିଷୟରେ କିଛି ଶିକ୍ଷା ଦିଆଯାଇପାରିବ।
- ପିତାମାତାଙ୍କୁ ଶିକ୍ଷାଗତ ପ୍ରଶିକ୍ଷଣ, ଯେପରିକି ବାପାମାଆଙ୍କ ସହିତ ତା'ର ଦୈନିକ କାର୍ଯ୍ୟକ୍ରମର ଗୋଟିଏ ପାଠ୍ୟକ୍ରମ ଏବଂ ନୋଟବୁକ୍, ଶିଶୁକୁ ଠିକ୍ ରୂପେ ବୁଝାଇବା ଏବଂ ତା'ପରେ ଠିକ୍ ରୂପରେ ଯୋଜନା, ପରିଚାଳନା, ନିର୍ଦ୍ଧାରଣ ଏବଂ ଶେଷରେ ପ୍ରସ୍ତାବ ଦେବା ଉଚିତ।
- ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଶିଶୁଟି ପାଇଁ ମାତାପିତା ଏକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ଉଚିତ।
- ତା'ର ନିତିଦିନିଆ ଜିନିଷଗୁଡିକୁ ଠିକ୍ ରୂପେ ପରିଚାଳନା କରିବା ଉଚିତ।

ଶିଶୁକୁ ଏସବୁ ନିୟମ ବିଷୟରେ ପରୋକ୍ଷ ଭାବେ ନ କହି ପ୍ରତ୍ୟକ୍ଷ ଭାବେ କହିବା ଉଚିତ। ଯଦି ସେ କୌଣସି ନିୟମକୁ ନ ମାନିଥାଏ, ତା' ହେଲେ ତା'ର ମନପସନ୍ଦ କାମ କିମ୍ବା ଜିନିଷରୁ ତାକୁ ଦୂରେଇ ରଖିବା ଉଚିତ। ଭାଇଭଉଣୀଙ୍କର ଭଲ କାମକୁ କରିବା ପାଇଁ ତାକୁ ଉଦାହରଣ ଦେଇ ବୁଝାଇବା ଉଚିତ। ଏହିପରି କରିବା ଦ୍ୱାରା ଶିଶୁଟିର ବ୍ୟାବହାରିକ ଲକ୍ଷଣଗୁଡିକରେ ପରିବର୍ତ୍ତନ ଦେଖାଦେଇଥାଏ।

ଫ୍ୟାଶନ୍

# ମେଟାଲ ଜୁଏଲେରି

ଆଜିକାଲି ଅନେକ ଯୁବତୀଙ୍କ ପସନ୍ଦ ମେଟାଲ ଜୁଏଲେରି। ଏହା ଖୁବ୍ କମ୍ ଦାମ୍‌ରେ ମାର୍କେଟରେ ମିଳିବା ସହ ଆକର୍ଷଣୀୟ ବି ହୋଇଥାଏ। ବ୍ଲାକ୍ ମେଟାଲ ଏବଂ ସିଲ୍‌ଭର ମେଟାଲର ବି ଭେରାଇଟି ବାଛିପାରିବେ। ଏଥିମଧ୍ୟରେ ରହିଛି ଆର୍ମଲେଟ୍, ରିଷ୍ଟଲେଟ୍, ପାୟଲ ଇତ୍ୟାଦି। ଆପଣ ଚାହିଁଲେ ଏହାକୁ କୁର୍ତ୍ତି, ଶାଢ଼ି କିମ୍ବା ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ପିନ୍ଧିପାରିବେ।

**ଇୟର ରିଙ୍ଗ୍**–ଫ୍ୟାଶନ ଦୁନିଆରେ ପରିବର୍ତ୍ତନ ଚାଲିଛି। ଏବେ ଲଟ୍‌କନ୍‌ର ବଡ଼ ଇୟର ରିଙ୍ଗ୍ ଟ୍ରେଣ୍ଡରେ ରହିଛି। ଏଥିରେ ମିରର ୱାର୍କ ପେଷ୍ଟ





କରାଯାଇଥାଏ। ଏହାର ତଳ ସାଇଡ୍‌ରେ ଘୁଙ୍ଗୁର ଲଗାଯାଇଥାଏ। ଏହା ଆପଣଙ୍କ କାନକୁ ଅଲଗା ଲୁକ୍ ଦେଇଥାଏ। ଟପ୍ସରୁ ଆରମ୍ଭକରି ଛୋଟ ବଡ଼ ବିଭିନ୍ନ ପ୍ରକାର ଇୟର ରିଙ୍ଗ୍ ଆପଣ ପାଇପାରିବେ। ମୁହଁର ସାଇଜ ହିସାବରେ ଆପଣ ଏହାକୁ ବାଛିପାରିବେ।

**ସେଟ୍ –** କେବଳ ଇୟର ରିଙ୍ଗ୍ ନୁହେଁ, ବେକରେ ମଧ୍ୟ ନେକ୍‌ଲେସ୍ ଲଗାଇବା ପାଇଁ ସମ୍ପୂର୍ଣ୍ଣ ସେଟ୍ ମାର୍କେଟରେ ମିଳୁଛି। ଲମ୍ବା ନେକ୍‌ଲେସ୍‌ରେ ବଡ଼ ପେଣ୍ଡେଣ୍ଟ ପିନ୍ଧିପାରିବେ। ଏହା ସହ ଡିଫରେଣ୍ଟ ଡିଜାଇନ ଆପଣଙ୍କୁ ବେଶ୍ ମାନିବ।

**ଫିଙ୍ଗର ରିଙ୍ଗ୍ –** ଫ୍ୟାଶନ ଟ୍ରେଣ୍ଡ ଅନୁସାରେ ଫିଙ୍ଗର ରିଙ୍ଗ୍ ମଧ୍ୟ ବିଭିନ୍ନ ଡିଜାଇନରେ ମାର୍କେଟରେ ଉପଲବ୍ଧ। ମିରର କାମ ଥିବା ଛୋଟ ଛୋଟ ରିଙ୍ଗ୍ ଏବଂ ସମ୍ପୂର୍ଣ୍ଣ ଫିଙ୍ଗରକୁ କଭର କଲା ଭଳି ରିଙ୍ଗ୍ ମଧ୍ୟ ମିଳୁଛି।

**ଚୁଡ଼ି –** ଏଥିରେ ସ୍ଲିମ୍ ଚୁଡ଼ିରୁ ଆରମ୍ଭକରି ବଡ଼ ବଡ଼ ଚୁଡ଼ି ସାମିଲ କରିପାରିବେ। ବ୍ରେସ୍‌ଲେଟ୍ ଭଳି କଡ଼ା ମଧ୍ୟ ଯୁବତୀମାନଙ୍କର ପସନ୍ଦ।



ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଏ ଜାଇଫଳ



**କେବଳ ଖାଦ୍ୟରେ ନୁହେଁ ବରଂ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଜାଇଫଳ ଔଷଧ ଭଳି କାମ କରିଥାଏ। ଏଥିରେ ଥିବା ମ୍ୟାଗ୍ନେସିୟମ୍, ମାଙ୍ଗାନିଜ୍ ଭଳି ପୋଷକ ତତ୍ତ୍ୱ ତ୍ୱଚା ପାଇଁ ଲାଭଦାୟକ ହୋଇଥାଏ...**

**ପିଗ୍‌ମେଣ୍ଟେଶନ କମ୍ କରିଥାଏ –** ତ୍ୱଚାର ପିଗ୍‌ମେଣ୍ଟେଶନ ଏବଂ ଡାର୍କ ସର୍କଲ ଦୂର କରିବା ପାଇଁ ଜାଇଫଳ ବେଶ୍ ଉପକାରୀ। ଡାଲଚିନି ପାଉଡର, ଲେମ୍ବୁରସ ଓ ଦହିର ମିଶ୍ରଣକୁ ମୁହଁରେ ଲଗାନ୍ତୁ। ୫ରୁ୧୦ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ। ସପ୍ତାହରେ ଅନ୍ତତଃ ତିନିଥର ଏପରି କରନ୍ତୁ।

**ତ୍ୱଚାକୁ କୋମଳ ରଖିଥାଏ –** ମହୁ,ବେକିଂ ସୋଡ଼ା, ଲବଙ୍ଗତେଲ, ଜାଇଫଳ ଓ ଲେମ୍ବୁରସର ମିଶ୍ରଣକୁ ମୁହଁରେ ଲଗାଇ ମସାଜ କରନ୍ତୁ। ଏହା ତ୍ୱଚାରେ ପ୍ରବେଶ କରିବା ଦ୍ୱାରା ତ୍ୱଚା ଟାଇଟ୍ ରହିଥାଏ ଏବଂ ଖୋଲିଯାଇଥିବା ପୋର୍ସ ବନ୍ଦ ହୋଇଥାଏ। ଏବେ ମୁହଁକୁ ହାଲ୍‌କା ଉଷୁମ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ୨ ରୁ ୩ଥର ଏପରି କରନ୍ତୁ। ତ୍ୱଚା କୋମଳ ରହିବା ସହ ଚମକ ଆସିଥାଏ।

**ତୈଳୀୟ ତ୍ୱଚା –** ତୈଳୀୟ ତ୍ୱଚା ପାଇଁ ଏହା ବେଶ୍ ଉପକାରୀ। ଜାଇଫଳ ପାଉଡର ଏବଂ ମହୁର ମିଶ୍ରଣକୁ ତ୍ୱଚାରେ ଲଗାଇ ୫ରୁ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଉଭୟରେ ମହଜୁଦ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଉପାଦାନ ତ୍ୱଚାରୁ ବ୍ରଣ ଆଦି ଦୂର କରିଥାଏ।

**ଆଣ୍ଟି ଏଜିଂ –** ଜାଇଫଳରେ ମହଜୁଦ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ଏଜିଂ ତତ୍ତ୍ୱ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ଜାଇଫଳ ପାଉଡର, ଦହି ଏବଂ ମହୁର ମିଶ୍ରଣକୁ ମୁହଁରେ ଲଗାଇ ୧୦ ମିନିଟ୍ ପରେ ଧୋଇଦିଅନ୍ତୁ।





ପାର୍ବଣ ଋତୁ ସମୟରେ ଗ୍ରାହକଙ୍କ ପକ୍ଷରୁ ଖର୍ଚ୍ଚ କମିବାର ସମ୍ଭାବନା ନାହିଁ। ଟିୟର-୨ଓ ୩ ସହରରେ ଫ୍ଲିପକାର୍ଟର ବ୍ୟବସାୟ ଅଭିବୃଦ୍ଧି ଦୃଢ଼ ରହିବ।
– କଲ୍ୟାଣ କ୍ରିଷ୍ଣମୂର୍ତ୍ତି, ଫ୍ଲିପ୍‌କାର୍ଟ ଗ୍ରୁପ ସିଇଓ



ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଲାଗି ପାର୍ଲେ ଆଗ୍ରୋ ୫୦ କୋଟି ଟଙ୍କା ବିନିଯୋଗ କରିବ। ପେଟ୍ ବୋତଲ ରିସାଇକେଲ କରିବା ଲାଗି କମ୍ପାନୀ ଆଇପିସିଏ ସହ ଚୁକ୍ତି ସ୍ୱାକ୍ଷର କରିଛି।
– ନାଦିଆ ଚୌହାନ, ପାର୍ଲେ ଆଗ୍ରୋ ଏମ୍‌ଡି

## ସଂକ୍ଷେପରେ

### ସେନ୍‌ସେକ୍ସ ୧୦୭୫ ପଏଣ୍ଟ ବୃଦ୍ଧି



ମୁମ୍ବାଇ,୨୩-୯: ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ଟିକସ ଓ ଜିଏସଟି ହ୍ରାସ ଘୋଷଣା କରିବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବେଶ୍ ବୃଦ୍ଧି ପରିଲକ୍ଷିତ ହୋଇଛି। ସୋମବାର ସେନ୍‌ସେକ୍ସ ଯେପରି ଫେଷ୍ଟିଭ ମୁଡ୍‌କୁ ଆସିଯାଇଛି। ଅର୍ଥମନ୍ତ୍ରୀଙ୍କ ଘୋଷଣାର ଦୁଇଦିନ ଭିତରେ ଷ୍ଟକ୍ ବଜାରରେ ପ୍ରାୟ ୩୦୦୦ ପଏଣ୍ଟ ବୃଦ୍ଧି ପାଇଛି। ସୋମବାର କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୧୦୭୫.୪୧ ପଏଣ୍ଟ ବୃଦ୍ଧି ପାଇ ୩୯,୦୯୦.୦୩ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜରେ ନିଫ୍ଟି ୩୨୯.୨୦ ପଏଣ୍ଟ ବୃଦ୍ଧି ପାଇ ୧୧,୬୦୩.୪୦ରେ ବନ୍ଦ ହୋଇଛି। ଏଥିପୂର୍ବରୁ ଶୁକ୍ରବାର ସେନ୍‌ସେକ୍ସ ୧୯୨୧ ପଏଣ୍ଟ ବୃଦ୍ଧି ପାଇଥିଲା। ବିଦେଶୀ ସଂସ୍ଥାଗତ ଏବଂ ଘରୋଇ ନିବେଶକଙ୍କ ପକ୍ଷରୁ ଜୋର୍‌ଦାର ଶେୟାର କିଣାଯିବାରୁ ଷ୍ଟକ୍ ମାର୍କେଟ ବୃଦ୍ଧି ପାଇଛି। ଦୁଇ ଦିନ ଧରି ସେନ୍‌ସେକ୍ସ ବୃଦ୍ଧି ପାଇବା କାରଣରୁ ନିବେଶକଙ୍କୁ ପ୍ରାୟ ୧୦.୫୦ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି।

### ରାଜ୍ୟଗୁଡ଼ିକୁ କେନ୍ଦ୍ରର ସର୍କୁଲାର ଜାରି ଆପ୍ ଯାଞ୍ଚ ପରେ ଚାଲାଣ କାଟ

ନୂଆଦିଲ୍ଲୀ,୨୩-୯: ଗାଡ଼ିର ଯାଞ୍ଚ ବେଳେ ଚାଳକଙ୍କ ଦ୍ୱାରା ମୂଳ କାଗଜପତ୍ର ଦାଖଲ କରାଯାଇ ନ ପାରିଲେ ଏମ୍-ପରିବହନ କିମ୍ବା ଇ-ଚାଲାଣ ଆପ୍ ମାଧ୍ୟମରେ ଯାଞ୍ଚ କରିବା ପରେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ କିମ୍ବା ପୋଲିସ ଚାଲାଣ କାଟିପାରିବ ବୋଲି କେନ୍ଦ୍ର ସରକାର ସୋମବାର ରାଜ୍ୟ ସରକାରଗୁଡ଼ିକୁ ସର୍କୁଲାର ଜାରି କରି ସ୍ପଷ୍ଟ କରିଛନ୍ତି। ଏଥିସହ ଏମ୍-ପରିବହନ ଆପ୍‌ର ଡିଜିଲକର୍‌ରେ ଥିବା ଗାଡ଼ିର ତଥ୍ୟକୁ ପୋଲିସ ଗ୍ରହଣ କରିବାକୁ ବାଧ ବୋଲି ଏଥିରେ ଦର୍ଶାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ସର୍କୁଲାର ଜାରି ପରେ ଗାଡ଼ି ମାଲିକମାନେ ଆଶ୍ୱସ୍ତି ସହ ନିଃଶ୍ୱାସ ମାରିଛନ୍ତି। କାରଣ ବହୁ କ୍ଷେତ୍ରରେ ଦେଖାଯାଇଛି ଯେ, ଗାଡ଼ିର ସମସ୍ତ କାଗଜପତ୍ର ରହିଥିଲେ ସୁଦ୍ଧା ମାଲିକ ଏହାର ମୂଳ ଦସ୍ତାବିଜ ସାଥିରେ ରଖି ନ ଥିବାରୁ ପୋଲିସ ଚାଲାଣ କାଟୁଛି। ପୋଲିସ ଡିଜିଲକର୍‌ରେ ଥିବା ଗାଡ଼ିର ତଥ୍ୟକୁ ଗ୍ରହଣ କରୁନାହିଁ। ଏ ନେଇ ସଡ଼କ ପରିବହନ ମନ୍ତ୍ରଣାଳୟ ନିକଟରେ ବହୁ ଅଭିଯୋଗ ଆସିବା ପରେ ସର୍କୁଲାର ଜାରି କରାଯାଇଛି। ତେବେ ଗାଡ଼ି ଚାଳକଙ୍କ ନିକଟରେ ସ୍ମାର୍ଟଫୋନ ନ ଥିଲେ ପୋଲିସ ଏମ୍-ପରିବହନ କିମ୍ବା ଇ-ଚାଲାଣ ଆପ୍‌ରୁ ଗାଡ଼ିର ରେଜିଷ୍ଟ୍ରେଶନ, ଡ୍ରାଇଭିଂ ଲାଇସେନ୍ସ ଓ ପିୟୁସି(ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ)କୁ ଯାଞ୍ଚ କରିପାରିବେ। ସର୍କୁଲାରରେ କୁହାଯାଇଛି ଯେ, ଗାଡ଼ିର ସମସ୍ତ କାଗଜପତ୍ର ଡିଜିଲକର୍‌ରେ ସଞ୍ଚିତ ହୋଇଥିଲେ ଏହା ବୈଧ ହେବ ଏବଂ ଏହାକୁ ପୋଲିସ ମାନିବାକୁ ବାଧ୍ୟ। ମୂଳ ଦସ୍ତାବିଜ ଦେଖାଇ ନ ପାରିଲେ ମଧ ଗାଡ଼ି ଚାଳକଙ୍କଠାରୁ ଫାଇନ ଆଦାୟ କରାଯାଇପାରିବ ନାହିଁ।

### ଅକ୍ଟୋବର ପହିଲାରୁ ସମସ୍ତ ପ୍ରକାର ଋଣ ଶସ୍ତା କରିବ ଏସ୍‌ବିଆଇ




ନୂଆଦିଲ୍ଲୀ,୨୩-୯: ଦେଶର ସର୍ବବୃହତ୍ ବ୍ୟାଙ୍କ କୁହାଯାଉଥିବା ଏସ୍‌ବିଆଇ ପାର୍ବଣ ପୂର୍ବରୁ ନିଜର ଗ୍ରାହକଙ୍କୁ ବଡ଼ ଉପହାର ଦେଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅକ୍ଟୋବର ପହିଲାରୁ ସମସ୍ତ ଫ୍ଲୋଟିଂ ରେଟ୍‌କୁ ଏକ୍ସଟରନାଲ ବେଞ୍ଚମାର୍କ ରୂପରେ ରେପୋ ରେଟ୍ ସହ ଯୋଡିବାକୁ ନିଷ୍ପତ୍ତି ନେଇଛି। ଫଳରେ ଏମ୍‌ଏସ୍‌ଏମ୍‌ଇ, ରିଟେଲ ଓ ହାଉସିଂ ଋଣ ଶସ୍ତା ହେବ। ଅକ୍ଟୋବର ପହିଲାରୁ ସମସ୍ତ ପ୍ରକାର ନୂଆ ପରିବର୍ତ୍ତନଶୀଳ(ଫ୍ଲୋଟିଂ) ରେଟ୍ ଲାଗୁ ଥିବା ପର୍ସନାଲ, ଖୁଚୁରା ଓ ଏମ୍‌ଏସ୍‌ଏମ୍‌ଇ ଋଣକୁ ବାହ୍ୟ ବେଞ୍ଚମାର୍କ ସହ ଯୋଡିଦେବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବ୍ୟାଙ୍କଗୁଡ଼ିକୁ ନିଜର ସ୍ୱତନ୍ତ୍ର ବେଞ୍ଚମାର୍କ ନିର୍ଦ୍ଧାରଣ କରିବାକୁ ସୁଯୋଗ ଦିଆଯାଇଛି। ବ୍ୟାଙ୍କଗୁଡ଼ିକ ରେପୋ ରେଟ୍, ତ୍ରୈମାସ ଅଥବା ୬ ମାସ ରାଜସ୍ୱ ବିଲ୍ ଅଥବା ଫାଇନାନ୍ସିଆଲ ବେଞ୍ଚମାର୍କ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା ଜାରି କରାଯାଇଥିବା ଯେକୌଣସି ବଜାର ସୁଧ ହାର ମାନଦଣ୍ଡକୁ ଚୟନ କରିପାରିବେ ବୋଲି ରିଜର୍ଭ ବ୍ୟାଙ୍କ ତାଙ୍କ ନିର୍ଦ୍ଦେଶରେ କହିଥିଲେ।

## ବଢ଼ୁଛି ରାଜ୍ୟଗୁଡ଼ିକର ମୁଣ୍ଡବ୍ୟଥା
# ୪୦ ହଜାର କୋଟି କମିବ ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ,୨୩-୯

- ହୋଟେଲ ରୁମ୍‌ରୁ ଜିଏସ୍‌ଟି, କର୍ପୋରେଟ ଟିକସ କମିଛି
- ସେସ୍‌ରୁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ଦିଏ କେନ୍ଦ୍ର
- ବାର୍ଷିକ ୧ ଲକ୍ଷ କୋଟି ସେସ୍ ଆଦାୟ ଲକ୍ଷ୍ୟ
- କ୍ଷତିଭରଣା ସମୟସୀମାକୁ ୮ବର୍ଷ ପର୍ଯ୍ୟନ୍ତ ବଢ଼ାଇବାକୁ ରାଜ୍ୟଗୁଡ଼ିକର ଦାବି




ଗତ ଶୁକ୍ରବାର ଜିଏସ୍‌ଟି କାଉନସିଲର ୩୭ତମ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଗୋଟିଏ ଦୁଇଟିକୁ ଛାଡ଼ି ଦେଲେ ହୋଟେଲ ଶିଳ୍ପ ସମେତ କେତେକ ସାମଗ୍ରୀର ଜିଏସ୍‌ଟି ହାର କମାଯାଇଛି। ସେହିପରି କର୍ପୋରେଟ ଟିକସ ହ୍ରାସ କରାଯାଇଛି। ଫଳସ୍ୱରୂପ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୪୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କମିବ ବୋଲି କେନ୍ଦ୍ର ସରକାର କହିବା ପରେ ଏହାର ଭରଣା କିପରି ହେବ ସେ ନେଇ ରାଜ୍ୟଗୁଡ଼ିକର ମୁଣ୍ଡବ୍ୟଥା ବଢ଼ିଗଲାଣି। ସେମାନେ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କ୍ଷତିଭରଣା ସମୟସୀମାକୁ ଆହୁରି ବୃଦ୍ଧି କରିବାକୁ ଦାବି କରିଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୋଆଠାରେ ଜିଏସ୍‌ଟି କାଉନସିଲ୍ ବୈଠକ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କର୍ପୋରେଟ ସମେତ କେତେକ ପ୍ରକାର ଟିକସ ହ୍ରାସ ଘୋଷଣା କଲେ। କାଉନସିଲ୍ ବୈଠକରେ ଏଭଳି ସାହସିକ ପଦକ୍ଷେପକୁ ନେଇ ରାଜ୍ୟର ଅର୍ଥମନ୍ତ୍ରୀମାନେ ସୀତାରାମନ୍‌ଙ୍କୁ ପ୍ରଶଂସା ମଧ କଲେ। କିନ୍ତୁ ଏହାଦ୍ୱାରା ରାଜସ୍ୱ ହ୍ରାସ ପାଇବ ବୋଲି ସୀତାରାମନ୍ କହିବା ପରେ ସେମାନଙ୍କର ମୁଣ୍ଡବିନ୍ଧା ବଢ଼ିଯାଇଛି। କ୍ଷତିଭରଣା କିପରି ହେବ ସେନେଇ ସେମାନେ ତାଙ୍କୁ ପ୍ରଶ୍ନ ମଧ କଲେ। ତେବେ ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଏହାର କୌଣସି ଉତ୍ତର ଦିଆଯାଇନାହିଁ।

ଉଲ୍ଲେଖଥାଉ କି, ଦେଶର ଜିଡିପି ଅଭିବୃଦ୍ଧି ହାର ଏପ୍ରିଲରୁ ଜୁନ୍ ମଧ୍ୟରେ ପ୍ରଥମ ତ୍ରୈମାସରେ ମାତ୍ର ୫% ରହିଛି, ଯାହା କି, ଗତ ତ୍ରୈମାସର ୫.୮% ତୁଳନାରେ କମ୍। ଗତବର୍ଷ ଏହି ସମୟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୮% ରହିଥିଲା। ପ୍ରଥମ ତ୍ରୈମାସର ଜିଡିପି ଅଭିବୃଦ୍ଧି ହାର ଗତ ୬ ବର୍ଷରେ ସର୍ବନିମ୍ନ ରହିଛି। ଏଥିପୂର୍ବରୁ ୨୦୧୨-୧୩ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ମାତ୍ର ୪.୩% ରହିଥିଲା।

ବାସ୍ତବରେ ଜିଏସ୍‌ଟି ଲାଗୁ କରିବା ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ଏକ ଡିଲ୍ ହୋଇଥିଲା। ଜିଏସ୍‌ଟି ଲାଗୁ ହେବାର ୫ ବର୍ଷ ଭିତରେ କୌଣସି ରାଜ୍ୟର ରାଜସ୍ୱ ଆୟ ୧୪%ରୁ କମ୍ ହେଲେ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟକୁ କ୍ଷତିପୂରଣ ପ୍ରଦାନ କରିବେ। ଜିଏସ୍‌ଟି ଆଇନ ଅନୁସାରେ ସରକାର ସେସ୍ ବାବଦରେ ଆଦାୟ କରୁଥିବା ଅର୍ଥକୁ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ବାବଦରେ ଦେବେ ବୋଲି ସ୍ଥିର ହୋଇଥିଲା। ସରକାର ଚଳିତ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ତମ୍ବାଖୁ ଏବଂ ଲକ୍‌ଜରି ସାମଗ୍ରୀରୁ ସେସ୍ ବାବଦରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଅର୍ଥାତ୍ ପ୍ରତ୍ୟେକ ମାସରେ ୮ ହଜାର କୋଟି ଟଙ୍କା ଆଦାୟ କରାଯିବ ବୋଲି ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅଗଷ୍ଟରେ ଏହା ମାତ୍ର ୭୨୭୭ କୋଟି ଟଙ୍କା ରହିଥିଲା। ସ୍ଥିତି ଏଭଳି ଚାଲିଲେ ବଜେଟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ କେନ୍ଦ୍ର ସରକାର କ୍ଷତିପୂରଣ ବାବଦରେ ରାଜ୍ୟ ସରକାରଗୁଡ଼ିକୁ ୪୫,୭୮୪ କୋଟି ଟଙ୍କା ଦେଇ ସାରିଛନ୍ତି। କ୍ଷତିପୂରଣ ବାବଦ ଅର୍ଥ ରାଜସ୍ୱ କ୍ଷତିକୁ ଭରଣା କରିପାରିବ ନାହିଁ ବୋଲି ରାଜ୍ୟଗୁଡ଼ିକ ସ୍ପଷ୍ଟ କରି ଏହି ସମୟସୀମାକୁ ଆହୁରି ୩ ବର୍ଷ ଅର୍ଥାତ ୮ ବର୍ଷ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଛନ୍ତି। ତେବେ ଭଲ ମୌସୁମୀ ଏବଂ କର୍ପୋରେଟ ଟିକସ ହ୍ରାସ ଯୋଗୁ ଚାହିଦା ବୃଦ୍ଧି ପାଇବ ବୋଲି ସରକାର ଅନୁମାନ କରୁଛନ୍ତି। ଏହି କାରଣରୁ ଅଧିକ ଜିଏସ୍‌ଟି ଆଦାୟ ହେବ ବୋଲି କେନ୍ଦ୍ର ଆଶାବାଦୀ ଅଛନ୍ତି। ଜିଏସ୍‌ଟିରେ ରହିଥିବା ତ୍ରୁଟିକୁ ସୁଧାରିବା ସହ ଟିକସ ଫାଙ୍କି ଉଦ୍ୟମକୁ ରୋକିବା ଲାଗି କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବା ଜଣାପଡିଛି।

## ୨ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ




ନୂଆଦିଲ୍ଲୀ,୨୩-୯

୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ଦେଶର ବ୍ୟାଙ୍କ କର୍ମଚାରୀ ଏବଂ ଅଧିକାରୀ ସଂଘ ପକ୍ଷରୁ ଚଳିତ ମାସ ୨୬ ଏବଂ ୨୭ରେ ଦିଆଯାଇଥିବା ଧର୍ମଘଟକୁ ସ୍ଥଗିତ ରଖାଯାଇଛି। ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନଫେଡେରେଶନ (ଏଆଇବିଓସି) ସମେତ ୪ ପ୍ରମୁଖ ବ୍ୟାଙ୍କ ସଂଘ ଏ ପ୍ରସଙ୍ଗକୁ ନେଇ କେନ୍ଦ୍ର ଅର୍ଥ ସଚିବ ରାଜୀବ କୁମାରଙ୍କୁ ସୋମବାର ଭେଟିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ଧର୍ମଘଟ ସ୍ଥଗିତ ରଖିଥିବା ଜଣା ପଡିଛି।

ଏଆଇବିଓସି ଅଧ୍ୟକ୍ଷ ସୁନୀଲ କୁମାର, ସଭାପତି ଦେବାଶିଷ ଘୋଷ, ମହାସଚିବ ସୌମ୍ୟ ଦତ୍ତ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଦୁଇ ଦିନ ବ୍ୟାପୀ ହେବାକୁ ଥିବା ବ୍ୟାଙ୍କ ଧର୍ମଘଟ ପ୍ରସଙ୍ଗ ବୈଠକରେ ସ୍ଥାନିତ ହୋଇଥିଲା। ବ୍ୟାଙ୍କ ମିଶ୍ରଣ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ସହ ବ୍ୟାଙ୍କଗୁଡିକ ଯେଭଳି ସେମାନଙ୍କ ସ୍ୱତନ୍ତ୍ରତା ବଜାୟ ରଖିବେ ସେ ଦିଗକୁ ଧ୍ୟାନରେ ରଖାଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏ ନେଇ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### କେନ୍ଦ୍ର ଅର୍ଥ ସଚିବଙ୍କ ସହ ଆଲୋଚନା ପରେ ସଂଘଗୁଡିକର ନିଷ୍ପତ୍ତି

ବୈଠକରେ କର୍ମଚାରୀଙ୍କ ବେତନ ସଂଶୋଧନ, ୫ ଦିନିଆ କାର୍ଯ୍ୟ ଦିବସ, ଟଙ୍କା ନେଣଦେଣ ସମୟରେ ହ୍ରାସ, ଅବସର ସମୟ, କ୍ରସ ସେଲିଂ ଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କରାଯିବ ବୋଲି ବୈଠକ ପରେ ଅର୍ଥ ସଚିବ କୁମାର କହିଛନ୍ତି। ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗରେ ସରକାର ସହମତି ପ୍ରକାଶ କରିଥିବାରୁ ସାମୟିକ ସମୟ ଲାଗି ଧର୍ମଘଟ ସ୍ଥଗିତ ରଖାଯାଇଥିବା ସଂଘଗୁଡିକ ପକ୍ଷରୁ କୁହାଯାଇଛି।

ସୂଚନା ଯୋଗ୍ୟ ୨୬ ଏବଂ ୨୭ ତାରିଖରେ ଧର୍ମଘଟ, ୨୮ ସେପ୍ଟେମ୍ବର ଚତୁର୍ଥ ଶନିବାର, ୨୯ ତାରିଖ ରବିବାର ଲାଗି ବ୍ୟାଙ୍କ ବନ୍ଦ ହୋଇଥାନ୍ତା। ୩୦ ସେପ୍ଟେମ୍ବରରେ ବ୍ୟାଙ୍କ ଖୋଲିବାକୁ ଥିବା ବେଳେ ବର୍ଷର ୬ ମାସ ସମୟ ଶେଷ ଯୋଗୁ ନେଣ ଦେଣ ହେବ ନାହିଁ। ମୋଟା ମୋଟି ଭାବେ କହିବାକୁ ମୋଟ ୫ ଦିନ ବ୍ୟାଙ୍କ କାରବାର ବନ୍ଦ ରହିଥାନ୍ତା। ସଂଘଗୁଡିକର ଏଭଳି ନିଷ୍ପତ୍ତି ଯୋଗୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବା ଜଣାପଡିଛି।

## ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖାର ପୂର୍ତ୍ତି

ଭୁବନେଶ୍ୱର,୨୩-୯(ବ୍ୟୁରୋ)

ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖା ପକ୍ଷରୁ ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ତଥା ଓଡିଆ ସିନେମା ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅରୁନ୍ଧତୀ ଗ୍ରୁପର ଡାଇରେକ୍ଟର ଅରୁନ୍ଧତୀ ମେହେର ଏହି ଦିବସଟିକୁ ଶୁଭେଚ୍ଛୁ ଏବଂ ପ୍ରଶଂସକଙ୍କ ସହ ପାଳନ କରିଥିଲେ। ଏହି ଅବସରରେ ଶୋ'ରୁମ ପକ୍ଷରୁ ରେଗୁଲାର ହଲମାର୍କ ଗହଣାର ମେକିଙ୍ଗ ଚାର୍ଜ ଫ୍ଲାଟ୍ ୨୯୯ ଟଙ୍କା ଘୋଷଣା କରାଯାଇଛି। ଏହି ଅଫର ଅରୁନ୍ଧତୀର ସବୁ ଶାଖାରେ ଆସନ୍ତା ମାସ ୮ ତାରିଖ ଯାଏ ଚାଲୁ ରହିବ। ସେହିଭଳି ଫେଷ୍ଟିଭ ଧମାଲ ଅଫର ଦ୍ୱାରା ଗ୍ରାହକ ୫୦୦୦ ଟଙ୍କାର କ୍ରୟ ଉପରେ ୩୦ ଜଣ ଲକ୍ଷପତି ହେବାର ସୁଯୋଗ ପାଇବେ। ଚଳିତ ମାସ ୨୫ ତାରିଖରେ ବରଗଡ ଶୋ'ରୁମରେ ଫେଷ୍ଟିଭ ଧମାଲ ସିଜିନ ୧ର ବିଜେତାଙ୍କ ନାମ ଘୋଷଣା ଲାଗି ଚୂଡାନ୍ତ ହୋଇଛି। ୨ ବର୍ଷ ମଧ୍ୟରେ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ସୃଷ୍ଟି କରିବାକୁ ସକ୍ଷମ ହୋଇଥିବା ଅରୁନ୍ଧତୀର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି। ଗ୍ରାହକଙ୍କୁ ସନ୍ତୋଷଜନକ ସେବା ସହ ଶୁଦ୍ଧତା ଏବଂ କାରୁକାର୍ଯ୍ୟଭରା ସୁନା ଗହଣା ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି। ସେହିଭଳି ପର୍ବପର୍ବାଣୀ ଏବଂ ଉତ୍ସବ ସମୟରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଥିବା ସେ କହିଛନ୍ତି।



ଦ୍ୱିତୀୟ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅରୁନ୍ଧତୀର ବ୍ରାଣ୍ଡ ଆମ୍ବାସାଡର ଅର୍ଚ୍ଚିତା ସାହୁ, ଅରୁନ୍ଧତୀ ଗ୍ରୁପର ଡାଇରେକ୍ଟର ଅରୁନ୍ଧତୀ ମେହେର ଓ ଅନ୍ୟମାନେ କେକ୍ କାଟୁଛନ୍ତି।

### ଦେଶରେ ପହଞ୍ଚିବା ମାତ୍ରେ ଏନ୍‌ଆର୍‌ଆଇଙ୍କୁ ମିଳିବ ଆଧାର

ନୂଆଦିଲ୍ଲୀ,୨୩-୯: ବୈଧ ପାସ୍‌ପୋର୍ଟ ଜରିଆରେ ଦେଶରେ ପାଦ ଦେବା ମାତ୍ରେ ପ୍ରବାସୀ ଭାରତୀୟ ଆଧାର ପାଇଁ ଏଣିକି ଆବେଦନ କରିପାରିବେ। ସେମାନଙ୍କୁ ଆଉ ୧୮୨ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ନାହିଁ। ସରକାରଙ୍କ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପରେ ଆଧାର ଜାରି କରୁଥିବା ସଂସ୍ଥା ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏ ସଂକ୍ରାନ୍ତରେ ଏକ ସର୍କୁଲାର ଜାରି କରିଛି। ଏଥିରେ କୁହାଯାଇଛି ଯେ, ଆଧାର ଲାଗି ଦାଖଲ କରିବାକୁ ଥିବା ଫର୍ମରେ ବିଶେଷ ପରିବର୍ତ୍ତନ କରାଯାଇ ନାହିଁ। ଏନ୍‌ଆର୍‌ଆଇମାନେ ଭାରତରେ ପହଞ୍ଚିବା କ୍ଷଣି ପୂର୍ବରୁ ସାକ୍ଷାତ୍କାର ସମୟ ନେଇ ଆଧାର ପାଇଁ ଆବେଦନ କରିପାରିବେ। ପରିଚୟ, ଠିକଣା ଓ ଜନ୍ମ ସଂକ୍ରାନ୍ତୀୟ ତଥ୍ୟର ପ୍ରମାଣ ଭାବେ ବୈଧ ପାସ୍‌ପୋର୍ଟକୁ ଗ୍ରହଣ କରାଯିବ। ତେବେ ଭାରତୀୟ ଠିକଣା ନ ଥିଲେ ଏନ୍‌ଆର୍‌ଆଇମାନେ ୟୁଆଇଡିଏଆଇ ଦ୍ୱାରା ଅନୁମୋଦିତ ଅନ୍ୟ ଯେକୌଣସି ପରିଚୟପତ୍ର ଦେଖାଇପାରିବେ ବୋଲି ସର୍କୁଲାରରେ କୁହାଯାଇଛି। ସୂଚନାଥାଉ କି, ବୈଧ ଭାରତୀୟ ପାସ୍‌ପୋର୍ଟ ଥିବା ଏନ୍‌ଆର୍‌ଆଇଙ୍କୁ ଦେଶରେ ପହଞ୍ଚିବା ମାତ୍ରେ ଆଧାର ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚଳିତବର୍ଷ ଜୁଲାଇ ୫ରେ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଥିଲେ।

## ଏଫ୍‌ବିବିର ନୂଆ ପୂଜା କଲେକ୍ସନ



ଭୁବନେଶ୍ୱର,୨୩-୯

ପାର୍ବଣ ଉପଲକ୍ଷେ ଏଫ୍‌ବିବି ପକ୍ଷରୁ ନୂଆ ପୂଜା କଲେକ୍ସନ ଆରମ୍ଭ ହୋଇଛି। ନୂଆ ଫେଷ୍ଟିଭ କଲେକ୍ସନ ମାତ୍ର ୫୯୯ ଟଙ୍କାର ଆରମ୍ଭ ମୂଲ୍ୟରୁ ଗ୍ରାହକ ପାଇ ପାରିବେ। ନିକଟସ୍ଥ ଏଫ୍‌ବିବି ଷ୍ଟୋରରୁ ଗ୍ରାହକ ମାନେ ଏହି କଲେକ୍ସନ ଲାଭ କରି ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କଲେକ୍ସନଗୁଡିକ କ୍ରୟ ଉପରେ ଗ୍ରାହକମାନେ ଡିଜିଟାଲ ଭାଉଚର ପାଇ ପାରିବେ। ମହିଳା, ପୁରୁଷ ଏବଂ ଶିଶୁଙ୍କ ଲାଗି ସଦ୍ୟତମ ପୋଷାକ ସମ୍ଭାର ଏହି ଅବସରରେ ଉପଲବ୍ଧ ହେଉଛି। ପାର୍ବଣ କଲେକ୍ସନ ସହ ପାର୍ଟିୱେୟାର ମଧ ଉପଲବ୍ଧ ହେଉଛି। ୩ ଜହାର ଟଙ୍କାର କ୍ରୟ ଉପରେ ୩୦୦ ଟଙ୍କାର ଭାଉଚର, ୪ ହଜାର ଟଙ୍କାର କ୍ରୟ ଉପରେ ୫୦୦ ଟଙ୍କାର ଭାଉଚର ଏବଂ ୭,୦୦୦ ଟଙ୍କା କ୍ରୟ ଉପରେ ଗ୍ରାହକମାନେ ୧୦୦୦ ଟଙ୍କାର ଭାଉଚର ପାଇ ପାରିବେ। ଏଭଳି କଲେକ୍ସନ ଆରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ଫ୍ୟୁଚର ରିଟେଲର ଇଷ୍ଟଜୋନ ସିଇଓ ମନିଷ ଅଗ୍ରୱାଲ କହିଛନ୍ତି।

# ଜିଇଏମ୍‌କୁ ନେଇ ଆଶଙ୍କାରେ କ୍ଷୁଦ୍ର ଶିଳ୍ପ

ଭୁବନେଶ୍ୱର,୨୩-୯(ବ୍ୟୁରୋ)

- ପ୍ରଭାବିତ ହୋଇପାରେ ୩ ଲକ୍ଷ ନିଯୁକ୍ତି
- ପୂର୍ବ ଭଳି ଜାରି ରହୁ ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ: ଓଏସ୍‌ଏସ୍‌ଆଇଏ
- ସରକାରଙ୍କ ହସ୍ତକ୍ଷେପ ଲୋଡିଲା କ୍ଷୁଦ୍ର ଶିଳ୍ପ ସଂଘ
- କ୍ଷୁଦ୍ର ଶିଳ୍ପଠାରୁ ସରକାର କିଣୁଛନ୍ତି ପ୍ରାୟ ୮୦୦ କୋଟି ଟଙ୍କାର ସାମଗ୍ରୀ



କେନ୍ଦ୍ର ସରକାରଙ୍କ ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ (ଜିଇଏମ୍) ନୀତିକୁ ରାଜ୍ୟ ସରକାର ବିଧିବଦ୍ଧଭାବେ ପ୍ରଚଳନ କରିବାକୁ ସର୍କୁଲାର ଜାରି କରିଛନ୍ତି। ସର୍ବନିମ୍ନ ମୂଲ୍ୟରେ ସାମଗ୍ରୀ ଯୋଗାଇ ଦେଉଥିବା ସଂସ୍ଥାଠାରୁ କ୍ରୟ କରିବା ନେଇ ଯୋଜନା ଧାର୍ଯ୍ୟ ହୋଇଛି। ସମ୍ପୂର୍ଣ୍ଣ ଅର୍ଡର ଉକ୍ତ ବିଡର୍‌କୁ ମିଳିବ। ଏହାଦ୍ୱାରା ବଜାରରେ ଶସ୍ତା ପ୍ରତିଯୋଗିତା ଦେଖା ଦେବ। ଏହା ହେଲେ କ୍ଷୁଦ୍ର ଶିଳ୍ପଗୁଡିକ କ୍ଷତିଗ୍ରସ୍ତ ହେବେ ବୋଲି ରାଜ୍ୟର କ୍ଷୁଦ୍ର ଶିଳ୍ପଗୁଡିକ ପକ୍ଷରୁ ଆଶଙ୍କା କରାଯାଇଛି।

ସୋମବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ଓଡ଼ିଶା ସ୍ମଲ୍ ସ୍କେଲ୍ ଇଣ୍ଡଷ୍ଟ୍ରି ଆସୋସିଏଶନ (ଓଏସ୍‌ଏସ୍‌ଆଇଏ)ର ସଭାପତି ସ୍ୱରଜିତ ମହାନ୍ତି କହିଛନ୍ତି, ସରକାର ରାଜ୍ୟର ପ୍ରାୟ ୭୨୧ ପଞ୍ଜୀକୃତ ସଂସ୍ଥାଙ୍କଠାରୁ ବାର୍ଷିକ ପ୍ରାୟ ୫୦୦ରୁ ୮୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କରୁଛନ୍ତି। ଏହା ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ ବା ଚୁକ୍ତି ମୂଲ୍ୟ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହେଉଛି। ମାତ୍ର ଜିଇଏମ୍ ଲାଗୁ ହେଲେ ଚୁକ୍ତି ବ୍ୟବସ୍ଥା ପୂର୍ବଭଳି କାର୍ଯ୍ୟ କରିବ ନାହିଁ। ଜିଇଏମ୍ ଦ୍ୱାରା ଶସ୍ତା ପ୍ରତିଯୋଗିତା ଦେଖା ଯିବାକୁ ଥିବା ବେଳେ ଯେ କୌଣସି ଖୁଚୁରା ବ୍ୟବସାୟୀ ପ୍ରତିଯୋଗିତାରେ ଭାଗ ନେଇ ସାମଗ୍ରୀ ଯୋଗାଇବେ। ଫଳରେ ଦୀର୍ଘ ଦିନ ଧରି ସରକାରଙ୍କୁ ଚୁକ୍ତି ଭିତ୍ତିରେ ସାମଗ୍ରୀ ଯୋଗାଣ କରୁଥିବା ରାଜ୍ୟର ଶିଳ୍ପ ସଂସ୍ଥାଗୁଡିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି। ଏହାଦ୍ୱାରା ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ରାଜ୍ୟରେ ୩ ଲକ୍ଷ ନିଯୁକ୍ତି ପ୍ରଭାବିତ ହେବ ବୋଲି ମହାନ୍ତି କହିଛନ୍ତି।

ସେ କହିଛନ୍ତି , ବାହାରୁ ସାମଗ୍ରୀ ଆମଦାନୀ କରି ଅନେକ ସଂସ୍ଥା ପ୍ରତିଯୋଗିତାରେ ଭାଗ ନେବା ପ୍ରସଙ୍ଗକୁ ଏଡାଇ ଦିଆଯାଇ ନ ପାରେ। ଶସ୍ତା ଦର ଯୋଗୁ ଯେ କେହି ବିଡ୍ ଜିତିବାର ସମ୍ଭାବନା ମଧ ରହିଛି। ଫଳରେ ଯୋଗାଣ ବ୍ୟବସ୍ଥା ଗୁଣାତ୍ମକ ମାନ ହରାଇବ। ଏହାଦ୍ୱାରା କ୍ଷୁଦ୍ର ଶିଳ୍ପଗୁଡିକ କ୍ଷତି ସହିବାକୁ ବାଧ୍ୟହେବେ। ନିଯୁକ୍ତି ବୃଦ୍ଧି ଯୋଜନା ମଧ ଠପ୍ ହୋଇଯିବ। ସେହିଭଳି କ୍ଷୁଦ୍ର ଶିଳ୍ପ ସାମଗ୍ରୀ ବିପଣନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାରଙ୍କ ଏନ୍‌ଏସ୍‌ଆଇସି ଏବଂ ରାଜ୍ୟର ଓଏସ୍‌ଆଇସି ଭୂମିକା ଆଉ ରହିବ ନାହିଁ। ରାଜ୍ୟର କ୍ଷୁଦ୍ର ସଂସ୍ଥାଗୁଡିକ ଜିଇଏମ୍ ବ୍ୟବସ୍ଥାକୁ ବିରୋଧ କରୁ ନ ଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୂର୍ବରୁ ଲାଗୁ ହେଉଥିବା କଣ୍ଟ୍ରାକ୍ଟ ସିଷ୍ଟମ ବଜାୟ ରହୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ରାଜ୍ୟ ସରକାର କ୍ରୟ କରୁଥିବା ୮୩ ସହ ୩୭ ଅନ୍ୟ ସାମଗ୍ରୀ କଣ୍ଟ୍ରାକ୍ଟ ସିଷ୍ଟମ ଦ୍ୱାରା ପୂର୍ବ ଭଳି କ୍ରୟ କଲେ ଏହାଦ୍ୱାରା ସଂସ୍ଥାଗୁଡିକ ଲାଭବାନ ହେବେ ବୋଲି ସେ ମତ ଦେଇଛନ୍ତି। ଏହା ହେଲେ ପୂର୍ବ ଭଳି ସରକାର ଏକାଧିକ ସଂସ୍ଥାଠାରୁ ସାମଗ୍ରୀ କ୍ରୟ କରିବା ଜାରି ରହିବ। ଏଭଳି ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ମହାନ୍ତି ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ ୧୯୬୫-୬୬ରୁ ରାଜ୍ୟ ସରକାର ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟ ଦ୍ୱାରା ରେଟ୍ କଣ୍ଟ୍ରାକ୍ଟ ସିଷ୍ଟମ(ଚୁକ୍ତି ମୂଲ୍ୟ ବ୍ୟବସ୍ଥା) ପ୍ରଚଳନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସଭାପତି ହିମାଂଶୁ ଶେଖର ମିଶ୍ର, ସମ୍ପାଦକ ଚିରଞ୍ଜୟ ମହାପାତ୍ର, ଦୀପକ କାଜାରିଆ ପ୍ରମୁଖ ଉପସ୍ଥିତ ଥିଲେ।

### କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

ଭୁବନେଶ୍ୱର,୨୩-୯(ବ୍ୟୁରୋ)

କାନାରା ବ୍ୟାଙ୍କ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ କୁନା ତ୍ରିପାଠୀ ଏବଂ ଅଶୋକ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଜିଏମ୍ ଜୋଗିନ୍ଦର ଘଂଘାଷା, ଏଜିଏମ ସୁଜିତ କୁମାର ସାହୁ, ଲାଙ୍ଗୁଏଜ ଅଧିକାରୀ ଗୀତା ରାଣାଙ୍କ ସମେତ ସର୍କଲ କାର୍ଯ୍ୟାଳୟର ଅଧିକାରୀମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା।

“ଜାତୀୟ ସିନିୟର ଫୁଟବଲ ଚାମ୍ପିୟନଶିପ୍ ପରି ପ୍ରତିଯୋଗିତା ଏକ ଶକ୍ତିଶାଳୀ ଜାତୀୟ ମହିଳା ଫୁଟବଲ ଦଳର ଭିତ୍ତି ସ୍ଥାପନ କରିଥାଏ ।

– ବେମ୍‌ବେମ୍ ଦେବୀ, ଭାରତୀୟ ମହିଳା ଫୁଟବଲର



“ମ୍ୟାଚ୍‌ରେ ଅଧିକ ସମୟ ନ ବିତାଇ ବଡ଼ ଟୁର୍ନାମେଣ୍ଟରେ ଭାଗନେବା ଭୁଲ ନିଷ୍ପତ୍ତି ଥିଲା। ଏବେ ନିୟମିତ ଅଭ୍ୟାସ କରି ହୃତ୍‌ଗୌରବ ଫେରାଇବାକୁ ଚେଷ୍ଟା କରିବି ।

–ସୁଶୀଲ କୁମାର, ଭାରତୀୟ ଭେଟେରାନ ରେସ୍‌ଲର



## ସଭାପତି ପଦବୀରେ ପଙ୍କଜ-ପ୍ରଦୀପ ଲଢ଼େଇ

କଟକ ଅଫିସ,୨୩।୯






ପଙ୍କଜ ଲୋଚନ ମହାନ୍ତି



ପ୍ରଦୀପ ଚୌହ୍ୱାନ

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନକୁ ଆଉ ୩ ଦିନ ବାକି। ଗୁପ୍ତରେ ଚାଲିଛି ଅଙ୍କକଷା, ଭୋଟ ବ୍ୟାଙ୍କ ପ୍ରସ୍ତୁତି। ଦୁଇଟି ଗୋଷ୍ଠୀ ଏଥର ନିର୍ବାଚନରେ ଲଢ଼ୁଛନ୍ତି। ଉଭୟ ବିଜୟୀ ହେବାର ଆଶା ବାନ୍ଧିଛନ୍ତି। ଏପରି କି ଯିଏ ବି ବିଜୟୀ ହେବ ଖୁବ କମ୍ ଭୋଟ ବ୍ୟବଧାନରେ ଓସିଏ ପଦବୀରେ ବସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏଭଳି କଡ଼ା ଟକ୍କର ରାଜ୍ୟ କ୍ରିକେଟ ସଂଘରେ ଅନେକ ବର୍ଷର ବ୍ୟବଧାନରେ ହେଉଛି। ଏଥର ସଭାପତି ପଦବୀରେ ଲଢ଼ିବେ ପଙ୍କଜ ଲୋଚନ ମହାନ୍ତି ଓ ପ୍ରଦୀପ ଚୌହ୍ୱାନ। ଏହି ଦୁଇ ପ୍ରାର୍ଥୀ କାହାଠାରୁ କେହି କମ୍ ନୁହନ୍ତି। ଏହାଛଡ଼ା ଯିଏ ବି ଜିତିବ ସେ ପ୍ରଥମଥର ନିମନ୍ତେ ଓସିଏର ସଭାପତି ହେବ।

ପଙ୍କଜ ଲୋଚନ ମହାନ୍ତିଙ୍କ ଘର ଭୁବନେଶ୍ୱରରେ। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା ଗୋଷ୍ଠୀ ସମର୍ଥିତ ପ୍ରାର୍ଥୀ ଭାବେ ସେ ସଭାପତି ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ଗୋଟିଏ ଦଶନ୍ଧିର ଅଭିଜ୍ଞତା ରହିଛି। ହେଲେ ଏହା ଭିତରେ ସେ ଅନେକ କ୍ରୀଡ଼ା ସଙ୍ଘର ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ବେସବଲ ଫେଡେରେଶନ ଅଫ ଇଣ୍ଡିଆର ଏକବର୍ଷ ନିମନ୍ତେ ଅସ୍ଥାୟୀ ସଭାପତି ରହିଥିଲେ। ପରେ ନିର୍ବାଚିତ ହୋଇ ବେସବଲ ଜାତୀୟ ସଂଘର ୩ ବର୍ଷ ସଭାପତି ହୋଇଥିଲେ। ଓଡ଼ିଶା ବେସବଲ ଆସୋସିଏଶନର ସଭାପତି, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ଉପସଭାପତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ଉପସଭାପତି ପଦବୀରେ ମଧ ତାଙ୍କୁ ଦେଖିବାକୁ ମିଳିଛି। ବିଜୟୀ ହେଲେ ସେ ତୃଣମୂଳସ୍ତରରୁ କ୍ରିକେଟର ବିକାଶ ପାଇଁ ଦୃଷ୍ଟି ଦେବେ ବୋଲି କହିଛନ୍ତି। ଏହାଛଡ଼ା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି, ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିବା। ଅନେକ ବର୍ଷ ହେଲାଣି ଓଡ଼ିଆ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଉନାହାନ୍ତି। କେଉଁଠାରେ ସମସ୍ୟା ରହୁଛି ସେ ଦିଗରେ ନଜର ଦିଆଯିବ ବୋଲ ପଙ୍କଜ କହିଥିଲେ। ଗ୍ରାମାଞ୍ଚଳରେ ଭଲ କ୍ରିକେଟ ଖେଳୁଥିବା ପ୍ରତିଭାଙ୍କୁ ସମ୍ମୁଖକୁ ଅଣାଯିବ ବୋଲି ପଙ୍କଜ ପ୍ରତିକ୍ରିୟା ଦେଇ କହିଛନ୍ତି।

ୟୁନିୟନ ସ୍ପୋର୍ଟିଂ କ୍ଲବର ସମ୍ପାଦକ ହେଲେ କଟକର ପ୍ରଦୀପ ଚୌହ୍ୱାନ। ୪୦ ବର୍ଷର ପୁରୁଣା ଏହି କ୍ଲବରୁ ସୃଷ୍ଟି ହୋଇଛନ୍ତି ୫୦ରୁ ଅଧିକ ରାଜ୍ୟସ୍ତରୀୟ ସିନିୟର ଖେଳାଳି ଓ ୩୦୦ରୁ ଅଧିକ ରାଜ୍ୟସ୍ତରୀୟ ଜୁନିୟର ଖେଳାଳି। ଏହି କ୍ଲବ ପି.ଭି.ଆର ମୂର୍ତ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରି ବେଶ୍ ପ୍ରଶଂସା ସାଉଁଟିଛି। ଏହି ଟୁର୍ନାମେଣ୍ଟର ଫାଇନାଲରେ କିମ୍ବଦନ୍ତୀ କ୍ରିକେଟରମାନେ ଅତିଥି ହୋଇ ଆସନ୍ତି। କ୍ରିକେଟ ଓ ଓସିଏ ସହିତ ପ୍ରଦୀପଙ୍କ ସମ୍ପର୍କ ନୂଆ ନୁହେଁ। ସେ ପୂର୍ବରୁ ଓସିଏର ଯୁଗ୍ମ ସମ୍ପାଦକ ଓ କୋଷାଧକ୍ଷ ପଦବୀରେ ମଧ ଥିଲେ। ୨୦୦୪ ମସିହାରେ ଆଶୀର୍ବାଦ ବେହେରା ସମ୍ପାଦକ ଥିବା ବେଳେ ପ୍ରଦୀପ କୋଷାଧକ୍ଷ ଭାବେ ବିଜୟୀ ହୋଇଥିଲେ। ହେଲେ ୨ବର୍ଷ କାର୍ଯ୍ୟ କରିବା ପରେ ଅର୍ଥାତ ୨୦୦୬ରେ ପ୍ରଦୀପଙ୍କୁ ହଠାତ୍ କୋଷାଧକ୍ଷ ପଦବୀରୁ ହଟାଇ ଦିଆଯାଇଥିଲା। ଏହିଠାରୁ ହିଁ ପ୍ରଦୀପ-ଆଶୀର୍ବାଦ ବିବାଦ ଆରମ୍ଭ ହୋଇଥିଲା। ସଭାପତିରେ ବିଜୟୀ ହେବାର ଶତପ୍ରତିଶତ ଆଶା ରଖିଛନ୍ତି ପ୍ରଦୀପ। ବିଜୟୀ ହେଲେ ଦଳ ଚୟନ ଉପରେ କଡ଼ା କଟକଣା ଲାଗିବ ବୋଲି ସେ କହିଥିଲେ। ଦଳ ଚୟନରେ ସ୍ୱଚ୍ଛତା ରହୁନି। ଏଣୁ ଅନେକ ପ୍ରତିଭା ଲୁଚି ଯାଉଛନ୍ତି। ଏହାଛଡ଼ା ସେ କହିଥିଲେ ଯେ, ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। ଏବେ ବି ଓଡ଼ିଶାରେ କ୍ରିକେଟ ପାଇଁ ପ୍ରକୃଷ୍ଟ ଭିତ୍ତିଭୂମି ନାହିଁ ବୋଲି ତାଙ୍କ ମତ।

### ସଂକ୍ଷେପରେ

### ପ୍ରକାଶ ପାଇଲା ଓସିଏ ନିର୍ବାଚନୀ ପ୍ରୋଟୋକଲ୍

**କଟକ ଅଫିସ,୨୩।୯:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ନିମନ୍ତେ ସୋମବାର ନିର୍ବାଚନୀ ପ୍ରୋଟୋକଲ ପ୍ରକାଶ କରାଯାଇଛି। ୨୭ ତାରିଖ ଦିନ ୧୧ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହେବ। ଭୋଟ ଅଧିକାର ପାଇଥିବା ପ୍ରତିନିଧିମାନେ ସେମାନଙ୍କ ପରିଚୟ ପତ୍ର ଦେଖାଇ ମତଦାନ କେନ୍ଦ୍ରକୁ ପ୍ରବେଶ କରିବେ। ଦିନ ୧୧.୧୫ରୁ ଭୋଟ ସଂଗ୍ରହ ଆରମ୍ଭ ହେବ। ଦିନ ୨ଟା ହେଉଛି ମତଦାନର ଶେଷ ସମୟ। ଏହା ପରେ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଗଣତି କରାଯିବ। ସନ୍ଧ୍ୟା ୬ଟା ପୂର୍ବରୁ ଫଳାଫଳ ଘୋଷଣା କରାଯିବ। ଓସିଏ ସମ୍ମିଳନୀ କକ୍ଷରେ ଭୋଟ ସଂଗ୍ରହ କରାଯିବା ବେଳେ ଏହା ପୂର୍ବରୁ ଦୁଇଟି ସ୍ଥାନରେ ମତଦାତାଙ୍କୁ ଯାଞ୍ଚ କରାଯିବ। ମତଦାନ ନିମନ୍ତେ ଦିଆଯାଇଥିବା କାଗଜପତ୍ର ସମେତ ଅନ୍ୟ ପ୍ରକୃତ ପରିଚୟ ପତ୍ର ସାଥିରେ ଆଣିବାକୁ ନିବେଦନ କରାଯାଇଛି। ଭୋଟ ଗଣତି ସମୟରେ ପ୍ରାର୍ଥୀଙ୍କର ଜଣେ ମାତ୍ର ପ୍ରତିନିଧି ଉପସ୍ଥିତ ରହିପାରିବେ ବୋଲି ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

### ଓଓଏ ମାମଲାରେ ସିବିଆଇ ତତ୍ପରତା ପ୍ରକାଶ କରୁ

**କଟକ ଅଫିସ, ୨୩।୯:** ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ମାମଲାରେ ସୁପ୍ରିମକୋର୍ଟଙ୍କ ପକ୍ଷରୁ ୨୦୧୬ ମସିହାରେ ରାୟ ପ୍ରକାଶ ପାଇଥିଲା। ସିବିଆଇ ଏଥିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ହେଲେ ଗତ ୨ ବର୍ଷ ହେବ ସିବିଆଇ ପକ୍ଷରୁ କେବଳ ଏତଲା ଦାଖଲ କରାଯାଇ ତଦନ୍ତରେ ଶିଥିଳତା ଦେଖାଦେଇଛି। ଓଓଏ ଅନିୟମିତତା କ୍ଷେତ୍ରରେ ସିବିଆଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏହାର କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ। ସଂଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କ ଅଧକ୍ଷତାରେ ସୋମବାର ସନ୍ଧ୍ୟାରେ କଟକର ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ସିବିଆଇ ଏସ୍‌ପିଙ୍କ ନିକଟରେ ଏକ ଦାବିପତ୍ର ଦିଆଯିବ ବୋଲି ଆଇନଜୀବୀ ନନ୍ଦ କହିଛନ୍ତି। ଓଓଏ ପକ୍ଷରୁ ନିର୍ମିତ କଲ୍ୟାଣମଣ୍ଡପ, ଦୋକାନ ଘର ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସୁପ୍ରିମକୋର୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ଏ ସମ୍ପର୍କରେ ଆକାଉଣ୍ଟାଣ୍ଟ ଜେନେରାଲ ପକ୍ଷରୁ ପ୍ରଦତ୍ତ ରିପୋର୍ଟକୁ ସୁପ୍ରିମକୋର୍ଟ ଗ୍ରହଣ କରିଥିଲେ। ସରକାରୀ ଜାଗାରେ ବେଆଇନ ନିର୍ମାଣ ଓ ସେ ସମ୍ପର୍କରେ ହୋଇଥିବା ଅର୍ଥ ଆତ୍ମସାତ ସମ୍ପର୍କରେ ମକଦ୍ଦମା କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଓଓଏର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ବିରୋଧରେ ସିବିଆଇ ଏତଲା ଦାଖଲ କରି ବସି ରହିଛି। ଅନୁସନ୍ଧାନରେ ଅଗ୍ରଗତି କରୁନାହିଁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି। ସମ୍ମିଳନୀରେ ଆଇନଜୀବୀ ସୁବାସ ଦାସ, ସଂଗଠନର ସମ୍ପାଦକ ଶୁଭେନ୍ଦୁ ରାଉତରାୟ ଉପସ୍ଥିତ ଥିଲେ।

### ପ୍ରୋ କବାଡ଼ି ଲିଗ୍ ଦିଲ୍ଲୀ-ବେଙ୍ଗାଲୁରୁ ମ୍ୟାଚ ଟାଇ

**ଜୟପୁର, ୨୩।୯ (ପି.ଟି.):** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ରେ ସୋମବାର ବେଙ୍ଗାଲୁରୁ ବୁଲ୍ସ ଓ ଦବଙ୍ଗ ଦିଲ୍ଲୀ ପରସ୍ପରକୁ ଭେଟିଥିଲେ। ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍ ୩୯-୩୯ରେ ଅମୀମାଂସିତ ରହିଥିଲା। ଦିଲ୍ଲୀ ମ୍ୟାଚ୍‌ର ଅଧିକାଂଶ ସମୟ ପ୍ରଭାବ ବିସ୍ତାର କରି ଖେଳିଥିଲା। ତେବେ ବୁଲ୍ସ ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଦିଲ୍ଲୀର ନବୀନ କୁମାର ୧୪ ରେଡ ପଏଣ୍ଟ ହାସଲ କରିଛନ୍ତି। ମ୍ୟାଚ୍ ଟାଇ ହୋଇଥିଲେ ମଧ ଦିଲ୍ଲୀ ପଏଣ୍ଟ ତାଲିକାରେ ପୂର୍ବପରି ଶୀର୍ଷରେ ରହିଛି। ସେହିପରି ସୋମବାର ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ହାରିୟାଣା ଷ୍ଟିଲର୍ସ ୩୯-୩୪ରେ ୩ଥର ଟାଇଟଲ ହାସଲ କରିଥିବା ପାଟନା ପାଇରେଟ୍ସକୁ ପରାସ୍ତ କରିଛି। ଷ୍ଟିଲର୍ସ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବିକାଶ କାଣ୍ଡୋଲା। ବିକାଶ ୧୩ ରେଡ ପଏଣ୍ଟ ହାସଲ କରିଛନ୍ତି। ଏହି ବିଜୟ ସହ ପଏଣ୍ଟ ତାଲିକାରେ ଷ୍ଟିଲର୍ସ ତା'ର ତୃତୀୟ ସ୍ଥାନକୁ ଆହୁରି ଦୃଢ଼ କରିଛି।



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ପାଟଣା ପାଇରେଟ୍ସ ଓ ହରିୟାଣା ଷ୍ଟିଲର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଭାରତରେ ଏନ୍‌ବିଏର ପଦାର୍ପଣ ନେଇ ଉତ୍ସାହ

**ମୁମ୍ବାଇରେ ଖେଳାଯିବ ଇଣ୍ଡିଆନା ପେସର୍ସ ଓ ସାକ୍ରାମୋଣ୍ଟୋ କିଙ୍ଗ୍ସ ମ୍ୟାଚ୍**

ମୁମ୍ବାଇ,୨୩।୯(ପି.ଟି.)

ହାଇପ୍ରୋଫାଇଲ ବାସ୍କେଟ ବଲ୍ ଲିଗ୍ ଏନ୍‌ବିଏ(ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ) ଏଥର ଭାରତରେ ପଦାର୍ପଣ କରିବାକୁ ଯାଉଛି। ଏବେ ଏହାକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଛି। ଆସନ୍ତା ଅକ୍ଟୋବର ୪ ଓ ୫ ତାରିଖରେ ମୁମ୍ବାଇରେ ଏନ୍‌ବିଏର କୋଟୋଟି ପ୍ରି- ସେସନ ବାସ୍କେଟବଲ ମ୍ୟାଚ୍ ଆୟୋଜନ ହେବ। ପ୍ରଥମଥର ପାଇଁ ଭାରତରେ ଏନ୍‌ବିଏର ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଏହି ମୁକାବିଲାଗୁଡ଼ିକରେ ଇଣ୍ଡିଆନା ପେସର୍ସ ଓ ସାକ୍ରାମୋଣ୍ଟୋ କିଙ୍ଗ୍ସ ମୁହାଁମୁହିଁ ହେବେ।

ସୋମବାର ଟେକ୍ସାସ୍‌ର ହ୍ୟୁଷ୍ଟନ ସହରରେ ଆୟୋଜିତ 'ହାଉଡି ମୋଦି' କାର୍ଯ୍ୟକ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ମ୍ୟାଚ୍ ଦେଖିବାକୁ ଇଚ୍ଛା ଜାହିର କରିଥିଲେ। ଏହି ମ୍ୟାଚ୍ ଦେଖିବାକୁ ମୋତେ ନିମନ୍ତ୍ରଣ କରାଯାଇଛି କି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ପ୍ରଶ୍ନ କରିଥିଲେ। ଏହାପରଠାରୁ ଏହି ମ୍ୟାଚ୍ ନେଇ ବେଶ୍ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ମ୍ୟାଚ୍ ଅବସରରେ ଷ୍ଟାଡିୟମ ଖଚାଖଚ୍ ଭରା ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ଏନ୍‌ବିଏ ଏବେ ଭାରତକୁ ଆମେରିକାର ଶ୍ରେଷ୍ଠ ରପ୍ତାନି ସାମଗ୍ରୀ ସାବ୍ୟସ୍ତ ହେବାକୁ ଯାଉଛି ବୋଲି ଟ୍ରମ୍ପ ତାଙ୍କ ଭାଷଣରେ କହିଥିଲେ। ଆସନ୍ତା ସପ୍ତାହରେ ଏନବିଏ ମ୍ୟାଚ୍ ଦେଖିବାକୁ ବହୁ ସଂଖ୍ୟାରେ ଲୋକ ଉପସ୍ଥିତ ହେବେ। ଏହି ମ୍ୟାଚ୍ ଦେଖିବାକୁ ଭାରତ ଆସିପାରେ ଓ ଏଥିପାଇଁ ସତର୍କ ରହିଥିବେ ବୋଲି ସେ ମଜାରେ କହିଥିଲେ। ୪ ତାରିଖରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ପ୍ରୋଗ୍ରାମ ଅନୁଯାୟୀ ୩,୦୦୦ ଯୁବକଙ୍କ ପାଇଁ ସିଟ୍ ରିଜର୍ଭ କରାଯାଇଛି। ତେବେ ୫ ତାରିଖ ମ୍ୟାଚ୍ ସବୁ ଦର୍ଶକ ଉପଭୋଗ କରିପାରିବେ। ୫ ତାରିଖ ମ୍ୟାଚ୍ ପାଇଁ ୮୦ ପ୍ରତିଶତ ଟିକେଟ ବିକ୍ରି ସରିଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ସେହିପରି ପ୍ରଥମ ଦିନର ମ୍ୟାଚ୍‌ର ୯୦ ପ୍ରତିଶତ ଟିକେଟ ପ୍ରଶଂସକମାନେ ନେଇ ସାରିଲେଣି। ସବୁ ଟିକେଟ ବିକ୍ରି ହୋଇଯିବ ଓ ବହୁ ସଂଖ୍ୟାରେ ମ୍ୟାଚ୍ ଦେଖିବାକୁ ଲୋକେ ଷ୍ଟାଡିୟମରେ ଉପସ୍ଥିତ ହେବେ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍ ଦେଖିବାକୁ ଅଧିକରୁ ଅଧିକ ସଂଖ୍ୟାରେ ପ୍ରଶଂସକ ଉପସ୍ଥିତ ରୁହନ୍ତୁ ଓ ଏହି ଅଭିଯାନ ଅଂଶସ୍ୱରୂପ ୨୮ ଓ ୨୯ ତାରିଖରେ ଗେଟ୍ ୱେ ଅଫ୍ ଇଣ୍ଡିଆରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏନ୍‌ବିଏର ଗ୍ଲୋବାଲ ବିଜ୍‌ନେସ୍ ଅପରେଶନ୍ସ ଉପାଧକ୍ଷ ଡାଇଆନ୍ ଗୌଟା କହିଛନ୍ତି।

### ଓଡ଼ିଶା ଶକ୍ତି ଉତ୍ତୋଳନ ଦଳ ଘୋଷିତ

**ଭୁବନେଶ୍ୱର, ୨୩।୯ (ସ୍ପୋର୍ଟସ ବ୍ୟୁରୋ):** ଆସନ୍ତା ୨୯ ଓ ୩୦ ତାରିଖରେ କେରଳ ଇଦୁକୁଠାରେ ଜାତୀୟ କ୍ଲାସିକ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ବର୍ଗରେ ପ୍ରତିଯୋଗିତା ହେବ। ଏଥିନେଇ ୩୧ ଜଣିଆ ଓଡ଼ିଶା ଦଳ ଘୋଷଣା ହୋଇଯାଇଛି। ପୁରୁଷ ବିଭାଗର ଖେଳାଳିମାନେ ହେଲେ ବିଶ୍ୱଜିତ୍ ଜେନା, ସୁରଜିତ ପ୍ରତାପ ଚୌଧୁରୀ, ବିଚିତ୍ର ନାୟକ, ସୌମ୍ୟରଞ୍ଜନ ସାହୁ, ରାକେଶ ଭୁକ୍ତା, ଦେବାଶିଷ ମହାନ୍ତି, ମହେନ୍ଦ୍ର କୁମାର ରାଉତ, ସମୀର ବିଶ୍ୱାଳ, କେ. ଦୋରା, ତେଜାବ କୁମାର ସୋନା, ପ୍ରଫୁଲ୍ଲ କୁମାର ଅମଲଦ୍ୱା, ସୁଜିତ କୁମାର ଗିରି, ଆତିସ କୁମାର ବେଜ, ରାଜେନ୍ଦ୍ର ପରିଡ଼ା, ସୁଦାମ ସିଂ, ଅଭିଷେକ ମହାନ୍ତ, ଜଗନ୍ନାଥ ବେସ୍ରା ଓ ରଞ୍ଜନ ହାଁସଦା। ମହିଳା ଦଳରେ ଗାୟତ୍ରୀ ବେହେରା, ପ୍ରିୟମ୍ବଦା ପରିଡ଼ା, ସୀମାରାଣୀ ସିଂ, ଭାରତୀ ପାତ୍ର, ପ୍ରଭାତୀ ସିଂ, ଦେବୀ ସିଂ, ପଦ୍ମାବତୀ ସିଂ, ମାମୁନି ପଲେଇ ଓ ସୁଷମା ରାୟ। କୋଚ୍ ଓ ମ୍ୟାନେଜର ଭାବେ ଶକ୍ତିରଞ୍ଜନ ବାରିକ, ସତ୍ୟବ୍ରତ ବେହେରା, ସୋମ୍ୟକ୍ ପଣ୍ଡା ଓ କେ. ଦୋରା ଓଡ଼ିଶା ଦଳ ସହ ଗସ୍ତ କରିବେ। ଓଡ଼ିଶା ଦଳକୁ ସଂଘ ସଭାପତି କଳିକେଶ ନାରାୟଣ ସିଂଦେଓ, ଉପସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, କୋଷାଧକ୍ଷ ଦେବାଶିଷ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଦସ୍ୟ ନବକୁମାର ସାହୁ ଓ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବିରାଟ କୋହଲିଙ୍କୁ ଆଇସିସିର ଭର୍ତ୍ସନା

ବେଙ୍ଗାଲୁରୁ, ୨୩।୯ (ପିଟି)

ଆଇସିସି କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିବା ପାଇଁ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ଅଫିସିଆଲ ଚେତାବନୀ ସହ ଏକ ଡିମେରିଟ୍ ପଏଣ୍ଟ ମିଳିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ କୋହଲି ଆଇସିସି ନିୟମ ଭଙ୍ଗ କରିଛନ୍ତି। ଭ୍ରମଣକାରୀ ଦଳର ପେସର ବେଉରାନ ହେଣ୍ଡ୍ରିକ୍ସଙ୍କୁ କୋହଲି ଜାଣିଶୁଣି କାନ୍ଧ ମାରିଥିଲେ। ଭାରତୀୟ ଅଧିନାୟକ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆର୍ଟିକିଲ ୨.୧୨ ଭଙ୍ଗ କରିଛନ୍ତି। ଏହି ଆର୍ଟିକିଲ ଅନୁଯାୟୀ ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ବେଳେ କୌଣସି ଖେଳାଳି ଅନ୍ୟ ଖେଳାଳି କିମ୍ବା ଅମ୍ପାୟର କିମ୍ବା ମ୍ୟାଚ୍ ରେଫରିଙ୍କୁ ଅସଦାଚରଣ କରିପାରିବେ ନାହିଁ। ଏହି ଘଟଣା ଭାରତୀୟ ଦଳର ଇନିଂସର ୫ମ ଓଭରରେ ଘଟିଥିଲା। କୋହଲି ରନ୍ ନେଉଥିବାବେଳେ ବୋଲର ବେଉରାନ ହେଣ୍ଡ୍ରିକ୍ସଙ୍କୁ କାନ୍ଧ ମାରିଥିଲେ। ନିଜ ଦୋଷ ସ୍ୱୀକାର କରିବା ସହ ମ୍ୟାଚ୍ ରେଫରି ରିଚେ ରିଚାର୍ଡସନଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ କୋହଲି ଗ୍ରହଣ କରି ନେଇଛନ୍ତି। ଅନ୍ ଫିଲ୍ଡ ଅମ୍ପାୟର ନୀତିନ ମେନନ, ସି. କେ. ନନ୍ଦନ, ତୃତୀୟ ଅମ୍ପାୟର ଅନିଲ ଚୌଧାରୀ ଓ ୪ର୍ଥ ଅଫିସିଆଲ ଛେତିହୋଡି ଶାମଶୁଦ୍ଦିନ ଏହି ଅଭିଯୋଗ ଆଣିଥିଲେ। ଏହାକୁ ମିଶାଇ କୋହଲିଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୩ରେ ପହଞ୍ଚିଛି। ୨୦୧୬ ସେପ୍ଟେମ୍ବରରେ ନୂଆ ନିୟମ ଆସିବା ପରେ ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ୩ୟ ଥର ପାଇଁ ବିଶୃଙ୍ଖଳିତ ଆଚରଣ ଦେଖାଇଛନ୍ତି। ଏଥିପୂର୍ବରୁ ୨୦୧୮, ଜାନୁୟାରୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍‌ବେଳେ ଓ ଗତ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ଲିଗ୍ ମ୍ୟାଚ୍‌ରେ କୋହଲିଙ୍କୁ ଡିମେରିଟ୍ ପଏଣ୍ଟ ଦିଆଯାଇଥିଲା। ଆଇସିସି ନିୟମ ଅନୁସାରେ, ୨୪ ମାସ ମଧ୍ୟରେ କୌଣସି ଖେଳାଳିଙ୍କ ଡିମେରିଟ ପଏଣ୍ଟ ସଂଖ୍ୟା ୪ କିମ୍ବା ତା'ଠାରୁ ଅଧିକ ହେଲେ ପଏଣ୍ଟଗୁଡ଼ିକ ସସ୍‌ପେନଶନ ପଏଣ୍ଟରେ ପରିଣତ ହୁଏ।

## ରଶ୍ମି, ଲକ୍ଷ୍ମୀ, ପ୍ରଶାନ୍ତ, ରୋଶନାରା ସମ୍ବର୍ଦ୍ଧିତ ହେବେ

ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି)




ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତାମାନେ।

ଜଗଜ୍ଜନନୀ ମା' ଦୁର୍ଗାଙ୍କର ଶାରଦୀୟ ଉତ୍ସବ ଅବସରରେ ସହିଦ ନଗର ଦୁର୍ଗାପୂଜା କମିଟି ପକ୍ଷରୁ ୪ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ। ୨୦୦୭ରୁ ଏହି ଧାରା ଆରମ୍ଭ ହୋଇଛି ଏବଂ ଏଥର ମହାସପ୍ତମୀରୁ ବିଜୟା ଦଶମୀ ମଧ୍ୟରେ ଓଡ଼ିଶାର କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବାକୁ ଯାଉଛୁ ବୋଲି କହିଛନ୍ତି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ସମ୍ପାଦକ ନାରାୟଣ ମହାପାତ୍ର। ପରମ୍ପରାକୁ ବଜାୟ ରଖି ଆମେ ମହାସପ୍ତମୀ ଦିନ ବଡିବିଲ୍ଡର ରଶ୍ମିରଞ୍ଜନ ସାହୁ, ମହାଷ୍ଟମୀରେ ମହିଳା ଗଲ୍ଫ ଖେଳାଳି ଲକ୍ଷ୍ମୀ ସ୍ୱାଇଁ, ମହାନବମୀରେ କ୍ରୀଡ଼ା ସଙ୍ଗଠକ ପ୍ରଶାନ୍ତ କୁମାର ନାୟକ ଏବଂ ଦଶମୀ ଦିନ ଅନ୍ତର୍ଜାତୀୟ ମହିଳା କ୍ରିକେଟ ତାରକା ରୋଶନାରା ପରବିନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସେ କହିଛନ୍ତି। ପ୍ରତ୍ୟହ ସନ୍ଧ୍ୟା ଆଳତି ପରେ ପୂଜା ମଣ୍ଡପରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହେବ। ଏଥର ପ୍ରଥମଥର ପାଇଁ ତାରକସି ରୁପା ମେଢ଼ ସହ ସୁନ୍ଦର ତୋରଣ ନିର୍ମାଣ ହେବ। ମା'ଙ୍କ ସୁନା ମୁକୁଟ ଏଥର ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସେ କହିଛନ୍ତି। କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ପଙ୍କଜ ପଟ୍ଟନାୟକ, କୋଷାଧକ୍ଷ ହରିଶ ପ୍ରସାଦ ରଥ, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ସମିତି ସଭ୍ୟ ଅଚ୍ୟୁତ ପ୍ରସାଦ ବେହେରା, ମଳୟ ରଞ୍ଜନ ମହାପାତ୍ର, ସରୋଜ ପାତ୍ର ଓ ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁଷ୍ଠାନ ପକ୍ଷରୁ ୨୦୦୭ରୁ ଏପର୍ଯ୍ୟନ୍ତ ଅଲିମ୍ପିଆନ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଚେସ୍ ତାରକା ସ୍ୱୟଂଶୁ ସତ୍ୟପ୍ରଜ୍ଞ, ଅଲିମ୍ପିଆନ ପଦ୍ମଶ୍ରୀ ଦିଲୀପ ତିର୍କୀ, ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି, ଚେସ୍ ତାରକା କିରଣ ମନୀଷା ମହାନ୍ତି, ମହିଳା ଫୁଟବଲର ସସ୍ମିତା ମଲିକ, ଭାରୋତ୍ତୋଳନକାରୀ ରାନୁ ମହାନ୍ତି, ଆଥଲେଟିକ୍ କୋଚ୍ ଅରୁଣ ଦାସ, କ୍ରିକେଟ କୋଚ୍ ଶଶାଙ୍କ ଦାସ, ଫୁଟବଲ ଖେଳାଳି ଗୀତାଞ୍ଜଳି ଖୁଣ୍ଟିଆ, ବଡି ବିଲ୍ଡର କାର୍ତ୍ତିକେଶ୍ୱର ଜେନା, ଆଥଲେଟିକ୍ କୋଚ୍ ନୀଳମାଧବ ଦେଓ, ଫୁଟବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ, ମହିଳା ଫୁଟବଲର ଜବାମଣୀ ସୋରେନ, ବାସ୍କେଟବଲ ଖେଳାଳି ତଥା କୋଚ୍ ଅରୂପାନନ୍ଦ ରାଉତରାୟ, ଅନ୍ତର୍ଜାତୀୟ କ୍ରିକେଟର ଶିବସୁନ୍ଦର ଦାସ, ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, କରାଟେକା ଭାଲେନା ଭାଲେଣ୍ଟିନା, ପର୍ବତାରୋହୀ ଗଣେଶ ଜେନା, ଧାବିକା ସରସ୍ୱତୀ ଚାନ୍ଦ, ଫୁଟବଲ କୋଚ୍ ନନ୍ଦକିଶୋର ପଟ୍ଟନାୟକ, ଫୁଟବଲ ଖେଳାଳି ଆଲୋଚନା ସେନାପତି, ଭାରୋତ୍ତୋଳନକାରୀ ପ୍ରମିଳା କିର୍ସାନୀ, ମହିଳା ଫୁଟବଲର ସୁଭଦ୍ରା ନାଏକ, କବାଡ଼ି ଖେଳାଳି ଅରବିନ୍ଦ ଖୁଣ୍ଟିଆ, ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ, ଫୁଟବଲ କୋଚ୍ ଗଙ୍ଗାଧର ବେହେରା, ରଗ୍‌ବୀ ଖେଳାଳି ପ୍ରଜ୍ଞା ଗରାବଡୁ, ଆଥଲେଟ୍ ଅମିୟ ମଲିକ, ଚେସ୍ ପ୍ରତିଭା ସାଇନା ସାଲୋନିକା, ରୋଇଂ କୋଚ୍ ଜୋସ ଜ୍ୟାକବ, ସୁଟର ତାରକା ସୁବ୍ରତ ଦାସ, କବାଡ଼ି କୋଚ୍ ସଂହିତା ଦାସ, ବିଶିଷ୍ଟ ଫିଜିଓ ଡ. ମୁକ୍ତିପ୍ରସାଦ ଦାଶ ଏବଂ କ୍ରିକେଟ ଭାଷ୍ୟକାର ନିଶାନ୍ତ ମାଜିଥିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ସୂଚନା ଦିଆଯାଇଛି।

## ମାଳବିକାଙ୍କୁ ପ୍ରଥମ ଟାଇଟଲ




ପୋଡିୟମ ଉପରେ ପୁରସ୍କାର ଗ୍ରହଣ ଅବସରରେ ମାଳବିକା ବନସୋଦ।

ମାଲେ(ମାଳଦ୍ୱୀପ),୨୩।୯(ପିଟି)

ଭାରତୀୟ ଯୁବା ଶଟଲର ମାଳବିକା ବନସୋଦ ସୋମବାର ମାଳଦ୍ୱୀପ ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ୍‌ରେ କ୍ୟାରିୟରର ପ୍ରଥମ ଟାଇଟଲ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ବର୍ଗର ଫାଇନାଲରେ ସେ ମ୍ୟାନ୍‌ମାରର ଟପ୍ ସିଡ୍ ଥେଟ ତାର ଥୁଜାରଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ଅଣସିଡ୍ ଭାରତୀୟ ଖେଳାଳି ୨୧-୧୩, ୨୧-୧୧ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ପୁରୁଷ ବିଭାଗରେ ଟପ୍ ସିଡ୍ କେଭିନ ଆରୋକିଆ ରନର୍ସଅପ୍ ହୋଇ ଅଭିଯାନ ଶେଷ କରିଛନ୍ତି। ତାଙ୍କୁ ୧୩-୨୧, ୧୪-୨୧ ଗେମ୍‌ରେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର କାଣ୍ଟାୱତ ଲିଲାଭେଚାବୁତ ହରାଇ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ବୈଭବ ଓ ପ୍ରକାଶ ରାଜଙ୍କ ଦ୍ୱିତୀୟ ସିଡ୍ ପୁରୁଷ ଡବଲ୍ସ ଯୋଡ଼ି ମଧ ଟାଇଟଲ ହାତେଇଛି।



“ବୋଲରମାନେ ପିଚ୍ କଣ୍ଡିଶନରୁ ଫାଇଦା ନେଇ ଯୋଜନାର ସଫଳ ରୂପାୟନ କରିବାରୁ ଦକ୍ଷିଣ ଆଫ୍ରିକାର ସଫଳ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇପାରିଲା ।

–କ୍ୱିଣ୍ଟନ ଡି’କକ୍, ଦକ୍ଷିଣ ଆଫ୍ରିକା ଅଧିନାୟକ



“୨୦୨୦ ସିଜନ ପାଇଁ ଆମେ ଡରହାମ ଦଳକୁ କାମେରନ ବ୍ୟାଙ୍କ୍ରଫ୍ଟଙ୍କୁ ସ୍ୱାଗତ କରୁଛୁ। ତାଙ୍କ ନେତୃତ୍ୱ ଦକ୍ଷତା ଏବଂ କ୍ୱାଲିଟି ପ୍ରଦର୍ଶନ ଦଳକୁ ଫାଇଦାରେ ରଖିବ ।

– ମାର୍କୁସ ନର୍ଥ, ଡରହାମ୍‌ର କ୍ରିକେଟ ନିର୍ଦ୍ଦେଶକ

## ସଂକ୍ଷେପରେ

### ଓଡ଼ିଶା ମହିଳା ହକି ଦଳର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୩।୯(କ୍ରୀଡ଼ା ପ୍ରତିନିଧି):** କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଚାଲିଥିବା ୪ର୍ଥ ହକି ଇଣ୍ଡିଆ ୫-ଏ-ସାଇଡ୍ ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫-୦ ଗୋଲରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ପ୍ରଥମ ବିଜୟ। ରବିବାର ପ୍ରଥମ ଦିବସରେ ଏହି ଦଳ ଗତଥରର ଚାମ୍ପିୟନ ଝାଡ଼ଖଣ୍ଡଠାରୁ ୩-୭ ଗୋଲରେ ପରାଜିତ ହୋଇଥିଲା। ତାମିଲନାଡୁ ବିପକ୍ଷ ମ୍ୟାଚରେ ଓଡ଼ିଶା ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୧ମ ମିନିଟରେ ଦୀପ୍ତି ଲାକ୍ରା ଗୋଲ ଦେଇ ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ୩ୟ ମିନିଟରେ ଖୁସବୁ କୁଜୁର, ୯ମ ମିନିଟରେ ରିଙ୍କି କୁଜୁର ଏବଂ ୧୪ତମ ମିନିଟରେ ଦୀପ୍ତି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେବାରୁ ଓଡ଼ିଶା ୪-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୧୮ତମ ମିନିଟରେ ପ୍ରେମିତା ବାରା ଆଉ ଏକ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ଓଡ଼ିଶା ଗ୍ରୁପ୍ ‘ଏ’ରେ ଦ୍ୱିତୀୟ ସ୍ଥାନରେ ରହିଛି। ପଞ୍ଜାବ ସମାନ ପଏଣ୍ଟ ପାଇଥିଲେ ହେଁ ଗୋଲ ବ୍ୟବଧାନରେ ଓଡ଼ିଶା ଆଗରେ ରହିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡ ୩-୦ ଗୋଲରେ ପଞ୍ଜାବକୁ ଏବଂ ହରିୟାଣା ୫-୨ ଗୋଲରେ ମହାରାଷ୍ଟ୍ରକୁ ହରାଇଥିବାବେଳେ ଉତ୍ତର ପ୍ରଦେଶ-କର୍ଣ୍ଣାଟକ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି।

### ଫିକ୍ସିଂ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ହୋଇପାରିବନି: ଗାଭାସ୍କର

**ନୂଆଦିଲ୍ଲୀ,୨୩।୯(ପି.ଟି.):** ଲୋଭର କୌଣସି ଉପଚାର କିମ୍ବା ସୀମା ନାହିଁ। ତେଣୁ କ୍ରୀଡ଼ାରେ ଫିକ୍ସିଂ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣକୁ ଆସିପାରିବ ନାହିଁ ବୋଲି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଗାଭାସ୍କର କହିଛନ୍ତି। କ୍ରିକେଟରେ ମ୍ୟାଚ୍ ଫିକ୍ସିଂ ଭଳି କଳଙ୍କକୁ ସମ୍ପୂର୍ଣ୍ଣ ଭାବେ ସଫା କରିହେବ ନାହିଁ । ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ କେତେକ ଖେଳାଳି ଓ ମ୍ୟାଚ୍ ଅଫିସିଆଲ ମ୍ୟାଚ୍ ଫିକ୍ସିଂରେ ସାମିଲ ରହିବା ନେଇ ପ୍ରଶ୍ନ ହେବାରୁ ସେ ଏହି କଥା କହିଛନ୍ତି। ଏ ନେଇ ଅବଶ୍ୟ ତଦନ୍ତ ଚାଲୁ ରହିଛି। ମଣିଷର ସ୍ୱଭାବ ସହ ଲୋଭ ଓ ମୋହ ସାମିଲ ରହିଛି ବୋଲି ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ଏହି କଥା କହିଛନ୍ତି। ଏକ ଶ୍ରେଷ୍ଠ ସମାଜରେ ମଧ୍ୟ ଅପରାଧୀ ରହିଛନ୍ତି। କ୍ରିକେଟରେ ମଧ୍ୟ କେତେଜଣ ଭିନ୍ନ ପ୍ରକାରର ଲୋକ ରହିବା ସ୍ୱାଭାବିକ। ତେବେ କ୍ରିକେଟରେ ଦୁର୍ନୀତି କରୁଥିବା ଲୋକେ ସହଜରେ ଖସି ଚାଲିଯାଇ ପାରିବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଟେଲିଭିଜନରେ ମ୍ୟାଚ୍ ଲାଇଭ୍ ହେଉଥିବାରୁ ଯେକୌଣସି ଜଣେ ଲୋକେ ଭୁଲ୍ କରି ଖସି ଯାଇପାରିବନି। ଏ ସବୁ ଦୁର୍ନୀତି ସତ୍ତ୍ୱେ ଟିଏନ୍‌ପିଏଲ୍ ଭଳି ଘରୋଇ ଟୁର୍ନାମେଣ୍ଟ ତଥା ଲିଗ୍ ଚାଲୁ ରହିବା ଆବଶ୍ୟକ। ଏହି ଲିଗ୍ ଗୁଡିକ ମାଧ୍ୟମରେ ପ୍ରତିଭା ଚିହ୍ନଟ ହୋଇଥାଏ ବୋଲି ସେ କହିଛନ୍ତି।

# ଭାରତ–ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

**ସୁରଟ,୨୩।୯(ପି.ଟି.)**

ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମଙ୍ଗଳବାର ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା ଦଳ ପ୍ରଥମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ଦକ୍ଷିଣ ଆଫ୍ରିକାକୁ ଆଦୌ ହାଲ୍‌କା ଭାବେ ନେବ ନାହିଁ। ଗତ ୫ଟି ମ୍ୟାଚ୍‌ରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଛି। ୩ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ଗୋଟିଏରେ ପରାଜୟ ବରଣ କରିଛି ଓ ଗୋଟିଏ ମ୍ୟାଚ୍‌ର ଫଳାଫଳ ମିଳିପାରି ନ ଥିଲା। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତ ଏହି ସିରିଜରେ ପ୍ରଭାବ ବିସ୍ତାର କରି ଖେଳିବା ଆଶା କରାଯାଉଛି। ଭାରତ ଗୋଟିଏ ପାଦ ଆଗରେ ଥିବା ପରି ମନେହେଉଛି। ରବିବାର ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଜବରଦସ୍ତ ପ୍ରଦର୍ଶନ କରି ବୋର୍ଡ ସଭାପତି ଏକାଦଶକୁ ୮୩ ରନରେ ପରାସ୍ତ କରିଥିଲା। ତେଣୁ ଭାରତ ପୂର୍ଣ୍ଣ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବ। ପ୍ରଥମ ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ଧୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ବୋର୍ଡ ସଭାପତି ଏକାଦଶ ମାତ୍ର ୯୧ ରନ କରି ଅଲଆଉଟ ହୋଇ ପରାଜୟବରଣ କରିଥିଲା।

**ମହିଳା ଟି୨୦**

ଏହି ବିଜୟ ଦକ୍ଷିଣ ଆଫ୍ରିକାର ଆତ୍ମ ବିଶ୍ୱାସକୁ ବଢ଼ାଇଥିବ। ଓପନର ଲିଜେଲି ଲି ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍‌ରେ ୬୫ ରନର ଦ୍ରୁତ ପାଳି ଖେଳିଥିଲେ। ଏହାପରେ ମିଗ୍‌ନନ ଡୁ ପ୍ରିଜ୍ ଅପରାଜିତ ୪୦ ରନ କରି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। ସେହିପରି ବୋଲିଂରେ ଅଧିନାୟିକା ସୁନ୍ ଲୁସ୍ ୩ ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଅପରପକ୍ଷରେ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ଭଲ ଆରମ୍ଭ ପାଇଁ ଓପନର ସ୍ମୃତି ମନ୍ଧାନାକୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ଅଭିଜ୍ଞ ମିଥାଲି ରାଜ୍ ଟି୨୦ରୁ ଅବସର ଘୋଷଣା କରିଛନ୍ତି। ତାଙ୍କ ଅନୁପସ୍ଥିତିରେ ବେଦା କ୍ରିଷ୍ଣମୂର୍ତ୍ତୀ, ହରମନପ୍ରୀତ ଓ ଜେମିମା ରୋଡ୍ରିଗୁଏଜଙ୍କୁ ଭଲ ଖେଳିବାକୁ ପଡିବ। ବୋଲିଂ ବିଭାଗରେ ଦ୍ରୁତ ବୋଲର ଶିଖା ପାଣ୍ଡେ ନେତୃତ୍ୱ ନେବେ। ସେହିପରି ଅନ୍ୟତମ ଦ୍ରୁତ ବୋଲର ପୂଜା ବସ୍ତ୍ରକାର ତାଙ୍କୁ ସହାୟତା ପ୍ରଦାନ କରିବା ଆଶା କରାଯାଉଛି। ସେହିପରି ସ୍ପିନ୍ ବିଭାଗରେ ପୁନମ ଯାଦବ ନେତୃତ୍ୱ ନେବେ। ଚଳିତ ବର୍ଷ ପୁନମ ଅର୍ଜ୍ଜୁନ ପୁରସ୍କାର ହାସଲ କରିଛନ୍ତି। ସେହିପରି ଅନୁଜା ପାଟିଲ, ଅଲରାଉଣ୍ଡର ଦୀପ୍ତି ଶର୍ମା ମଧ୍ୟ ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ ବୋଲି ଆଶା କରାଯାଉଛି। ଭାରତ ଫେଭରାଇଟ ବିବେଚିତ ହେଉଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଫଳରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ଆନ୍ତଃ ମହାବିଦ୍ୟାଳୟ ମହିଳା ବାସ୍କେଟ ବଲ ଚାମ୍ପିୟନ ବିଜେବି କଲେଜ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

### ଆନ୍ତଃ ମହାବିଦ୍ୟାଳୟ ମହିଳା ବାସ୍କେଟ ବଲ
## ବିଜେବି ଚାମ୍ପିୟନ

**ଭୁବନେଶ୍ୱର,୨୩।୯(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରସ୍ଥ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟ ମହିଳା ବାସ୍କେଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସୋମବାର ଖେଳାଯାଇଥିବା ଫାଇନାଲରେ ବିଜେବି କଲେଜ ୧୯–୧୨ ପଏଣ୍ଟରେ ଆର. ନୟାପଲି କଲେଜକୁ ହରାଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ପ୍ରଫେସର ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଜି ଆଥ୍‌ଲେଟିକ୍ କ୍ଲବର ଉପ ସଭାପତି ଡ. କୀର୍ତ୍ତି ରଞ୍ଜନ ମଲ୍ଲିକ, କ୍ରୀଡା ପରିଷଦ ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରବୀର କୁମାର ମହାନ୍ତି, ଡ. ବେଣୁଧର ଦାସ, ଚତୁର୍ଭୁଜ ଜେନା, ମାନସ କୁମାର ପଣ୍ଡା, ଶିବ ପ୍ରସାଦ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ସମସ୍ତ ମ୍ୟାଚ୍ ଚିରଞ୍ଜିତ କରଣ, ସକସଇବ ଓ ଦେବ ପ୍ରସାଦ ସାହୁ ପରିଚାଳନା କରିଥିଲେ।

### ଭାରତ–ବାଂଲାଦେଶ ମ୍ୟାଚ୍ ଡ୍ର

**କାଠମାଣ୍ଡୁ,୨୩।୯(ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ସାଫ୍ ୧୮ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ଡ୍ର’ ସହ ଅଭିଯାନ ଆରମ୍ଭ କରିଛି। ସୋମବାର ଭାରତ ତା’ର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଡ୍ର ରହିଛି। ମ୍ୟାଚ୍ ଆରମ୍ଭରୁ ଭାରତ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା। ନବମ ମିନିଟ୍‌ରେ ଭାରତୀୟ ଗୋଲ କିପର ପ୍ରଭୁସୁକନ ସିଂ ଗିଲ ଆହତ ହୋଇଥିଲେ। ଫଳରେ କୋଚ୍ ଫ୍ଲଏଡ ପିଣ୍ଟୋଙ୍କୁ ଦଳରେ ପରିବର୍ତ୍ତନ କରିବାକୁ ପଡିଥିଲା। ବାଂଲାଦେଶ ଡିଫେନ୍ସ ବେଶ୍ ଦୃଢ଼ ଥିଲା। ଫଳରେ ଭାରତ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲା। ଏହି ମ୍ୟାଚ୍ ବେଶ୍ କଷ୍ଟକର ଥିଲା ବୋଲି ପିଣ୍ଟୋ ସ୍ୱୀକାର କରିଛନ୍ତି। ୧୦ଜଣ ଖେଳାଳିଙ୍କ ନେଇ ବାଂଲାଦେଶ ଭଲ ପ୍ରଦର୍ଶନ କରିଥିଲା। ମ୍ୟାଚ୍ ଡ୍ର ହେବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏବେ ଭାରତ ତା’ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ୨୫ ତାରିଖରେ ଶ୍ରୀଲଙ୍କାକୁ ଭେଟିବ। ଶ୍ରୀଲଙ୍କା ତା’ର ଗତ ମ୍ୟାଚ୍‌ରେ ବାଂଲାଦେଶଠାରୁ ୦–୩ରେ ପରାସ୍ତ ହୋଇଥିଲା। ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୨୭ ତାରିଖରେ ଦୁଇଟି ସେମିଫାଇନାଲ ଖେଳାଯିବ।


**୭ମ ଜନ୍ମଦିନ ଶୁଭେଚ୍ଛା**



**ସ୍ୱୟଂପ୍ରଭା ସାହୁ (ମାନୁ)**
(ପଳାଶୁଣୀ–୨୫)
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓ ମା’ ଖଣ୍ଡେଶ୍ୱରୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ଜେଜେମା, ଆଈ, ବାପା, ମା, ବାବା, ମାମା, ଦାଦା, ନାନା, ମାଉସୀ, ମଉସା, ଆର୍ୟନ୍, ଝାନ୍ସି, ତରୁନ୍, ଅରୁନ୍, ବନ୍ଧୁ ଓ ପରିବାରବର୍ଗ।
ଧ–୩୮୫୬୨

**୨ୟ ଜନ୍ମଦିନ ଶୁଭେଚ୍ଛା**



**ରୁଦ୍ର ପ୍ରକାଶ ପାଇଟାଲ (ପ୍ରଭୁ)**
ତୋ’ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଗରେ ନିବେଦନ ତୋ’ର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛାସହ:
ତୋ’ର ବାପା, ବୋଉ, ଜେଜେ, ଜେଜେମା’, ଦାଦା, ଖୁଡ଼ି, ପିଉସା, ପିଉସି, ମାମୁଁ, ମାଉସୀ, ଅଜା, ଆଈ।
ଧ–୧୪୪୮୩


## ପୂର୍ବତନ ଭାରତୀୟ ଓପ୍‌ନରଙ୍କ ପରଲୋକ

**ମୁମ୍ବାଇ, ୨୩।୯:** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ମାଧବ ଆପ୍‌ଟେଙ୍କ ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୮୬ ବର୍ଷ ହୋଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି। ଡାହାଣହାତୀ ଓପନିଂ ବ୍ୟାଟ୍ସମ୍ୟାନ ଦେଶ ପାଇଁ ୭ଟି ମ୍ୟାଚ୍ ଖେଳିଥିଲେ। ତାଙ୍କ ଆଭରେଜ ପାଖାପାଖି ୫୦ ଥିଲା। ମାତ୍ର ଆଶାନୁଯାୟୀ ଲମ୍ବା କ୍ୟାରିୟର କରିପାରି ନ ଥିଲେ। ସେ ୧୯୫୨–୫୩ ସିଜନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୩ ଅର୍ଦ୍ଧଶତକ ଓ ୧୬୩ ରନ୍‌ର ଏକ ଶତକୀୟ ଇନିଂସ ଖେଳିଥିଲେ। ଏହାପରେ ସେ ମାତ୍ର ଗୋଟିଏ ଟେଷ୍ଟ ଖେଳିପାରିଥିଲେ। ଧନୀ ଘରେ ଜନ୍ମ ହୋଇଥିବା ଆପ୍‌ଟେ ଜାତୀୟ ଦଳରୁ ବିଦା ହେବା ପାଇଁ କିମ୍ବଦନ୍ତୀ ଲାଲା ଅମରନାଥଙ୍କୁ ଦାୟୀ କରିଥିଲେ। ଆପ୍‌ଟେଙ୍କ ବିୟୋଗରେ ବିସିସିଆଇ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।



ମାଧବ ଆପ୍‌ଟେ

### ଡ୍ରାଇଭିଂରୁ ୱାର୍ନ ବର୍ଷେ ବାସନ୍ଦ

**ଲଣ୍ଡନ, ୨୩।୯ (ପି.ଟି.):** ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଶେନ୍ ୱାର୍ନ ଡ୍ରାଇଭିଂରୁ ୧୨ ମାସ ବାସନ୍ଦ ହୋଇଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ସେ ଷଷ୍ଠଥର ପାଇଁ ଦ୍ରୁତ ଗତିରେ ଗାଡି ଚଳାଇବା ହେତୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଲଣ୍ଡନର ଏକ କୋର୍ଟ ତାଙ୍କୁ ଏଥିପାଇଁ ବାସନ୍ଦ କରିଛି। ୫୦ ବର୍ଷୀୟ ପୂର୍ବତନ ଏହି ଲେଗ୍ ସ୍ପିନର ଗତବର୍ଷ ଅଗଷ୍ଟ ମାସରେ କେନ୍‌ସିଂଟନରେ ଘଣ୍ଟା ପ୍ରତି ୪୦ ମାଇଲ ଜୋନ୍‌ରେ ୪୭ ମାଇଲ ବେଗରେ ତାଙ୍କ ଜାଗୁଆର କାର୍ ଚଳାଉଥିଲେ। ଫଳରେ ୱିମ୍ବେଲଡ଼ନ ମାଜିଷ୍ଟ୍ରେଟ୍ ତାଙ୍କୁ ଏହି ବାସନ୍ଦାଦେଶରେ ଦଣ୍ଡିତ କରିଛନ୍ତି। ଶୁଣାଣି ପାଇଁ ୱାର୍ନ କୋର୍ଟରେ ଉପସ୍ଥିତ ନ ଥିଲେ। ଏହା ପୂର୍ବରୁ ୨୦୧୬ ଏପ୍ରିଲ ପରଠାରୁ ୱାର୍ନ ୫ଥର ସ୍ପିଡିଂ ଅଫେନ୍ସ କରିଥିଲେ। ଫଳରେ ତାଙ୍କ ଲାଇସେନ୍ସରେ ୧୫ ପେନାଲ୍ଟି ପଏଣ୍ଟ ଲାଗୁ ହୋଇଥିଲା।


**କୃତିତ୍ୱ**



ସାର୍ଥକ



ଶିବଦତ୍ତ



ଓମ୍‌ପ୍ରକାଶ



ଚିନ୍ମୟ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନ, ପୁରୀର ଚତୁର୍ଥ ଶ୍ରେଣୀର ୪ଜଣ ଶିଶୁ ସାର୍ଥକ ସାମନ୍ତରାୟ, ଶିବଦତ୍ତ ମହାପାତ୍ର, ଓମ୍‌ପ୍ରକାଶ ମିଶ୍ର, ଚିନ୍ମୟ ରାୟ ଶିକ୍ଷାବର୍ଷ ୨୦୧୮–୧୯ ପାଇଁ ଓଡ଼ିଶା ସରକାରଙ୍କ ନିମ୍ନ ପ୍ରାଥମିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ବିଦ୍ୟାଳୟ ତରଫରୁ ସମସ୍ତ ଶିଶୁଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି।
ଧ–୧୪୪୭୯


## ଏକସଙ୍ଗେ ବ୍ୟାଟିଂ ପାଇଁ ଆସିଥିଲେ ପନ୍ତ, ଆୟାର

**ବେଙ୍ଗାଲୁରୁ, ୨୩।୯:** ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଭାରତ ବିପକ୍ଷରେ ଖେଳାଯାଇଥିବା ୩ୟ ଟି୨୦ ମ୍ୟାଚ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୯ଉଇକେଟରେ ଜିତି ନେଇଛି। ଏହି ମ୍ୟାଚ୍‌ର ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଭାରତ ଇନିଂସର ୮ମ ଓଭରରେ ଶିଖର ଧାୱନ ଆଉଟ୍ ହେବା ପରେ ୪ର୍ଥ କ୍ରମରେ ଦୁଇ ବ୍ୟାଟ୍ସମ୍ୟାନ ଡଗ୍‌ଆଉଟରୁ ଗ୍ରାଉଣ୍ଡ ଅଭିମୁଖେ ବାହାରିଥିଲେ। ସେମାନେ ହେଲେ ରିଷଭ ପନ୍ତ ଓ ଶ୍ରେୟାସ ଆୟାର। ଉଭୟେ ଏକା ସମୟରେ ଡଗ୍ ଆଉଟରୁ ପଡ଼ିଆକୁ ଆସୁଥିବା ଦେଖିବାକୁ ମିଳିଥିଲା। ଦୁଇ ଖେଳାଳି ସାମ୍ନାସାମ୍ନି ହେବା ପରେ କ’ଣ ଘଟୁଛି, ତାହା ଜାଣିବାକୁ ପାଇଥିଲେ। ଏହି ସମୟରେ କ୍ରିଜ୍‌ରେ ଥିବା ଭାରତୀୟ ଅଧିନାୟକ ବିରାଟ କୋହଲି ଏହି ଘଟଣାକୁ ମ୍ୟାଚ୍ ପରେ ସ୍ୱୀକାର କରିଛନ୍ତି। ଦଳୀୟ ମ୍ୟାନେଜମେଣ୍ଟ ଓ ଦୁଇ ଖେଳାଳିଙ୍କ ମଧ୍ୟରେ ଯୋଗାଯୋଗର ଅଭାବ ଯୋଗୁ ଏଭଳି ଘଟିଥିଲା ବୋଲି କୋହଲି କହିଛନ୍ତି। ଉଭୟ ବ୍ୟାଟ୍ସମ୍ୟାନ ୪ର୍ଥ କ୍ରମରେ ବ୍ୟାଟିଂ କରିବାକୁ ମନ ବଳାଇଥିଲେ। ଯଦି ଦୁହେଁ ଏକାସଙ୍ଗେ କ୍ରିଜ୍‌ରେ ପହଞ୍ଚି ଥାନ୍ତେ, ଏହା କୌତୂହଳପୂର୍ଣ୍ଣ ବିଷୟ ହୋଇଥାନ୍ତା। ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ଦଳର ୪ର୍ଥ ସ୍ଥାନର ବ୍ୟାଟ୍ସମ୍ୟାନ ନିର୍ଣ୍ଣୟ କରାଯାଏ। ଯଦି ୧୦ ଓଭର ପରେ ଦ୍ୱିତୀୟ ଉଇକେଟ ପଡ଼ିଥାନ୍ତା, ତେବେ ପନ୍ତ ବ୍ୟାଟିଂ କରିଥାନ୍ତେ। ନ ହେଲେ ଆୟାର ବ୍ୟାଟିଂ କରିବାର ଥିଲା। କିନ୍ତୁ ଏକାସଙ୍ଗେ ଡଗ୍ ଆଉଟ୍‌ରୁ ବାହାରିବାରୁ ଦୁହେଁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ ବୋଲି ଅଧିନାୟକ କୋହଲି କହିଛନ୍ତି। ଆୟାରଙ୍କ ସ୍ଥାନରେ ପନ୍ତ ବ୍ୟାଟିଂ କରିବାକୁ ଆସି ୨୧ ବଲରେ ୧୯ ରନ୍ କରିଥିବାବେଳେ ଆୟାର ୫ ରନ୍ କରି ଆଉଟ୍ ହୋଇଥିଲେ।

# ‘ଭଲ ଫଳାଫଳ ପାଇଁ ରିସ୍କ ନେବାକୁ ହେବ’

**ବେଙ୍ଗାଲୁରୁ,୨୩।୯(ପି.ଟି.)**

ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଆୟୋଜନ ହେବାକୁ ଯାଉଥିବା ବେଳେ ଭାରତୀୟ ଅଧିନାୟକ ବିରାଟ କୋହଲି ଏକ ସନ୍ତୁଳିତ ତଥା ଶକ୍ତିଶାଳୀ ଦଳ ଗଠନ ଉପରେ ଗୁରୁତ୍ୱ ଦେଇଛନ୍ତି। ତେବେ ଏଥିପାଇଁ ରିସ୍କ ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଠାରେ ଖେଳାଯାଇଥିବା ଅନ୍ତିମ ଟି୨୦ ମ୍ୟାଚ୍‌ରେ କୋହଲି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଥିଲେ। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ସମସ୍ତେ ଚେଜ୍ କରିବାକୁ ପସନ୍ଦ କରିଥାନ୍ତି। କୋହଲିଙ୍କ ବ୍ୟାଟିଂ ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହେଲା ଓ ଭାରତ ଏହି ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ତେବେ କୋହଲି ଏ ନେଇ କୌଣସି ଅନୁଶୋଚନା କରିନାହାନ୍ତି। ଏକ ଶକ୍ତିଶାଳୀ ଦଳ ଗଠନ ପାଇଁ ଏଭଳି ରିସ୍କ ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏପରିକି ବିଜୟ ହାସଲ କରିବାକୁ ମଧ୍ୟ ରିସ୍କ ନେବାକୁ ହୋଇଥାଏ। ମ୍ୟାଚ୍ ଖେଳିବା ପୂର୍ବରୁ କିଛି ପୂର୍ବରୁ ସ୍ଥିର ହୋଇ ନ ଥାଏ ଓ କୌଣସି ଜିନିଷରେ ଗ୍ୟାରେଣ୍ଟି ନ ଥାଏ ବୋଲି ମ୍ୟାଚ୍ ପରର ଖବରଦାତା ସମ୍ମିଳନୀରେ ସେ କହିଛନ୍ତି।

ବେଳେବେଳେ ସୁବିଧାଜନକ ସ୍ଥିତିରୁ ଆମକୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ। ଏହା ହେଲେ ଆମେ ଟସ୍ ଉପରେ ନିର୍ଭର କରିବୁ ନାହିଁ। ସବୁବେଳେ ଟସ୍ ଜିତିବା ସମ୍ଭବ ହୋଇ ନ ଥାଏ। ତେଣୁ ପ୍ରଥମେ କିମ୍ବା ପରେ ବ୍ୟାଟିଂ କରି କିପରି ବିଜୟୀ ହେବୁ ତାହା ଉପରେ ଆମକୁ କାର୍ଯ୍ୟ କରିବାକୁ ହେବ। ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ ହୋଇଥିଲେ ମଧ୍ୟ ତୃତୀୟ ଟି୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ୯ ଉଇକେଟର ପରାସ୍ତ ହୋଇଛି। ଫଳରେ ଏହି ସିରିଜ ଶେଷରେ ୧–୧ରେ ଡ୍ର ରହିଛି। ପ୍ରଥମେ ବ୍ୟାଟିଂ ହେଉ କି ବୋଲିଂ ଏକ ଶ୍ରେଷ୍ଠ ଦଳ ସହ ପଡିଆକୁ ଓହ୍ଲାଇବା ଓ ସବୁ ପ୍ରକାର ପରିସ୍ଥିତିରେ ଭଲ ପ୍ରଦର୍ଶନ କରିବା ହେଉଛି ଆମର ମୂଳ ଲକ୍ଷ୍ୟ। ଅନୁକୂଳ ପରିସ୍ଥିତିରେ ସବୁ ଦଳ ଓ ଖେଳାଳି ଭଲ ଖେଳିଥାନ୍ତି। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ଭଲ ଖେଳିଲେ ଦଳ ବିଜୟୀ ହୋଇ ପାରିବ। ତେଣୁ ଏଥି ପାଇଁ ମାନସିକ ଭାବେ ପ୍ରସ୍ତୁତି ଆବଶ୍ୟକ। ତେଣୁ ଏଥିପାଇଁ ରିସ୍କ ନେବାକୁ ହେବ। ଏହି ଗ୍ରାଉଣ୍ଡରେ ଗତ ୬ଟି ଟି୨୦ ମ୍ୟାଚ୍‌ରେ କୌଣସି ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନାହାନ୍ତି। ଦଳକୁ ଦୃଢ଼ ଭାବେ ଗଠି ତୋଳିବା ପାଇଁ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। ଏହି ଗ୍ରାଉଣ୍ଡରେ ୧୩୪ ଆଦୌ ଭଲ ସ୍କୋର ନୁହଁ ବୋଲି କୋହଲି ସ୍ୱୀକାର କରିଛନ୍ତି। ତେବେ ବୋଲରଙ୍କୁ ସେ ପରାଜୟ ପାଇଁ ଦାୟୀ କରିନାହାନ୍ତି। ବୋଲରଙ୍କ ପାଇଁ ସ୍କୋରବୋର୍ଡରେ ଅତିକମ୍‌ରେ ୧୬୦ ରନର ସ୍କୋର ରହିବା ଆବଶ୍ୟକ। ତେଣୁ ପରାଜୟ ପାଇଁ ବୋଲରଙ୍କୁ ଦାୟୀ କରିବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗୋଟିଏ ଦୁଇଟି ବିଭାଗରେ ଆମକୁ ତ୍ରୁଟି ସୁଧାରିବାକୁ ହେବ। ଏକଦା ଗୋଟିଏ ଉଇକେଟ ହରାଇ ଆମେ ୬୩ ରନ ସଂଗ୍ରହ କରିଥିଲୁ। ତେଣୁ ଅତିକମ୍‌ରେ ୧୭୦ ରନ ସଂଗ୍ରହ କରିବୁ ବୋଲି ଆଶା କରିଥିଲୁ। ଦକ୍ଷିଣ ଆଫ୍ରିକା ଭଲ ଭାବେ ତା’ର ଯୋଜନା କାର୍ଯ୍ୟକାରୀ କଲା ବୋଲି ସେ କହିଛନ୍ତି।

ଏବେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଟେଷ୍ଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଆମେ ବିଶ୍ୱର ଶ୍ରେଷ୍ଠ ଦଳ। ପୁଣି ଘରୋଇ ପରିବେଶ ଭାରତ ଆହୁରି ଶକ୍ତିଶାଳୀ ଦଳ ବିବେଚିତ ହୋଇଥାଏ। ତେଣୁ ଟେଷ୍ଟ ସିରିଜରେ ଭାରତର ପ୍ରଦର୍ଶନ ଭଲ ହେବ ବୋଲି କୋହଲି କହିଛନ୍ତି। ସବୁ ପ୍ରକାର ପରିସ୍ଥିତିରେ ସ୍ଥିର ପ୍ରଦର୍ଶନ କରିବା ଏକ ବଡ଼ ଚ୍ୟାଲେଞ୍ଜ। କେବଳ ସେତିକି ନୁହଁ ପ୍ରତିପକ୍ଷ ଦଳକୁ ମଧ୍ୟ ହେୟ ମନେ ନ କରି ସମ୍ମାନ ଦେବାକୁ ହୋଇଥାଏ ବୋଲି କୋହଲି କହିଛନ୍ତି।



ବିରାଟ କୋହଲି


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିରଞ୍ଜନ ସ୍ୱାଇଁ**
ଦିଗିତାରୀ, ରାହାମା, ଜଗତ୍‌ସିଂହପୁର,
ଆବିର୍ଭାବ: ୧୨।୦୨।୧୯୪୮
ତିରୋଧାନ: ୧୪।୦୯।୨୦୧୯
ତୁମେ ଯେଉଁଠି ଥାଅ ଆମକୁ ସବୁବେଳେ ଆଶୀର୍ବାଦ କରୁଥାଅ। ପ୍ରଭୁ ଶ୍ରୀଜଗନ୍ନାଥ ଓ ମା’ ଶାରଳାଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର–ଅମର, କୁମର, ବୋହୂ–ପମା, ଶଶୀ, ନାତି, ନାତୁଣୀ– କାହ୍ନା, କାଳିଆ, ବୁଢ଼ି, ସୁଇଟ୍, ମାଗି, କୁନ୍ଦୁରୀ, ବନ୍ଧୁ ଓ ପରିବାରବର୍ଗ।
ଧ–୧୪୪୮୦

**୬ଷ୍ଠ ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲୀଳାବତୀ ପଣ୍ଡା**
ଆବିର୍ଭାବ: ୧୮।୦୮।୧୯୩୧
ତିରୋଧାନ: ୨୪।୦୯।୨୦୧୩
“ହରାଇଛୁ ସ୍ନେହମୟୀ ମା’କୁ ଆମର ତା’ର ଚରଣରେ ସଦା ରହେ ଜୁହାର”
ତୁମ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏହାହିଁ ଆମର ପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ– ସୁରେଶ, ଉମେଶ, ସନ୍ତୋଷ ଓ ପରେଶ, ବୋହୂ– ବନଲତା, ଗୋଲାପୀ, ଅଳକା ଓ ସ୍ନେହପ୍ରଭା, ନାତି– ଚନ୍ଦନ, କାନନ, ଶୁଭେନ୍ଦୁ, ରାଜେଶ, ପ୍ରଦୋଷ, ମାନସ, ସୌଭାଗ୍ୟ, ସୌମେନ୍ଦ୍ର, ଶୁଭ୍ରଜିତ୍ ଓ ପ୍ରିୟଜିତ୍।
ଧ–୬୬୭୦୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନରେନ୍ଦ୍ର ବାରିକ**
ବୁଆଳି, ଡେଲାଙ୍ଗ, ପୁରୀ
ଆର୍ବିଭାବ: ୦୧।୦୫।୧୯୬୫
ତିରୋଧାନ: ୧୪।୦୯।୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ବନ୍ଧୁ ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୬୬୧୯୧




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

### ପଦାକୁ ଆସୁଛି ବ୍ରାଉନ୍‌ସୁଗାର ଡିଲରଙ୍କ କଳାସମ୍ପତ୍ତି

# ରାଜାଙ୍କ ବିଳାସପୂର୍ଣ୍ଣ ଫ୍ଲାଟ୍ ସିଲ୍

**ଭୁବନେଶ୍ୱର, (ବ୍ୟୁରୋ)/ ବାଲେଶ୍ୱର ଅଫିସ, ୨୩।୯**

ଡ୍ରଗ୍ସ ଡିଲର ତଥା ବ୍ରାଉନସୁଗାର ଚୋରା ଚାଲାଣ ର୍‍ୟାକେଟର କିଙ୍ଗପିନ୍ ସେକ୍ ରାଜାଙ୍କ କଳାସାମ୍ରାଜ୍ୟର ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି। ବ୍ରାଉନସୁଗାରରୁ କିପରି ବିପୁଳ ସମ୍ପତ୍ତିର ମାଲିକ ହେଲେ ତାହାକୁ ନେଇ ଖୋଳତାଡ଼ ଜାରି ରଖିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ରବିବାର ଏସ୍‌ଟିଏଫ୍ ଟିମ୍ ରାଜାଙ୍କ ବାଲେଶ୍ୱରସ୍ଥିତ ଘର ଉପରେ ଚଢାଉ କରିଥିବାବେଳେ ସୋମବାର ସହଦେବଖୁଣ୍ଟା ମଡ଼େଲ ଥାନା ଅନ୍ତର୍ଗତ ତେଲେଙ୍ଗାସାହିର ସମ୍ବେଦନା ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟରେ ଚଢ଼ାଉ କରି ୧୦୬ ନମ୍ବର ଫ୍ଲାଟ୍‌କୁ ଯାଞ୍ଚ କରିଛି। ଚଢାଉ ସମୟରେ ଏସ୍‌ଟିଏଫ୍ ରାଜାଙ୍କ ଏହି ବିଳାସପୂର୍ଣ୍ଣ ଘରକୁ ଦେଖି ଚକିତ ହୋଇଯାଇଛି। ରାଜାଙ୍କ ନାମରେ ରହିଥିବା ଏହି ଫ୍ଲାଟ୍‌ର ଆୟତନ ୧୯୬୧ ବର୍ଗଫୁଟ ହେବ। ଏହାର ଆନୁମାନିକ ମୂଲ୍ୟ ୭୦ ଲକ୍ଷ ଟଙ୍କା ହୋଇଥିବାବେଳେ ଘର ଭିତର ସାଜସଜ୍ଜା ବାବଦକୁ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। ରାଜା ବ୍ରାଉନସୁଗାର ଟଙ୍କାରେ ଏହି ବିଳାସପୂର୍ଣ୍ଣ ଫ୍ଲାଟ୍ କିଣିଥିବା ଏସ୍‌ଟିଏଫ୍ ପ୍ରମାଣ ପାଇବା ପରେ ଏସ୍‌ଡିପିଏସ୍ ଆକ୍ଟ ବଳରେ ତାହାକୁ ସିଲ୍ କରିଛି। ସେଠାରୁ ମଧ୍ୟ ଏସ୍‌ଟିଏଫ୍ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ବ୍ରାଉନସୁଗାର ଜବତ କରିଥିବା ସୂଚନା ମିଳିଛି। ତେବେ ତଦନ୍ତ ଚାଲୁଥିବାରୁ ଏସ୍‌ଟିଏଫ୍ କୌଣସି ତଥ୍ୟ ଦେବାକୁ ମନା କରିଛି।



**୩ ସମ୍ପର୍କୀୟଙ୍କ ଘରେ ଏସ୍‌ଟିଏଫ୍‌ର ଚଢ଼ାଉ**

■ **ପୁଣି ରିମାଣ୍ଡରେ ଆଣିବାକୁ ଯୋଜନା**

ମିଳିଥିବା ସୂଚନାନୁସାରେ, ରାଜା ବାଂଲାଦେଶ ଓ ପଶ୍ଚିମବଙ୍ଗରୁ ବ୍ରାଉନସୁଗାର ଆଣିବା ପରେ ଏହି ଘରେ ଲୁଚାଇ ରଖୁଥିଲେ। ସେଠାରେ ବ୍ରାଉନସୁଗାରକୁ ଭେଜାଲ କରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ। ଏଥିସହ ସେହିଘରେ ହିଁ ତାଙ୍କ ଟିମ୍‌ର ବୈଠକ ବସି ନୂଆ ଯୋଜନା କରାଯାଇଥାଏ। ଏଥିପାଇଁ ଉକ୍ତ ଘରକୁ ଅଧିକାଂଶ ସମୟରେ ବାହାରର ଲୋକଙ୍କ ସମେତ ପୋଲିସ ଅଧିକାରୀଙ୍କ ଯିବାଆସିବା ଲାଗୁଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ରାଜାଙ୍କୁ ପଚରାଉଚରାବେଳେ ଏହି ଘର ସମ୍ପର୍କରେ ସୂଚନା ମିଳିଥିଲା। ଏହି ଆଧାରରେ ସୋମବାର ସକାଳେ ଏସ୍‌ଟିଏଫ୍ ଉକ୍ତ ଘର ଉପରେ ଚଢାଉ କରି ସିଲ୍ କରିଛି। ଏହାସହ ରାଜାଙ୍କ ଅନ୍ୟ ୩ଜଣ ସମ୍ପର୍କୀୟଙ୍କ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରିଛି। ଚଢାଉ ସମୟରେ ସେସବୁ ଘରର ମାଲିକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଏସବୁ ସ୍ଥାନରୁ ମିଳିଥିବା ତଥ୍ୟ ଆଧାରରେ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ରାଜାଙ୍କ ରିମାଣ୍ଡ ମଙ୍ଗଳବାର ଶେଷ ହେଉଥିବାରୁ ତାଙ୍କୁ ପୁଣି ରିମାଣ୍ଡରେ ଆଣି ପଚରାଉଚରା କରିବା ପାଇଁ ଏସ୍‌ଟିଏଫ୍ ଯୋଜନା କରୁଛି। ତାଙ୍କୁ କୋର୍ଟରେ ହାଜର କରିବା ପରେ ପୁଣି ରିମାଣ୍ଡରେ ଆଣିବ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରାଜା ଆକାଉଣ୍ଟକୁ ଆସିଥିବା କୋଟି କୋଟି ଟଙ୍କା କେଉଁଥିରେ ବିନିଯୋଗ ହୋଇଛି ତାହାର ଯାଞ୍ଚ କରୁଛି ଏସ୍‌ଟିଏଫ୍। ଆଗାମୀ ଦିନରେ ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଦେବୋତ୍ତର କମିଶନଙ୍କୁ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ପୁରୀ ଅଫିସ, ୨୩।୯**

ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଆର୍ଥିକ ଅନିୟମିତତା ନେଇ ପୁରୀର ଜଣେ ସଚେତନ ନାଗରିକ ଜୟନ୍ତ କୁମାର ରାୟ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ଦେବୋତ୍ତର କମିଶନ ଭୁବନେଶ୍ୱର, ଦେବୋତ୍ତର ବିଭାଗ ଇନ୍ସପେକ୍ଟର ପୁରୀ, ଶ୍ରୀଜଗନ୍ନାଥ ଏଣ୍ଡାଓମେଣ୍ଟ ବୋର୍ଡ, ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରି ୩ ପକ୍ଷଭୁକ୍ତଙ୍କ ରିଟ୍ ପିଟିଶନ୍ ଖାରଜ କରିବା ସହ ଦେବୋତ୍ତର କମିଶନଙ୍କୁ ତଦନ୍ତ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶନାମାକୁ ଗତ ୧୮ତାରିଖରେ ସେ ଦେବୋତ୍ତର କମିଶନଙ୍କୁ ପ୍ରଦାନ କରିଥିବା ଅଭିଯୋଗକାରୀ ରାୟ ସୋମବାର ସୂଚନା ଦେଇଛନ୍ତି।

**ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଅନିୟମିତତା ପ୍ରସଙ୍ଗ**

ପ୍ରକାଶ ଯେ, ଶ୍ରୀଜଗନ୍ନାଥ ବଲ୍ଲଭ ମଠର ଆୟବ୍ୟୟ ଅଡିଟ ବେଳେ ୧୬କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ମଠ ଖାତାରୁ ଅନଧିକାର ଓ ବେଆଇନ ଭାବେ ଟଙ୍କା ଉଠାଣ, ବିଭିନ୍ନ ନିଲାମ ବାବଦରେ ହେରଫେର, ପଇଠ ଅର୍ଥର ରଶିଦ୍ ନ ଥିବା, ପାର୍କିଂ ଆଦାୟ ଟଙ୍କା ଆକାଉଣ୍ଟରେ ଜମା ନ ହେବା, ବିଭିନ୍ନ ବାବଦରୁ ଆଦାୟ ଅର୍ଥ ମଠ ଜମାଖାତାରେ ଉଲ୍ଲେଖ ନ ରହିବା, କିଣାଯାଇଥିବା ସାମଗ୍ରୀର ଠିକ୍ ତଥ୍ୟ ରଖା ନ ଯିବା ଆଦି ୬୦ରୁ ଊର୍ଦ୍ଧ୍ୱ କ୍ଷେତ୍ରରେ ଅଡିଟର ଆପତ୍ତି ଉଠାଇ ଥିଲେ। ଦେବୋତ୍ତର କମିଶନ ଚିଠି ନଂ. ୩୦୩୦/ତା.୨୦.୪.୧୯ରେ ୮୫ପୃଷ୍ଠା ସମ୍ବଳିତ ରିପୋର୍ଟରେ ଆର୍ଥିକ ଅନିୟମିତା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହା ପରେ ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ କୁମାର ଦାଶ ଏ ନେଇ ଗତ ଅଗଷ୍ଟ ୬ତାରିଖରେ ଦୁର୍ନୀତି ନିବାରଣ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହିପରି ରାୟ ଏହି ଅନିୟମିତତା ଅଭିଯୋଗ ଆଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଅଡିଟ ରିପୋର୍ଟରେ ଜଗନ୍ନାଥ ବଲ୍ଲଭ ମଠ ଟ୍ରଷ୍ଟର ପୂର୍ବତନ ଅଧ୍ୟକ୍ଷ ତଥା ନଗର ବିଜେଡି ସଭାପତି ଭକ୍ତଚରଣ ଦାଶଙ୍କ ସମେତ ୬ଜଣଙ୍କ ନାମରେ ଆର୍ଥିକ ଅନିୟମିତତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ପରେ ପୂର୍ବତନ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଦାଶ ଏବଂ ଅନ୍ୟ ସଦସ୍ୟମାନେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ।









ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



## ସଂକ୍ଷେପରେ



ଷୋଡ଼ଶ ପୂଜାର ୨ୟ ଦିବସରେ ଟିଗିରିଆ ବ୍ଲକ ବିନ୍ଧାଣିମାସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ଗୌରୀ ବେଶ।

### ଅଲଙ୍କାର ଦୋକାନରୁ ଚୋରି

**ନେମାଳ,୨୩।୯(ଡି.ଏନ.ଏ.):** ନେମାଳ ବଜାରରେ ଥିବା ମା'ମଙ୍ଗଳା ଅଲଙ୍କାର ଦୋକାନରୁ ସୋମବାର ସକାଳୁ ଲକ୍ଷାଧିକ ଟଙ୍କାର ଅଲଙ୍କାର ଚୋରି ହୋଇଛି। ବ୍ୟବସାୟୀ କୈଳାସ ଚନ୍ଦ୍ର ମୁଦୁଲି ସକାଳେ ଅଲଙ୍କାର ବ୍ୟାଗ ଆଣି ଦୋକାନରେ ରଖିଥିଲେ। ପରେ ପୂଜା କରିବା ପାଇଁ ନିକଟ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଦୋକାନରେ ପଶି ଗହଣା ବ୍ୟାଗ ନେଇ ପଳାଇଥିଲେ। ମୁଦୁଲି ପାଣି ଆଣି ସାରି ଦେଖିବାବେଳକୁ ଗହଣା ବ୍ୟାଗ ନ ଥିଲା। ପରେ ସେ ଘଟଣା ସମ୍ପର୍କରେ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ଦୁର୍ବୃତ୍ତଙ୍କ ପତ୍ତା ପାଇ ପାରିନାହିଁ। ସୂଚନାଯୋଗ୍ୟ, ମୁଦୁଲି ସବୁଦିନ ଅଲଙ୍କାର ସବୁକୁ ଘରକୁ ନେଇ ଯାଇଥାନ୍ତି। ପରଦିନ ପୁଣି ଦୋକାନକୁ ଆଣି ଆସନ୍ତି।

### ଚୋରାମଦ କାରବାର ଅଭିଯୋଗରେ ୩ ଗିରଫ

**ମାହାଙ୍ଗା,୨୩।୯(ସ୍ୱ.ପ୍ର.):** ଚୋରାମଦ କାରବାର ଅଭିଯୋଗରେ ମାହାଙ୍ଗା ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ୨ଜଣ ହେଲେ ବିହାର ଗୟା ଅଞ୍ଚଳର ବିନୟ ସିଂହ ଓ ମୁକେଶ କୁମାର। ତାଙ୍କ ନିକଟରୁ ୩ ପେଟି ଦେଶୀମଦ ଜବତ କରାଯାଇଛି। ନଂ-୧୭୫/୧୯ରେ ମାମଲା ରୁଜୁ ହୋଇଛି। ମାହାଙ୍ଗା ପୋଲିସ ପକ୍ଷରୁ ରବିବାର ରାତିରେ ପାଟ୍ରୋଲିଂ କରାଯାଉଥିବାବେଳେ ଏହି ଦୁଇ ଜଣ ଚୋରା ଦେଶୀ ମଦ ନେଇ ଯାଉଥିଲେ। ଆଇଆଇସି ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସମୀର ଲେଙ୍କା ସଦଳବଳ ଚଢ଼ାଉ କରି ଖନ୍ଦୋଳ ରାସ୍ତା ନିକଟରୁ ସେମାନଙ୍କୁ ଗିରଫ କରିଥିଲେ। ଅନ୍ୟଜଣେ ହେଲେ କୁମଡ଼ା ଜୟପୁର ଫାଣ୍ଡି ଅଞ୍ଚଳର ଧର୍ମେନ୍ଦ୍ର ମହାପାତ୍ର। ଧର୍ମେନ୍ଦ୍ର କୁଆଁପାଳ ଛତିଆ ରାସ୍ତାର କଲ୍ୟାଣପୁର ଛକ ନିକଟରେ ଚୋରା ଦେଶୀ ମଦ ନେଇ ଯାଉଥିଲେ। ଜୟପୁର ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩ ଲିଟର ଦେଶୀ ମଦ ଜବତ କରିଥିଲେ। ମାମଲା ନଂ-୧୭୬/୧୯ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ହେଲେ ଡା. ରଞ୍ଜିତା ପଟ୍ଟନାୟକ

ସାଲେପୁର,୨୩।୯(ଡି.ଏନ.ଏ.): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଭାବେ ଡା. ରଞ୍ଜିତା ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ୍ କଲେଜରେ ଥିଲେ। ତାଙ୍କ ଯୋଗଦାନ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ପ୍ରାୟ ଏକ ବର୍ଷ ହେବ ଏଠାରେ ମୁଖ୍ୟ ଚିକିତ୍ସାଧିକାରୀ ପଦବୀ ଖାଲି ପଡ଼ିଥିଲା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଥିବା ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ପଦୋନ୍ନତି ସହ ବଦଳି ହୋଇଥିଲା। ଫଳରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମିତ୍ କୁମାର ଜେନା ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

# ଫନୀ କ୍ଷତିଗ୍ରସ୍ତଙ୍କ ରାସ୍ତା ଅବରୋଧ

ମାହାଙ୍ଗା,୨୩।୯(ସ୍ୱ.ପ୍ର.)

ମାହାଙ୍ଗା ତହସିଲ ଅଧୀନ କୁସୁପୁର ପଞ୍ଚାୟତ ବାଗସରପୁର ଗ୍ରାମରେ ଫନୀ ସହାୟତା ପ୍ରଦାନରେ ବ୍ୟାପକ ଅନିୟମିତତା ହୋଇଛି। ଫଳରେ ଅନେକ ପ୍ରକୃତ କ୍ଷତିଗ୍ରସ୍ତ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସେମାନେ ପୁନଃ ତଦନ୍ତ କରି ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ଏପରି କି ସେମାନେ ତହସିଲ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧହୋଇ ସୋମବାର ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ବାଗସରପୁର ଛକଠାରେ ଟାୟାର ଜାଳି ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୪ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକ ରହିଥିଲା। ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିଛନ୍ତି। ଯଦ୍ୱାରା ଚାଳ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ବାଦ୍ ଦିଆଯାଇ କୋଠାଘରବାଲାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଧାରଣାସ୍ଥଳରେ ସ୍ଥାନୀୟ ସରପଞ୍ଚଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଖବର ପାଇ ମାହାଙ୍ଗା ଭାରପ୍ରାପ୍ତ ତହସିଲଦାର ଦିଲୀପ ନାୟକ, ଥାନା ଅଧିକାରୀ ରଞ୍ଜନ ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ୨୮ତାରିଖରୁ ପୁନଃ ଯାଞ୍ଚ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।



ଫନୀ ସହାୟତାରୁ ବଞ୍ଚିତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

- ପ୍ରକୃତ କ୍ଷତିଗ୍ରସ୍ତଙ୍କୁ ମିଳିନି ସହାୟତା
- ୪ ଘଣ୍ଟା କୁଆଁପାଳ-ବାଲିଚନ୍ଦ୍ରପୁର ରାସ୍ତାରେ ଗାଡ଼ି ଚଳାଚଳ ଠପ୍
- ପୁନଃ ତଦନ୍ତ ପ୍ରତିଶ୍ରୁତି ପରେ ହଟିଲା ରାସ୍ତା ଅବରୋଧ

ଚଞ୍ଚକତା କରି ଯେଉଁମାନେ ସହାୟତା ପାଇଛନ୍ତି ଅଭିଯୋଗ ଆସିଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା।

### ଫନୀ କ୍ଷତିଗ୍ରସ୍ତ ଚୟନରେ ଅନିୟମିତତା

ସାଲେପୁର,୨୩।୯(ଡି.ଏନ.ଏ.)

ସାଲେପୁର ତହସିଲ ଅଧୀନ ମହଣ ପଞ୍ଚାୟତ ପୁରଣ ଗ୍ରାମରେ ଫନୀ କ୍ଷତିଗ୍ରସ୍ତ ଚୟନରେ ଅନିୟମିତତା ହୋଇଛି। ଫଳରେ ବହୁ କ୍ଷତିଗ୍ରସ୍ତ ସହାୟତାରୁ ବଞ୍ଚିତ ହୋଇଥିବା ନେଇ ସୋମବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେଣୁ ପୁନଃ ତଦନ୍ତ କରି ସହାୟତା ଯୋଗାଇଦେବାକୁ ସେମାନେ ତହସିଲଦାରଙ୍କୁ ନିବେଦନ କରିବା ସହ ଏକ ଦାବିପତ୍ର ଦେଇଛନ୍ତି। ଗ୍ରାମର ବହୁ କୋଠାଘର ବାଲାଙ୍କୁ ଫନୀ ସହାୟତାରେ ସାମିଲ୍ କରାଯାଇଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଏଥିରୁ ବଞ୍ଚିତ ହୋଇଛନ୍ତି। ଗ୍ରାମର କଲ୍ୟାଣୀ ତରାଇ, ପୂଜା ବେହେରା, ସ୍ୱରାଜ ଶେଖର ମହାପାତ୍ର, ପ୍ରୀତିରଞ୍ଜନ ବେହେରା, ଚପଳା ଜେନା, ସିଦ୍ଧାର୍ଥ ନାୟକ, ଗୋବିନ୍ଦ ବିଶ୍ୱାଳ ଓ ମନୋଜ ବିଶ୍ୱାଳ ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

ଆଠଗଡ଼,୨୩।୯(ଡି.ଏନ.ଏ.)

**ଅନ୍ୟ ଜଣେ ଗୁରୁତର**

ସଡ଼କ ଦୁର୍ଘଟଣାରେ ସୋମବାର ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଛାତ୍ରୀ ହେଲେ କଟକ ବିଡ଼ାନାସୀର ଜିତେନ୍ଦ୍ର ଦାସଙ୍କ ଝିଅ ସୌମ୍ୟା(୧୯)। ଗୁରୁତର ହେଲେ ପୋଲିସ କଲୋନୀ ନିବାସୀ ବ୍ରଜକିଶୋର ସାହୁଙ୍କ ଝିଅ ଅମିଷା(୧୮)। ଉଭୟ ଏକ ସ୍କୁଟି ଯୋଗେ ଆଠଗଡ଼ ଥାନା ଅନ୍ତର୍ଗତ ବେଣ୍ଟପଦାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଆଠଗଡ଼ଆଡୁ ମୁଣ୍ଡଳୀ ଯାଉଥିବା ଏକ ଦ୍ରୁତଗାମୀ ବୋଲେରୋ ବେତଖୋଲି ବୁଲାଣି ନିକଟରେ ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ସୌମ୍ୟା ଓ ଅମିଷା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୌମ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅମିଷାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଖବରପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ନଂ-୨୩୫/୧୯ ରୁଜୁ ହୋଇଛି। ଉଭୟ ଖ୍ରୀଷ୍ଟ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ।

## ଚର୍ଚ୍ଚିକାଙ୍କ ଷୋଳପୂଜାର ଦ୍ୱିତୀୟ ଦିବସ



ବାଙ୍କୀ,୨୩।୯(ସ୍ୱ.ପ୍ର.)

ବାଙ୍କୀ ପର୍ଶୁରାମ ପୀଠରେ ଦେବୀ ଚର୍ଚ୍ଚିକାଙ୍କ ଶାରଦୀୟ ଷୋଳ ପୂଜାର ଦ୍ୱିତୀୟ ଦିବସ ସୋମବାର ସମ୍ପନ୍ନ ହୋଇଛି। ଭୋରେ ୪ଟାରେ ଦେବୀଙ୍କ ପହଡ଼ ଖୋଲାଯାଇ ମଙ୍ଗଳଆଳତି ଓ ପଞ୍ଚଅବକାଶ ହୋଇଥିଲା। ମନ୍ଦିର ସେବାୟତମାନେ ରେଣୁକା କୁଠରୁ ଜଳ ଆଣିବା ପରେ ମା'ଙ୍କ ସହସ୍ର କୁମ୍ଭାଭିଷେକ, ମାଜଣା ଓ ଶାରଦୀୟ ପୂଜାର ଦ୍ୱିତୀୟ ପର୍ବ ବେଶ କରାଯାଇଥିଲା। ସୂର୍ଯ୍ୟପୂଜା, ନବଶକ୍ତି କଳସ ପୂଜା ଆଦି ସମ୍ପାଦିତ ହୋଇଥିଲା। ମଧ୍ୟାହ୍ନ ଖେଚୋଡ଼ି ଓ ଆମିଷ ଭୋଗ ସହିତ ଉପାଧ୍ୟାୟ ଭୋଗ ଅର୍ପଣ କରାଯାଇ ମା'ଙ୍କ ବିଶ୍ରାମ ପାଇଁ ପହଡ଼ ବନ୍ଦ ରହିଥିଲା। ଅପରାହ୍ନରେ ମନ୍ଦିର ପହଡ଼ ଖୋଲାଯାଇ ଟେରାଅନ୍ନ ଭୋଗ କରାଯାଇଥିଲା। ରାତି ୮ଟାରେ ସହସ୍ର କୁମ୍ଭାଭିଷେକ, ମାଜଣା, ବେଶ ଓ ରାତ୍ରିଭୋଗ ପାଇଁ ଦହି ପଖାଳ, ବଡ଼ ସିଂହାର, ଅଧରପଣା ଆଦି ବ୍ୟବସ୍ଥା କରାଯାଇଥିଲା। ସକାଳ ଓ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

## ଆଖଡ଼ା ପ୍ରତିଯୋଗିତା : କୁମଡ଼ା ଜୟପୁର ଚାମ୍ପିୟନ

ମାହାଙ୍ଗା,୨୩।୯(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଜଗନ୍ନାଥପୁରସ୍ଥିତ କୁମୁଡ଼ା ଜୟପୁର ଆଖଡ଼ା କମିଟି ପକ୍ଷରୁ ଏକ ଆଖଡ଼ା ପ୍ରତିଯୋଗିତା କୁଣ୍ଡି ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାହାଙ୍ଗା ଅଞ୍ଚଳର କୁମୁଡ଼ା ଜୟପୁର, ଘିସୁଆଁ, ମଧୁପୁର, ସାଲେପୁର ଅଞ୍ଚଳର ତିଳଦା, ଯାଜପୁର ଅଞ୍ଚଳର ଅରଖପୁର, ଚାରିନଙ୍ଗଳ ଓ ଜଳକୁଆ ଆଦି ଆଖଡାଶାଳାର ଖେଳାଳି ଭାଗ ନେଇଥିଲେ। କମିଟି ସଭାପତି ସେକ୍ ବାବୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟ ସଭାପତି ମୁରସିଦ ରିଆଜୁଲ ହୋଦା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବିଜୟାନନ୍ଦ ସ୍ୱାଇଁ, କମିଟି ଉପସଭାପତି ସେକ୍ ମେହେରବାନ ଅଲି ଖାଁ, ସମ୍ପାଦକ ମିର୍ଜା ସଲାଉଦ୍ଦିନ ବେଗ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଘରୋଇ ଟିମ କୁମୁଡା ଜୟପୁର ଚାମ୍ପିୟନ ହୋଇଥିଲା। ଘିସୁଆଁ ଆଖଡା ଶାଳ ଦ୍ୱିତୀୟ ଓ ତିଳଦା ଆଖଡାଶାଳ ତୃତୀୟ ସ୍ଥାନ ଅଧିକାର କରିଥିଲା। ଜୟପୁର ଆଖଡ଼ା ଶାଳର ସର୍ଦ୍ଦାର ସେକ୍ ସରୋବର, ଘିସୁଆଁର ସର୍ଦ୍ଦାର ମହମ୍ମଦ ଦାଉଦ ଅଲ୍ଲୀ ଓ ତିଳଦାର ସର୍ଦ୍ଦାର ବାବୁ ଖାଁଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଟ୍ରଫି ସହ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟ ଆଖଡାଶାଳ ଟିମ୍‌କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ୍ ଦଳର ଖେଳାଳି।

### ପଲସ୍ତରା ଖସି ଶ୍ରମିକ ମୃତ

ସାଲେପୁର,୨୩।୯(ଡି.ଏନ.ଏ.)

ସାଲେପୁର ଥାନା ବାଲିସାହି ପଞ୍ଚାୟତ ମାଛୁଆତି ଗ୍ରାମରେ ଘର ପଲସ୍ତରା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେହେଲେ ନେମାଳ ଥାନା ବଳରାମପୁର ଗ୍ରାମର ଶଙ୍କର୍ଷଣ ରାଉତ(୭୦)। ସୋମବାର ମାଛୁଆତି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ପଲସ୍ତରା ହେଉଥିଲା। ସେଠାରେ ଶଙ୍କର୍ଷଣ କାମ କରୁଥିଲେ। କୌଣସି କାରଣରୁ କିଛି ପଲସ୍ତରା ଶଙ୍କର୍ଷଣଙ୍କ ଉପରେ ଖସିପଡ଼ିଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କକରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବାବେଳକୁ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

## ରୋଗୀ କଲ୍ୟାଣ ସମିତି ବୈଠକ

ନେମାଳ,୨୩।୯(ଡି.ଏନ.ଏ.)

ନେମାଳ ଥାନା ଅଧୀନ ସାନ୍ତପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସୁଭଦ୍ରା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାର୍ଷିକ ଆୟ ବ୍ୟୟର ସମୀକ୍ଷା କରାଯାଇଥିଲା। ଏହାପରେ ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ସହିତ କେନ୍ଦ୍ର ପରିସରରେ ପାନୀୟ ଜଳ ସୁବିଧା, ବିଦ୍ୟୁତ୍‌କରଣ, ଆବଶ୍ୟକ ଗୃହ, ପାଚେରି ନିର୍ମାଣ ଓ ଏକ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ଥିବା ଗାଁ କଲ୍ୟାଣ ସମିତିକୁ ସମ୍ପୂର୍ଣ୍ଣ ତଦାରଖ କରିବା ଓ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ପରିଚାଳନା କମିଟି ସଦସ୍ୟ ଡା. ଅମିତ ଜେନା, ଏବିଡିଓ ସୁଶାନ୍ତ ରଣା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରିୟରଞ୍ଜନ ପତି, ଫାର୍ମାସିଷ୍ଟ ପୀତାମ୍ବର ଆଚାର୍ଯ୍ୟ, ଜାନକୀ ମଲିକ, ହେମାଙ୍ଗିନ ନାୟକ, ସଂଯୁକ୍ତା ପଣ୍ଡା, ଶନ୍ତୋଷ ବେହେରା, ବନ୍ଧୁପୁର ସରପଞ୍ଚ ଶଶିକାନ୍ତ ମହାନ୍ତି ଓ ବିନୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ପ୍ରଗଳାଙ୍କ ରାଜବାଟୀ ବିଜେ

ନରସିଂହପୁର,୨୩।୯(ଡି.ଏନ.ଏ.)

ନରସିଂହପୁର ଗଡ଼ଜାତ ରାଜ୍ୟର ଆରାଧ୍ୟ ଦେବୀ ମା'ପ୍ରଗଳାଙ୍କ ଷୋଡ଼ଶ ପୂଜା ଲାଗି ରବିବାର ବିଳମ୍ବିତ ରାତ୍ରିରେ ରାଜବାଟୀ ବିଜେ ହୋଇଛି। ପରମ୍ପରା ଅନୁଯାୟୀ ରାଜବାଟୀରେ ୧୬ ଦିନ ଧରି ମା' ପୂଜା ପାଇବେ। ଦଶହରା ଅଷ୍ଟମୀ ରାତିରେ ପୁଣି ତାଙ୍କ ଆସ୍ଥାନକୁ ଫେରି ଆସିବେ।

## ପୋଖରୀରେ ବୁଡ଼ି ସ୍କୁଲ ଛାତ୍ର ମୃତ

ଟିଗିରିଆ/ଆଠଗଡ଼,୨୩।୯ (ଡି.ଏନ.ଏ./ସ୍ୱ.ପ୍ର.)

ପୋଖରୀରେ ବୁଡ଼ି ସୋମବାର ଜଣେ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟିଗିରିଆ ତହସିଲ ଅନ୍ତର୍ଗତ ଶୁଣ୍ଢିପାଳ ଗ୍ରାମର ଶ୍ରୀକାନ୍ତ ପଣ୍ଡାଙ୍କ ପୁଅ ରାଜା(୧୧)। ସକାଳ ପ୍ରାୟ ୮ଟା୩୦ରେ ସ୍କୁଲ ଯିବା ନିମନ୍ତେ ରାଜା ସାଙ୍ଗମାନଙ୍କ ସହ ଗ୍ରାମର ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାଜାଙ୍କ ଚେତା ନ ଫେରିବାରୁ ପରେ ତାଙ୍କୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୩୫/୧୯ ରୁଜୁ ହୋଇଛି। ରାଜା ଶୁଣ୍ଢିପାଳ ପ୍ରାଥମିକ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ଥିଲେ। ରାଜାଙ୍କ ମୃତ୍ୟୁରେ ଗ୍ରାମବାସୀଙ୍କ ମଧ୍ୟରେ ଶୋକପ୍ରକାଶ ପାଇଛି। ବିଦ୍ୟାଳୟରେ ନୀରବ ପ୍ରାର୍ଥନା କରାଯାଇଛି।

## ବାଙ୍କୀ ମହୋତ୍ସବ ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ

ବାଙ୍କୀ,୨୩।୯(ସ୍ୱ.ପ୍ର.)

ବାଙ୍କୀ ମହୋତ୍ସବ ଉପଲକ୍ଷେ ଉପଖଣ୍ଡସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ କଚେରି ପଡ଼ିଆଠାରେ ରବିବାର ଉଦ୍‌ଘାଟିତ ହୋଇଛି। ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଖେଳକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ କଳାପଥର, ପୁଇଁଚା, ରଜୀବ, ରାମଚନ୍ଦ୍ରପୁର, ଶିମିଳିପୁର, ହରିରାଜପୁର, ଚକାପଦା, ପଦନପୁର, ବାଙ୍କୀ କଲେଜ, ଶିବଶକ୍ତି କ୍ଲବ କଲେଜ ରୋଡ ଓ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟ ପ୍ରଥମ ରାଉଣ୍ଡ ଖେଳ ପରେ ପ୍ରବଳ ବର୍ଷା ଯୋଗୁ ଦ୍ୱିତୀୟ ରାଉଣ୍ଡ ଖେଳ ହୋଇ ନ ଥିଲା। ଅବଶିଷ୍ଟ ଖେଳ ବୁଧବାର ଅନୁଷ୍ଠିତ ହେବବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ସନ୍ତୋଷ ରଣା ଘୋଷଣା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆସୋସିଏଶନ କୋଷାଧ୍ୟକ ଲିଙ୍ଗରାଜ ରାଉତ, ପ୍ରଶାନ୍ତ ଦାସ, କୃପାସିନ୍ଧୁ ପ୍ରଧାନ, ପ୍ରସନ୍ନ ବେହେରା, ଆଦର୍ଶ ମହାପାତ୍ର, ବାଦଲ ନାୟକ, ସୁଭେନ୍ଦୁ ବେହେରା, ଅନନ୍ତ ପସାଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ।



ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଖେଳାଳି ଓ ଅତିଥି।

■ ଆଠଗଡ଼ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

# ୧୦୮ ଅଭିଯୋଗ, ୩୦ରେ ତତ୍କାଳ ସମାଧାନ

ଆଠଗଡ଼,୨୩।୯(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନି ଯୋଗଦେଇ ମୋଟ ୧୦୮ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୯୫ ବ୍ୟକ୍ତିଗତ ଓ ୧୩ ସାମୂହିକ ଥିଲା। ୩୦ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକୁ ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନଶୁଣାଣି ଅବସରରେ ଆଠଗଡ଼ ଡାକ୍ତରଖାନାର ଅର୍ଦ୍ଧନିର୍ମିତ ସୁଉଚ୍ଚ ପାଣିଟାଙ୍କିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଏବଂ ସହରର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ମହାନଦୀର ଫୁଲବାଡିଠାରେ ଆଉଏକ ଇନଟେକ୍ କୂପ ନିର୍ମାଣ ଲାଗି ଜିଲାପାଳ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷ୍ଣଚନ୍ଦ୍ର ବରାଳ, ରାଜେନ୍ଦ୍ର ଖଟୁଆ, ବଳରାମ ସାହୁ, ପର୍ଶୁରାମ ବରାଳ ପ୍ରମୁଖ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ୩ଚକିଆ ସାଇକଲ ଏବଂ ମାନସିକ ଅନଗ୍ରସର ଯଶୋଦା ସାହୁଙ୍କୁ ଚକଲଗା ଚୌକି ଜିଲାପାଳ ପ୍ରଦାନ କରିଥିଲେ। ୩୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡି କର୍ମୀ ଓ ସହାୟିକା ସେମାନଙ୍କ ବିଭିନ୍ନ ବକେୟା ପାଉଣା ମିଳୁ ନ ଥିବା ଏବଂ ଆଠଗଡ ସିଡିପିଓଙ୍କ ଦୁର୍ବ୍ୟବହାର ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଚୟନି ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳଙ୍କୁ ତଦନ୍ତ କରି ୨୬ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦଲ ଅକ୍ତର, ଗ୍ରାମାଞ୍ଚଳ ଏସପି ରାଧାବିନୋଦ ପାଣିଗ୍ରାହୀ, ଆଠଗଡ଼ ଉପଜିଲାପାଳ ଅମୀୟ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ ମହାପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ବିଡିଓ ଅଜାମ୍ବର ମହାନ୍ତି, ତହସିଲଦାର ତପନ ଖୁଣ୍ଟିଆ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଜୟ ମିଶ୍ରଙ୍କ ସମେତ ବହୁ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜନଶୁଣାଣି ଅବସରରେ ଜିଲାପାଳ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।
- ଲାମାର୍ଟିନ



## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକସଦର, ୨୩ା୯(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମର ବସନ୍ତ ସେଠୀ(୨୯)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ସନ୍ଧ୍ୟାରେ ଜବତ କରିଛି। ମଙ୍ଗଳବାର କଟକ ବଡ଼ଡାକ୍ତରଖାନାକୁ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

**ଟାଙ୍ଗୀ(କଟକ), ୨୩ା୯(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା(ଡିଡିୟୁ-ଜିକେ) କାର୍ଯ୍ୟକାରୀ ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଳାରେ ୩ଶହରୁ ଊର୍ଦ୍ଧ୍ୱ ବେକାର ଯୁବତୀ ଯୁବକ ଯୋଗଦେଇଥିଲେ। ୨୦ଗୋଟି କମ୍ପାନୀ ତଥା ଏଜେନ୍ସିର କର୍ମକର୍ତ୍ତା ମେଳାରେ ଯୋଗଦେଇ ମୋଟ ୨୩୨ ପ୍ରାର୍ଥୀଙ୍କ ଯୋଗ୍ୟତା ଅନୁଯାୟୀ ନାମ ପଞ୍ଜୀକୃତ କରିଥିଲେ। ପଞ୍ଜୀକୃତ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ଧନ୍ଦାମୂଳକ ତାଲିମ୍ ପରେ ନିଯୁକ୍ତି କିମ୍ବା ଆତ୍ମନିଯୁକ୍ତି ମିଳିପାରିବ ବୋଲି ବିଡିଓ ବିନୋଦ କୁମାର ସେନାପତି କହିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବାବେଳେ ଆଠଗଡ଼ଙ୍କ ବିଧାୟକ ପ୍ରତିନିଧି ସେକ୍ ସାହାଜାନ, କୋଟସାହି ସରପଞ୍ଚ ଅମୂଲ୍ୟ କୁମାର ସାହୁ, ଜୀବିକା ମିଶନ ଓ ବ୍ଲକର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଯୋବ୍ରା ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୩ା୯:** ଯୋବ୍ରା ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଯୋବ୍ରା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ହେମେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଆସନ୍ତା ଅକ୍ଟୋବର ୧ ବିଶ୍ୱ ବରିଷ୍ଠ ନାଗରିକ ଦିବସକୁ ମହାସମାରୋହରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଆବାହକ ବିଜୟ ପଣ୍ଡା, ବିଶ୍ୱନାଥ ସାହୁ, ଚିରଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧଡି ବେହେରା ଧନ୍ୟବାଦ ଦେଇଥିଲେ।

### ଭାଗବତ ମହୋତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୨୩ା୯:** ତେଲେଙ୍ଗାବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଜୟ ଜଗନ୍ନାଥ ଚାରଣ ଗୋଷ୍ଠୀ ପକ୍ଷରୁ ଗତ ୧୪ରୁ ଚାଲିଥିବା ଭାଗବତ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମଚାରୀ ସନ୍ତୋଷ ମହାରାଜ ଓ ବୃନ୍ଦାବନରୁ ଆସିଥିବା ଭଗବତ ଶାସ୍ତ୍ରୀ ପ୍ରବଚନ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଭାରତର ବିଭିନ୍ନ ସ୍ଥାନର ସନ୍ଥମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିସହ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଗନ୍ନାଥଙ୍କ ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା।

# ଠିକା ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ରାସ୍ତାରୋକୋ

**ଖୁଣ୍ଟୁଣୀ, ୨୩ା୯(ଡି.ଏନ୍.ଏ.)**



ଠିକା ଶ୍ରମିକଙ୍କ ସହ ପରିବାର ଲୋକେ ରାସ୍ତାରୋକୋ କରିଛନ୍ତି।

ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁରଠାରେ ସ୍ଥାପିତ ଓମ୍‌ଫେଡ୍ ଗୋଖାଦ୍ୟ କାରଖାନାର ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରି ସୋମବାର ୫୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଓ ସେମାନଙ୍କ ପରିବାର ଲୋକ କଣ୍ଟାବନ୍ଧ ଛକଠାରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଯୋଗୁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ପୋଲିସ ଫୋର୍ସ ସହ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ରାସ୍ତାରୋକୋ ହଟିବ ନାହିଁ ବୋଲି ସେମାନେ ଅଡି ବସିଥିଲେ। ପରେ ଓମ୍‌ଫେଡ୍ ମ୍ୟାନେଜର କିଶୋର ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ବୁଧବାର ଭୁବନେଶ୍ୱରସ୍ଥିତ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଶ୍ରମିକମାନଙ୍କ ଦାବି ଉପରେ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଜେନା କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଯଦି ବୁଧବାର ଶ୍ରମିକମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଓ କାରଖାନାକୁ କଞ୍ଚାମାଲ ଯୋଗାଇ କୌଣସି ଦିନ ବନ୍ଦ ନ କରିବା ଦାବି ପୂରଣ ନ ହୁଏ, ତେବେ ବାଧ୍ୟ ହୋଇ ଠିକା ଶ୍ରମିକମାନେ ଆମରଣ ଅନଶନ କରିବେ ବୋଲି ଶ୍ରମିକ ସଂଘ ସଭାପତି ଅଶୋକ ଜେନା ଓ ସମ୍ପାଦକ ଶିବରାମ ସେଠୀ ଚେତାବନୀ ଦେଇଛନ୍ତି।

# ଦାଦାବଟି ମାଗିବା ଅଭିଯୋଗ : ୨ ଗିରଫ

## ବନ୍ଧୁକ, ମୋବାଇଲ ଫୋନ୍, ବାଇକ୍ ଜବତ









**କଟକ ଅଫିସ, ୨୩ା୯**

ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ ମର୍କତନଗର ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଝାଞ୍ଜିରିମଙ୍ଗଳା ଅଞ୍ଚଳର ବୀରେନ୍ଦ୍ର ନାୟକ ଓ ମଙ୍ଗଳାବାଗ ଥାନା ଅଞ୍ଚଳର ରଞ୍ଜନ ମହାରଣା(୨୫)। ସେମାନଙ୍କ ନିକଟରୁ ଗୋଟେ ଦେଶୀ ବନ୍ଧୁକ, ସ୍ପ୍ରେ, ମୋବାଇଲ ଫୋନ ଓ ଏକ ବାଇକ(ଓଆର୦୫ଏୟୁ-୭୭୮୦) ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ. ୧୫୧/୧୯) ରୁଜୁ ହୋଇଛି।

ରବିବାର ରାତିରେ କେତେଜଣ ବ୍ୟକ୍ତି ସିଡିଏ ସେକ୍ଟର-୬ ଅଞ୍ଚଳରେ ଜଣେ ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିଥିଲେ। ବଟି ନ ଦେଲେ ଜୀବନରୁ ମାରିଦେବାକୁ ଦୋକାନୀଙ୍କୁ ଧମକ ଦେଇଥିଲେ। ଏ ନେଇ ଦୋକାନୀ ମର୍କତନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୀରେନ୍ଦ୍ର ଓ ରଞ୍ଜନଙ୍କୁ କାବୁ କରିଥିଲା। ଥାନାକୁ ଆଣି ପଚରାଉଚରା କରିବା ପରେ ସେମାନେ ପେସାଦାର ଅଭିଯୁକ୍ତ ବୋଲି ପୋଲିସ ଜାଣିବାକୁ ପାଇଥିଲା। ବୀରେନ୍ଦ୍ର ଓ ରଞ୍ଜନ କିଛିଦିନ ହେବ ଦୁର୍ଗାପୂଜା ନାଁରେ ଲୋକମାନଙ୍କୁ ବନ୍ଧୁକ ଦେଖାଇ ଚାନ୍ଦା ମାଗୁଥିଲେ ବୋଲି ପୋଲିସ କହିଛି। ପୂର୍ବରୁ ସେମାନଙ୍କ ନାଁରେ ପୁରୀଘାଟ ଥାନାରେ ଅଭିଯୋଗ ଥିବା ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଅଭିଯୋଗ: ଜଣେ ଗିରଫ

**ଫୁଲନଖରା, ୨୩ା୯(ଡି.ଏନ.ଏ.)**

ବନ୍ଧୁକ ଦେଖାଇ ଦାଦାବଟି ମାଗିବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ମଙ୍ଗଳାବାଗ ଥାନା ବକ୍ସିବଜାର ଅଞ୍ଚଳର ଅବଦୁଲ କାଦିର(୨୭)। ପୋଲିସ ତାଙ୍କଠାରୁ ଗୋଟିଏ ହୋଣ୍ଡା ଆକ୍ଟିଭା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଖବର ଅନୁଯାୟୀ, ଗତ ମେ ୧୫ରେ ମହମ୍ମଦ ସକିଲ ନାମକ ଜଣେ ଅସାମାଜିକ ଯୁବକ କଟକ ମଧୁପାଟଣା ଥାନା ଅନ୍ତର୍ଗତ ଡିହସାହି ଅଞ୍ଚଳର ରଞ୍ଜନ କୁମାର ଲେଙ୍କାଙ୍କୁ ଫୋନ କରି ୨ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। କିନ୍ତୁ ରଞ୍ଜନ ଏହି କଥାକୁ ନ ଶୁଣି ରହିଯିବାରୁ ମହମ୍ମଦ ପୁଣି ଫୋନ କରି ଧମକ ଦେଇଥିଲେ। ଏଥିରେ ମେ ୨୫ରେ ମହମ୍ମଦ ଗ୍ୟାଙ୍ଗର ସଦସ୍ୟ ଅବଦୁଲ କାଦିର, ସଦାମ, ୱାସିମ ଓ ଅନ୍ୟ ସହଯୋଗୀ ମିଶି ରଞ୍ଜନଙ୍କୁ ଗୋପାଳପୁରସ୍ଥିତ ନୂଆ ବସଷ୍ଟାଣ୍ଡ ନିକଟକୁ ଟଙ୍କା ନେଇ ଆସିବାକୁ କହିଥିଲେ। ରଞ୍ଜନ ସେଠାରେ ପହଞ୍ଚିବାରୁ ସେମାନେ ଟଙ୍କା ମାଗିଥିଲେ। କିନ୍ତୁ ରଞ୍ଜନ ଆଣି ନ ଥିବା କହିବାରୁ ଅବଦୁଲ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମାଡ଼ ମାରି ପଳାଇଯାଇଥିଲେ। ପରେ ବାରମ୍ବାର ଫୋନ କରି ବିଭିନ୍ନ ଧମକ ଦେବା ସହ ଏ ବିଷୟରେ ପୋଲିସକୁ ଜଣାଇଲେ ମାରିଦେବାର ଧମକ ଦେଇଥିଲେ। ଶେଷରେ ରଞ୍ଜନ ଅତିଷ୍ଠ ହୋଇ ଚଳିତମାସ ୨୧ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ୨୬୮/୧୯ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶନିବାର କୌଣସି ସୂତ୍ରରୁ ଖବରପାଇ ଅବଦୁଲ ଗଙ୍ଗେଶ୍ୱର ଅଞ୍ଚଳରେ ଥିବା ଜାଣିବା ପରେ ପୋଲିସ ଚଢ଼ାଉ କରି ଧରିଥିଲା। ତେବେ ଅବଦୁଲ ଓ ତାଙ୍କ ସହଯୋଗୀଙ୍କ ନାମରେ ବିଭିନ୍ନ ଥାନାରେ ୧୭ଟି ମାମଲା ରହିଥିବା ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।



ସିଡ଼ିଏ ସେକ୍ଟର-୧ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ରାସ୍ତାରୁ ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ ପୂର୍ବରୁ ରାସ୍ତା ପାର୍ଶ୍ୱରେ ପୂଜା ପାଉଥିବା ଦେବଦେବୀଙ୍କୁ ସୋମବାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି।

# ଶିଳ୍ପ ପ୍ରତିଷ୍ଠା ଦାବିରେ ସାଇକେଲ ରାଲି

**ଚୌଦ୍ୱାର, ୨୩ା୯(ଡି.ଏନ୍.ଏ)**

ଚୌଦ୍ୱାରସ୍ଥିତ ବନ୍ଦ ବଲ୍ଲାରପୁର କାଗଜକଳର ଭିତ୍ତିଭୂମି ଉପରେ ନୂତନ ଶିଳ୍ପ ପ୍ରତିଷ୍ଠା ଦାବିରେ ସୋମବାର ବଲ୍ଲାରପୁର ଶିଳ୍ପ ସୁରକ୍ଷା କମିଟି ପକ୍ଷରୁ ଏକ ସାଇକେଲ ରାଲି ଚୌଦ୍ୱାରରୁ ଭୁବନେଶ୍ୱର ଲୋକ ସେବା ଭବନକୁ ଯାଇଥିବା ଜଣାପଡ଼ିଛି। ସୁରକ୍ଷା କମିଟି ତରଫରୁ ଏ ସମ୍ପର୍କିତ ଏକ ଦାବିପତ୍ର ରାଜ୍ୟ ଶିଳ୍ପ ସଚିବ ଓ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ସଚିବଙ୍କୁ ପ୍ରଦାନ କରାଯାଇଛି। ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିବା ପୂର୍ବତନ ପୌର ଉପାଧକ୍ଷ ଅଜୟ କୁମାର ବେହେରା, ପୂର୍ବତନ କାଉନସିଲର ରମେଶ ଚନ୍ଦ୍ର ନାୟକ, ପରମ ବିରଞ୍ଜନ ଦାସ, ସୁଧାକର ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଦୀର୍ଘ ୧୬ ବର୍ଷ ଧରି ବନ୍ଦ ପଡ଼ିଥିବା ବଲ୍ଲାରପୁର କାଗଜ କଳର ୫୮୧.୬୦ ଏକର ଜମିକୁ କାଗଜକଳର ମାଲିକ ଉକ୍ତ କମ୍ପାନୀ ବିକ୍ରି କରି ଦେବାକୁ ଚକ୍ରାନ୍ତ କରୁଛି। ଏହାକୁ ସୁରକ୍ଷା କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇ ଜମି ବିକ୍ରି ପାଇଁ କମ୍ପାନି ସରକାରଙ୍କ ନିକଟରେ କରିଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଶୋଭାଯାତ୍ରାରେ ବନ୍ଦ କାଗଜ କଳର ଶତାଧିକ କର୍ମଚାରୀ, କାଗଜ କଳ ସଂଲଗ୍ନ ଜେନାପୁର, ନରସିଂହପୁର, କପାଳେଶ୍ୱର, ସୁଲତାନ ନଗର, ଗୋପାଳପୁର, କଲ୍ୟାଣସିଂପୁର, ଦୌଲତାବାଦ, ଛତିଶା ଆଦି ଗ୍ରାମର ବାସିନ୍ଦାମାନେ ସାମିଲ ହୋଇଥିଲେ।

# ୪ ଅସହାୟ ଉଦ୍ଧାର

**କଟକ ଅଫିସ, ୨୩ା୯**

ସହରରେ ଅସହାୟ ଅବସ୍ଥାରେ ବୁଲୁଥିବା ୪ଜଣ ବ୍ୟକ୍ତିଙ୍କୁ ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ ଆସୋସିଏଶନ(ଓଲ୍‌ସା) ଏବଂ କଟକ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ) ପକ୍ଷରୁ ଉଦ୍ଧାର କରାଯାଇଛି। ମୁମୂର୍ଷୁ ଅବସ୍ଥାରେ ବୁଲୁଥିବା ଏହି ବ୍ୟକ୍ତିଙ୍କୁ ସ୍ଥାନୀୟ ଥାନା ହେପାଜତରେ କଟକ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୋମବାର ପୁରୀଘାଟ ଥାନା ଅଞ୍ଚଳର ସାନ୍ତସାହିରେ ଜଣେ ବ୍ୟକ୍ତି ଘୁଷୁରି ଘୁଷୁରି ବୁଲୁଥିବା ସମ୍ପର୍କରେ ଆଇନଜୀବୀ ଆଶିଷ ରଞ୍ଜନ ମହାନ୍ତି ଓଲ୍‌ସାକୁ ଖବର ଦେଇଥିଲେ। ଓଲ୍‌ସା ମ୍ୟାନେଜିଂ ଟ୍ରଷ୍ଟି ବିପିନ ଚୌଧୁରୀଙ୍କ ନେତୃତ୍ୱରେ ସଦସ୍ୟ ବିଜୟ ମିଶ୍ର, ପ୍ରତାପ କିଶୋର ପଣ୍ଡା, ରାଜେଶ ସାହୁଙ୍କ ସହ ପୁରୀଘାଟ ଥାନା କର୍ମଚାରୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେହିପରି ମାଲଗୋଦାମ ଥାନା ଅଧୀନ ଯୋବ୍ରା ଶନିମନ୍ଦିର ନିକଟରେ ଗୋପ ଅଞ୍ଚଳର ଜଣେ ବ୍ୟକ୍ତି ଅସହାୟ ଅବସ୍ଥାରେ ପଡ଼ିଥିବା ସମ୍ପର୍କରେ ଆଇନଜୀବୀ ଯୁଗନ୍ତର ସାହୁ ଓଲ୍‌ସାକୁ ଖବର ଦେଇଥିଲେ। ଓଲ୍‌ସା ପକ୍ଷରୁ ସ୍ଥାନୀୟ ପୋଲିସ ସହାୟତାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏହି ବ୍ୟକ୍ତି କେବଳ ତାଙ୍କ ଗ୍ରାମ ସମ୍ପର୍କରେ କହୁଛନ୍ତି। ଓଲ୍‌ସା ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରାଯିବାକୁ ଉଦ୍ୟମ କରାଯାଇଛି। ଅନ୍ୟପକ୍ଷରେ ଶନିବାର ଏସ୍‌ସିବି ମେଡ଼ିକାଲ ପବ୍ଲିକ ସ୍କୁଲ ନିକଟ ରାସ୍ତାରେ ଜଣୈକ ବ୍ୟକ୍ତି ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିଲେ। ଓଲ୍‌ସା କର୍ମକର୍ତ୍ତା ସେଠାରେ ପହଞ୍ଚି ତାଙ୍କୁ ଏସ୍‌ସିବି ମେଡ଼ିକାଲ ନେଇଥିଲେ। ତେବେ ଏହି ବ୍ୟକ୍ତି ଜଣଙ୍କ ସର୍ଜରୀ ବିଭାଗର ୧୭ନମ୍ବର ବେଡ୍‌ରେ ଚିକିତ୍ସିତ ହେଉଥିବା ଜଣାପଡ଼ିଥିଲା। ଜଣେ ଚିକିତ୍ସାଧୀନ ବ୍ୟକ୍ତି କିଭଳି ରାସ୍ତାକୁ ଆସିଲା ସେ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଖବର ନ ଥିଲା। ଯାହାକୁ ନେଇ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର ଓଲ୍‌ସା ପକ୍ଷରୁ ମେଡ଼ିକାଲ ରାସ୍ତାରେ ଘୁଷୁରି ଘୁଷୁରି ବୁଲୁଥିବା ଅନ୍ୟଜଣେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି ଏସ୍‌ସିବି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

# ଦୁର୍ଘଟଣାରେ କଲେଜ ଛାତ୍ରୀଙ୍କ ମୃତ୍ୟୁ

**ଆଠଗଡ଼, ୨୩ା୯(ଡି.ଏନ.ଏ.)**

ସଡ଼କ ଦୁର୍ଘଟଣାରେ ସୋମବାର ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଛାତ୍ରୀ ହେଲେ କଟକ ବିଡ଼ାନାସୀର ଜିତେନ୍ଦ୍ର ଦାସଙ୍କ ଝିଅ ସୌମ୍ୟା(୧୯)। ଗୁରୁତର ହେଲେ ପୋଲିସ କଲୋନୀ ନିବାସୀ ବ୍ରଜକିଶୋର ସାହୁଙ୍କ ଝିଅ ଅମିଷା(୧୮)। ଉଭୟ ଏକ ସ୍କୁଟି ଯୋଗେ ଆଠଗଡ଼ ଥାନା ଅନ୍ତର୍ଗତ ବେଣ୍ଟପଦାସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଆଠଗଡ଼ଆଡ଼ୁ ମୁଣ୍ଡଳୀ ଯାଉଥିବା ଏକ ଦ୍ରୁତଗାମୀ ବୋଲେରୋ ବେତଖୋଲି ବୁଲାଣି ନିକଟରେ ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ସୌମ୍ୟା ଓ ଅମିଷା ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୌମ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅମିଷାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଖବରପାଇ ଆଠଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା ନଂ-୨୩୫/୧୯ ରୁଜୁ ହୋଇଛି। ଉଭୟ ଖ୍ରୀଷ୍ଟ ମହାବିଦ୍ୟାୟର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଥିଲେ।

# ସତ୍‌ସଙ୍ଗ ବିହାରରୁ ଚୋରି

**କଟକ ସଦର, ୨୩ା୯(ଡି.ଏନ୍.ଏ.)**

କିଶୋରନଗରସ୍ଥିତ ସତ୍‌ସଙ୍ଗ ବିହାରରୁ ରବିବାର ରାତିରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ମାଇକ ଓ ଜେନେରେଟର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। କିଶୋରନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଧାର୍ମିକ ସ୍ଥଳରୁ ଚୋରି ହୋଇଥିବା ସାମଗ୍ରୀକୁ ଜବତ ପାଇଁ ପୋଲିସ ତରଫରୁ ତନାଘନା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ୧୭ହଜାର ଟଙ୍କା ଫେରାଇଲେ ଗ୍ୟାରେଜ୍ ମିସ୍ତ୍ରି

**ଟାଙ୍ଗୀ(କଟକ), ୨୩ା୯(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମଙ୍ଗୁଳି ଛକରେ ଥିବା ଏକ ଗ୍ୟାରେଜରେ କାମ କରୁଥିବା ଜଣେ ମିସ୍ତ୍ରି ୧୭ହଜାର ଟଙ୍କା ପାଇ ହଜିଥିବା ବ୍ୟକ୍ତିଙ୍କୁ ଫେରାଇଛନ୍ତି। ସୂଚନା ଅନୁଯାୟୀ, ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କନମିରା ଅଞ୍ଚଳର ଗୌତମ ନାଥ(୨୨) ମଙ୍ଗୁଳି ଛକରେ ଥିବା ଏକ ଗ୍ୟାରେଜ୍‌ରେ ମିସ୍ତ୍ରି ଭାବେ କାର୍ଯ୍ୟ କରନ୍ତି। ଗତ ୧୯ତାରିଖ ଅପରାହ୍ଣରେ ଗ୍ୟାରେଜ ନିକଟସ୍ଥ ରାଜପଥରୁ ଏକ ମନିପର୍ସ ପାଇଥିଲେ। ସେଥିରେ ଏଟିଏମ୍ କାର୍ଡ଼ ଓ ୧୭ହଜାର ଟଙ୍କା ସହ ବହୁ ଦରକାରୀ କାଗଜପତ୍ର ରହିଥିଲା। ଗୌତମ କାଗଜପତ୍ରରୁ ଟେଲିଫୋନ୍ ନମ୍ବର ସଂଗ୍ରହ କରି ଯୋଗାଯୋଗ କରିଥିଲେ। ପରେ ପର୍ସଟି ଆଠଗଡ଼ ବ୍ଲକ ଓସ୍ତିଆ ଅଞ୍ଚଳର ଟିଙ୍କିନା ବେହେରା ନାମ୍ନୀ ଜଣେ ମହିଳାଙ୍କର ବୋଲି ଜଣାପଡ଼ିଥିଲା। ଟିଙ୍କିନା ଖବରପାଇ ୨୦ତାରିଖ ପୂର୍ବାହ୍ଣରେ ମଙ୍ଗୁଳି ଛକସ୍ଥିତ ଗ୍ୟାରେଜରେ ପହଞ୍ଚି ଟଙ୍କା ସହ ପର୍ସ ଗ୍ରହଣ କରିଥିଲେ। ଗୌତମଙ୍କ ଏହି ମହନୀୟ କାର୍ଯ୍ୟକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି।

# ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ପରିବହନ ମନ୍ତ୍ରୀ, ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

**ଚୌଦ୍ୱାର, ୨୩ା୯(ଡି.ଏନ୍.ଏ)**

୫୫ନଂ ଜାତୀୟ ରାଜପଥର ଚୌଦ୍ୱାର ନୁନ୍‌ଟିକିରି ଛକରୁ ଧୂମାବତୀ ଛକ ପର୍ଯ୍ୟନ୍ତ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଚୌଦ୍ୱାର-କଟକ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇ ରାଜ୍ୟ ପରିବହନ ମନ୍ତ୍ରୀ ଓ କଟକ ଏମ୍‌ପିଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ଏହି ସ୍ମାରକପତ୍ର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଚୌଦ୍ୱାର ଅଞ୍ଚଳରେ ନୁନ୍‌ଟିକିରିଛକ, ମୁଣ୍ଡମାଳ ଛକ, ଓ.ଟି.ଏମ୍ ଛକ, ଗାନ୍ଧିଛକ, କଳିଙ୍ଗ ଛକ, କଲେଜ ଛକ ଓ ଧୂମାବତୀ ଛକରେ ରହିଥିବା ସମସ୍ତ ଶାଖା ରୋଡ ଉକ୍ତ ଜାତୀୟ ରାଜପଥକୁ ସଂଲଗ୍ନ କରୁଛି। ରାସ୍ତାର ଦୁଇପାର୍ଶ୍ୱ ଅଞ୍ଚଳରେ ବିମାନ ଉଡାଣ ଗବେଷଣା କେନ୍ଦ୍ର, ମେଡିକାଲ, ରେଳ ଷ୍ଟେଶନ, ସ୍କୁଲ, କଲେଜ, ବ୍ୟବସାୟିକ ସଂସ୍ଥା ତଥା ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟାଳୟ ପ୍ରଭୃତି ରହିଛି। ଅନ୍ୟ ଦିଗରେ ଛତିଶଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ ଓ ଚୌଦ୍ୱାର ଅଞ୍ଚଳରେ ରହିଥିବା କଳକାରଖାନାର ଆମଦାନୀ, ରପ୍ତାନି ମାଲ ପରିବହନ ପାରାଦ୍ୱୀପ ବନ୍ଦରକୁ ହେଉଥିବାବେଳେ ଏହା ମଙ୍ଗୁଳି ଛକକୁ ଅତିକ୍ରମ କରିଥାଏ। ରାଜପଥ ସମ୍ପ୍ରସାରଣ ପରେ ଅଧିକ ବେଗରେ ଗାଡିଗୁଡିକ ଚଳାଚଳ ହେବ। ସମ୍ପୃକ୍ତ ଅଞ୍ଚଳର ହଜାର ହଜାର ଲୋକ, ଛାତ୍ରୀଛାତ୍ର ଏହି ରାଜପଥ ଉପରେ ନିର୍ଭର କରୁଥିବାବେଳେ ପୂର୍ବରୁ ବହୁ ଦୁର୍ଘଟଣା ଘଟିଆସିଛି। ଜନଜୀବନ ସୁରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ ଦିଗରେ ରାଜପଥର ଏ ସମସ୍ତ ଛକରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ପରିଷଦ ଦାବି କରିଛି। ଏ ନେଇ ପରିଷଦ ସଭାପତି ପ୍ରଭାତ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସହ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣି, ଭବାନୀ ଶଙ୍କର ମହାନ୍ତି, କାହ୍ନୁ ଚରଣ ମହାନ୍ତି, ଶିବବ୍ରତ ଦାସ, ଅକ୍ଷୟ ପୃଷ୍ଟି, ସଞ୍ଜୀବ କୁମାର ବେଉରା, ପ୍ରଶାନ୍ତ କୁମାର ପରିଡା, ମାନସ ରଞ୍ଜନ ଖୁଣ୍ଟିଆ ଓ ଅଜୟ ଦାସ ପ୍ରମୁଖ ସାମିଲ ଥିଲେ।

# ପାଇପ୍ ଫାଟି ରାସ୍ତାରେ ଜମିଛି ପାଣି

**ଚୌଦ୍ୱାର, ୨୩ା୯(ଡି.ଏନ୍.ଏ)**



ରାସ୍ତା ଉପରେ ପାଣି ଜମି ରହିଛି।

୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ସମ୍ମୁଖ ପାଦଚଲା ରାସ୍ତାରେ ଜମି ରହିଛି ପାଣି। ଏହି ରାସ୍ତାର ମାଟିତଳେ ଯାଇଥିବା ପାଇପ୍ ଫାଟି ଯିବାରୁ ପାଣି ଲିକ୍ ହୋଇ ରାସ୍ତାରେ ଭାସୁଛି। ଏପରି କି ଏହି ରାସ୍ତାରେ ଥିବା ଖାଲରେ ପାଣି ଜମି ରହୁଛି। ପ୍ରତିଦିନ ସାଇକେଲ ଓ ବାଇକ୍ ଆରୋହୀ ଏହି ଖାଲରେ ପଡି ଆହତ ହେଉଛନ୍ତି। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲୁଥିବାରୁ ଲୋକେ ଏହି ରାସ୍ତାରେ ଯାତାୟତ କରୁଛନ୍ତି। ଏପରି କି ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଯିବା ପାଇଁ ଏହା ଏକମାତ୍ର ରାସ୍ତା। ଏହି ରାସ୍ତାରେ ଦୀର୍ଘଦିନ ଧରି ପାଣି ଜମି ରହିଥିବାବେଳେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଥିପ୍ରତି ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଚୈତନ୍ୟ ସାହୁ, ସୁରେଶ ପୃଷ୍ଟି, ମାନସ କୁମାର ପରିଡା, ସୁଶାନ୍ତ ଧଳ, ବିଧାନ ସ୍ୱାଇଁ, ଧର୍ଯ୍ୟଧର ସାହୁଙ୍କ ସମେତ ବହୁ ବ୍ୟବସାୟୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଶମ୍ଭୁନାଥ ସେଠୀ କୁହନ୍ତି, ମୋ ପାଖକୁ ଏ ସମ୍ପର୍କରେ ଅଭିଯୋଗ ଆସିନି। ହେଲେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରିବି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବ୍ୟାୟାମ ଆବଶ୍ୟକ

**କଟକ ଅଫିସ, ୨୩ା୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଇତିହାସ ବିଭାଗରେ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷମଆହାର, ଅପପୁଷ୍ଟି ଓ ମୋଟାପଣରେ ଖାଦ୍ୟର ଭୂମିକା ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଜ୍ଞା ପରିମିତା ଦାସ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ସତେଜ, ହିତକର ଖାଦ୍ୟ ଖାଇବା ସହ ବ୍ୟାୟମର ଆବଶ୍ୟକତା ରହିଛି। ଏହାଦ୍ୱାରା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଶରୀର ଫିଟ୍ ଅନୁଭବ ହୋଇଥାଏ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସନ୍ତୋଷ କୁମାର ମାଲୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ଏସ.ସି ଦାଶ ଧନ୍ୟବାଦ ଦେଇଥିଲେ।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



# ଉଜୁଡ଼ିଲା ୪୩୨ ହେକ୍ଟର ଧାନ ଫସଲ

## ମିଳିନି କ୍ଷତିପୂରଣ, ଚିନ୍ତାରେ ୨ ବ୍ଲକର ଚାଷୀ

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧା ଜିଲାରେ ଦୁଇ ମାସରେ ହୋଇଥିବା ୨ଟି ବନ୍ୟା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟା ଚାଷୀଙ୍କ ମନରୁ ଲିଭି ନ ଥିବାବେଳେ ପୁଣି ସେପ୍ଟେମ୍ବରରେ ଅନୁରୂପ ବନ୍ୟା ହୋଇଥିଲା। ଜିଲାର ଖୋର୍ଦ୍ଧା ଓ ଜଟଣୀ ବ୍ଲକରେ ୪୩୨ହେକ୍ଟର ଜମିରେ ଧାନ ଫସଲ ଉଜୁଡିଯାଇଛି। ସର୍ବାଧିକ ଖୋର୍ଦ୍ଧା ବ୍ଲକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

ଜିଲାରେ ୨୦୧୯ ଖରିଫ ଋତୁରେ ୧ଲକ୍ଷ ୬ହଜାର ୧୫୦ହେକ୍ଟର ଜମିରେ ଧାନ ଫସଲ ହେବାର ଲକ୍ଷ୍ୟ ଧାର୍ଯ୍ୟ ଥିଲା। ତେବେ ୧ଲକ୍ଷ ୬ହଜାର ୮୦ ହେକ୍ଟର ଜମିରେ ଧାନ ଫସଲ ହୋଇଥିଲା। ଗତ ଅଗଷ୍ଟ ମାସରେ ବନ୍ୟାଜଳ ଧାନ ରୁଆ ଜମି ଓ ବେଉଷଣ ଜମିରେ ବେଶି କ୍ଷତି କରିଥିଲା। ଧାନ ଫସଲ ନଷ୍ଟ ହୋଇଯାଇଥିଲା। ଚାଷୀ ପୁଣି ଜମିରେ ଧାନ ତଳି କିଣି ରୋଇଥିଲେ। ପୁଣି ସେପ୍ଟେମ୍ବର ମାସରେ ବନ୍ୟା ହେବାରୁ ଧାନଜମି ଉପରେ ପାଣି ଜମି ରହିଥିଲା। ଖୋର୍ଦ୍ଧା ବ୍ଲକରେ ୨ହଜାର ହେକ୍ଟର, ଜଟଣୀ ବ୍ଲକରେ ୫୨୫ହେକ୍ଟର, ବାଲିପାଟଣା ବ୍ଲକରେ ୮୭୪ହେକ୍ଟର, ବେଗୁନିଆ ବ୍ଲକରେ ୧୨୪ହେକ୍ଟର ଜମିରେ ପାଣି ମାଡି ରହିଥିଲା। ତେବେ ଖୋର୍ଦ୍ଧା ବ୍ଲକରେ ୩୭୦ ହେକ୍ଟର ଓ ଜଟଣୀ ବ୍ଲକର ୬୨ହେକ୍ଟର ଏପରି ୪୩୨ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଛି। ଅନ୍ୟ ଯେଉଁ ଜମିରେ ଜଳ ମାଡି ରହିଥିଲା ସେଥିରେ କ୍ଷତି ହୋଇଥିଲେ ମଧ୍ୟ ତାହା ୩୨ ପ୍ରତିଶତ ମଧ୍ୟରେ ରହିଯିବାରୁ ଫସଲ ଅମଳ ହେବାର ଆଶା ରହିଛି। ଅଗଷ୍ଟ ଓ ସେପ୍ଟେମ୍ବର ମାସର ବନ୍ୟା ଖୋର୍ଦ୍ଧା ବ୍ଲକର ନରଣଗଡ, ଓରବରସିଂ, ଗୋଳବାଇ, ଶରଧାପୁର ଓ ବ୍ରଜମୋହନପୁର ପଞ୍ଚାୟତ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। କିନ୍ତୁ ସରକାରୀ ସହାୟତା ଚାଷୀଙ୍କୁ ଏଯାବତ ମିଳନାହିଁ। ସୂଚନାଥାଉ କି, ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦ, ଲେଖନପୁର, କୃଷ୍ଣପୁର ଆଦି ୧୦ଗ୍ରାମ ଓ ନରଣଗଡ ପଞ୍ଚାୟତର ଓରିମି, ମାନପୁର ଓ ଧବଳପୁର ଗ୍ରାମରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା। ସ୍ଥାନୀୟ ଅଞ୍ଚଳ ଓ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦରେ ଗେଟ୍ ଖୋଲିବା ଦ୍ୱାରା ମହାନଦୀର ଶାଖାନଦୀ ରାଜୁଆରେ ବନ୍ୟାଜଳ ବଢ଼ିଥିଲା। ରାଜୁଆ ନଦୀର ଜଳ ଚିଲିକାକୁ ନିଷ୍କାସନ ହୋଇ ପାରି ନ ଥିବାରୁ ଖୋର୍ଦ୍ଧା ଜିଲାର ଓରବରସିଂହ ଓ ନରଣଗଡ ପଞ୍ଚାୟତର ୧୩ଟି ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।



ଭୀମପଡ଼ାଠାରୁ କୋଟପଲ୍ଲା ରାସ୍ତା ପୁନରୁଦ୍ଧାର ପାଇଁ ସୋମବାର ଅଭିଯୋଗ କରିବାକୁ ଆସିଥିବା କୋଟପଲ୍ଲା ଗ୍ରାମର ମହିଳାମାନେ।

## ସଂକ୍ଷେପରେ

### ଯୁବତୀଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଖୋର୍ଦ୍ଧା ଅଫିସ,୨୩।୯:** ବାଣପୁର ଥାନା ଅନ୍ତର୍ଗତ ଦୀକ୍ଷିତପଡା ଗ୍ରାମ ନିକଟ ସାପୁଆ କେନାଲରୁ ସୋମବାର ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଯୁବତୀଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ବୟସ ୩୦ରୁ ୩୫ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ତାଙ୍କୁ ହତ୍ୟା କରି କେହି ଦୁର୍ବୃତ୍ତ ହାତଗୋଡ ବାନ୍ଧି କେନାଲରେ ଫୋପାଡି ଦେଇଥିବା ପୋଲିସ ସନ୍ଦେହ କରୁଛି। କେନାଲ ପାର୍ଶ୍ୱରୁ ତାଙ୍କ ଚପଲ ଓ ଲୁଗା ଜବତ ହୋଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟା ରେ ସାପୁଆ କେନାଲରେ ଏକ ବୁଦାରେ ଜଣେ ଯୁବତୀଙ୍କ ମୃତଦେହ ଲାଖିଥିବା କେତେଜଣ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ସୂଚନାଥାଉ କି, ଗତ ରଜ ସଂକ୍ରାନ୍ତିରେ ସର ନଈ ଓଭରବ୍ରିଜ ନିକଟସ୍ଥ ବିଲ ଗହୀରରୁ ଜଣେ ଯୁବତୀଙ୍କ ଦରପୋଡା ମୃତଦେହ ଜବତ ହୋଇଥିଲା। ଏହି ଘଟଣାକୁ ଅଢେଇ ମାସ ବିତିଯାଇଥିଲେ ମଧ ପୋଲିସ ଉକ୍ତ ଯୁବତୀଙ୍କ ପରିଚୟ ପାଇପାରିନାହିଁ।

### ମହିଳାଙ୍କୁ ଅସଦାଚରଣ

**ଖୋର୍ଦ୍ଧା ଅଫିସ,୨୩।୯:** ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ହୋଇଥିବା ସୋମବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ. ୩୬୪/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟା ରେ ଏହି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘର କବାଟକୁ କେହି ଦୁର୍ବୃତ୍ତ ବାଡେଇଥିଲେ। ମହିଳାଜଣକ କବାଟ ଫିଟାଇବା ପରେ ସେ ତାଙ୍କୁ ଟଣାଓଟରା କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି।

### ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା



**ଖୋର୍ଦ୍ଧା ଅଫିସ,୨୩।୯:** ଆନ୍ଧ୍ରପ୍ରଦେଶ ରାଜ୍ୟପାଳଭାବେ ବିଶ୍ୱ ଭୂଷଣ ହରିଚନ୍ଦନ ନିଯୁକ୍ତ ହେବା ପରେ ଖୋର୍ଦ୍ଧା ସହରର ଗଡଖୋର୍ଦ୍ଧାସ୍ଥିତ ପଞ୍ଚ ପାଇକ ପ୍ରତିମୂର୍ତ୍ତି ନିକଟରେ, ମଳିପଡା ଓ ବାଣପୁରଠାରେ ସୋମବାର ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗଡଖୋର୍ଦ୍ଧାଠାରେ ସାମାଜିକ କର୍ମୀ କାଳୁ ଖଣ୍ଡେଇତ ରାୟ, ଟାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଶ୍ରୀ ରଞ୍ଜନ ମଙ୍ଗରାଜ, ଭାଜପା ନଗର ସଭାପତି ଗଗନ ମଲ୍ଲ, ଏକତା ପରିଷଦ ପକ୍ଷରୁ ସୁମିତ୍ରା ପ୍ରଧାନ, ପୂର୍ବତନ କାଉନ୍‌ସିଲର ଲୋକନାଥ ପ୍ରଧାନ ପ୍ରମୁଖ ସମ୍ବର୍ଦ୍ଧନା ଦେଇଛନ୍ତି। ସେହିପରି ମଳିପଡାଠାରେ ସାମାଜିକ କର୍ମୀ କେଳୁ ଜଗଦ୍ଦେବ, କିଶୋର ବରାଳ, ସରପଞ୍ଚ ବିପିନ ସେଠୀ, ଉମାକାନ୍ତ ଜେନା ପ୍ରମୁଖ ସମ୍ବର୍ଦ୍ଧନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନଙ୍କୁ ବାଣପୁର ବଜାର ରାସମଣ୍ଡପରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ଖବରଦାତା ଓ ବୁଦ୍ଧିଜୀବୀ ଯୋଗଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ବାଣପୁରର ମା' ଭଗବତୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

### ଦୋକାନରୁ ଚୋରି

**ଖୋର୍ଦ୍ଧା ଅଫିସ,୨୩।୯:** ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ଥିବା ମୋଦି କେୟାରରୁ ୩ହଜାର ଟଙ୍କା ଓ ଉପକରଣ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ଅମିତ ମଜୁମଦାରଙ୍କ ଅଭିଯୋଗ ଅନୁଯାୟୀ, ରବିବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ତାଲା ଭାଙ୍ଗି ଟଙ୍କା ଓ ଉପକରଣ ଚୋରି କରିନେଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।


ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ରେଲୱେ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ଜଟଣୀ,୨୩।୯(ଡି.ଏନ.ଏ):** ଜଟଣୀସ୍ଥିତ ବକ୍ସି ଜଗବନ୍ଧୁ(ବିଜେବି) ରେଲୱେ ଇନ୍‌ଷ୍ଟିଚ୍ୟୁଟ୍‌ର ଚଳିତମାସ ୨୯ତାରିଖରେ ବାର୍ଷିକ ଉତ୍ସବ ପାଳନ ପୂର୍ବରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରବିବାର ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଚିତ୍ରାଙ୍କନରେ ୨୮୦ ଓ ପ୍ରବନ୍ଧରେ ୮୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଇନ୍‌ଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ଗୌରୀପ୍ରସାଦ ମହାନ୍ତି କହିଛନ୍ତି।

## ଯାତ୍ରୀଙ୍କ ସୁରକ୍ଷା ପ୍ରତି ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚର ନଜର

**ଜଟଣୀ,୨୩।୯(ଡି.ଏନ.ଏ):** ପାର୍ବଣ ଋତୁ ଆରମ୍ଭ ହୋଇଥିବାରୁ ଟ୍ରେନ୍ ଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଇନ୍ସପେକ୍ଟର ଶ୍ରୀନିବାସ ପଟ୍ଟନାୟକ ଓ ସବ୍‌ଇନ୍ସପେକ୍ଟର ନାରାୟଣ ସାହୁ କହିଛନ୍ତି। ଆର୍‌ପିଏଫ୍‌ର ଅନ୍ୟ ଉଇଙ୍ଗ୍‌ସ ସମେତ କ୍ରାଇମବ୍ରାଞ୍ଚ ସତର୍କ ଦୃଷ୍ଟି ରଖିଛି। ଏହି ସମୟରେ ଟ୍ରେନ୍ ଓ ପ୍ଲାଟଫର୍ମରେ ଅଧିକ ଗହଳି ହେଉଥିବାରୁ କେତେଜଣ ଅସାମାଜିକ ବ୍ୟକ୍ତି ଲୁଟ୍‌ପାଟ କରିଥାନ୍ତି। ଯାତ୍ରୀମାନେ ଏଥିପ୍ରତି ସତର୍କ ରହିବା ସହ ଲଗେଜ ପ୍ରତି ଧ୍ୟାନ ରଖିବା ପାଇଁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ଅଜଣା ବ୍ୟକ୍ତିଙ୍କ ଠାରୁ ଖାଦ୍ୟ ଗ୍ରହଣ ନ କରିବା, କାଉଣ୍ଟରରୁ ଟିକେଟ୍ କ୍ରୟ କରିବା, ଟ୍ରେନ୍ ଡୋର ପାଖରେ ଛିଡ଼ା ନ ହେବା ଉପରେ ସଚେତନ ରହିବାକୁ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଖଲ୍ଲିକୋଟ, ବ୍ରହ୍ମପୁର, ବାଲୁଗାଁ, ଖୋର୍ଦ୍ଧାରୋଡ଼, ଭୁବନେଶ୍ୱର, କଟକ, ଭଦ୍ରକ ଆଦି ଷ୍ଟେଶନ ତଥା ଏହାର ନିକଟବର୍ତ୍ତୀ ରେଲୱେ ଅଞ୍ଚଳରେ ଅଧିକ ସଂଖ୍ୟାରେ ଆପରାଧିକ ଘଟଣା ଘଟୁଛି। ଉକ୍ତ ଅଞ୍ଚଳ ସମେତ ଡିଭିଜନ ଅନ୍ତର୍ଗତ ବିଭିନ୍ନ ପ୍ଲାଟଫର୍ମ ଓ ଟ୍ରେନ୍‌ରେ ଆର୍‌ପିଏଫ୍ କ୍ରାଇମବ୍ରାଞ୍ଚର ଯବାନ ସାଦା ପୋଷାକରେ ମୁତୟନ ରହିବା ସହ ଯାତ୍ରୀଙ୍କ ସୁରକ୍ଷା ପ୍ରତି ନଜର ରଖିଛନ୍ତି। କୌଣସି ଜିନିଷ ପଡ଼ିଥିବା ବା କାହାକୁ ସନ୍ଦେହ ହେଲେ ତୁରନ୍ତ ହେଲ୍ପ ଲାଇନ୍ ନଂ. ୧୮୨କୁ କଲ୍ କରିବାକୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ କହିଛନ୍ତି।

## ମା' ଭଗବତୀଙ୍କୁ ଲାଗି ହେଲା ସୁବର୍ଣ୍ଣ ଜିହ୍ୱା, ଚିତା

**ଖୋର୍ଦ୍ଧା ଅଫିସ,୨୩।୯**

ବାଣପୁରର ମା' ଭଗବତୀଙ୍କୁ ରବିବାର ସୁବର୍ଣ୍ଣ ଜିହ୍ୱା ଓ ଚିତା ଲାଗି ହୋଇଛି। ୨୨କ୍ୟାରେଟ ସୁନାରେ ନିର୍ମିତ ଜିହ୍ୱା ଓ ଚିତାର ମୂଲ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ବୋଲି ଜଣାପଡିଛି। ମା' ଭଗବତୀ ଜୁଏଲେରୀ ଆସୋସିଏଶନ ପକ୍ଷରୁ ଏହି ଉପକରଣ ପ୍ରଦାନ କରାଯାଇଛି। ପ୍ରକାଶଥାଉକି, ୪ ଦଶନ୍ଧି ପୂର୍ବେ ଭଗବତୀଙ୍କ ସୁବର୍ଣ୍ଣ ଜିହ୍ୱା ଚୋରି ହୋଇଯାଇଥିବାରୁ ଏକ ରୌପ୍ୟ ନିର୍ମିତ ଜିହ୍ୱା ବ୍ୟବହୃତ ହେଉଥିଲା। ଦୀର୍ଘ ବର୍ଷ ପରେ ମା'ଙ୍କ ପ୍ରତିମାରେ ସୁବର୍ଣ୍ଣ ଜିହ୍ୱା ଲାଗି କରାଯାଇଛି। ଏହି ଅବସରରେ ରବିବାର ରାତିରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସୋସିଏଶନର ସଭାପତି ବିକ୍ରମ କେଶରୀ ଜେନା, ସମ୍ପାଦକ ରବି ନାରାୟଣ ପାଲ, ମନୋରଞ୍ଜନ ପାତ୍ର, ସରୋଜ ପାତ୍ର, ଅଜିତ ଅଗ୍ରୱାଲା, ଜଗନ୍ନାଥ ପାଲ ଓ ଗୋପାଳଚନ୍ଦ୍ର ସୁବୁଦ୍ଧିପ୍ରମୁଖ ଉପସ୍ଥିତ ଥିଲେ।

## ୧୩୫ ଅଭିଯୋଗର ଶୁଣାଣି

**ବୋଲଗଡ,୨୩।୯(ଡି.ଏନ୍.ଏ.)**

ବୋଲଗଡ ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଜନ ଅଭିଯୋଗଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଏଡିଏମ ମନୋରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ, ସିଡିଏମଓ ଡା. ବିଜୟ କୁମାର ମହାପାତ୍ର, ବିଡିଓ ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପକ୍ଷରୁ ହୋଇଥିବା ୧୩୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ୧୨୯ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ୮ଜଣଙ୍କୁ ୧୬ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ଦିଆଯାଇଛି। ୫ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଛି। ଭୀମପଡା ଠାରୁ କୋଟପଲ୍ଲା ରାସ୍ତା ପୁନରୁଦ୍ଧାର ପାଇଁ କୋଟପଲ୍ଲା ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ। ଅସରଳା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଗତବର୍ଷର ଶସ୍ୟକ୍ଷତି ଜନିତ ବୀମା ସହାୟତା ରାଶି ପାଇ ନ ଥିବା ୫୮ଜଣ ଚାଷୀ ବୀମା ସହାୟତା ପାଇଁ ଅଭିଯୋଗ କରିଥିଲେ। ଶସ୍ୟ ବିମା ସହାୟତା ରାଶି ତୁରନ୍ତ ଯୋଗଇ ଦିଆ ନ ଯାଏ ଆଗାମୀ ଦିନରେ ଅନଶନ କରିବେ ବୋଲି କହିଥିଲେ।

## ୭ ଶିକ୍ଷକଙ୍କୁ ଜାତିର ନିର୍ମାତା ସମ୍ମାନ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୩।୯(ଡି.ଏନ୍.ଏ)**

ବାଲୁଗାଁ-ବାଣପୁର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ସ୍ଥାନୀୟ ଅଶୋକନଗରସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ ଏକ ସମ୍ବର୍ଦ୍ଧନା ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ଓ ବାଣପୁର କ୍ଲବର ୭ଜଣ ପ୍ରାଥମିକ ଶିକ୍ଷକଙ୍କୁ ଜାତିର ନିର୍ମାତା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥିଭାବେ ଡ. ନାରାୟଣ ମିଶ୍ର, ଅତିଥିଭାବେ ଦେବପ୍ରସାଦ ମଜୁମଦାର ଓ ବାଣପୁର ବ୍ଲକ ଶିକ୍ଷା ଅଧିକାରୀ ସନାତନ ଜାଲି ଯୋଗଦେଇଥିଲେ। ଏକ ଉତ୍ତମ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଭାରତବର୍ଷରେ ରୋଟାରୀ କ୍ଲବ୍ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇ 'ଆଶାକିରଣ' ଯୋଜନାରେ ଗରିବ ପିଲାଙ୍କ ପାଠପଢ଼ା ନିମନ୍ତେ ସହାୟତା ପ୍ରଦାନ ଜାରି ରଖିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ବିଶ୍ୱନାଥ ମୁର୍ମୁ, ସୁନୀତା କାଣ୍ଡି, ସୁଷମା କୁମାରୀ ଦାଶ, ଦୃଷ୍ଟିହୀନ ଶିକ୍ଷକ ଯୁଗଳ ଚରଣ ମହାନ୍ତି, ଭବାନୀ ପ୍ରସାଦ ବିଶ୍ୱାଳ, ବିଦ୍ୟାଧର ପଟ୍ଟଯୋଶୀ ଓ ପ୍ରଶାନ୍ତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ୍ ସଭାପତି ରବିନାରାୟଣ ନାୟକ ସଭା ପରିଚାଳନା କରିଥିଲେ।




## ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ଗିରଫ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ବ୍ରାଉନସୁଗାର କାରବାର ଅଭିଯୋଗରେ ଇନଫୋସିଟି ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମାରୁତୀ ଭିଲ୍ଲାର ସରୋଜ ସାହୁ ଓରଫ୍ ବାପି ଓ ଶିଖରଚଣ୍ଡୀ ଅଞ୍ଚଳର ଅନମୋଲ ସାହୁ। ଏମାନଙ୍କ ନିକଟରୁ ୨୨ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ସୂଚନା ମୁତାବକ, ପଟିଆ ରେଲୱେ ଷ୍ଟେଶନ ନିକଟରେ ବାପି ଓ ଏକ ଘରୋଇ ଆଇନ କଲେଜ ନିକଟରେ ଅନମୋଲ ବେପାର ଚଳାଉଥିଲେ। କୌଣସି ସୂତ୍ରରୁ ପୋଲିସ ଖବରପାଇ ୨ଟି ଟିମ ସହ ଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଚଢ଼ାଉରେ ଅଭିଯୁକ୍ତ ବାପିଙ୍କ ନିକଟରୁ ୧୨ ଗ୍ରାମ ଓ ଅନମୋଲ ପାଖରୁ ୧୦ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଥିଲା। ଏ ନେଇ ଥାନାରେ ଦୁଇଟି ମାମଲା (ନଂ. ୨୦୩/୧୯,୨୦୪/୧୯ )ରୁଜୁ ହୋଇଛି।

## ଆଇନଜୀବୀ ଗୌରିଶ୍ୟାମ ପଟ୍ଟନାୟକଙ୍କ ସ୍ମୃତିସଭା



ସ୍ମୃତିସଭାରେ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧାର ବିଶିଷ୍ଟ ଆଇନଜୀବୀ ଗୌରିଶ୍ୟାମ ପଟ୍ଟନାୟକଙ୍କ ଏକାଦଶାହ ଅବସରରେ ସୋମବାର ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁଙ୍କ ପୌରହିତ୍ୟରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଓକିଲ ସଂଘ ସଭାପତି ପ୍ରାଣକୃଷ୍ଣ ଦଳବେହେରା, ଐତିହାସିକ ରବୀନ୍ଦ୍ର ପରିଡ଼ା, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ରାଉତରାୟ ଏକ ସ୍ମରଣିକା ଲୋକାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ଶରତ ପଟ୍ଟନାୟକ, ଜିଲା ଜଜ୍ ଲଳିତ ମୋହନ ଦାଶ, ଆଇନ୍‌ଜୀବୀ ଶିବସୁନ୍ଦର ପଟ୍ଟନାୟକ, ସତ୍ୟବାଦୀ ବଳିଆରସିଂହ, ଡା. ଧନେଶ୍ୱର ସାହୁ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଇନଜୀବୀ ନରେନ୍ଦ୍ର ପୃଷ୍ଟି ସଂଯୋଜନା କରିଥିବା ବେଳେ ପ୍ରଫେସର ବିଜୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସମତା ଆନ୍ଦୋଳନ ସମିତିର ଓଡ଼ିଶା ଶାଖା ଗଠିତ

**ଜଟଣୀ,୨୩।୯(ଡି.ଏନ.ଏ)**

ସାମାଜିକ ସଙ୍ଗଠନ 'ସମତା ଆନ୍ଦୋଳନ ସମିତି'ର ଓଡ଼ିଶା ଶାଖା ଗଠନ ହୋଇଛି। ରବିବାର ସନ୍ଧ୍ୟାରେ ଜଟଣୀସ୍ଥିତ ଅଗ୍ରୱାଲା ଧର୍ମଶାଳାରେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ସମତା ଆନ୍ଦୋଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ପରାଶର ନାରାୟଣ ଶର୍ମା ଏହାର ବିଧିବଦ୍ଧ ଘୋଷଣା କରିବା ସହ ଅବସରପ୍ରାପ୍ତ ନୌସୈନିକ ଦୀନବନ୍ଧୁ ଷଡ଼ଙ୍ଗୀଙ୍କୁ ସମିତିର ରାଜ୍ୟ ସଭାପତିଭାବେ ଚୟନ କରିଥିଲେ। ଦେଶରେ ଜାତିବାଦର ଜହର, ସାମ୍ବିଧାନିକ ବିଷମତା ଓ ରାଜନୈତିକ ଦୂଷିତ ବାତାବରଣ ଯୋଗୁ ରାଷ୍ଟ୍ରର ସାମାଜିକ ସୌହାର୍ଦ୍ଦ୍ୟ ଖରାପ ହେବା ସହ ଦେଶର ପ୍ରଗତି ବାଧାପ୍ରାପ୍ତ ହେଉଛି। ଏହାର ନିରାକରଣ ପାଇଁ ସମତା ଆନ୍ଦୋଳନ ସମିତି କାମ କରୁଛି ଚାଲିଛି ବୋଲି କହିଥିଲେ। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ପାଇଁ ଜାତିଭିତ୍ତିକ ସଂରକ୍ଷଣ ଆଇନ୍ ଉପରେ ତର୍ଜମା ହେବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ନାରାୟଣ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ସାଧାରଣ ସମ୍ପାଦକ ସନ୍ତୋଷ ସୁବୁଦ୍ଧି, ଏସ୍.ନାଗେଶ୍ୱର ରାଓ, ଭି.ହରିପ୍ରସାଦ, ମହିଳା ସାମାଜିକ କର୍ମୀ ବନଜାବାସିନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।



ଜଟଣୀସ୍ଥିତ ଅଗ୍ରୱାଲ ଧର୍ମଶାଳାରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମତା ଆନ୍ଦୋଳନ ସମିତି ଓଡିଶା ଶାଖାର କର୍ମକର୍ତ୍ତାମାନେ।

■ କାଠଚୋରଙ୍କ କବ୍‌ଜାରେ ରଣ୍ଡା ସଂରକ୍ଷିତ ଜଙ୍ଗଲ

# ପଦା ହେଲାଣି ୧୦ ଏକର ଶାଗୁଆନ

## ପ୍ରତିଦିନ ଗଛକଟା ସହ ଚାଲିଛି ଚୋରା ଚାଲାଣ

**ଖୋର୍ଦ୍ଧା ଅଫିସ/ରଣପୁର, ୨୩।୯(ସ୍ୱ.ପ୍ର.):**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ନୟାଗଡ ଜିଲା ରଣପୁର ବ୍ଲକର ରଣ୍ଡା ସଂରକ୍ଷିତ ଜଙ୍ଗଲରୁ ଅବାଧରେ ଶାଗୁଆନ ଗଛ କଟାଯାଇ ଚୋରାଚାଲାଣ ଚାଲିଛି। କାଠଚୋରମାନେ କେତେଜଣ ଗଛ କଟାଳିଙ୍କୁ ନିୟୋଜିତ କରି ପ୍ରାୟ ୧୦ଏକର ଶାଗୁଆନ ବଣକୁ ସଫା କରି ସାରିଲେଣି। କାଠଚୋରମାନେ କାରବାରକୁ ଚାଲୁ ରଖିବା ପାଇଁ କେତେଜଣ ବନବିଭାଗ କର୍ମଚାରୀଙ୍କୁ ମାସିକ ହାତଗୁଞ୍ଜା ଦେଉଥିବା ଅଭିଯୋଗ ହେଉଛି। ଅଭିଯୋଗ ପରେ ବି ବନବିଭାଗ ପକ୍ଷରୁ ଚଢ଼ାଉ ହେଉ ନ ଥିବାରୁ ତାହା ତଦନ୍ତସାପେକ୍ଷ। ଜଣେ କାଠଚୋରଙ୍କ ସୂଚନା ଅନୁଯାୟୀ, ହାତଗୁଞ୍ଜା ଦେଉଥିବାରୁ ଶାଗୁଆନ ଜଙ୍ଗଲରୁ ଶାଗୁଆନ ଗଛ କାଟିବାରେ ଅସୁବିଧା ନାହିଁ ବୋଲି ସଫେଇ ଦେଇଛନ୍ତି। ଗଛ କଟା ଯିବା ପରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବ୍ରହ୍ମପୁର ପଠାଯାଉଥିବା କହିଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ୨୦୦ଏକରରୁ ଊର୍ଦ୍ଧ୍ୱ ପରିମିତ ଶାଗୁଆନ ଜଙ୍ଗଲ ପଦା ହୋଇଯିବ। ଅନ୍ୟପକ୍ଷେ ସମ୍ପୃକ୍ତ ଜଙ୍ଗଲକୁ ମା' ରାମଚଣ୍ଡି ବନ ସୁରକ୍ଷା ସମିତି ପ୍ରାୟ ୩୦ବର୍ଷ ହେବ ସୁରକ୍ଷା ଦେଇ ଆସୁଛି। କିନ୍ତୁ ଜଙ୍ଗଲରୁ ଶାଗୁଆନ ଗଛ କଟାଯିବା ସମ୍ପର୍କରେ ବନବିଭାଗର ସହାୟତା ମିଳୁ ନ ଥିବାରୁ ଗଛକଟା ଉପରେ ଲଗାମ ଲଗାଯାଇ ପାରୁ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଦୀପ ନାୟକଙ୍କୁ ପଚାରିବାରୁ, ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ।


କଟାଯାଇଥିବା ଶାଗୁଆନ ଗଛ।

### ୨୦ ଶାଗୁଆନ ଗଣ୍ଡି ଜବତ

ରବିବାର ରାତିରେ କାଠଚୋରମାନେ ଶାଗୁଆନ ଗଛ କାଟି ଚୋରାଚାଲାଣ କରୁଥିଲେ। ଏ ନେଇ ବନ ସୁରକ୍ଷା ସମିତି(ଭିଏସ୍‌ଏସ୍) ପକ୍ଷରୁ ଟାଙ୍ଗୀ ବନ ବିଭାଗକୁ ଖବର ଦିଆଯାଇଥିଲା। କିନ୍ତୁ ବନ ବିଭାଗର କର୍ମଚାରୀମାନେ ବିଳମ୍ବରେ ପହଞ୍ଚିବାରୁ କାଠଚୋରମାନେ ଏକ ପିକଅପ ଭ୍ୟାନରେ କାଠ ନେଇ ପଳାଇଯାଇଥିଲେ। ସୋମବାର ଭିଏସସ୍‌ର ପରାମର୍ଶ ଅନୁଯାୟୀ, ଜଙ୍ଗଲ ତନଖି ପରେ ୨୦ଗଣ୍ଡି ଶାଗୁଆନ ଜବତ ହୋଇଥିଲା। ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

### ସୁରକ୍ଷା ଲୋଡ଼ିଲେ ଭିଏସଏସ୍ ସଭାପତି

କାଠ ଜବତ ହେବା ପରେ କାଠଚୋରମାନେ ଉତ୍ତେଜିତ ହୋଇପଡିଛନ୍ତି। ଆଗକୁ ସେମାନଙ୍କର କାରବାର ଠପ ହୋଇଯିବ ସେ ଭୟ ମଧ୍ୟ ରହିଛି। ଅନ୍ୟପକ୍ଷରେ କାଠଚୋରମାନେ ବନସୁରକ୍ଷା ସମିତିର ସଭାପତି ସତ୍ୟବାଦୀ ଜେନାଙ୍କର ରଣ୍ଡାସ୍ଥିତ ଘରକୁ ଯାଇ ହତ୍ୟା କରିବେ, ଦେଖି ନେବେ ବୋଲି ଧମକ ଦେଇଛନ୍ତି। ଜୀବନ ପ୍ରତି ବିପଦ ଥିବାରୁ ରଣ୍ଡା ଗାଁର ୩ଜଣ କାଠ ଚୋର ଦେଇଥିବା ଧମକ ସମ୍ପର୍କରେ ସତ୍ୟବାଦୀ ଚାନ୍ଦପୁର ଥାନାରେ ଅଭିଯୋଗ କରିବା ସହ ସୁରକ୍ଷା ପାଇଁ ନିବେଦନ କରିଛନ୍ତି।



ଯେଉଁ ଲୋକ ଭୟରୁ ମୁକ୍ତ ନ ହୋଇଛି, ତା'ର ସଦ୍‌ଗୁଣର କୌଣସି ମୂଲ୍ୟ ନାହିଁ।

-ଲାମାର୍ଟିନ



## ସଂକ୍ଷେପରେ

### ଶିକ୍ଷକ ରାଷ୍ଟ୍ର ନିର୍ମାତା

ପୁରୀ ଅଫିସ, ୨୩।୯:ଶିକ୍ଷକ ଦେଶର ଆଦର୍ଶ, ସମାଜର ପଥ ପ୍ରଦର୍ଶକ। ଜଣେ ଉତ୍ତମ ଚରିତ୍ରସମ୍ପନ୍ନ ଛାତ୍ର ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଦେଶ ମହାନ ଶିକ୍ଷକଙ୍କ ଲାଗି ଗୌରବାନ୍ୱିତ ଅନୁଭବ କରେ ବୋଲି ସୋମବାର ନୀଳାଚଳ ରୋଟାରୀ କ୍ଲବ ପକ୍ଷରୁ ଏକ ହୋଟେଲରେ ଆୟୋଜିତ ରାଷ୍ଟ୍ର ନିର୍ମାତା ସମ୍ବର୍ଦ୍ଧନା ଉତ୍ସବରେ ମତ ପ୍ରକାଶ ପାଇଛି। ରୋଟାରୀଆନ ତଥା ସଭାପତି ବିମଳ ପ୍ରସାଦ ପଟ୍ଟନାୟକ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ ଯୋଗଦେଇ କହିଲେ, ରାଷ୍ଟ୍ର ନିର୍ମାଣରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି। ତେଣୁ ଉପଯୁକ୍ତ ଶିକ୍ଷାଦାନ କରିବା ପାଇଁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶିକ୍ଷକ ଅଶୋକ କୁମାର ସେଠୀ, ନିରଞ୍ଜନ ବେହେରା, ପ୍ରଶାନ୍ତ କୁମାର, ଶିକ୍ଷୟିତ୍ରୀ ବୀଣାପାଣି ଜେନା, ପୂର୍ଣ୍ଣିମା ନନ୍ଦ, ଶକୁନ୍ତଳା ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ପୂର୍ବତନ ସଭାପତି ସତ୍ୟପ୍ରକାଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୫ ଚୋରା ବାଇକ୍ ଉଦ୍ଧାର, ଜଣେ ଗିରଫ

ଡେଲାଙ୍ଗ, ୨୩।୯(ଡି.ଏନ୍.ଏ.): ଡେଲାଙ୍ଗ ପୋଲିସ ପକ୍ଷରୁ ଗାଡି ଯାଞ୍ଚ ବେଳେ ସୋମବାର ଏକ ଚୋରା ବାଇକ୍ ସହ ଅଭିଯୁକ୍ତ ଚାଳକଙ୍କୁ ପୋଲିସ୍ କାବୁ କରିଛି। ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ଛକଠାରେ ପିପିଲ-ଜଟଣୀ ରାସ୍ତାରେ ପୋଲିସ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଗୋଟିଏ ବାଇକ୍ ଯାଞ୍ଚ କରିବାରୁ ତାହା ଚୋରା ବୋଲି ଜଣା ପଡ଼ିଥିଲା। ତେବେ ବାଇକ ଚାଳକ ରେଙ୍ଗାଳ ପଞ୍ଚାୟତ ଝରିପଡ଼ା ଗ୍ରାମର ପ୍ରଭାସ ନାୟକ ଓରଫ ନଣ୍ଡାଙ୍କୁ ପୋଲିସ ଧରିଆଣି ହରିରାଜପୁର ଫାଣ୍ଡିରେ ପଚରାଉଚରା କରିବା ପରେ ବନମାଳୀପୁର ଅଞ୍ଚଳରୁ ୫ଟି ବାଇକ୍ ଚୋରିକରି ଡେଲାଙ୍ଗ ଥାନା ଅଞ୍ଚଳରେ ବିକ୍ରି କରିଥିବା ନେଇ ସୂଚନା ମିଳିଥିଲା । ସୂଚନା ପାଇବାପରେ ହରିରାଜପୁର ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ମଲ୍ଲିକ ବିଭିନ୍ନ ସ୍ଥାନରେ ଚଢାଉ କରି ୫ଟି ବାଇକ୍ ଉଦ୍ଧାର କରିବା ସହ କେସ୍ ନଂ ୧୭୬/୧୯ ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ନଣ୍ଡାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡେଲାଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

ବ୍ରହ୍ମଗିରି, ୨୩।୯(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମରେ ଜଣେ ବୋହୂ ତାଙ୍କ ଶ୍ୱଶୁରଙ୍କୁ ଦେଖା କରିବାକୁ ଯାଇଥିବାରୁ ସ୍ୱାମୀ ମାଡ ମାରିଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୧୪୯/୧୯ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଶ୍ରୀକତ ନୂଆପଡା ଗ୍ରାମର ଟଙ୍କଧର ପରିଡାଙ୍କ ଝିଅ ଲକ୍ଷ୍ମୀପ୍ରିୟା ୨୦୧୬ ଜୁନ୍ ୨୩ରେ ଉକ୍ତ ଥାନା ଅନ୍ତର୍ଗତ ହରିଦାସ ଗାଁର କରୁଣାକର ଦଲାଇଙ୍କ ପୁଅ ଦିବାକରଙ୍କୁ ବୈଦିକରୀତିରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ନାନା ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। ଫଳରେ ଲକ୍ଷ୍ମୀ ତାଙ୍କ ବାପଘରେ ରହୁଥିଲେ। ଗତ ୧୧ ତାରିଖରେ ଶ୍ୱଶୁର କରୁଣାକରଙ୍କ ଦେହ ଅସୁସ୍ଥ ଥିବା ଖବର ପାଇ ଲକ୍ଷ୍ମୀପ୍ରିୟା ଦେଖିବାକୁ ଯାଇଥିଲେ। ଶ୍ୱଶୁରଙ୍କୁ ଦେଖି ଫେରିବା ବାଟରେ ସ୍ୱାମୀ ଓ ଦିଅର ତାଙ୍କୁ ଅଟକାଇ ଗାଳିଗୁଲଜ କରି ମାଡ ମାରିଥିଲେ। ଲକ୍ଷ୍ମୀପ୍ରିୟା ଚିତ୍କାର କରିବାରୁ ଘଟଣାସ୍ଥଳରେ କିଛି ଲୋକ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ।

### ଜାଲିଆତି କରି ଜମି ହଡ଼ପ

ପୁରୀ ଅଫିସ, ୨୩।୯: ପୁରୀ ସଦର ତହସିଲ ଅଧୀନ ସମଙ୍ଗ ମୌଜା ଖଣ୍ଡିଆବନ୍ଧ ଗ୍ରାମରେ ଖାତା ନଂ. ୩୯୪ ପ୍ଲଟ ନଂ. ୧୯୦୨କୁ ଜାଲିଜାତି କରି ହଡ଼ପ କରାଯାଇଥିବା ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ୧୯୭୭ ମସିହାରୁ ଏହି ଜମିକୁ ଗ୍ରାମର କେତେଜଣ ବ୍ୟକ୍ତି ବଂଶାନୁକ୍ରମିକ ଭାବେ ଭୋଗଦଖଲ କରି ଆସୁଛନ୍ତି। ଅପରପକ୍ଷେ ଏହି ଜମିକୁ ଅନ୍ୟ ଜଣେ ବ୍ୟକ୍ତି ବେଆଇନ ଭାବେ ଅକ୍ତିଆର କରିଛନ୍ତି। ବର୍ତ୍ତମାନ ବଜାର ଦର ଅନୁସାରେ ଏହି ସମ୍ପତ୍ତିର ମୂଲ୍ୟ ୨୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି। ଏହି ସମ୍ପତ୍ତି ହାତେଇବା ଲାଗି ଲିଗାଲ ହେୟର ସାର୍ଟିଫିକେଟ, ଭୋଟର ପରିଚୟପତ୍ର, ମୃତ୍ୟୁ ପ୍ରମାଣପତ୍ର ଆଦି ଜାଲିଆତି କରାଯାଇଥିବା ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ସୂଚନା ମିଳିଛି। ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗ୍ରାମବାସୀ ଦାବି ଜଣାଇଛନ୍ତି।

■ ଐତିହ୍ୟ ସ୍ମାରକୀକୁ ଅଣଦେଖା

## ଅଲୋଡ଼ା ପଡ଼ିଛି ବ୍ରିଟିଶ ଅମଳର ଜେନେରେଟର

ହେମନ୍ତ କୁମାର ନାୟକ

ପୁରୀ ଅଫିସ, ୨୩।୯:

ପୁରୀ ସହରସ୍ଥ ଭିଆଇପି ରୋଡ଼ର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ପରିତ୍ୟକ୍ତ ଗୃହକୁ ଭାଙ୍ଗି ଦିଆଯାଇଛି। ଓଡ଼ିଶା ହାଇକୋର୍ଟ ଗେଷ୍ଟ ହାଉସ୍ ନିର୍ମାଣ ହେବାକୁ ଥିବାରୁ ଏହାକୁ ଭଙ୍ଗାଯାଇଛି। ଏହି ପରିତ୍ୟକ୍ତ ଘରର କଂକ୍ରିଟ ତଳେ ଚାପି ହୋଇଯାଇଛି ଐତିହ୍ୟ ସ୍ମାରକୀ ବ୍ରିଟିଶ ଅମଳର ଜେନେରେଟର। ଦୀର୍ଘବର୍ଷ ଧରି ଏହା କାର୍ଯ୍ୟକ୍ଷମ ହୋଇ ନ ଥିଲେ ମଧ୍ୟ ଏଥିରେ କଳଙ୍କି ଲାଗି ନ ଥିବା ଦେଖିବାକୁ ମିଳିଛି। ଏହି ଜେନେରେଟରକୁ ସଂରକ୍ଷଣ କରାଯିବ ବୋଲି କିଛିମାସ ତଳେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ କୋଠା ଭାଙ୍ଗିବା ପୂର୍ବରୁ ଏକଥା ଭୁଲି ଯାଇଥିଲେ ସରକାରୀ ଅଧିକାରୀ। ଫଳରେ ଭଙ୍ଗାଇଟା ତଳେ ଲୁଚିଯାଇଛି ଏହି ପୁରାତନ ଜେନେରେଟର। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ ଏବଂ ଐତିହ୍ୟ ବିଶାରଦ।

ବ୍ରିଟିଶ ଶାସନ ସମୟରେ ସମୁଦ୍ର କୂଳ ନିକଟସ୍ଥ ଘରେ ଏକ ଜେନେରେଟର ସ୍ଥାପନ କରାଯାଇଥିଲା। ବିରଳ ଓ ବିଶାଳ ଏହି ଜେନେରେଟର ପୁରୀ ବେଳାଭୂମିରେ ଥିବା ଲୁଣ କାରଖାନା ଏବଂ ରାଜଭବନ ପରିସରକୁ ବିଦ୍ୟୁତ୍ ଯୋଗାଉଥିଲା। ଟନ୍ ଟନ୍ ଓଜନ ବିଶିଷ୍ଟ ଏହି ଜେନେରେଟର ନିର୍ମାଣ ଶୈଳୀ ଥିଲା ବେଶ୍ ସ୍ୱତନ୍ତ୍ର। ବଡ଼ ବଡ଼ ଲୁହା ଚକ, ମେଶିନ, କିରୋସିନ ଢାଳିବା ପାଇଁ ସ୍ୱତନ୍ତ୍ର ଡ୍ରମ୍ ବି ରହିଥିଲା। ଏଥିରେ ବ୍ରିଟିଶ ଇଣ୍ଡିଆ ଇଲେକ୍ଟ୍ରିକ୍ କନ୍‌ଷ୍ଟ୍ରକ୍‌ସନ କୋ ଲିମିଟେଡ ମୋହର ଥିବାବେଳେ ଥମ୍‌ସନ ହଷ୍ଟନ କୋ ଲିମିଟେଡ ସହ ମର୍କ୍ୟୁରି ଆର୍କ ରେକ୍ଟିଫାଏର ଇକ୍ୟୁପମେଣ୍ଟ ଲେଖାଯାଇଥିଲା। ପୁରୀକୁ ବିଦ୍ୟୁତ୍ ସଂଯୋଗ ଆସିବା ପରେ କାଳକ୍ରମେ ଏହା ବ୍ୟବହୃତ ନ ହୋଇ ଅଚଳ ହୋଇପଡ଼ିଥିଲା। ଦୀର୍ଘବର୍ଷ ହେବ ଏକ କୋଠରି ଭିତରେ ଏହା ତାଲା ପଡ଼ି ରହିଥିଲା। ଗତ କିଛିବର୍ଷ ହେବ ଏହି ଘର ବାରଣ୍ଡାରେ ଜେନେରାଲ ଇଲେକ୍ଟ୍ରିକାଲ ଡିଭିଜନ (ଜିଇଡି) ବା ସାଧାରଣ ବୈଦ୍ୟୁତିକ ବିଭାଗର କାର୍ଯ୍ୟାଳୟ ଚାଲିଥିଲା। ଘରଟି ପରିତ୍ୟକ୍ତ ହୋଇପଡ଼ିବାରୁ ଜିଇଡି କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସମସ୍ତଙ୍କ ନଜର ଆଢୁଆଳରେ ରହିଥିବା ଏହି ଘରଟି କିଛିମାସ ତଳେ ବାତ୍ୟା ଫନୀରେ ଭାଙ୍ଗିଯାଇଥିଲା। ଦୁର୍ବୃତ୍ତମାନେ ଏହାର ଝରକା, କବାଟ, ଗ୍ରୀଲ ଆଦି ତାଡ଼ି ନେଇଥିଲେ। ଏବେ ଏହି ଘରକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦିଆଯାଇଛି। ଏହାକୁ ନେଇ ସହରର ବୁଦ୍ଧିଜୀବୀ ଓ ଗବେଷକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୂର୍ବରୁ ଜିଲାପାଳ ବଲଓ୍ୱନ୍ତ ସିଂ ଏହାକୁ ସଂରକ୍ଷଣ କରାଯାଇ ମ୍ୟୁଜିୟମ୍‌ରେ ରଖାଯିବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। କିନ୍ତୁ ତାଙ୍କ କଥା ପାଣିର ଗାର ପାଲଟିଛି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ବୃହତ୍ ଜେନେରେଟର ଇଂରେଜ ଶାସନ ଅମଳର ଏକ ଐତିହ୍ୟ ସ୍ମାରକୀ। ଏକଦା ପୁରୀ ରାଜଭବନର ଆଲୋକୀକରଣ ବ୍ୟବସ୍ଥା ଏହା ମାଧ୍ୟମରେ କରାଯାଉଥିଲା। ଏହା ପୂର୍ବରୁ ପାଥରପୁରୀ ହଷ୍ଟେଲଠାରୁ ବାଙ୍କୀ ମୁହାଣ ପର୍ଯ୍ୟନ୍ତ ଅଞ୍ଚଳରେ ଇଂରେଜମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଲୁଣ କାରଖାନା ଚଳାଇବା ପାଇଁ ଏହା ବିଦ୍ୟୁତ୍ ଯୋଗାଉଥିଲା। ଏହାର ଅନେକ ସାମାଜିକ ମହତ୍ତ୍ୱ ରହିଥିଲା। ସେହି ଦୃଷ୍ଟିରୁ ଏହାକୁ ଐତିହ୍ୟ ସଂଗ୍ରହାଳୟରେ ସଂରକ୍ଷଣ କରାଯିବା ଜରୁରୀ ଥିଲା। ସେହିପରି ବୁଦ୍ଧିଜୀବୀ ସରୋଜ କୁମାର ବେହେରା କହିଛନ୍ତି, ଏହିଭଳି ଅନେକ ପୁରୁଣା ସାମଗ୍ରୀ ଏବେ ଆଉ ଦେଖିବାକୁ ମିଳୁନାହିଁ। ତେଣୁ ବ୍ରିଟିଶ ଅମଳର ଏହି ଜେନେରେଟରକୁ ସଂରକ୍ଷଣ କରାଯାଇଥିଲେ ଭବିଷ୍ୟତ ପିଢି ଏହାକୁ ଦେଖି ଖୁସି ହୋଇପାରିଥାନ୍ତେ। ଏବେ ବି ସମୟ ଅଛି, ପ୍ରଶାସନ ଚାହିଁଲେ ଭଗ୍ନାବଶେଷ ତଳୁ ଏହାକୁ ଉଦ୍ଧାର କରି ସଂରକ୍ଷଣ ରଖିପାରିବ। ପୁରୀରେ ଥିବା ଏହିଭଳି ଅନେକ ପୁରାତନ ସାମଗ୍ରୀକୁ ସଂଗ୍ରହ କରାଯାଇ ଏକ ଐତିହ୍ୟ ସଂଗ୍ରହାଳୟ କରାଗଲେ ପର୍ଯ୍ୟଟକମାନେ ଉପକୃତ ହୁଅନ୍ତେ। ଅନ୍ୟପକ୍ଷେ ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ସେହି ଜେନେରେଟରକୁ ସଂରକ୍ଷଣ କରିବା ଲାଗି ବ୍ୟବସ୍ଥା ହେବ ବୋଲି କହିଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ଇଟାଗଦା ଭିତରେ ପଡ଼ି ରହିଥିବା ଜେନେରେଟର।

■ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର

## ଥାନା ଆଗରେ ଧାରଣା ଦେଲେ ଦୁଃଶାସନ

ଗୋପ, ୨୩।୯(ଡି.ଏନ୍.ଏ.)

ଏକ ଘରୋଇ ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ କଷ୍ଟ ଭୋଗୁଥିବା ଜଣେ ରୋଗୀ ସୋମବାର ଗୋପ ଥାନା ସମ୍ମୁଖରେ ନିଜ ସ୍ତ୍ରୀଙ୍କ ସହ ଧାରଣା ଦେଇଥିଲେ। ସେମାନେ ହେଲେ ଗୋପ ଥାନା ଗଣେଶ୍ୱରପୁର ପଞ୍ଚାୟତ ବେଣୀପୁର ଗ୍ରାମର ଦୁଃଶାସନ ଭୋଇ ଓ ତାଙ୍କ ସ୍ତ୍ରୀ କଇଁ ଭୋଇ। ଗୋପ-କୋଣାର୍କ ରାସ୍ତାରେ ଥିବା ଏକ ଘରୋଇ ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରାଯାଇଥିବା ନେଇ ଗୋପ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପ୍ରତିବାଦରେ ଧାରଣା ଦେଇଥିଲେ। ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ ତାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ ଧାରଣାରୁ ଉଠି ନ ଥିଲେ। ପରେ ଘରୋଇ ନର୍ସିଂହୋମ୍‌ର ମାଲିକଙ୍କୁ ଥାନାକୁ ଡକାଇ ଆଲୋଚନା କରିଥିଲେ। ଏହି ଆଲୋଚନାରେ ନର୍ସିଂହୋମ୍‌ର ମାଲିକ ଧାରଣାରତ ଦୁଃଶାସନଙ୍କୁ ଅଧିକ ଚିକିତ୍ସା ଓ ସୁସ୍ଥ କରିବା ଲାଗି ଲିଖିତ ପ୍ରତିଶ୍ରୁତି ଦେବା ସହ ଆବଶ୍ୟକ ଅର୍ଥ ବହନ କରିବେ ବୋଲି କହିବାରୁ ସେ ଧାରଣାରୁ ଉଠିଥିଲେ। ଦୁଃଶାସନଙ୍କ ପରିସ୍ରା ବନ୍ଦ ହୋଇଯିବାରୁ ସେ ଗୋପ ନିକଟସ୍ଥ ଏକ ନର୍ସିଂହୋମ୍‌କୁ ଚିକିତ୍ସା ଲାଗି ଯାଇଥିଲେ। ନର୍ସିଂହୋମ୍‌ର ମାଲିକ କୌଣସି କାଗଜପତ୍ର ନ ମାଗି ତାଙ୍କର ଅସ୍ତ୍ରୋପଚାର କରିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଥିବାବେଳେ ସେଠାରେ ତାଙ୍କୁ ୭ ଦିନ ରଖି ଚିକିତ୍ସା କରିଥିଲେ। ଚିକିତ୍ସା ବାବଦକୁ ଦୁଇଟି କିସ୍ତିରେ ୨୦ ହଜାର ଟଙ୍କା ନେଇଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ମାତ୍ର ପୁନର୍ବାର ଦୁଃଶାସନଙ୍କ ପରିସ୍ରା ବନ୍ଦ ହୋଇଯିବାରୁ ତାଙ୍କ ସ୍ତ୍ରୀ କଇଁ ନର୍ସିଂହୋମ୍‌କୁ ଆଣିଥିଲେ। ମାତ୍ର ୫୦ ହଜାର ଟଙ୍କା ଦେଲେ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ। ଦୁଃଶାସନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଦିନକୁ ଦିନ ଦୁଃଶାସନ ଅଧିକରୁ ଅଧିକ ଅସୁସ୍ଥ ହେବାକୁ ଲାଗିଥିବାବେଳେ କେତେଜଣ ସ୍ୱେଚ୍ଛାସେବୀ ଏହି ଘଟଣାର ହସ୍ତକ୍ଷେପ କରି ତାଙ୍କ ପରିବାରକୁ ଉଚିତ୍ ନ୍ୟାୟ ଦେବା ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ।



ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ବୃଦ୍ଧ ଦମ୍ପତି।

## ବର୍ଷାରେ ରାସ୍ତା ଦବିଲା, ପାଚେରି ଭୁଶୁଡ଼ିଲା

ପୁରୀ ଅଫିସ,୨୩।୯:

ପୁରୀରେ ସୋମବାର ଅପରାହ୍ଣ ପ୍ରାୟ ୪ଟାରେ ପ୍ରବଳ ବର୍ଷା ହୋଇଛି। ପ୍ରାୟ ଘଣ୍ଟାଏ ଧରି ହୋଇଥିବା ବର୍ଷାରେ ବେଳାଭୂମି ମାର୍ଗରେ ପାଚେରୀ ଭୁଶୁଡ଼ି ପଡ଼ିଥିବାବେଳେ ରାସ୍ତା ଦବିଯାଇଛି। ଏଥିସହ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପାଣି ଜମି ଯାଇଥିଲା। ପ୍ରଥମେ ଝିପି ଝିପି ବର୍ଷା ଆରମ୍ଭ ହୋଇଥିଲା। ଅପରାହ୍ଣ ୪ଟା ୨୦ରୁ ଜୋରରେ ବର୍ଷିଥିଲା। ବେଳାଭୂମି ରାସ୍ତାରେ ପାଣିର ସୁଅ ଛୁଟିଥିଲା। କାମେଲିଆ ହୋଟେଲ ନିକଟରେ ରାସ୍ତା ଦବିଥିବା ବେଳେ ମାଙ୍କଡା ପଥରରେ ତିଆରି ପାଚେରି ଭାଙ୍ଗି ଯାଇଥିଲା। ସହରର ପ୍ରମୁଖ ସ୍ଥାନ ଭିଆଇପି ରୋଡର ରିଜର୍ଭ ଗ୍ରାଉଣ୍ଡ, ଷ୍ଟେଟ ବ୍ୟାଙ୍କ ଛକ, ବେଳାଭୂମି ମାର୍ଗର ରେଣୁକା ଗଳି ଛକ, ଲାଇଟ୍ ହାଉସ ପାଖରେ ବର୍ଷା ପାଣି ଜମିଥିଲା। ବର୍ଷା ଛାଡ଼ିବା ପରେ ରାସ୍ତାରୁ ପାଣି ନିଷ୍କାସିତ ହୋଇଯାଇଥିଲା। କିନ୍ତୁ ବଳିଆପଣ୍ଡା, ଧୋବାଖାଲ ପ୍ରଭୃତି ସହରର ବସ୍ତି ଅଞ୍ଚଳରେ ପାଣି ଜମିଥିବାରୁ ବସ୍ତିବାସିନ୍ଦାଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି।



ବେଳାଭୂମି ମାର୍ଗରେ ଭୁଶୁଡ଼ିପଡିଥିବା ପାଚେରି।

### ପରିବହନ ଶ୍ରମିକ ସଂଘର କର୍ମଶାଳା

## ସଂଶୋଧିତ ଆଇନକୁ ବିରୋଧ

ପୁରୀ ଅଫିସ, ୨୩।୯ :

ପୂର୍ବାଞ୍ଚଳ ରାଜ୍ୟ ସମୂହ ପରିବହନ ଶ୍ରମିକ ପ୍ରତିନିଧିମାନଙ୍କୁ ନେଇ ପୁରୀରେ ସୋମବାର ଠାରୁ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା, ଆସାମ, ତ୍ରିପୁରା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ଶ୍ରମିକ ପ୍ରତିନିଧିମାନେ ଯୋଗଦେଇଛନ୍ତି। ଓଡ଼ିଶା ରାଜ୍ୟ ପରିବହନ ଶ୍ରମିକ ଫେଡେରେଶନ୍‌ର ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ କହିଥିଲେ, ପରିବହନ ଶିଳ୍ପରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଇତିମଧ୍ୟରେ ପ୍ରାୟ ସାଢେ ୩ଲକ୍ଷ ଶ୍ରମିକ କାମ ହରାଇଲେଣି। ଦୁଇଚକିଆ ଓ ଚାରିଚକିଆ ଯାନ ଉତ୍ପାଦନ ହାର କମୁଛି। ଫଳରେ ଶ୍ରମିକ ଛଟେଇ ବଢି ଚାଲିଛି। ସଂଶୋଧିତ ମୋଟରଯାନ ଆଇନ- ୨୦୧୯ କାର୍ଯ୍ୟକାରୀ ପରେ ପରିବହନ ଶିଳ୍ପରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଶ୍ରମିକ ମାରଣ ନୀତି ଅବଲମ୍ବନ କରୁଛନ୍ତି। ଏହା ବିରୋଧରେ ସମସ୍ତ ଶ୍ରମିକ ସଙ୍ଗଠନ ସ୍ୱର ଉତ୍ତୋଳନ କରିବା ସହ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ଆହ୍ୱାନ ଦେଇଛନ୍ତି। ଏହି କର୍ମଶାଳାରେ ସର୍ବଭାରତୀୟ ସମ୍ପାଦକ କେ.କେ. ଦିବାକରନ, ଟ୍ରେଡ ୟୁନିୟନ ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ନେପାଳଦେବ ଭଟ୍ଟାଚାର୍ଯ୍ୟ, ଶରତ ଚନ୍ଦ୍ର ରାୟଗୁରୁ, ଉଲ୍ଲାସ ସ୍ୱାଇଁ, ସୁରେନ୍ଦ୍ର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଡେଲାଙ୍ଗ ବ୍ଲକରେ ଛତୁଆ ମିଶ୍ରଣ ଦିବସ ପାଳିତ

ଡେଲାଙ୍ଗ, ୨୩।୯(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ମିଶନଶକ୍ତି ମହିଳା ମହାସଂଘ ତରଫରୁ ବଅଙ୍ଗ ସ୍ଥିତ ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ସୋମବାର ଛତୁଆ ମିଶ୍ରଣ ଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଶିଶୁ ବିକାଶ କେନ୍ଦ୍ର ଅଧିକାରିଣୀ କାମିନୀପ୍ରଭା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ମହିଳା ଶିଶୁ ବିକାଶ ତଥା ମିଶନଶକ୍ତି ଉପସଚିବ ବିଥିକା ସ୍ୱାଇଁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପାଞ୍ଜଳି ମହାପାତ୍ର, ମିଶନଶକ୍ତି ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ, ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ଶାନ୍ତିଲତା ବାରିକ, ସଂଘମିତ୍ରା ବେହେରା, ସୁଶ୍ରୀଗୀତା ଗୌତମୀ, ବ୍ଲକ ପ୍ରକଳ୍ପ ସଂଯୋଜିକା ନନ୍ଦିତା ସ୍ୱାଇଁଙ୍କ ଉପସ୍ଥିତିରେ ମିଶନ ମହାଶକ୍ତିର ସଦସ୍ୟାମାନେ ଛତୁଆ ପ୍ରସ୍ତୁତି କରିଥିଲେ। ଏହି ଛତୁଆ ଉନ୍ନତ ମାନର ବୋଲି ମିଶନ ଶକ୍ତି ଉପସଚିବ ସ୍ୱାଇଁ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ ପରିଚାଳନା କରିଥିଲେ।



ଡେଲାଙ୍ଗ ବ୍ଲକ ବଅଙ୍ଗ କେନ୍ଦ୍ରରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଉଛି।

■ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଘଟଣା

## ଜିଲା, ବ୍ଲକ ଯୋଗାଣ ଅଧିକାରୀଙ୍କ ତଦନ୍ତ ଆରମ୍ଭ

ନିମାପଡ଼ା,୨୩।୯(ଡି.ଏନ.ଏ):

ନିମାପଡ଼ା ବ୍ଲକ ଅନ୍ତର୍ଗତ ଧଳେଶ୍ୱର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ରବିବାର ଶତାଧିକ ହିତାଧିକାରୀ ନହନ୍ତରାଛକସ୍ଥିତ ଡିଲର ପଏଣ୍ଟରେ ଏକଜୁଟ ହୋଇ ଡିଲର ସର୍ବେଶ୍ୱର ମାନସିଂହଙ୍କୁ ଘେରିଯାଇ ହୋ-ହଲ୍ଲା କରିଥିଲେ। ଏହା ପରେ କିଛି ସମୟ ପାଇଁ ନହନ୍ତରା ଛକରେ ଉତ୍ତେଜନା ଦେଖାଦେଇଥିଲା। ଅଭିଯୋଗପାଇ ସୋମବାର ଜିଲା ପ୍ରଶାସନ ପକ୍ଷରୁ ପୁରୀ ସଦର ସହକାରୀ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସାଦ ଆଚାର୍ଯ୍ୟ, ନିମାପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଶିବାଶିଷ ଜେନା ପ୍ରମୁଖ ମାନସିଂହଙ୍କ ଡିଲର ପଏଣ୍ଟରେ ପହଞ୍ଚି ଖାତା ଓ ରେକର୍ଡପତ୍ର ଯାଞ୍ଚ କରିଥିଲେ। ଅଧିକାରୀମାନେ ନହନ୍ତରା ଓ କୋପିଳା ଗ୍ରାମରେ ପହଞ୍ଚି ହିତାଧିକାରୀଙ୍କଠାରୁ ଡିଲରଙ୍କ ବିରୋଧରେ ଅଭିଯୋଗ ଶୁଣି ଘଟଣାର ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ଯୋଗାଣ ନିରୀକ୍ଷକ ଜେନା କୁହନ୍ତି, ଘଟଣାର ତଦନ୍ତ କରାଯାଇ ରିପୋର୍ଟ ଜିଲା ପ୍ରଶାସନକୁ ଦିଆଯିବ। ଜିଲା ପ୍ରଶାସନ ଯାହା ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଜିଲା ପ୍ରଶାସନଠାରୁ ନ୍ୟାୟ ନ ମିଳିଲେ ରାଶନ କାର୍ଡଧାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

■ ୨୮ରେ କୋଣାର୍କ ଆସିବେ ରାଷ୍ଟ୍ରପତି

## ସୁରକ୍ଷା ବ୍ୟବସ୍ଥା ଦେଖିଲେ ଜିଲାପାଳ, ଏସ୍‌ପି



ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ କୋଣାର୍କସ୍ଥିତ ବ୍ୟାଖାନ କେନ୍ଦ୍ର ବୁଲି ଦେଖୁଛନ୍ତି।

କୋଣାର୍କ, ୨୩।୯(ଡି.ଏନ୍.ଏ.)

ଭାରତର ପ୍ରଥମ ନାଗରିକ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୨୭ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ୨୮ତାରିଖ ଅପରାହ୍ଣରେ ରାଷ୍ଟ୍ରପତି କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସୂଚନା ପୁରୀ ଜିଲା ପ୍ରଶାସନ ପକ୍ଷରୁ ମିଳିଛି। ଏ ନେଇ ସୋମବାର ସନ୍ଧ୍ୟାରେ ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା ପ୍ରମୁଖ ମନ୍ଦିର ପରିସର, ବ୍ୟାଖ୍ୟାନ କେନ୍ଦ୍ର ପ୍ରଭୃତି ଦେଖିବା ସହ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

■ ନିର୍ମାଣାଧୀନ ହବିଷିଆଳି ଆଶ୍ରୟସ୍ଥଳ ବୁଲିଲେ ଜିଲାପାଳ

## ସୁବ୍ୟବସ୍ଥା ଉପରେ ଦେଲେ ଗୁରୁତ୍ୱ

ପୁରୀ ଅଫିସ, ୨୩।୯:

ଆସୁଛି ଧର୍ମ ମାସ କାର୍ତ୍ତିକ। ଆଉ ୨୦ଦିନ ପରେ ହବିଷ ବ୍ରତ ପାଳନ କରିବାକୁ ପୁରୀକୁ ଆସିବେ ହଜାର ହଜାର ହବିଷିଆଳି। ପ୍ରାୟ ମାସେ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳିବେ। ତେବେ ବିଗତ କିଛିବର୍ଷ ହେବ ରାଜ୍ୟ ସରକାର ଅସ୍ଥାୟୀ ହବିଷିଆଳି ଶିବିର କରି ବ୍ରତଧାରୀଙ୍କ ରହିବା, ଖାଇବା ଆଦି ବ୍ୟବସ୍ଥା କରିଆସୁଛନ୍ତି। ପଞ୍ଜୀକରଣ ଜରିଆରେ ପ୍ରାୟ ଅଢେଇ ହଜାର ହବିଷିଆଳି ଏକାଧିକ ଶିବିରରେ ରହିଆନ୍ତି ହେଲେ ଚଳିତବର୍ଷଠାରୁ ହବିଷିଆଳି ସେମାନଙ୍କ ଲାଗି ତିଆରି ଚାଲିଥିବା ସ୍ଥାୟୀ ଆଶ୍ରୟସ୍ଥଳରେ ରହିବେ। ଏହାର କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଜିଲାପାଳ ବଲଓ୍ୱନ୍ତ ସିଂ ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ଏହି ଆଶ୍ରୟସ୍ଥଳ ବୁଲି ଦେଖିଛନ୍ତି। ନିର୍ମାଣକାରୀ ସଂସ୍ଥା ଆସନ୍ତା ୧୦ତାରିଖ ସୁଦ୍ଧା ପ୍ରଶାସନକୁ ଆଶ୍ରୟସ୍ଥଳ ହସ୍ତାନ୍ତର କରିବ।

ପ୍ରତିବର୍ଷ କାର୍ତ୍ତିକ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସୁଥିବା ବ୍ରତଧାରୀଙ୍କୁ ଆତିଥେୟତାର ଡୋରିରେ ବାନ୍ଧିଥାଏ ପୁରୁଷୋତ୍ତମ କ୍ଷେତ୍ର। କୁମାର ପୂର୍ଣ୍ଣିମାଠାରୁ କାର୍ତ୍ତିକ ପୂର୍ଣ୍ଣିମା ମାସେ ପର୍ଯ୍ୟନ୍ତ ପୁରୀରେ ହବିଷିଆଳିଙ୍କ ଗହଳି ଲାଗେ। ଆଧ୍ୟାତ୍ମିକ ପରିବେଶରେ ଉଛୁଳିପଡ଼େ ଶ୍ରୀକ୍ଷେତ୍ର। ଏଠାକୁ ହବିଷ ପାଳିବାକୁ ଆସୁଥିବା ବ୍ରତଧାରୀଙ୍କ ପାଇଁ ନରେନ୍ଦ୍ର କୋଣସ୍ଥିତ ପୁରୁଣା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଗ୍ୟାରେଜ ଜମିରେ ୨୦୧୭ ଅକ୍ଟୋବର ୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭ମହଲା ବିଶିଷ୍ଟ ହବିଷିଆଳି ଆଶ୍ରୟସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨ଏକର ୭୪୪ ଡେସିମିଲ ପରିମିତ ଜମିରେ ୧୫ହଜାର ବର୍ଗମିଟର ଅଞ୍ଚଳରେ ଚାଲିଥିବା ଏହି ହବିଷିଆଳି ଗୃହର ନିର୍ମାଣ କାର୍ଯ୍ୟକୁ ସୋମବାର ଜିଲାପାଳ ବୁଲି ଦେଖିଛନ୍ତି। ପାଚେରି ଏବଂ ଅଳ୍ପ କିଛି କାମ ବାକି ରହିଛି। ଆସନ୍ତା ୧୦ତାରିଖ ସୁଦ୍ଧା ଏହା ଶେଷ ହୋଇଯିବ ବୋଲି ଜିଲାପାଳଙ୍କୁ ନିର୍ମାଣକାରୀ ସଂସ୍ଥା କର୍ତ୍ତୃପକ୍ଷ କହିଥିଲେ। ହବିଷିଆଳିମାନଙ୍କର ଯେପରି କୌଣସି ଅସୁବିଧା ହେବ ନାହିଁ ସେଥିଲାଗି ସମସ୍ତ ବ୍ୟବସ୍ଥା କରିବାକୁ ଜିଲାପାଳ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ନୂଆକୋଠାରେ ପ୍ରାୟ ୧୬୦୦, ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ୬୦୦ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୧୨୦୦ ବ୍ରତଧାରୀଙ୍କ ରହିବା ପାଇଁ ପ୍ରଶାସନ ବ୍ୟବସ୍ଥା କରୁଛି। ହବିଷିଆଳିଙ୍କ ରହଣି ଓ ପଞ୍ଜୀକରଣ ନେଇ ଆସନ୍ତା ୨୭ତାରିଖରେ ବୈଠକ ବସି ଚୂଡ଼ାନ୍ତ ହେବ ବୋଲି ଜଣାପଡ଼ିଛି। ଜିଲାପାଳଙ୍କ ସହିତ ଉପଜିଲାପାଳ ଭବତାରଣ ସାହୁ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଘନଶ୍ୟାମ ପଣ୍ଡା ନିର୍ମାଣାଧୀନ ଆଶ୍ରୟସ୍ଥଳୀ ବୁଲି ଦେଖିଥିଲେ।